# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୨/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 22/2023 Page 20 ₹ 7.00

୪୯ଶ ଭାଗ ୩୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 328 ମୂଲ୍ୟ₹୭/-



DADLS - 44

## 'ପବିତ୍ର ବିଜୟା ଦଶମୀ – ୨୦୨୩' ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବରେ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0168/2324

ଓଡ଼ିଶା ସରକାର

DADLS - 44

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ସିଦ୍ଧି ଓ ସମୃଦ୍ଧିର ପ୍ରତୀକ ମା' ଦୁର୍ଗାଙ୍କ ଆଶିଷ ସମସ୍ତଙ୍କ ଜୀବନରେ ଶାନ୍ତି ଓ ଆନନ୍ଦ ଭରି ଦେଉ ।

ପାର୍ବଣର ଏହି ଅମୃତ ଲଗ୍ନରେ ଏତିକି ପ୍ରାର୍ଥନା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0168/2324

DADLS - 44

## ଶାରଦୀୟ ଦୁର୍ଗାପୂଜା – ୨୦୨୩ ଅବସରରେ ବାର୍ତ୍ତା

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୁଁ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଆଶୀର୍ବାଦରୁ ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇ ପ୍ରତି ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0168/2324





ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ସମସ୍ତ ଓଡିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ ଶାରଦୀୟ ଶୁଭେଚ୍ଛା
THINK BIG...THINK RAJ...
RAJ ELECTRONICS
Durga Puja Sale
ଏହି ପୂଜାରେ ଆପଣଙ୍କ ଘରକୁ ଆଣନ୍ତୁ ଆଉ ଏକ ଖୁସୀର ସମ୍ଭାର...
UPTO 40%* INSTANT DISCOUNT
UPTO ₹20,000 CASH BACK*
ZERO DOWN PAYMENT*
NO COST EMI ON MAJOR CREDIT/DEBIT CARDS*
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK
FESTIVE OFFERS#
GRAND PRIZE AUDI Q3*
WIN LG DREAM HOME PACKAGE
Get* Galaxy S23 Ultra 256GB | 12GB worth ₹124999
Get* 10 kg. Top Load Washing Machine worth ₹30000
Get* Sound Bar Worth ₹49990
Request to all customer that, please check our price and offers before you purchase.
Get* Galaxy S23 worth ₹74999
Get* 10Kg. Top Load Washing Machine worth ₹30000
Neo QLED
LG OLED evo
SONY
EMI : ₹ 2990/- 3YEAR* WARRANTY
EMI : ₹ 3999/- 3YEAR* WARRANTY
EMI : ₹ 5555/- 3YEAR* WARRANTY
EMI : ₹ 3999/-
10 Yrs. Warranty
32" LED EMI : ₹ 834/-
43" LED EMI : ₹ 999/-
55" LED EMI : ₹ 2990/-
65" LED EMI : ₹ 2990/-
75" LED EMI : ₹ 3990/-
200 Ltr. EMI: ₹ 999/-
195 Ltr. EMI: ₹ 748/-
215 Ltr. EMI: ₹ 1199/-
Solo EMI : ₹ 555/-
Grill EMI : ₹ 948/-
Convention EMI : ₹ 1129/-
AVAIL OFF SEASON OFFERS on AC
1.0Ton 3* Inverter EMI : ₹ 1111/-*
1.5Ton 3* Inverter EMI : ₹ 1994/-*
1.5Ton 5* Inverter EMI : ₹ 2590/-*
BOSCH
up to 20% CASHBACK
AVAIL EMI ON SMALL APPLIANCES
EMI starts from ₹ 1000/-
UPGRADE with NEW GEN. MOBILE
& SAVE upto ₹14,000/-
Price Starts- ₹ 7999/-*
958 33 84064
986 16 43878
Front Load EMI- ₹ 1499/-*
Fully Auto EMI- ₹ 1129/-*
Semi Auto EMI- ₹ 749/-*
ଆଜି ହିଁ ଆସନ୍ତୁ
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Ph : 2355155, Mob: 9238365729
PATIA : Opp. Idea Office, Ph : 2726216, Mob: 9238365755
NAYAPALLY : Opp. Hotel Presidency, Ph : 2565717, Mob: 9238365515
BAPUJI NAGAR : (Old Showroom) Ph : 2597016,Mob: 9124942931
BAPUJI NAGAR : (Premium) Ph : 2598852, Mob: 9238365728
ANGUL Near TATA Motors Nalco Square Ph : 9124942933
CUTTACK Link Road, Madhupatna, Ph : 0671- 2342999 Mob : 9238365721
ROURKELA Udit Nagar, Infront Of Vishal Mega Mart, Ph : 9238365730
TALCHER Sharma Chhak, Near IndusInd Bank Mob : 9124942933
BALASORE Near Hotel Suraj, Sahadev Khunta, Mob : 8118052732
JHARSUGUDA Near Bus Stand, Kali Mandir Road, Mob.: 9124942934
JAJPUR ROAD Chorda Traffic Chhak, By-Pass Road Mob : 9937475155
Bus Stand-Bypass, Ph : 9238320655, 9238365722
JAJPUR TOWN Medical Road, Ph : 06728-222701 9238365724
BHADRAK Chapulia, Ph : 06784-250566, 9238365720
LG | SAMSUNG | SONY | Panasonic | LLOYD | Godrej | VOLTAS beko | Whirlpool | VOLTAS | HITACHI | Carrier | BLUE STAR | BOSCH | Haier | IFB | KENT | EUREKA FORBES | HAVELLS | BAJAJ | Symphony | airtel | TATA Sky
*T&C Apply. Offer applicable on selected products/Brand only. Pictures are indicative only. # Festive offers from Company only

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୨/୨୦୨୩ | Bhubaneswar, Sunday, October 22/2023 | ପୃଷ୍ଠା-୧



## କେଲି ମ୍ୟାକୋନଙ୍କ ବିଶ୍ୱ ରେକର୍ଡ

ବିଶ୍ୱକପ୍ ମିଟ୍‌ରେ ଅଷ୍ଟ୍ରେଲିଆର କେଲି ମ୍ୟାକୋନ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

୧୬

୧୦

## ମୁମ୍ବାଇ ଛାଡ଼ିବେ ଆମିର

ବଲିଉଡ୍ ଅଭିନେତା ଆମିର ଖାନ୍ ମା'ଙ୍କ ଚିକିତ୍ସା ଲାଗି ମୁମ୍ବାଇ ଛାଡ଼ି ଚେନ୍ନାଇରେ ରହିବେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।



### ଶାରଦୀୟ ଅଭିନନ୍ଦନ

**ଆଜି ମହାଷ୍ଟମୀ:** ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

# ସମୁଦ୍ରରେ ଯିବ ବାତ୍ୟା

- ୨୩ରୁ ୨୬ ଉପକୂଳରେ ବର୍ଷା ସମ୍ଭାବନା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି । ଏହା ଧୀରେ ଧୀରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ରବିବାର ଏହା ଉତ୍ତର-ପଶ୍ଚିମରୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରି ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ । ଏହା ପରେ ଲଘୁଚାପ ୩ ଦିନ ଧରି ଉତ୍ତର-ଉତ୍ତର ପୂର୍ବଦିଗକୁ ମୁହାଁଇ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ଗତି କରି ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ରବିବାରଠାରୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ପବନର ବେଗ ୪୫ରୁ ୫୫ ଓ ☞ପୃଷ୍ଠା-୨



କଟକ ମାଛୁଆ ବଜାର ପୂଜା ମଣ୍ଡପରେ ଶନିବାର ମହାସପ୍ତମୀ ଅବସରରେ ମା'ଦୁର୍ଗା। (ଫଟୋ: ରାଜକିଶୋର)

# ରାଜ୍ୟ ବିଚାରାଳୟରେ ୧୭ ଲକ୍ଷ ମାମଲା

## ଫେରାରଙ୍କୁ ଧରିବାରେ ପୋଲିସ ବିଫଳ: ପଡ଼ିରହିଛି ୩ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା

**ଦେଶ ସ୍ୱାଧୀନତାର ଏତେ ବର୍ଷ ପରେ ବି ଜଣେ ବ୍ୟକ୍ତିଙ୍କୁ ଠିକ୍ ସମୟରେ ନ୍ୟାୟ ଦିଆଯିବା ବ୍ୟବସ୍ଥା ହୋଇପାରିଲା ନାହିଁ। ଫଳସ୍ୱରୂପ ବିଚାରାଳୟଗୁଡ଼ିକରେ ମାମଲା ସଂଖ୍ୟା ପାହାଡ଼ ସଦୃଶ୍ୟ ବଢ଼ିଚାଲିଛି। ଏହି ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଦୀର୍ଘ ବର୍ଷ ଧରି ମହକିଲ ଓ ଅଭିଯୁକ୍ତ ଯନ୍ତ୍ରଣା ଭୋଗୁଛନ୍ତି, ଯାହାକି ଦେଶର ନ୍ୟାୟିକ ଓ ଶାସନ ବ୍ୟବସ୍ଥାର କଦର୍ଯ୍ୟ ସ୍ଥିତିକୁ ଦର୍ଶାଉଛି। ପଡ଼ିରହିଥିବା ମାମଲା ସଂଖ୍ୟାକୁ ନେଇ ସୁପ୍ରିମ୍‌କୋର୍ଟ ପୁଣିଥରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ଥିତି ମଧ୍ୟ ଚିନ୍ତାଜନକ ରହିଛି। ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରୀଡ୍ (ଏନ୍‌ଜେଡିଜି)ର ତଥ୍ୟ ଅନୁଯାୟୀ ଓଡ଼ିଶାର ବିଭିନ୍ନ ଜିଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା ଏବଂ ହାଇକୋର୍ଟରେ ୧ ଲକ୍ଷରୁ ଅଧିକ ମାମଲା ପଡ଼ିରହିଛି।**

ନୂଆଦିଲ୍ଲୀ, ୨୧।୧୦ (ସ୍ୱ.ପ୍ର./ ଆଇଏଏନ୍‌ଏସ୍)

ବୃଦ୍ଧି ପାଉଥିବା ମାମଲା ସଂଖ୍ୟା ଉପରେ ଚିନ୍ତାପ୍ରକାଟ କରି ସୁପ୍ରିମ୍‌କୋର୍ଟ ନିମ୍ନ ଅଦାଲତଗୁଡ଼ିକ ଉଦ୍ଦେଶ୍ୟରେ କହିଛନ୍ତି, 'ନ୍ୟାୟ ମରୀଚିକା ନୁହେଁ, ବରଂ ସମସ୍ତଙ୍କ ପାଇଁ ଏକ ବାସ୍ତବତା ।' ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟ ଏବଂ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ନ୍ୟାୟରେ ବିଳମ୍ବ ଅର୍ଥାତ୍ ନ୍ୟାୟ ନ ମିଳିବା ସହ ସମାନ। ଏହା କେବଳ ଏକ ଅବଧାରଣା ନୁହେଁ, ବରଂ ଏକ ଅକାଟ୍ୟ ସତ୍ୟ। ଓଡ଼ିଶା ସମେତ ଅନ୍ୟ ହାଇକୋର୍ଟଗୁଡ଼ିକ ପକ୍ଷରୁ ରିଭ୍ୟୁ କମିଟି ଗଠନ କରାଯାଇ ପୁରୁଣା, ବିଶେଷକରି ୫ରୁ ଉର୍ଦ୍ଧ୍ୱ ବର୍ଷର ମାମଲାଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। ଓଡ଼ିଶାର ତଳ କୋର୍ଟଗୁଡ଼ିକୁ ଦେଖିଲେ, ଗତ ୫ରୁ ୧୦ ବର୍ଷ ମଧ୍ୟରେ ୩,୫୬,୮୨୦ ମାମଲା ଅର୍ଥାତ୍ ୨୨%, ୧୦ରୁ ୨୦ ବର୍ଷ ମଧ୍ୟରେ ୧ ଲକ୍ଷ ୯୧ ହଜାର ମାମଲା, ୨୦ରୁ ୩୦ ବର୍ଷ ମଧ୍ୟରେ ୩୨ହଜାର ୯୧୪ ମାମଲା ଏବଂ ୨୮୭୪ଟି ମାମଲା ୩୦ରୁ ଉର୍ଦ୍ଧ୍ୱ ବର୍ଷର ପୁରୁଣା, ଯାହାର ସମାଧାନ ଆଜିପର୍ଯ୍ୟନ୍ତ ହୋଇପାରିନାହିଁ।

ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ଅଦାଲତରେ ବିଚାରାଧୀନ ୫ରୁ ଉର୍ଦ୍ଧ୍ୱ ବର୍ଷର ମାମଲା ସମ୍ବନ୍ଧୀୟ ପରିସଂଖ୍ୟାନ ପ୍ରତ୍ୟେକ ପ୍ରିଜାଇଡିଂ ଅଫିସରଙ୍କ ଦ୍ୱାରା ମାସରେ ଥରେ ପ୍ରିନ୍ସିପାଲ ଜିଲା ଜଜ୍ କିମ୍ବା ଜିଲା ଜଜ୍‌ଙ୍କ ନିକଟକୁ ପଠାଯିବ। ସେଗୁଡ଼ିକୁ ସେ ଏକତ୍ର କରି ସମୀକ୍ଷା କମିଟି ନିକଟକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ପଠାଇବେ। ରାଜ୍ୟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଗଠିତ ସମୀକ୍ଷା କମିଟିର ବୈଠକ ଅନ୍ତତଃ ଦୁଇମାସରେ ଥରେ ବସିବ ଏବଂ ମାମଲାର ସମାଧାନ ପାଇଁ ଉପଯୁକ୍ତ ବିବେଚିତ ସଂଶୋଧିତ ପଦକ୍ଷେପ ନେବାକୁ କୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେବ। ଏହାସହ ପୁରୁଣା ମାମଲାଗୁଡ଼ିକ ଉପରେ ମଧ୍ୟ କମିଟି ନଜର ରଖିବ।

ନିମ୍ନ ଅଦାଲତଗୁଡ଼ିକରେ ମାମଲା ବିଳମ୍ବିତ ହେବା ନେଇ ଏନ୍‌ଜେଡିଜି ତଥ୍ୟରେ କେତେକ ପ୍ରମୁଖ କାରଣ ଉଲ୍ଲେଖ କରାଯାଉଛି। ସେଥିମଧ୍ୟରେ ରହିଛି ଅଭିଯୁକ୍ତ ପଳାତକ ହୋଇଯିବା କିମ୍ବା ସେମାନଙ୍କ ଦେଖା ନ ମିଳିବା, ଓକିଲଙ୍କ ଅଭାବ ବା ଅନୁପସ୍ଥିତି, ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଉପସ୍ଥିତ ହେବାରେ ଅସୁବିଧା ଏବଂ ଦସ୍ତାବିଜ୍‌ର ଅପେକ୍ଷା। ଓକିଲଙ୍କ ଅଭାବ ଓ ଅନୁପସ୍ଥିତି ଯୋଗୁ ଓଡ଼ିଶାର ତଳ କୋର୍ଟଗୁଡ଼ିକରେ ସର୍ବାଧିକ ମାମଲା ପଡ଼ିରହିଥିବା ଏନ୍‌ଜେଡିଜି ତଥ୍ୟରୁ ଜଣାପଡ଼ିଛି, ଯାହାର ସଂଖ୍ୟା ହେଉଛି ୪.୬୧ ଲକ୍ଷ। ସେହିପରି ଫେରାର ଅଭିଯୁକ୍ତଙ୍କୁ ଧରିବାରେ ଓଡ଼ିଶା ପୋଲିସ ବିଫଳ ହୋଇଥିବାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ମାମଲା ବିଚାର ଶେଷ ହୋଇପାରୁନାହିଁ। ସମାଜର ଗରିବ ଓ ନିଷ୍ପେଷିତ ଲୋକମାନେ ମାମଲା ଲଢ଼ିବା ପାଇଁ ଓକିଲ ନିଯୁକ୍ତ କରିବାରେ ସକ୍ଷମ ହୋଇପାରନ୍ତିନାହିଁ। ସେମାନଙ୍କ ପାଇଁ ଆବଶ୍ୟକ ଅନୁଯାୟୀ ମାଗଣା ନ୍ୟାୟିକ ସେବା ଯୋଗାଇବାରେ ସରକାରୀ ଅପାରଗତା ହିଁ ଓକିଲ ଅଭାବର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସମ୍ବିଧାନର 'ଧାରା ୩୯-କ'ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ସମସ୍ତ ନାଗରିକ ବିଶେଷକରି ସମାଜର ଦୁର୍ବଳ ବର୍ଗ ନ୍ୟାୟ ପାଇବାର ବ୍ୟବସ୍ଥାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବେ। ଏଥିପାଇଁ ଉପଯୁକ୍ତ ଆଇନ କିମ୍ବା ଯୋଜନା ଦ୍ୱାରା ମାଗଣା ଆଇନ ସହାୟତା ପ୍ରଦାନ କରିବା ଉଚିତ। କିନ୍ତୁ ଏକ୍ଷେତ୍ରରେ ଦେଖାଦେଇଥିବା ଅପାରଗତାକୁ ☞ପୃଷ୍ଠା-୨

# ପାକିସ୍ତାନ ଫେରିଲେ ନୱାଜ ଶରିଫ୍

## ୪ ବର୍ଷ ହେଲା ବ୍ରିଟେନ୍‌ରେ ବିତାଉଥିଲେ ଆତ୍ମନିର୍ବାସନ ଜୀବନ



ଇସ୍‌ଲାବାବାଦ,୨୧।୧୦

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ୪ ବର୍ଷ ଧରି ବ୍ରିଟେନ୍‌ରେ ଆତ୍ମନିର୍ବାସନ ଜୀବନ ବିତାଇବା ପରେ ଶନିବାର ଅପରାହ୍ନ ଦେଢ଼ଟାରେ ଏକ ସ୍ୱତନ୍ତ୍ର ବିମାନରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବରୁ ୩ ଥର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ଏହି ରାଜନେତା ଆସନ୍ତା ଜାନୁୟାରୀରେ ଦେଶରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପାକିସ୍ତାନ ମୁସ୍‌ଲିମ ଲିଗ୍ (ପିଏମ୍‌ଏଲ-ଏନ୍)ର ନେତୃତ୍ୱ ନେବେ। ବ୍ଲୁ କୁର୍ତ୍ତା ପାଇଜାମା, ମେରୁନ୍ ମଫଲର ଓ ବ୍ଲାକ୍ କୋଟ୍ ପରିହିତ ୭୩ ବର୍ଷୀୟ ନୱାଜ ଶରିଫ୍ 'ଉମିଦ୍-ଇ-ପାକିସ୍ତାନ' ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ବହୁ କ୍ଷତି ଘଟିଛି**

# କୋଟିଆରେ ପୁଣି ଆନ୍ଧ୍ର

## ଫାଟୁସିନେରି ଗ୍ରାମରେ କଲା ସ୍ୱାସ୍ଥ୍ୟସେବା ଶିବିର

ପଟ୍ଟାଙ୍ଗି,୨୧।୧୦(ଶରତ ଧଳ)

କିଛିଦିନ ପରେ ପୁଣି ଆନ୍ଧ୍ର ଓଡ଼ିଶାର ସୀମାନ୍ତ ଗ୍ରାମ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିଛି। ଫାଟୁସିନେରି ଗ୍ରାମରେ ଶିବିର କରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଫଳରେ ଏହା ଓଡ଼ିଶା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ରହିଥିବା ଓଡିଶାର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଏକ ଖୋଲା ଖେଳ ପଡିଆରେ ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ସାଲୁର ବ୍ଲକ ତୋଣାମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି ଶିବିର କରାଯାଇଥିଲା। ଏହାର ନାମ ଜଗନ୍ ଆରୋଗ୍ୟ ସୁରକ୍ଷା ମେଗା ସ୍ୱାସ୍ଥ୍ୟ ଶିବିର ରଖାଯାଇଛି।

ଖବରରୁ ଜଣାପଡିଛି, ସାଲୁର ବ୍ଲକ ତୋଣାମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଶନିବାର କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମରେ ପହଞ୍ଚି ଖେଳପଡିଆରେ ଶିବିର ଆୟୋଜନ କରିଥିଲେ। ଡାକ୍ତର ଅଜୟ ଏବଂ ଉମା ମହେଶ୍ୱର ପ୍ରମୁଖ ପହଞ୍ଚି ସୀମାନ୍ତବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ☞ପୃଷ୍ଠା-୨

# ୨ ଟ୍ରକ୍ ମଧ୍ୟରେ ଚାପିହେଲା କାର୍

## ଘାଟିରେ ଦୁର୍ଘଟଣା: ୨ ମହିଳା ମୃତ

ବାଙ୍ଗିରିପୋଷି, ୨୧।୧୦ (ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ଟି ଟ୍ରକ୍ ମଧ୍ୟରେ ଏକ କାର୍ ଚାପିହୋଇଯିବାରୁ କାର୍‌ରେ ଥିବା ୨ ମହିଳାଙ୍କ ମୃତ୍ୟୁ ଘଟିଛି। ୫ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ପଶ୍ଚିମବଙ୍ଗର ଖଡ଼ଗପୁର ଅଞ୍ଚଳର ଆୟୋନ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ସାନିପ୍ରନା (୪୬) ଓ ଅନିର୍ବାଣ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ନବନୀତା(୪୫)। ଉଭୟ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ସେମାନେ ପରିବାର ସହ ବାଙ୍ଗିରିପୋଷି ଘାଟିରେ ଥିବା ଦ୍ୱାରଶୁଣୀ ମନ୍ଦିରକୁ ମାନସିକ ପୂରଣ ପାଇଁ ଆସିଥିଲେ। ଦର୍ଶନ ଓ ପୂଜା ସାରି ଏକ କାର୍ (ଓଡି୧୧-୦୧ଜି୯୯୨୨)ରେ ଘରକୁ ଫେରୁଥିଲେ। ଘାଟିରାସ୍ତା ଓହ୍ଲାଉଥିବା ବେଳେ ପଛପଟୁ ଏକ ଆଇରନ ବୋଝେଇ ଟ୍ରକ୍ ସେମାନଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ଆଗରେ ଥିବା ଆଉ ଏକ ଟ୍ରକ୍ ପଛରେ ପିଟିହୋଇ ଉଭୟ ଟ୍ରକ୍ ମଝିରେ ଚାପି ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି କଟର ସାହାଯ୍ୟରେ କାର୍‌କୁ କାଟି ମୃତାହତଙ୍କୁ ବାହାର କରିଥିଲେ। ☞ପୃଷ୍ଠା-୨

# ଗଗନଯାନର ପ୍ରଥମ ଟେଷ୍ଟ ଫ୍ଲାଇଟ୍ ଲଞ୍ଚ

## ଭାରତର ମହାକାଶ ମହତ୍ତ୍ୱାକାଂକ୍ଷାରେ ଡେଣା ଯୋଡ଼ିଲା ଇସ୍ରୋ

ଶ୍ରୀହରିକୋଟା,୨୧।୧୦

ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ପ୍ରଥମ ବୃହତ୍ ପଦକ୍ଷେପ ସଫଳ ହୋଇଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ଶନିବାର ପୂର୍ବାହ୍ନ ୧୦ଟାରେ ଗଗନୟାନର ପ୍ରଥମ ଟେଷ୍ଟ ଫ୍ଲାଇଟ୍ ଲଞ୍ଚ କରାଯାଇଛି। ୨୦୨୫ରେ ମହାକାଶକୁ ମାନବଯୁକ୍ତ ଯାନ ପ୍ରେରଣ କରିବା ପାଇଁ ଏହି ରକେଟ୍‌ର ସଫଳତା ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି। ଦେଶ ପ୍ରଥମ ମାନବଯୁକ୍ତ ସ୍ପେସ୍ ଫ୍ଲାଇଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ନିକଟତର ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ☞ପୃଷ୍ଠା-୨



ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ଇସ୍ରୋର ଟିଭି-ଡି୧ ଉତ୍‌କ୍ଷେପଣ ବେଳର ଦୃଶ୍ୟ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗଢମାଳିଆ ରସିବୁ ନାହିଁ**
**ଅନେକ ଦେବ ଦୁଃଖ**
**ଛଡ଼ା କଉପୁନିଆ ରସିବୁ ଯେବେ**
**ମାଗି ଆଣିଦେବ ଦୁଃଖ।**

ଚିକଣିଆ କଥା ବା ବାହାପିଆ କଥାରେ ପେଟ ପୂରେ ନାହିଁ। ତେଣୁ କଥା ଚିକଣିଆ କହୁଥିବା ବ୍ୟକ୍ତି ତା'ସ୍ତ୍ରୀକୁ ଦୁଃଖ ଦେଇଥାଏ। ତେବେ କଷ୍ଟ କରି ଆୟ କରୁଥିବା ବ୍ୟକ୍ତି ତା'ସ୍ତ୍ରୀକୁ ସୁଖରେ ରଖିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଢାଉଁ ଢାଉଁ ଢାଉଁ ବାଜଇ ଢୋଲ**
**ବାହାରେ ଚିକ୍କଣ ଭିତରେ ପୋଲ।**

ସାଧାରଣତଃ ବଡ଼ ବଡ଼ କଥା କହୁଥିବା ଲୋକଙ୍କର କାମ ସେତେଟା ସନ୍ତୋଷଜନକ ହୋଇ ନ ଥାଏ। ଏଭଳି ବ୍ୟକ୍ତି ବାହାରେ ତୁମ୍ଫିତୋଫାନ କରି ଲୋକଙ୍କୁ ତୁଚ୍ଛା ଆକୃଷ୍ଟ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# 'ହତ୍ୟା ନୁହଁ, ଶ୍ୱାସରୁଦ୍ଧରୁ ମୃତ୍ୟୁ'

**ପୋଲିସ ଏଏସ୍‌ଆଇ ମୃତ୍ୟୁରୁ ଉଠିଲା ପରଦା**

ରାଉରକେଲା,୨୧।୧୦ (ସଙ୍ଗୀତା ଜେନା)

ରାଉରକେଲା ଉଦିତନଗର ଥାନା ଏଏସ୍‌ଆଇ ଆଲିଶ ନାରମି ଲୁଗୁନଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରୁ ପରଦା ଉଠିଛି। ଆଲିଶଙ୍କୁ ହତ୍ୟା ନୁହେଁ, ବରଂ ତାଙ୍କ ଆଡ୍ରିନାଲରେ ଅଧିକ ହରମୋନ କ୍ଷରଣ ଯୋଗୁ ଶ୍ୱାସରୁଦ୍ଧ ହେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଶନିବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଏସ୍‌ପି ମହାପାତ୍ର କହିଥିଲେ, ଏଏସ୍‌ଆଇ ଲୁଗୁନଙ୍କ ମୃତ୍ୟୁ ଘଟଣାରେ ପରିବାର ଲୋକଙ୍କ ଦାବି ଅନୁସାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ପୋଷ୍ଟମର୍ଟମ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଇତିମଧ୍ୟରେ ଭୁବନେଶ୍ୱରସ୍ଥିତ ଏମ୍ସର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଯାଞ୍ଚ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ସେଥିରେ ଏଏସ୍‌ଆଇ ମୃତ୍ୟୁ ମାମଲାର ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସିଛି। ଏଏସ୍‌ଆଇ ଲୁଗୁନ ଏକ୍ସସାଇଡ ଡେଲିରିଅମ ରୋଗରେ ପୀଡ଼ିତ ଥିଲେ। ଏହି ରୋଗରେ ଅଧିକ ଉତ୍ତେଜିତ ହେଲେ ଆଡ୍ରିନାଲ ହରମୋନ କ୍ଷରଣ ହୋଇଥାଏ। ଏହି କ୍ରମରେ ଲୁଗୁନ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ହୃଦ୍‌ଯନ୍ତ୍ର ଉପରେ ଅଧିକ ଚାପ ପଡିବା ଦ୍ୱାରା ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଏହି କାରଣରୁ ଲୁଗୁନଙ୍କ ମୃତ୍ୟୁ ହୋଇଛି ବୋଲି ଏସ୍‌ପି ମହାପାତ୍ର କହିଥିଲେ। ତେବେ ପରିବାର ଲୋକେ ଲୁଗୁନଙ୍କୁ ମାଡ଼ ସହ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ରିପୋର୍ଟରେ ହତ୍ୟା ପ୍ରମାଣ ମିଳିନାହିଁ। ଅନ୍ୟପକ୍ଷେ ଗଣ୍ଡଗୋଳ ସମୟରେ କର୍ତ୍ତବ୍ୟ କରୁଥିବା ବେଳେ ପୋଲିସକୁ ବାଧା ଦେବା ମାମଲା ଚାଲିବ ବୋଲି ଏସ୍‌ପି କହିଥିଲେ। ଲୁଗୁନ ଡ୍ୟୁଟିରେ ଥିବାବେଳେ କେତେଜଣ ଲୋକ ତାଙ୍କ ସହ ବଚସା କରିଥିଲେ। ଏହି ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଥିଲା। ସେ ନେଇ ତଦନ୍ତ କରି ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। ଯେଉଁମାନେ ଫେରାର ଅଛନ୍ତି, ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ୨ ଟ୍ରକ୍ ମଧ୍ୟରେ ...



ଅଗ୍ନିଶମ ଓ ପୋଲିସ କର୍ମଚାରୀ କାର୍ ମଧ୍ୟରୁ ମୃତକଙ୍କୁ ବାହାର କରୁଛନ୍ତି।

ଆହତଙ୍କ ମଧ୍ୟରେ ୪ ପୁରୁଷ, ଜଣେ ଯୁବତୀ ରହିଥିବା ବେଳେ ସେମାନଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୨ ଚାଳକ ଫେରାର ହୋଇଯାଇଥିଲେ। ୨ ଟ୍ରକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା(ନଂ ୩୦୯/୨୩)ରେ ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କମଳାକାନ୍ତ ଦାସ କହିଛନ୍ତି।

## ଗଗନୟାନର ପ୍ରଥମ ...

ମହାକାଶ ଅଭିମୁଖେ ମାନବରହିତ ରକେଟ୍ ଉତ୍‌କ୍ଷେପଣ କରାଯାଇଛି। ଏହି କ୍ରିଉ ମଡ୍ୟୁଲ (ସିଏମ୍)କୁ ଟେଷ୍ଟ ଭେହିକିଲ ଅର୍ବିଟ୍ ମିଶନ-୧ ଏବଂ ଟେଷ୍ଟ ଭେହିକିଲ ଡେଭେଲପ୍‌ମେଣ୍ଟ ଫ୍ଲାଇଟ୍ (ଟିଭି-ଡି୧) ମଧ୍ୟ କୁହାଯାଉଛି। ୨୦୨୫ରେ ଗଗନୟାନରେ ମହାକାଶକୁ ଯାତ୍ରା କରିବାକୁ ଥିବା ଭାରତୀୟ ମହାକାଶଚାରୀ ଜରୁରୀ ସମୟରେ କିପରି ସୁରକ୍ଷିତ ଭାବେ ଭୂପୃଷ୍ଠରେ ଅବତରଣ କରିପାରିବେ, ଭେହିକିଲର ସେହି ଦକ୍ଷତା ଯାଞ୍ଚ ପାଇଁ ସଦ୍ୟ ମିଶନର ପରୀକ୍ଷଣ କରାଯାଇଛି। ଏହି ସଫଳତା ଦେଶର ମହତ୍ତ୍ୱାକାଂକ୍ଷୀ ମହାକାଶ ମିଶନରେ ଡେଣା ଯୋଡ଼ିଛି। ଏନେଇ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥନ୍ କହିଛନ୍ତି, ମିଶନର ସଫଳତା ସମ୍ପର୍କରେ ଘୋଷଣା କରି ଅତ୍ୟନ୍ତ ଖୁସି ଅନୁଭବ କରୁଛୁ। କ୍ରିଉ ଏସ୍କେପ୍ ସିଷ୍ଟମ୍ (ସିଇଏସ୍)ର ପ୍ରଦର୍ଶନ ଉପରେ ଅନୁଧ୍ୟାନ ହେଉଛି ଏହାର ଉଦ୍ଦେଶ୍ୟ। ତେବେ ଭେହିକିଲ ଲଞ୍ଚ ପରେ ଶବ୍ଦଗତିଠାରୁ ସାମାନ୍ୟ ଅଧିକ ଦ୍ରୁତତର ହୋଇଯାଇଥିଲା। ଏସ୍କେପ୍ ସିଷ୍ଟମ୍ ମହାକାଶଚାରୀଙ୍କ ପାଇଁ ନିର୍ମିତ କ୍ରିଉ ମଡ୍ୟୁଲକୁ ନିଜ ସହ ଉପରକୁ ନେଇଯାଇଥିଲା। ୧୬.୫ କି.ମି. ଉପରକୁ ଯିବା ପରେ ଏହା ବଙ୍ଗୋପସାଗରରେ ଅବତରଣ କରିଛି। ଏହାକୁ ନେଇ ଇସ୍ରୋର ମିଶନ କଣ୍ଟ୍ରୋଲ ସେଣ୍ଟରରେ ବୈଜ୍ଞାନିକମାନେ ଖୁସିବ୍ୟକ୍ତ କରିଛନ୍ତି। ସୋମନାଥନ୍ ଏହାକୁ ସମ୍ପୂର୍ଣ୍ଣ ଇସ୍ରୋ ଟିମ୍‌ର ସଫଳତା ଭାବେ ଅଭିହିତ କରି ନିଜ ସହକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଟେଷ୍ଟ ଭେହିକିଲ ଡି୧ର ଉତ୍‌କ୍ଷେପଣ ପୂର୍ବାହ୍ନ ୮ଟାରେ ହେବାର ଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୮ଟା ୪୫ରେ ଟେଷ୍ଟ କରିବା ପାଇଁ ସ୍ଥିର କରାଯାଇଥିଲା। ତେବେ ଲଞ୍ଚର ମାତ୍ର ୫ ସେକେଣ୍ଡ ପୂର୍ବରୁ ଅବଗଣନା ବନ୍ଦ ହୋଇଯାଇଥିଲା। ଇସ୍ରୋ ବୈଜ୍ଞାନିକମାନେ ତ୍ରୁଟି ଚିହ୍ନଟ କରିବା ପରେ ତାକୁ ସଜାଡ଼ିଥିଲେ। ଶେଷରେ ପୂର୍ବାହ୍ନ ୧୦ଟାରେ ଉତ୍‌କ୍ଷେପଣ କରାଯାଇଥିଲା।

ଏହି ପରୀକ୍ଷାମୂଳକ ଉଡ଼ାଣ ଆଗକୁ ଗଗନୟାନ ମିଶନ ସମ୍ପର୍କିତ ଯୋଜନାର ରୂପରେଖ ସ୍ଥିର କରିବ। ଏହା ପରେ ଆସନ୍ତା ବର୍ଷ ଆଉ ଏକ ଟେଷ୍ଟ ଫ୍ଲାଇଟ୍ ହେବ, ଯହିଁରେ ହ୍ୟୁମାନଏଡ୍ ରୋବୋ ଗଗନମିତ୍ରକୁ ପଠାଯିବ। ଗଗନୟାନ ମିଶନର ଲକ୍ଷ୍ୟ ହେଉଛି ୨୦୨୫ରେ ୩ ଦିବସୀୟ ମିଶନରେ ମଣିଷଙ୍କୁ ୪୦୦ କି.ମି. ଉଚ୍ଚତାରେ ପୃଥିବୀର ନିମ୍ନ କକ୍ଷକୁ ପଠାଇବା ଏବଂ ସୁରକ୍ଷିତ ଭାବେ ଭୂପୃଷ୍ଠକୁ ଫେରାଇଆଣିବା। ଭାରତ ୨୦୩୫ ସୁଦ୍ଧା ଏକ ମହାକାଶ ଷ୍ଟେଶନ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛି।



କୋରାପୁଟ-ବିଶାଖାପାଟଣା ୨୬ ନଂ. ଜାତୀୟ ରାଜପଥରେ ଶନିବାର କୁହୁଡ଼ିର ଦୃଶ୍ୟ।

# ସାଧୁମାନଙ୍କର ଆତ୍ମା ବିଲୀନ ହୁଏ ନାହିଁ: ଧର୍ମେନ୍ଦ୍ର



ଅନୁଗୋଳ ଜିଲା ଅଙ୍ଗାରବନ୍ଧ ଅଲେଖ ମହିମା ଆଶ୍ରମର ବିଦ୍ୟାଧର ଦାସଙ୍କ ମହାପ୍ରୟାଣର ଏକୋଇଶ ଦିବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଛନ୍ତି।

**ଅଙ୍ଗାରବନ୍ଧ ଅଲେଖ ମହିମା ଆଶ୍ରମର ବିଦ୍ୟାଧର ଦାସଙ୍କ ମହାପ୍ରୟାଣର ଏକୋଇଶ ଦିବସ**

ଭୁବନେଶ୍ୱର,୨୧।୧୦(ଅନିଲଦାସ)

ସାଧୁମାନଙ୍କ ଆତ୍ମା ବିଲୀନ ହୁଏ ନାହିଁ। ବିଦ୍ୟାଧର ବାବାଙ୍କ ଭଳି ପୂଜ୍ୟ ସାଧୁସନ୍ଥମାନେ ସମାଜକୁ ମାର୍ଗଦର୍ଶନ ଦେବା ପାଇଁ ଧରାପୃଷ୍ଠରେ ପୁନର୍ବାର ଜନ୍ମ ନିଅନ୍ତି ବୋଲି ବିଶ୍ୱାସ ରହିଛି। ଶନିବାର ଅନୁଗୋଳ ଜିଲା ଅଙ୍ଗାରବନ୍ଧ ଅଲେଖ ମହିମା ଆଶ୍ରମର ପୂଜ୍ୟସ୍ପଦ ତ୍ୟାଗୀ ବିଦ୍ୟାଧର ଦାସ (ମଲ୍ଲିକ ବାବା)ଙ୍କ ମହାପ୍ରୟାଣର ଏକୋଇଶିଆ ଦିବସରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ବିଦ୍ୟାଧର ବାବାଙ୍କ ପବିତ୍ର ସମାଧି ସ୍ଥଳରେ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ଅଙ୍ଗାରବନ୍ଧ ଅଲେଖ ମହିମା ଆଶ୍ରମ ଆମ ସମସ୍ତଙ୍କର ଶ୍ରଦ୍ଧାର କେନ୍ଦ୍ର। ବାବା ବିଦ୍ୟାଧର ଦାସ ଏହି ଆଶ୍ରମର ବରିଷ୍ଠ ସାଧୁ ଓ ସନ୍ନ୍ୟାସୀ ଥିଲେ। ମନୁଷ୍ୟ ଜୀବନରେ ସୁସ୍ଥ ରହିବା ଆବଶ୍ୟକ। ବାବା ବିଦ୍ୟାଧର ଦାସଙ୍କ ଏଭଳି ମାର୍ମିକ ବାର୍ତ୍ତା ଥିଲା ଅନନ୍ୟ। ସେ ଲମ୍ବା ସମୟ ଧରି ଅଙ୍ଗାରବନ୍ଧ ଅଲେଖ ମହିମା ଆଶ୍ରମର ଜଣେ ଅଭିଭାବକ ଭାବେ ଦାୟିତ୍ୱ ନେବା ସହ ସମସ୍ତଙ୍କୁ ଉତ୍ତମ ପରାମର୍ଶ ଦେଇ ଆସୁଥିଲେ। ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ; ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ। ସନ୍ଥ କବି ଭୀମ ଭୋଇ ଓ ତ୍ୟାଗୀ ବିଦ୍ୟାଧର ବାବାଙ୍କ ଭଳି ନୀରବ ସାଧକମାନଙ୍କଠାରୁ ଆରମ୍ଭ କରି ମହିମା ସମାଜର ଅନେକ ପୂଜ୍ୟ ସାଧୁ ସନ୍ଥ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅମୂଲ୍ୟ ବାଣୀକୁ ସମାଜର ବିଭିନ୍ନ ବର୍ଗ ପର୍ଯ୍ୟନ୍ତ ପହଞ୍ଚାଇ ଆସୁଛନ୍ତି। ଅଙ୍ଗାରବନ୍ଧ ମହିମାଧାମରେ ଶୂନ୍ୟ ବ୍ରହ୍ମଙ୍କର ସେବାକରିବା ସମୟରେ ବାବାଙ୍କ ବ୍ରହ୍ମ ଲୀନ ହୋଇଛି। ସମାଜ ସଂସ୍କାର ଦିଗରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ମହିମା ଗୋସାଇଁଙ୍କ ବାର୍ତ୍ତା ଯୋଗୁ ବିଶ୍ୱର ଅନେକ କଲ୍ୟାଣ ହୋଇଛି। ଆମ ରାଜ୍ୟ ଓଡ଼ିଆ ଜନଜୀବନରୁ ବାହାରି ଥିବା ମତ, ଧର୍ମ ଓ ବିଚାର ସମସ୍ତଙ୍କୁ ବିଶେଷତଃ ସମାଜର ବଞ୍ଚିତ ବର୍ଗଙ୍କୁ ମୂଳ ସମାଜ ସହଯୋଡ଼ି ରଖିବାରେ ବହୁତ ବଡ଼ ଦାୟିତ୍ୱ ନେଇଛି। ଆଜିର ସମୟରେ ମହିମା ଗୋସାଇଁଙ୍କ ବିଚାର ପ୍ରତି ଲୋକଙ୍କର ଯେତେ ଶ୍ରଦ୍ଧା ଅଛି ସେତେ ମାତ୍ରାରେ ତାହାର ବ୍ୟାପକ ହୋଇପାରିନାହିଁ। ଏହି ଦୁର୍ମୂଲ୍ୟ ବିଚାରକୁ ଆଧୁନିକ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଆହୁରି ଗବେଷଣା ଓ ସାହିତ୍ୟର ଆବଶ୍ୟକତା ରହିଛି। ଏହି ଆସ୍ଥା, ଧର୍ମ, ପରମ୍ପରା, ବିଚାର ଆହୁରି ବ୍ୟାପକ କଲେ ହିଁ ସମାଜରେ ସୌହାର୍ଦ୍ଦ୍ୟ ଭାବନା ବଢ଼ିବ ବୋଲି ପ୍ରଧାନ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସମୁଦ୍ରରେ ଯିବ...

ସର୍ବାଧିକ ୬୫ କିମି ଯାଏ ରହିବ । ଏଥିସହ ପବନର ବେଗ ଧୀରେ ଧୀରେ ବୃଦ୍ଧି ପାଇବ। ୨୩, ୨୪ ବେଳକୁ ପବନର ବେଗ ୫୫ରୁ ୬୫ ବେଳେ ବେଳେ ୮୦ କିମି ବେଗରେ ବହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ସମୁଦ୍ର ମଧ୍ୟ ଦେଇ ଗତି କରୁଥିବାରୁ ଉପକୂଳରେ ପବନର ପ୍ରଭାବ ସେତେଟା ଅନୁଭୂତ ହେବ ନାହିଁ। ଏହାର ପ୍ରଭାବରେ ଆସନ୍ତା ୨୩ ଓ ୨୪ ତାରିଖରେ ଦୁଇଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ୨୩ରେ ଉପକୂଳ ଜିଲା ସମେତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ସେହିପରି ୨୪ ତାରିଖରେ ମଧ୍ୟ ଉପକୂଳ ସମେତ ଅନ୍ୟ ଜିଲାରେ ବର୍ଷା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ପୁରୀ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖରେ ମଧ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କ ଲାଗି ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଯେଉଁମାନେ ଗଭୀର ସମୁଦ୍ରକୁ ଯାଇଛନ୍ତି ତୁରନ୍ତ ଫେରିଆସିବାକୁ କୁହାଯାଇଛି।

## ପାକିସ୍ତାନ ଫେରିଲେ...

ଚାର୍ଟାର୍ଡ ବିମାନ ଯୋଗେ ଦୁବାଇରୁ ଇସ୍‌ଲାମାବାଦରେ ପହଞ୍ଚିଥିଲେ। ଫେରିବା ମାତ୍ରେ ଶରିଫଙ୍କ ଲିଗାଲ୍ ଟିମ୍ ତାଙ୍କୁ ଭେଟି କେତେକ ଆଇନଗତ ଦସ୍ତାବିଜରେ ଦସ୍ତଖତ ନେଇଥିଲେ। ଗତ ୧୯ରେ ଇସ୍‌ଲାମାବାଦ ହାଇକୋର୍ଟ ଶରିଫ୍‌ଙ୍କୁ ଗିରଫଦାରିରୁ ବଞ୍ଚିବା ପାଇଁ ଦେଇଥିବା ସୁରକ୍ଷାତ୍ମକ ଜାମିନ ସପକ୍ଷରେ ଏହି କାଗଜପତ୍ର ଦାଖଲ କରାଯିବ। ଏୟାରପୋର୍ଟ କର୍ତ୍ତୃପକ୍ଷ ତାଙ୍କ ବାୟୋମେଟ୍ରିକ୍ ନେବା ପରେ ମିନାର-ଇ-ପାକିସ୍ତାନରେ ଆୟୋଜିତ ରାଲିକୁ ସମ୍ବୋଧନ କରିବା ପାଇଁ ପିଏମ୍‌ଏଲ୍‌ଏନ୍ ସୁପ୍ରିମୋ ସେହି ବିମାନରେ ଲାହୋର ଯାଇଥିଲେ। ମିନାର-ଇ-ପାକିସ୍ତାନ ହେଉଛି ସେହି ସ୍ଥାନ, ଯେଉଁଠି ୧୯୪୦ ମାର୍ଚ୍ଚ ୨୩ରେ ଅଲ୍-ଇଣ୍ଡିଆ ମୁସ୍‌ଲିମ ଲିଗ୍ ପକ୍ଷରୁ ଲାହୋର ସଂକଳ୍ପନାମା ପାରିତ କରାଯାଇଥିଲା। ଏହି ସଂକଳ୍ପନାମା ବଳରେ ଦେଶ ବିଭାଜିତ ହୋଇ ବ୍ରିଟିଶ୍ ଇଣ୍ଡିଆରୁ ପାକିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ଉଭା ହୋଇଥିଲା। ଶରିଫ୍‌ଙ୍କ ଗୃହାଗମନକୁ ତାଙ୍କ ଦଳ ପାକିସ୍ତାନ ପାଇଁ ଏକ ଆଶା ରୂପେ ଅଭିହିତ କରିଛି। ପିଏମ୍‌ଏଲ୍‌ଏନ୍‌ର ପ୍ରାୟ ୧୫୦ ସମର୍ଥକ ଦୁବାଇରୁ ଇସ୍‌ଲାମାବାଦକୁ ଆସିବାବେଳେ ବିମାନରେ ଶରିଫ୍‌ଙ୍କ ନାମରେ ସ୍ଲୋଗାନ ଦେଇ ଉତ୍ସବ ମନାଇଥିଲେ। ଶରିଫ୍‌ଙ୍କ ଝିଅ ମରିୟମ୍ ନୱାଜ କହିଛନ୍ତି, ବାପା ସ୍ୱଦେଶକୁ ଫେରିଆସିବା ମୋ ଜୀବନର ସବୁଠୁ ବଡ଼ ଦିନ। ସେ ପୁନର୍ବାର ପ୍ରଧାନମନ୍ତ୍ରୀ ଆସନକୁ ଫେରିବେ ବୋଲି ମରିୟମ୍ ଭବିଷ୍ୟବାଣୀ କରିଛନ୍ତି। ଅନ୍ୟପକ୍ଷେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଶରିଫ୍‌ଙ୍କୁ ଜଣେ ଭୀରୁ ପଳାତକ ଭାବେ ଅଭିହିତ କରିଛି। ଶରିଫ୍ ଜଣେ ଜାତୀୟ ଅପରାଧୀ, ଯିଏକି ନ୍ୟାୟିକ ଶରଣ ନେଇ ଦେଶକୁ ଫେରିଛନ୍ତି ବୋଲି ବିରୋଧୀ ଦଳ ସମାଲୋଚନା କରିଛି।

## କୋଟିଆରେ ପୁଣି ...

୪୩୬ ଜଣ ଶିବିରରେ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ସୀମାନ୍ତ ଗ୍ରାମବାସୀଙ୍କ ପାଇଁ ଜଗନ୍ ସରକାର ସବୁବେଳେ ସହଯୋଗର ହାତ ବଢାଇ ଚାଲିଛନ୍ତି ବୋଲି ଉପସ୍ଥିତ ଆନ୍ଧ୍ର କର୍ମଚାରୀମାନେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷରେ ସାଲୁର ବିଡିଓ ଜି. ପାର୍ବତୀ ମଧ୍ୟ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରି ସୀମାନ୍ତବାସୀଙ୍କୁ ଉତ୍ସାହିତ କରିଥିଲେ। ଏନେଇ ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଆନ୍ଧ୍ରର ଉକ୍ତ ଶିବିର ସମ୍ପର୍କରେ ଖବର ପାଇଛି, ଯାହାକି ଜିଲା ପ୍ରଶାସନକୁ ଅବଗତ କରି ପରିସ୍ଥିତି ଉପରେ ଦୃଷ୍ଟି ରଖାଯାଇଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଆନ୍ଧ୍ରର ମାନ୍ୟମ୍ ଜିଲା ପାର୍ବତୀପୁରମ୍ ଅନ୍ତର୍ଗତ ସାଲୁର ବ୍ଲକ ପ୍ରଶାସନ ଗତ ୧୪ ତାରିଖରେ ଏପରି ଅନୁପ୍ରବେଶ କରି ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତର ଗାଲିଗାବଡାର ଗ୍ରାମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିଥିଲା। ଏହି ଖବର ପାଇ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅନୁପ୍ରବେଶକାରୀ ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ କାହିଁକି ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛ ବୋଲି ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ବନ୍ଦ କରି ଶୀଘ୍ର ଉକ୍ତ ଗ୍ରାମ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ ଟିମ୍ ସ୍ୱାସ୍ଥ୍ୟସେବା ଶିବିର କରି ନ ପାରି ଘଟଣାସ୍ଥଳରୁ ଚାଲିଯାଇଥିଲେ।

## ରାଜ୍ୟ ବିଚାରାଳୟରେ ...

ନ୍ୟାଶନାଲ ଲିଗାଲ ସର୍ଭିସେସ୍ ଅଥରିଟି (ଏନ୍‌ଏଲ୍‌ଏସ୍‌ଏ) ରେଖାଙ୍କିତ କରିଛନ୍ତି। ଏନ୍‌ଏଲ୍‌ଏସ୍‌ଏ ଅନୁଯାୟୀ, ସମାଜର ସେହି ଦୁର୍ବଳ ବର୍ଗ ଅର୍ଥାତ୍ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିର ବ୍ୟକ୍ତି, ମାନବ ଚାଲାଣର ଶିକାର ବ୍ୟକ୍ତି, ମହିଳା, ଶିଶୁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମାଗଣା ଆଇନ ସହାୟତା ବ୍ୟବସ୍ଥା ରହିଛି। ଆଇନ ସେବା ପ୍ରାଧିକରଣ ଅଧିନିୟମ-୧୯୮୭ ଅନୁଯାୟୀ ପ୍ରଦାନ କରାଯାଇଥିବା ଆଇନ ସେବା ମାଧ୍ୟମରେ ମାର୍ଚ୍ଚ ୨୦୧୮ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ଓଡ଼ିଶାର ୪୪,୪୭୮ ଜଣ ଉପକୃତ ହୋଇଥିବା ଏନ୍‌ଏଲ୍‌ଏସ୍‌ଏ ତଥ୍ୟରୁ ଜଣାପଡ଼ିଛି। ତେବେ ଏହି ସମୟ ମଧ୍ୟରେ ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ପଞ୍ଜାବ, ତାମିଲନାଡୁ ଭଳି ପ୍ରମୁଖ ରାଜ୍ୟଗୁଡ଼ିକର ଗୋଟିଏ ବର୍ଷର ତଥ୍ୟକୁ ଦେଖିଲେ, ମାଗଣା ଆଇନ ସହାୟତା ପ୍ରଦାନ କ୍ଷେତ୍ରରେ ତୁଳନାତ୍ମକ ଭାବେ ଭଲ ପ୍ରଦର୍ଶନ ହୋଇଛି। ବିହାରରେ ୨୦୨୨ ଏପ୍ରିଲରୁ ୨୦୨୩ ଏପ୍ରିଲ ଯାଏ ୨,୦୯,୮୦୯ଜଣଙ୍କୁ ଏସ୍‌ଏଲ୍‌ଏସ୍‌ଏର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମାଗଣା ଆଇନ ସହାୟତା ପ୍ରଦାନ କରାଯାଇଛି। ସମାନ ସମୟରେ ମଧ୍ୟପ୍ରଦେଶର ୧,୯୧,୯୨୧ ଜଣ ଏହି ସୁବିଧା ପାଇପାରିଛନ୍ତି। ଓଡ଼ିଶାରେ ମାଗଣା ଆଇନ ସହାୟତା ଦ୍ୱାରା ଉପକୃତ ହେଉଥିବା ସଂଖ୍ୟା କମ୍ ହେବା ପଛରେ ସଚେତନତାର ଅଭାବକୁ ପ୍ରମୁଖ କାରଣ ବୋଲି କୁହାଯାଉଛି। ବିଶେଷକରି ଗରିବ ଶ୍ରେଣୀର ମକଦ୍ଦମାକାରୀମାନେ ଏହି ମାଗଣା ସେବାର ଲାଭ ପାଇପାରୁନାହାନ୍ତି। ଢେଙ୍କାନାଳ ଜିଲା ଆଇନ ସେବା ପ୍ରାଧିକରଣ ସହ ତାଲିକାଭୁକ୍ତ ଆଇନଜୀବୀ ଦୀପକ କୁମାର ପଟ୍ଟନାୟକ ଆଇଏଏନ୍‌ଏସ୍‌କୁ କହିଛନ୍ତି, ପ୍ୟାନେଲରେ ୩୦ରୁ ୪୦ଜଣ ଓକିଲ ଅଛନ୍ତି। କିନ୍ତୁ ସେମାନଙ୍କ ପାଖକୁ ଆସୁଥିବା ମାମଲା ସଂଖ୍ୟା ବହୁତ କମ୍। ଜିଲା ଆଇନ ସେବା ପ୍ରାଧିକରଣର ଅଧିକାରୀମାନେ ନିୟମିତ ବ୍ୟବଧାନରେ ସଚେତନତା ଅଭିଯାନ କରୁଛନ୍ତି। ତେବେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅଧିକରୁ ଅଧିକ ପ୍ରୟାସ କରାଯିବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଶୁକ୍ର ପ୍ରଭାବରେ ବିଳାସ ଉପକରଣ ଓ ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଫେରିପାଇବେ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମ ତଥା ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ** ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଆଜି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ** ଆଜି ଦିନଟିରେ ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି କରିପାରେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇପାରେ। ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯିବେ ତାହା ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଗୁଡ଼ିକୁ ଆଣିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବରେ ଅପରାହ୍ନରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

**କୁମ୍ଭ** ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାର ପ୍ରୟାସ କରି ନିଶ୍ଚିତ ସଫଳତା ପାଇବେ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡ଼ିବ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକସ୍ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି। ଆଇନ ସମ୍ପର୍କୀୟ ମାମଲା ଅନୁକୂଳ।

ଆଜି ଆଶ୍ୱିନ ଶୁକ୍ଳ ଅଷ୍ଟମୀ ରବିବାର, ପୀଠେ ମହାନବମୀ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା, କୁମାରୀପୂଜା, ଶ୍ରୀମହିଷମର୍ଦ୍ଦିନୀ ଦେବୀ ଓ କାଳିକା ଦେବୀଙ୍କ ଆବିର୍ଭାବ, ଶରଣଂ, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର- ଉତ୍ତରଷାଢ଼ା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୩ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ ଗତେ ଘ. ୦୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୯ ଗତେ ଘ.୦୫।୧୫ ମଧ୍ୟେ ରାହୁକାଳ।

# ପଦକ ଜିତିଲେ ପୁରସ୍କାର

- ଜାତୀୟ କ୍ରୀଡ଼ା ବିଜେତାଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କଲେ ରାଜ୍ୟ ସରକାର
- ସ୍ୱର୍ଣ୍ଣ ପାଇଁ ୫ ଲକ୍ଷ, ରୌପ୍ୟ ଲାଗି ୩ ଲକ୍ଷ ଏବଂ ବ୍ରୋଞ୍ଜ ପଦକ ନିମନ୍ତେ ୨ ଲକ୍ଷ ଟଙ୍କା ମିଳିବ

ଭୁବନେଶ୍ୱର,୨୧।୧୦(ଅନିଲ ଦାସ)

ଅକ୍ଟୋବର ୨୬ରୁ ଗୋଆରେ ୩୭ତମ ଜାତୀୟ କ୍ରୀଡ଼ା ଆରମ୍ଭ ହେବ। ଏହି କ୍ରୀଡ଼ାର ୩୧ ବିଭାଗରେ ଓଡ଼ିଶାରୁ ୩୦୦ରୁ ଅଧିକ ଆଥ୍‌ଲେଟ ଭାଗ ନେବେ। ସେମାନଙ୍କ ମଧ୍ୟରେ ୧୮୦ ମହିଳା ଅଛନ୍ତି। ଜାତୀୟ କ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସରକାର ଆଥ୍‌ଲେଟଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ଏଥିରେ ଉଭୟ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ଲକ୍ଷ ଟଙ୍କା, ରୌପ୍ୟ ପଦକ ବିଜେତାଙ୍କୁ ୩ ଲକ୍ଷ ଟଙ୍କା ଏବଂ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି।

ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଆଥ୍‌ଲେଟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ଆଶା। ବିଗତ କିଛିବର୍ଷ ମଧ୍ୟରେ ଓଡ଼ିଶାର ଆଥ୍‌ଲେଟମାନେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜର ପରିଚୟ ସୃଷ୍ଟି କରୁଛନ୍ତି। ଏସୀୟ କ୍ରୀଡ଼ାରେ ଓଡ଼ିଶା ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜାତୀୟ କ୍ରୀଡ଼ାରେ ମଧ୍ୟ ଏହିଭଳି ପ୍ରଦର୍ଶନ ଆମେ ଆଶା ରଖୁଛୁ।

ମୁଖ୍ୟମନ୍ତ୍ରୀଙ୍କ ‘‘କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ, ଭବିଷ୍ୟତ ପାଇଁ ବଡ଼ ଶକ୍ତି’’ ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା କ୍ରୀଡ଼ାକ୍ଷେତ୍ରରେ ଯଥେଷ୍ଟ ପୁଞ୍ଜିନିବେଶ କରିଛି। ଉନ୍ନତ ତାଲିମ ଓ ପ୍ରଶିକ୍ଷଣ ସୁବିଧା, ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଏବଂ ବିଭିନ୍ନ ସହାୟତା ବ୍ୟବସ୍ଥା ଯୋଗୁ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଜାତୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିବା ପାଇଁ କଠିନ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତିଭାଙ୍କୁ ଚିହ୍ନଟ କରି ଅନ୍ତର୍ଜାତୀୟ ସ୍ତରର ଆଥ୍‌ଲେଟ ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ଦୃଢ଼ ସଂକଳ୍ପବଦ୍ଧ।

କ୍ରୀଡ଼ା ବିକାଶରେ ଏହି ପୁଞ୍ଜିନିବେଶ ଯୁବ କ୍ରୀଡ଼ାବିତ୍‌ଙ୍କ ଆକାଂକ୍ଷାକୁ ଜାଗ୍ରତ କରୁଛି। ସେମାନଙ୍କୁ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆବଶ୍ୟକ ଉପକରଣ ଏବଂ ସମ୍ବଳ ଯୋଗାଇ ଦେଉଛି। ଆଗାମୀ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ଏକ ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିବ।

ନିକଟରେ ମୁଖ୍ୟମନ୍ତ୍ରୀ ଚାଇନାର ହାଙ୍ଗଝୌଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କ ବିଜୟକୁ ସ୍ୱୀକୃତି ଦେଇଛନ୍ତି। ସ୍ୱର୍ଣ୍ଣ ପଦକ ବିଜେତା ତଥା ହକି ତାରକା ଅମିତ ରୋହିଦାସଙ୍କୁ ୧.୫ କୋଟି ଟଙ୍କା ଏବଂ ମହିଳା ହକି ଖେଳାଳି ଦୀପଗ୍ରେସ୍ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାବ୍ୟତୀତ ଜାଭେଲିନ୍ ତାରକା କିଶୋର କୁମାର ଜେନାଙ୍କୁ ମଧ୍ୟ ଦେଢ଼ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ନୌସେନା ଜାହାଜ ‘ଆଇଏନ୍‌ଏସ୍ ଦର୍ଶକ’ର ଜରୁରିକାଳୀନ ବର୍ଥିଂ

## ଯବାନ ଅସୁସ୍ଥ, ବନ୍ଦର ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଚିଲିକା ସ୍ଥାନାନ୍ତର



ପାରାଦୀପ ବହୁମୁଖୀ ବର୍ଥରେ ଲାଗିଥିବା ‘ଆଇଏନ୍‌ଏସ ଦର୍ଶକ’ ।

ପାରାଦୀପ,୨୧।୧୦(ଶରତ ରାଉତ)

ଓଡ଼ିଶା ଉପକୂଳ ସମୁଦ୍ରରେ ପାଟ୍ରୋଲିଂ କରୁଥିବା ଭାରତୀୟ ନୌସେନା ଜାହାଜ ‘ଆଇଏନ୍‌ଏସ୍ ଦର୍ଶକ’ ଜରୁରିକାଳୀନ ଭାବେ ପାରାଦୀପ ବହୁମୁଖୀ ବର୍ଥରେ ଲାଗିଛି। ସେଥିରେ ଥିବା ଜଣେ ଯବାନଙ୍କ ଦେହ ଅସୁସ୍ଥ ହୋଇଯିବାରୁ ଏପରି କରାଯାଇଛି। ସମ୍ପୃକ୍ତ ଯବାନ ହେଲେ କାର୍ଟର ଭେଲା (୩୦)। ତାଙ୍କ ଘର ତାମିଲନାଡୁର କୋଏମ୍ବାଟୁରରେ। ଜ୍ୱର ହେବା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପ୍ରଥମେ ତାଙ୍କୁ କୋଷ୍ଟଗାର୍ଡ ଆମ୍ବୁଲାନ୍ସ ଯୋଗେ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ଧ୍ୟାରେ ଚିଲିକା ନୌସେନା ବେସ୍ ହସ୍ପିଟାଲକୁ ଭେଲାଙ୍କୁ ସ୍ଥାନାନ୍ତର କରାଯାଇଛି। ଜାହାଜଟି ତାଙ୍କୁ ସେଠାରେ ଛାଡ଼ିବା ପରେ ରାତିରେ ପୁଣି ସମୁଦ୍ର ଭିତରକୁ ପାଟ୍ରୋଲିଂ ପାଇଁ ଯିବ ବୋଲି ଜଣାପଡ଼ିଛି।







ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ

# ବହୁ କ୍ଷତି ଘଟିଛି



## ଆକାର ପଟେଲ

ସମଲିଙ୍ଗୀ ବିବାହକୁ ସରକାର ବିରୋଧ କଲେ ଓ ସୁପ୍ରିମକୋର୍ଟ ଏଥିରେ ଏକମତ ହେଲେ। ଏହାଦ୍ୱାରା ଭାରତ ସମଲିଙ୍ଗୀ ବିବାହ ଅଧିକାରକୁ ପ୍ରତ୍ୟାଖ୍ୟାନ କରିଛି। ଜି୨୦ରେ ଥିବା ଦେଶଗୁଡ଼ିକ ମଧ୍ୟରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଫ୍ରାନ୍ସ, ଜର୍ମାନୀ, ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ସ୍ପେନ୍, ବ୍ରିଟେନ୍ ଓ ଆମେରିକାରେ ସମଲିଙ୍ଗୀ ବିବାହ ରହିଛି। ଭାରତ ଭଳି ଚାଇନା, ଇଣ୍ଡୋନେସିଆ, ଜାପାନ, ରୁଷିଆ, ସାଉଦି ଆରବ ଏବଂ ତୁର୍କୀରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦିଆଯାଇ ନାହିଁ। ପ୍ରଶ୍ନ ହେଉଛି, ଯାହା କିଛି ଅପରିହାର୍ଯ୍ୟ ତାହାକୁ କାହିଁକି ଭାରତ ବିରୋଧ କରୁଛି। ବାସ୍ତବରେ ଏହି ପ୍ରଶ୍ନର ଉତ୍ତର ଖୋଜି ପାଇବା କଷ୍ଟକର। ଭାରତର ଏବେ ଏକ ନୂଆ ପାର୍ଲାମେଣ୍ଟ ଅଛି, କିନ୍ତୁ ସବୁ ପୁରୁଣା ଆଇନରେ ସମସ୍ୟା ରହିଛି। ଗୋଟିଏ କାରଣ ହେଉଛି ଏହି ସରକାର ନେଉଥିବା ପଦକ୍ଷେପଗୁଡ଼ିକ ବୈଧାନିକ କି ନାହିଁ ତାହା ଚିହ୍ନଟ କରିବାକୁ ସୁପ୍ରିମକୋର୍ଟ (ଏସ୍‌ସି) ସବୁବେଳେ ନିଷ୍କ୍ରିୟତା ପ୍ରକାଶ କରିଆସିଛି। ବ୍ୟକ୍ତିଗତ ସ୍ୱାଧୀନତା ପାଇବା ବୈଧାନିକ କି ନୁହେଁ ତାହା କୋର୍ଟ ନିଶ୍ଚିତ କରିବା ଦରକାର। ସରକାର ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଯେଉଁ ବିଷୟରେ ଅତ୍ୟଧିକ ଜଡ଼ିତ ସେହିସବୁ କ୍ଷେତ୍ରରେ ନିଷ୍କ୍ରିୟତା ସାମ୍ନାକୁ ଆସିଛି। କିଛି ବର୍ଷ ହେଲା ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତିମାନେ ମୋଦି ସରକାରଙ୍କ କେତେକ ଆଇନ ଏବଂ ପଦକ୍ଷେପର ବୈଧାନିକତା ଉପରେ ସୁପ୍ରିକୋର୍ଟରେ ଆବେଦନ କରି ଆସୁଛନ୍ତି, କିନ୍ତୁ ସେମାନେ କୋର୍ଟର କୌଣସି ନିଷ୍ପତ୍ତି ପାଇପାରୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କୋର୍ଟ କେତେକ ମାମଲାକୁ ବିଚାରକୁ ନେଇଛନ୍ତି, କିନ୍ତୁ ସେଥିରୁ କୌଣସି ଗୋଟିକରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ଏହିସବୁ ମାମଲା ମଧ୍ୟରେ ରହିଛି ଅନୁଚ୍ଛେଦ ୩୭୦ ଉଚ୍ଛେଦ (ଅଗଷ୍ଟ ୨୦୧୯ରେ ଏସ୍‌ସିରେ ଏହା ବିରୋଧରେ ପିଟିଶନ ଦାୟର ହୋଇଥିଲା), ନିର୍ବାଚନ ବଣ୍ଡ୍ (୨୦୧୭ରେ ଦାୟର ହୋଇଥିଲା) ଏବଂ ନାଗରିକ ସଂଶୋଧନ ଆଇନ(୨୦୧୯ରେ ଦାୟର ହୋଇଥିଲା)। ବାସ୍ତବରେ ଏହି ବିଷୟଗୁଡ଼ିକ କ'ଣ ତାହା ଅନୁଧ୍ୟାନ କରିବା ଦରକାର। ନିର୍ବାଚନ ବଣ୍ଡ୍ ବିଶେଷକରି ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳକରେ। ଏହାକୁ ଅବୈଧ ଘୋଷଣା କରାଯିବା ଉଚିତ ନୁହେଁ କି? ଅଧଡଜନ ବର୍ଷ ହେଲା ଗୁପ୍ତରେ ରାଜନୈତିକ ଦଳଗୁଡ଼ିକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଡ଼ କରିବାକୁ ଏହା ଅନୁମତି ଦେଇଛି। ବଣ୍ଡକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଓ ନିର୍ବାଚନ କମିଶନ ବିରୋଧ କରିଥିଲେ। ଉଭୟ ସଂସ୍ଥାର କଥା ମୋଦି ସରକାର ଗ୍ରହଣ କରି ନ ଥିଲେ। ଜଣେ ବ୍ୟକ୍ତି ବଣ୍ଡକୁ କିଣିପାରିବେ ଓ ତାହାକୁ ତୃତୀୟପକ୍ଷ ଯଥା ଏକ ବିଦେଶ ସରକାର, ଏକ ଆପରାଧିକ ଗ୍ୟାଙ୍ଗକୁ ବିକିପାରିବେ। ପରେ ତୃତୀୟ ପକ୍ଷ ତାହାକୁ ତାଙ୍କ ପସନ୍ଦର ରାଜନୈତିକ ଦଳକୁ ଦାନ କରିପାରିବେ। ବଣ୍ଡଗୁଡ଼ିକରେ ସବୁଠୁ ଜଣାଶୁଣା ମୂଲ୍ୟବର୍ଗ ହେଉଛି ୧ କୋଟି ଟଙ୍କା ଯାହା ମୂଲ୍ୟ ସବୁଠୁ ଅଧିକ। ତେବେ ପାଠକେ ବିଚାର କରନ୍ତୁ, ଆମ ଭିତରୁ କେହି ଜଣେ ଆମେ ଭୋଟ ଦେଉଥିବା ପାର୍ଟିକୁ ୧ କୋଟି ଟଙ୍କା ଦାନ କରିବାକୁ ଚାହିଁବା ତ? ନିର୍ବାଚନ ବଣ୍ଡ୍ ମାଧ୍ୟମରେ ଭାଜପାକୁ ଅତ୍ୟଧିକ ଟଙ୍କା ମିଳିଛି। ଆର୍‌ବିଆଇର ବିରୋଧ ଏବଂ ଗଣତାନ୍ତ୍ରିକ ସ୍ୱଚ୍ଛତା ଉପରେ ଗମ୍ଭୀର ସମସ୍ୟାଭିତ୍ତିକ ପ୍ରଶ୍ନ ଉଠିବା ସତ୍ତ୍ୱେ ସୁପ୍ରିମକୋର୍ଟ ୬ ବର୍ଷ ହେଲା ଏହି ବିଷୟ ଉପରେ ନିଷ୍ପତ୍ତି ନେଇନାହାନ୍ତି।

ଦକ୍ଷିଣ ଏସିଆରେ କଶ୍ମୀର ହେଉଛି ଏକମାତ୍ର ଅଞ୍ଚଳ ଯେଉଁଠି ଜୁନ୍ ୨୦୧୮ରୁ ନିର୍ବାଚିତ ସରକାର ନାହିଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏହା ଘଟିଛି। ଅଧିକାଂଶ ନ୍ୟାୟିକ ସମାଲୋଚକ କହନ୍ତି, ଏହା ସମ୍ବିଧାନ ସମ୍ମତ ନୁହେଁ। ଏହା ଆମ ଗଣତନ୍ତ୍ର ପାଇଁ ଏକ ଚିନ୍ତାଜନକ ବିଷୟ। ହେଲେ କୋର୍ଟ ଏହା ଉପରେ ଗୁରୁତ୍ୱ ଦେଲେ ନାହିଁ। ନାଗରିକ ସଂଶୋଧନ ଆଇନ(ସିଏଏ) ୩ଟି ପଡ଼ୋଶୀ ଦେଶ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଭାରତ ଆସିଥିବା ଶରଣାର୍ଥୀଙ୍କ ପାଇଁ ଏକ କଟ୍‌ଅପ୍ ସ୍ଥିର କରିଛି। ଏମାନଙ୍କ ମଧ୍ୟରୁ ମୁସଲମାନମାନଙ୍କୁ ଚିହ୍ନଟକରି ଅଲଗା କରାଯିବ ଓ ଅବଶିଷ୍ଟଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। କାହିଁକି ଏହି ୩ଟି ପଡ଼ୋଶୀକୁ ନିଆଯାଇଛି। ଶ୍ରୀଲଙ୍କା, ଚାଇନା ଓ ବର୍ମାକୁ ବିଚାରକୁ କାହିଁକି ନିଆଯାଇନାହିଁ, ତାହା ଆଇନ ବୁଝାଇପାରିନାହିଁ। କାହିଁକି କେବଳ ମୁସଲମାନ, କାହିଁକି ଅନ୍ୟ ବଞ୍ଚିତ ଗୋଷ୍ଠୀ ନୁହନ୍ତି ; ଏହାକୁ ମଧ୍ୟ ଆଇନ ସ୍ପଷ୍ଟ କରିନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ, ଆମକୁ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆର୍‌ସି) ସହ ସିଏଏକୁ ପଢ଼ିବାକୁ ପଡ଼ିବ। ପ୍ରଥମ ଆଇନ ମୁସଲମାନଙ୍କୁ ଅଲଗା କରିବ ଏବଂ ଦ୍ୱିତୀୟ ଆଇନ ସେମାନଙ୍କୁ ଅଟକ କେନ୍ଦ୍ରରେ ରଖିବ। ଏହି ଆଇନ ବିରୋଧରେ ୨୦୧୯ ଓ ୨୦୨୦ରେ ପ୍ରବଳ ପ୍ରତିବାଦ ହେବାରୁ ସରକାର ପଛଘୁଞ୍ଚା ଦେଲେ। ତେବେ ଆଇନ ପାସ୍ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଭାଜପା ଏଯାବତ ସିଏଏ ଲାଗୁ କରିନାହିଁ। ଏହି ଆଇନ ବିରୋଧରେ ତତ୍‌କ୍ଷଣାତ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସାମ୍ବିଧାନିକତା ରହିଛି କି ନାହିଁ ତାହା କୋର୍ଟ ନିଶ୍ଚିତ କରିନାହାନ୍ତି।

ଅନ୍ୟାନ୍ୟ ଉଦାହରଣ ଅଛି ଯାହା ଉପରେ କୋର୍ଟ ପଦକ୍ଷେପ ନେବା ଉଚିତ ବୋଲି ଅନେକେ ଭାବନ୍ତି, କିନ୍ତୁ କୋର୍ଟ ତାହା କରିନାହାନ୍ତି। ଯେତେବେଳେ ସରକାର ବେଆଇନ ଭାବେ ନାଗରିକଙ୍କ ଉପରେ ଗୁପ୍ତଚରଗିରି କରିଥିବା ଅଭିଯୋଗ ଆସିଥିଲା ସେତେବେଳେ ସରକାର ଏହା କରିବାକୁ ଅନୁମତି ପାଇଥିଲେ। ପେଗାସସ୍ ମାମଲାରେ କୋର୍ଟ କ'ଣ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତେବେ ଗତ ବର୍ଷର ଏକ ଶିରୋନାମା–କୌଣସି ପ୍ରମାଣ ନାହିଁ, ସରକାର ସହଯୋଗ କରିନାହାନ୍ତି: ପେଗାସସ୍ ଉପରେ ଏସ୍‌ସି ପ୍ୟାନେଲ' ଆମକୁ ପୂରା କାହାଣୀ ଅବଗତ କରାଇଦିଏ। ଭାରତୀୟଙ୍କ ଉପରେ ସରକାର ଏହି ସ୍ପାଏୱେର ବ୍ୟବହାର କରିଥିଲେ କି ନାହିଁ ତାହା ଜଣାଇବା ପାଇଁ ଏସ୍‌ସି ସରକାରଙ୍କୁ ଏକ ଆଫିଡେଭିଟ ଦାଖଲ କରିବାକୁ ବାଧ୍ୟ କରିଥାନ୍ତେ। କିନ୍ତୁ ଏସ୍‌ସି ତାହା କରିବାକୁ ଚାହିଁ ନ ଥିଲେ। ଦୀର୍ଘ ସମୟ ଧରି କୋର୍ଟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଶୁଣାଣି କଲେ ନାହିଁ। ସରକାର ମଧ୍ୟ ଏହା ହେବାକୁ ଚାହୁଁ ନ ଥିଲେ। ବିଳମ୍ବରେ ଏସ୍‌ସି ବେଞ୍ଚ ଗଠନ ଆରମ୍ଭ କରିଛି। ତେବେ ଏହି ସମୟ ମଧ୍ୟରେ ବହୁ କ୍ଷତି କରାଯାଇଛି ଏବଂ ବିଶେଷକରି ବଣ୍ଡ୍ ପରି ବିଷୟରେ କ୍ଷତି ଏବେ ବି ଜାରି ରହିଛି।

Email:aakar.patel@gmail.com

# ସ୍ୱାସ୍ଥ୍ୟ ଓ ଶ୍ରୀଅନ୍ନ



## ଡ. ପ୍ରଫୁଲ୍ଲ କୁମାର ସାହୁ

ଏବେ ପୁଷ୍ଟିଶସ୍ୟକୁ କୁହାଯାଉଛି ଶ୍ରୀଅନ୍ନ। ଭାରତରେ ସେହି ନାମ ସହିତ 'ଶ୍ରୀ' ଯୋଡ଼ାଯାଏ, ଯେଉଁଠି ଥାଏ ସମୃଦ୍ଧି ଓ ସମଗ୍ରତା। ଶ୍ରୀଅନ୍ନର ନାମକରଣକୁ ନେଇ ବିଶ୍ୱ ପୁଷ୍ଟିଶସ୍ୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହି କଥା କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଅନୁଯାୟୀ ପୁଷ୍ଟିଶସ୍ୟ ଯେ କେବଳ କ୍ଷୁଦ୍ରଚାଷୀଙ୍କ ସମୃଦ୍ଧିରେ ସହାୟକ ହୋଇଛି ତା' ନୁହେଁ, ବରଂ ଖାଦ୍ୟ ସୁରକ୍ଷା ଦିଗରେ ସଂଘର୍ଷ କରୁଥିବା ସମଗ୍ର ବିଶ୍ୱପାଇଁ ଏହା ଏକ ବରଦାନ ସଦୃଶ। ତେଣୁ ଏହାକୁ ଶ୍ରୀଅନ୍ନ ବୋଲି ନାମକରଣ କରିଛି ଭାରତ। ଖାଦ୍ୟ ସୁରକ୍ଷା ଅର୍ଥ କେବଳ କ୍ଷୁଧାମୁକ୍ତି ନୁହେଁ, ଏଥିସହିତ ଯୋଡ଼ିହୋଇ ରହିଛି ପୌଷ୍ଟିକ ନିରାପତ୍ତା। ତେଣୁ ୨୦୩୦ ସୁଦ୍ଧା ପୃଥିବୀକୁ କ୍ଷୁଧାମୁକ୍ତ କରିବା ପାଇଁ ଜାତିସଂଘ ଯେଉଁ ଘୋଷଣାନାମା ଜାରି କରିଛି, ସେଥିରେ ଥିବା ଅନ୍ୟାନ୍ୟ ୧୭ଟି ବିକାଶ ଲକ୍ଷ୍ୟ ମଧ୍ୟରେ ସର୍ବାଗ୍ରେ ସ୍ଥାନ ପାଇଛି ପୁଷ୍ଟିସାଧନ। ଏହି ବୈଶ୍ୱିକ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଣୀ ଭୂମିକା ନେଉଛି ଭାରତ। କାରଣ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଶ୍ରୀଅନ୍ନ ଉତ୍ପାଦକ ଓ ଦ୍ୱିତୀୟ ବୃହତ୍ ରପ୍ତାନିକାରୀ ରାଷ୍ଟ୍ର। ଭାରତର ପ୍ରସ୍ତାବ କ୍ରମେ ୨୦୨୩ ବର୍ଷକୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବରେ ପାଳନ କରୁଛି ଜାତିସଂଘ।

କ୍ଷୁଦ୍ରଦାନା ବିଶିଷ୍ଟ ଶସ୍ୟ ମାଣ୍ଡିଆ ହେଉଛି ପୌଷ୍ଟିକତାର ଶକ୍ତିକେନ୍ଦ୍ର ବା ପାୱାର ହାଉସ ଅଫ୍ ନ୍ୟୁଟ୍ରିଶନ୍। ଏଥିରେ ରହିଛି ସହଜରେ ହଜମ ହେଲାଭଳି ପୁଷ୍ଟିସାର, ଆମିନୋଏସିଡ୍ ଓ ଅଳ୍ପ ପରିମାଣର ସର୍କରା। ବିଶେଷକରି ହାଡ଼କୁ ଶକ୍ତ କରିବା ପାଇଁ ଏଥିରେ ପ୍ରଚୁର କ୍ୟାଲ୍‌ସିୟମ ରହିଛି, ଯାହା ଦୁଗ୍ଧଠାରୁ ତିନିଗୁଣ ଅଧିକ। ଆୟୁର୍ବେଦ ଅନୁସାରେ ମାଣ୍ଡିଆ କଷାଟିଆ, ତୃପ୍ତିଦାୟକ ଓ ବଳବର୍ଦ୍ଧକ ତଥା ତ୍ରିଦୋଷନାଶକ। ଅର୍ଥାତ୍ ମାଣ୍ଡିଆରେ କେବଳ ପୋଷକ ତତ୍ତ୍ୱ ନୁହେଁ, ଏଥିରେ ରହିଛି ଚମତ୍କାର ଔଷଧୀୟ ଗୁଣ।

ମାଣ୍ଡିଆ ଏକ ଗରମ ଦିନିଆ ଫସଲ। ବର୍ଷାକ୍ଲିଷ୍ଟ ଶୁଷ୍କ ମାଟିରେ ଚାଷ କରୁଥିବା ଚାଷୀର ଏହା ମାନସ ସନ୍ତାନ, ଯାହାକୁ କୁହାଯାଏ ଶୁଷ୍କ ମାଟିର ସୁନା। ଏହା ଏମିତି ଏକ ଲଘୁ ଶସ୍ୟ, ଯାହା ଗୋଟିଏ ଜମିରେ ବାରମ୍ବାର ଚାଷ ହେଲେ ମଧ୍ୟ ଆଦୌ କମିଯାଏନି ମାଟିର ଉର୍ବରତା। ତା'ର ଲୁଣା ସହିଷ୍ଣୁତା ଯେମିତି ଅଦମ୍ୟ, ବଦଳୁଥିବା ଜଳବାୟୁର ଆହ୍ୱାନକୁ ମୁକାବିଲା କରିବାର ଶକ୍ତି ସେମିତି ଅସୀମ। ପୁଣି ରୋଗପୋକ ସହନଶୀଳ ହୋଇଥିବାରୁ ଏହା ବିଷମୁକ୍ତ ଚାଷର ଏକ ବୃହତ୍ ଆଧାର। ଏହା ଜନଜାତି ମଣିଷର ଅତି ପ୍ରିୟ ଖାଦ୍ୟ। କେବଳ ଖାଦ୍ୟ ନୁହେଁ, ଏହାକୁ ସେମାନେ ପାନୀୟ ଭାବରେ ବି ଗ୍ରହଣ କରନ୍ତି ଏବଂ ସକାଳୁ ଉଠି କାମକୁ ବାହାରିବା ପୂର୍ବରୁ ବେଲାଏ ମାଣ୍ଡିଆ ପେଜ ବା ତୁରୁଂ ପିଇବା ସେମାନଙ୍କର ଅଭ୍ୟାସ। ଆହାର ତତ୍ତ୍ୱ କହେ, ମାଣ୍ଡିଆ ହେଉଛି ଏକ ପରିବେଶ ଉପଯୋଗୀ ଖାଦ୍ୟ।



ଆମ ଦେଶରେ ଓଡ଼ିଶା, କର୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟରେ ଶ୍ରୀଅନ୍ନ ଉତ୍ପାଦନ ହୁଏ, ଯାହା ସାରା ପୃଥିବୀରେ ଉତ୍ପାଦନ ହେଉଥିବା ଶ୍ରୀଅନ୍ନର ୪୦ ପ୍ରତିଶତ। ଏହା ସତ୍ତ୍ୱେ ଜାତୀୟ ଖାଦ୍ୟ ଝୁଡ଼ିରେ ଶ୍ରୀଅନ୍ନର ଅବଦାନ ମାତ୍ର ୫.୬ ପ୍ରତିଶତ। ପରିବର୍ତ୍ତିତ ପରିବେଶରେ ଏହି ପରିମାଣର ଦ୍ରୁତ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି ଦେଶର ନୀତି ଆୟୋଗ। କାରଣ ସବୁଜ ବିପ୍ଳବର ସୁଖଦ ଅନୁଭୂତି ବଦଳରେ ଆମକୁ ପରିଶୋଧ କରିବାକୁ ପଡିଛି ଅନେକ ମୂଲ୍ୟ। ହ୍ରାସ ପାଇଛି ଭୂତଳ ଜଳସ୍ତର। ନଷ୍ଟ ହୋଇଛି ପରିବେଶ ଓ ଜୈବ ବିବିଧତା। ବିଗିଡି ଯାଇଛି ମୃତ୍ତିକାର ସ୍ୱାସ୍ଥ୍ୟ। ବିଶ୍ୱତାପନ ତଥା ଜଳବାୟୁର ଘନଘନ ପରିବର୍ତ୍ତନ ଯୋଗୁଁ ବଢ଼ିଚାଲିଛି ଅନିୟନ୍ତ୍ରିତ ଦୁର୍ବିପାକ। ଏହାର ପ୍ରତିକୂଳ ପ୍ରଭାବକୁ ସାମ୍ନା କରୁଥିବା କୃଷିକ୍ଷେତ୍ର ଆବଶ୍ୟକ କରୁଛି ଅଧିକରୁ ଅଧିକ ଲଘୁ ଶସ୍ୟ ଚାଷ। କେବଳ ଚାଷ ନୁହେଁ, ଜଳବାୟୁ ପରିବର୍ତ୍ତନ ସହିତ ତାଳଦେଇ ଆମ ଖାଦ୍ୟରୁଚି ବଦଳିବା ମଧ୍ୟ ବିଜ୍ଞାନସମ୍ମତ। ତେଣୁ ଆମ ଖାଦ୍ୟଥାଳିରେ ଶ୍ରୀଅନ୍ନର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରୁଛି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ।

ହଜାର ହଜାର ବର୍ଷ ଧରି ଆମ ସଂସ୍କୃତି ସହିତ ଶ୍ରୀଅନ୍ନ ଯୋଡ଼ି ହୋଇ ରହିଛି, ଯା'ର ଏକ ଦୃଷ୍ଟାନ୍ତ ହେଉଛି ଲୋକପ୍ରିୟ ଶିଶୁଗୀତ–''ଧୋ'ରେ ବାଇଆ ଧୋ, ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ''। ତଥ୍ୟ କହେ ସମଗ୍ର ଦେଶରେ ଯେତେ ପରିମାଣରେ ମାଣ୍ଡିଆ ଉତ୍ପାଦନ ହୁଏ, ତା'ର ୩୬ ପ୍ରତିଶତ ଅମଳ ହୁଏ ଓଡ଼ିଶାର ଆଦିବାସୀ ବହୁଳ ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ। ୨୦୧୭–୧୮ ବର୍ଷରୁ ଉଭୟ ଚାଷଜମି ଓ ଖାଦ୍ୟଥାଳିରେ କ୍ଷୁଦ୍ର ଶସ୍ୟର ପୁନଃସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆରମ୍ଭ ହୋଇଛି ଓଡ଼ିଶା ମିଲେଟ୍ସ ମିଶନ କାର୍ଯ୍ୟକ୍ରମ। ପାରିବେଶିକ ଉପାଦେୟତା ତଥା ଲୋକ ସଂସ୍କୃତିର ସଂଶ୍ଳିଷ୍ଟତାକୁ ଗୁରୁତ୍ୱ ଦେଇ ରାଜ୍ୟର ୧୯ ଜିଲାର ୧୪୨ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ବଡ଼ ମାଣ୍ଡିଆ, ସାନ ମାଣ୍ଡିଆ, ଭୌରବୀ, ନାଲି ମାଣ୍ଡିଆ ଇତ୍ୟାଦି ପାରମ୍ପରିକ ବିହନ ବଦଳରେ ଚାଷୀଙ୍କୁ ଯୋଗାଇ ଦିଆଯାଉଛି କୁଦ୍ରାବତୀ, ଲକ୍ଷ୍ମୀପୁର କାଳିଆ, ମାଲ୍ୟବନ୍ତ ମାମି ଓ ଗୁପ୍ତେଶ୍ୱର ଭାରତୀ ଆଦି ଚାରି କିସମର ଆଦର୍ଶ ବିହନ। ବିପଣନ ପାଇଁ ମାଲକାନଗିରି ଭଳି ଜିଲାରେ ଖୋଲିଲାଣି ମାଣ୍ଡିଆ ମଣ୍ଡି। ପରବର୍ତ୍ତୀ ସମୟରେ ତାହା ଅନ୍ୟ ଜିଲାକୁ ସମ୍ପ୍ରସାରିତ ହେଲେ ଆଉ ରହିବନି ଅଭାବୀ ବିକ୍ରି ସମସ୍ୟା। ମାଣ୍ଡିଆ ଚାଷକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାରଙ୍କ ନିଷ୍ପତ୍ତିକ୍ରମେ ମାର୍ଗଶିର ମାସ ପ୍ରଥମ ଗୁରୁବାର ଦିନ ମାଣ୍ଡିଆ ଦିବସ ପାଳନ ହେଉଛି ଏବଂ ଜନ ସଚେତନତା ପାଇଁ ରାଜ୍ୟରେ ଗଡୁଛି 'ମାଣ୍ଡିଆ ରଥ'।

ଓଡ଼ିଶାରେ ପୁଷ୍ଟିହୀନ ଆଦିବାସୀ ଶିଶୁଙ୍କ ସଂଖ୍ୟା ସାଧାରଣ ବର୍ଗର ଶିଶୁଙ୍କ ଆନୁପାତିକ ସଂଖ୍ୟାଠାରୁ ଅଧିକ। ତଥ୍ୟ କହେ ଆମ ରାଜ୍ୟରେ ୪୨ ପ୍ରତିଶତ ଶିଶୁ ଅଳ୍ପ ବହୁତେ ପୁଷ୍ଟିହୀନତାର ଶିକାର। ତେଣୁ ପୋଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ୧୧ଟି ଆଦିବାସୀ ବହୁଳ ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଜରିଆରେ ଓ ଅଗ୍ରାଧିକାର ଭିତ୍ତିରେ ପିଲାଙ୍କୁ ଯୋଗାଇ ଦିଆଯାଉଛି ପୌଷ୍ଟିକ ଆହାର। ୨୦୨୦ରୁ କେନ୍ଦୁଝର ଜିଲାରେ ୩୩୫ଟି ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ସକାଳ ଜଳଖିଆରେ ସାମିଲ ହୋଇଛି ମାଣ୍ଡିଆ ଲଡୁ। ସାରା ରାଜ୍ୟର ପିଲାଙ୍କ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆକୁ ସାମିଲ କରିବା ପାଇଁ ସରକାରୀ ସ୍ତରରେ ଚାଲିଛି ପ୍ରସ୍ତୁତି। ତୁଳନାତ୍ମକ ଭାବେ ଏହା ଅଣ୍ଡା ତୁଳନାରେ ଶସ୍ତା। ବର୍ତ୍ତମାନର ବଜାରରେ ପ୍ରକ୍ରିୟାକରଣ ହୋଇ ନ ଥିବା ମାଣ୍ଡିଆର ମୂଲ୍ୟ ୨୦ ଟଙ୍କା ବା ତା'ଠାରୁ କମ୍। ତେଣୁ ପିଲାମାନଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ଅନ୍ତତଃ ଶହେ ଗ୍ରାମ ଓଜନର ଏକ ମାଣ୍ଡିଆ ଲଡୁ ସାମିଲ ହେବା ଉଚିତ।

ଆଗେ ମାଣ୍ଡିଆର ବ୍ୟବହାର ସୀମିତ ଥିଲା କେବଳ ପେଜ ଓ ଯାଉ ଭିତରେ। ଏବେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏଥିରେ ପ୍ରସ୍ତୁତ ହେଲାଣି ଭଳିକି ଭଳି ନମକିନ ଖାଦ୍ୟ। ଦିଲ୍ଲୀରେ ଅନୁଷ୍ଠିତ ଜି–୨୦ ସମ୍ମିଳନୀରେ ଅତିଥିମାନଙ୍କ ଖାଦ୍ୟଥାଳିରେ ମିଲେଟ୍ ସୁପ୍ ଓ ମିଲେଟ୍ ଖିରି ପରଷା ଯିବା ପରେ କେବଳ ଆମ ରାଜ୍ୟ କିମ୍ବା ଦେଶ ନୁହେଁ, ସାରା ବିଶ୍ୱରେ ବାସୁଛି ମିଲେଟ୍ ମିଶନର ମହକ। ଚାରିଆଡ଼େ ଶୁଭୁଛି ଶ୍ରୀଅନ୍ନ ସଫଳତାର ଗୀତ। ସମ୍ପ୍ରସାରିତ ହେଉଛି ମିଲେଟ୍ ବଜାର। ଏହାଦ୍ୱାରା ଅଢ଼େଇ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ମୁହଁରେ ହସ ଫୁଟିବା ସହିତ ଦେଶର ବିକାଶ କ୍ରମରେ ଯୋଡ଼ିହେବ ଆଉ ଏକ ନୂଆ ଅଧ୍ୟାୟ। ସାରା ବିଶ୍ୱରେ କୋଟି କୋଟି ଲୋକଙ୍କ ପୋଷଣର କର୍ଣ୍ଣଧାର ତଥା ବିକାଶର ମାଧ୍ୟମ ହେବ ଶ୍ରୀଅନ୍ନ। ଏହି ଦୃଷ୍ଟିଭଙ୍ଗୀ ନେଇ ମିଲେଟ୍ ମିଶନକୁ ଏକ ବୈଶ୍ୱିକ ଆନ୍ଦୋଳନରେ ପରିଣତ କରିବା ପାଇଁ ନିରନ୍ତର ଉଦ୍ୟମ କରୁଛି ଭାରତ। ତେଣୁ ଭାରତରେ ପ୍ରତିଷ୍ଠା ହେବାକୁ ଯାଉଛି ଶ୍ରୀଅନ୍ନ ଗବେଷଣା ପ୍ରତିଷ୍ଠାନ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଯୁବନେତାଙ୍କ ଆଇକନ୍

ବ୍ୟକ୍ତିତ୍ୱ



ଖ୍ରୀଷ୍ଟୋଫର ଲୁକ୍ସୋନ

ସେ ଡିଓଡରାଣ୍ଟ ଏବଂ ଆଇସ୍‌କ୍ରିମ୍ ବିକୁଥିଲେ। ଶ୍ରେଷ୍ଠ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍ ଭାବେ ଏୟାରଲାଇନ୍ ଚଳାଇ ସୁନାମ ଅର୍ଜନ କଲେ। ବ୍ରିଟିଶ ବହୁରାଷ୍ଟ୍ରୀୟ ଖାଉଟି ସାମଗ୍ରୀ କମ୍ପାନୀ 'ୟୁନିଲିଭର'ର ସେ ଅଷ୍ଟ୍ରେଲିଆ, ବ୍ରିଟେନ, କାନାଡା ଓ ଆମେରିକାରେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ। ତାଙ୍କର ସାମଗ୍ରୀ ବିକିବାର ତରିକା ବିପଣନ ସହ ସଂଶ୍ଳିଷ୍ଟ ଅନ୍ୟ ବ୍ୟକ୍ତିଙ୍କଠାରୁ ଢେର ଅଲଗା। ସେ ଯେଉଁ ସ୍ଥାନରେ ଟପ୍ ଏକ୍‌ଜିକ୍ୟୁଟିଭ୍‌ମାନଙ୍କୁ ଭେଟିବାକୁ ଯାଇଥାଆନ୍ତି ବା କୌଣସି ବୈଠକରେ ଯୋଗଦେବା ସକାଶେ କାର୍ଯ୍ୟସୂଚୀ ସ୍ଥିର କରିଥାଆନ୍ତି, ପ୍ରଥମେ ତାଙ୍କ କମ୍ପାନୀ ସାମଗ୍ରୀ ବ୍ୟବହାର କରୁଥିବା ସମ୍ପୃକ୍ତ ଅଞ୍ଚଳର ଉପଭୋକ୍ତାଙ୍କ ଘରକୁ ଯାଆନ୍ତି। ଖାଉଟିଙ୍କ ମତ ସଂଗ୍ରହ ତାଙ୍କ ସାମଗ୍ରୀ ବିକ୍ରି ଆକାରକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ସମ୍ଭବତଃ ସେହି ବିକ୍ରି କଳାକୁ ସେ ରାଜନୀତିରେ ଉତ୍ତମ ଭାବେ ପ୍ରୟୋଗ କରିପାରିଥିବାରୁ ଏହି କ୍ଷେତ୍ରରେ ଯୋଗଦେବାର ମାତ୍ର ୩ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିବାକୁ ଯାଉଛନ୍ତି। ନିକଟରେ ନିର୍ବାଚନ ଜିତି ନ୍ୟୁଜିଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଖ୍ରୀଷ୍ଟୋଫର ଲୁକ୍ସୋନ ଯୁବ ଉଦ୍ୟୋଗୀ ତଥା ରାଜନେତାଙ୍କ ପାଇଁ ଆଇକନ୍ ପାଲଟିଛନ୍ତି।

ଖ୍ରୀଷ୍ଟୋଫର ଲୁକ୍ସୋନ ୧୯ ଜୁଲାଇ ୧୯୭୦ରେ ନ୍ୟୁଜିଲାଣ୍ଡର ସାଉଥ୍ ଆଇଲାଣ୍ଡସ୍ଥିତ ଖ୍ରୀଷ୍ଟଚର୍ଚ୍ଚରେ ଜନ୍ମଗ୍ରହଣ କରିଥିଲେ। ଆୟର୍ଲାଣ୍ଡ ଓ ସ୍କଟ୍‌ଲାଣ୍ଡର ଇଂଲିଶ ମୂଳ ପିଢ଼ି ରୋମାନ୍ କାଥଲିକ ହେଉଛି ତାଙ୍କ ପରିବାରର ପରିଚୟ ବା ଧର୍ମ। ଖ୍ରୀଷ୍ଟଚର୍ଚ୍ଚରେ ୭ ବର୍ଷ ପର୍ଯ୍ୟନ୍ତ ସେ ପରିବାର ସହିତ ରହିଥିଲେ। ପିତା ଗ୍ରାହାମ୍ ଲୁକ୍ସୋନ 'ଜନ୍‌ସନ ଆଣ୍ଡ୍ ଜନ୍‌ସନ' କମ୍ପାନୀର ସେଲ୍ସ ଏକ୍‌ଜିକ୍ୟୁଟିଭ୍ ଓ ମା' କାଥଲିନ୍ ଲୁକ୍ସୋନ ସାଇକୋଥେରାପିଷ୍ଟ ତଥା କାଉନ୍‌ସେଲର ଥିଲେ। ପରିବାର ଦେଶର ସର୍ବବୃହତ୍ ସହର ଅକ୍‌ଲାଣ୍ଡକୁ ଯିବା ପରେ ଖ୍ରୀଷ୍ଟୋଫର ସେଠାକାର ଷ୍ଟେଟ୍ ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। ସ୍କୁଲ ପଢ଼ା ବେଳୁ ସେ ଜଣେ ସୁବକ୍ତା ଭାବେ ସୁନାମ ଅର୍ଜନ କରିଥିଲେ। ପରିବାର ପୁଣି ଖ୍ରୀଷ୍ଟଚର୍ଚ୍ଚକୁ ଫେରିଥିଲେ। ଖ୍ରୀଷ୍ଟୋଫର ଉଚ୍ଚଶିକ୍ଷାଗ ଗ୍ରହଣ କରିବାକୁ ଖ୍ରୀଷ୍ଟଚର୍ଚ୍ଚସ୍ଥିତ ୟୁନିଭର୍ସିଟି ଅଫ୍ କାଣ୍ଟେର୍ବୁରିକୁ ଯାଇଥିଲେ। ସେଠାରେ ସେ ମାଷ୍ଟର ଅଫ୍ କମର୍ସ ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ସମୟରେ ସେ 'ମାକ୍‌ଡୋନାଲ୍ଡ'ରେ ପାର୍ଟଟାଇମ୍ କାମ କରିବା ଏପରି କି 'ପାର୍କ ରୟାଲ ହୋଟେଲ'ରେ ପୋର୍ଟର ହୋଇଥିଲେ। ଉଚ୍ଚଶିକ୍ଷା ସମାପ୍ତ ହେବା ପରେ ସେ ୟୁନିଲିଭରରେ ଯୋଗଦେଇଥିଲେ। କାନାଡାରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ତରକୁ ଉନ୍ନୀତ ହୋଇ କର୍ପୋରେଟ୍ ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ଚର୍ଚ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଏୟାର ନ୍ୟୁଜିଲାଣ୍ଡରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହୋଇ ୬ ବର୍ଷ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ।

ତାଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଅତ୍ୟନ୍ତ ଶୃଙ୍ଖଳିତ। କାର୍ଯ୍ୟ ପ୍ରତି ତୀବ୍ର ଆବେଗ ଥିବାରୁ ସେ ଉତ୍କର୍ଷ ପ୍ରଦର୍ଶନ କରି ନେତୃତ୍ୱ ନେବା ସ୍ତରରେ ପହଞ୍ଚିଯାଇପାରୁଥିଲେ। ମିଲିଅନେୟାର ବ୍ୟବସାୟୀରୁ ରାଜନେତା ପାଲଟିଥିବା ଖ୍ରୀଷ୍ଟୋଫର କଫି କିମ୍ବା ମଦ୍ୟପାନ କରନ୍ତି ନାହିଁ। 'ଦିଗାର୍ଡିଆନ୍'ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି, ସେ ବେଶି ଶୋଇବାକୁ ଭଲ ପାଇ ନ ଥାଆନ୍ତି। କିନ୍ତୁ ଦେଶର ବିଭିନ୍ନ ପ୍ରାନ୍ତରେ ଘର କରିବା ତାଙ୍କର ଗୋଟେ ସଉକ। ଆମେରିକୀୟ ଗାୟିକା ତଥା ଗୀତିକାର ଟେଲର ସ୍ୱିଫ୍ଟଙ୍କ ସେ ଜଣେ ପ୍ରଶଂସକ ଭାବେ ଜଣାଶୁଣା। ଜଣେ ସୁବକ୍ତା ହୋଇଥିବାରୁ ସେ ସର୍ବଦା ବହୁ ସମୟ ପଢ଼ିବାକୁ ଭଲ ପାଆନ୍ତି। ଜଣେ ବିବାହିତ ପିତା ଭାବେ ତାଙ୍କର ଦୁଇଟି ସନ୍ତାନ ଅଛି।

କର୍ପୋରେଟ୍ ଜଗତରେ ସଫଳ ହେବା ପରେ ଖ୍ରୀଷ୍ଟୋଫର ରାଜନୀତିରେ ନିଜ ଜୀବନକୁ ପରୀକ୍ଷିତ କରିବାକୁ ୨୦୨୦ ପାର୍ଲାମେଣ୍ଟ ନିର୍ବାଚନକୁ ଓହ୍ଲାଇଥିଲେ। ନ୍ୟାଶନାଲ ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଲେବର ପାର୍ଟିର ପ୍ରାର୍ଥୀ ନାଇସି ଚେନ୍‌ଙ୍କୁ ୪ ହଜାରରୁ ଅଧିକ ଭୋଟରେ ହରାଇଥିଲେ। ତେବେ ୨୦୨୩ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ବେଳେ ସେ ଜଣେ ସକାରାତ୍ମକ, ଭଦ୍ର ଓ ଉଚ୍ଚାଭିଳାଷୀ ଭାବେ ନିଜକୁ ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ, ଜେସିଣ୍ଡା ଆର୍ଡେନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏବେ କ୍ରିସ୍ ହିପ୍‌କିନ୍ସ ଦାୟିତ୍ୱରେ ଅଛନ୍ତି। ତେବେ ଟେଲିଭିଜନ ବକ୍ତୃତାରେ ଖ୍ରୀଷ୍ଟୋଫର ପ୍ରଧାନମନ୍ତ୍ରୀ କ୍ରିସ୍‌ଙ୍କଠାରୁ ଅପେକ୍ଷାକୃତ ଭଲ କହିଥିଲେ ମଧ୍ୟ ଖ୍ରୀଷ୍ଟଧର୍ମ ସଂକ୍ରାନ୍ତ କେତେକ ମନ୍ତବ୍ୟ ଲାଗି ସେ ସମାଲୋଚିତ ହୋଇଥିଲେ। ଉଲ୍ଲେଖ କରାଯାଇପାରେ ଯେ, ନ୍ୟୁଜିଲାଣ୍ଡରେ ପ୍ରାୟ ଅର୍ଦ୍ଧେକ ନାଗରିକ ନିଜର ଧର୍ମ ନ ଥାଏ ବୋଲି କହିଥାଆନ୍ତି। ଖ୍ରୀଷ୍ଟୋଫର ବ୍ୟକ୍ତିଗତ ଭାବେ ଗର୍ଭପାତକୁ ବିରୋଧ କରିଥାଆନ୍ତି। କିନ୍ତୁ ନ୍ୟାୟପୂର୍ଣ୍ଣ ଗର୍ଭପାତକୁ ସେ ସୁନିଶ୍ଚିତ କରିଥିବା ବେଳେ ସମଲିଙ୍ଗୀ ବିବାହକୁ ସମର୍ଥନ କରନ୍ତି। ନିଜର ବିଜୟ ଭାଷଣ ଦେବାକୁ ଯାଇ ଖ୍ରୀଷ୍ଟୋଫର କହିଥିଲେ ଯେ ବର୍ତ୍ତମାନ ଦେଶ ଯେଉଁଭଳି ଅବସ୍ଥାରେ ଅଛି, ତାହାଠାରୁ ଅଧିକ ଭଲ ସ୍ଥିତିକୁ ଅଣାଯାଇପାରିବ। ସମସ୍ତେ ମିଶିଲେ ତାହା ସମ୍ଭବ ହୋଇପାରିବ। ନ୍ୟୁଜିଲାଣ୍ଡ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଛି। ଭବିଷ୍ୟତ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଟିକସ ହ୍ରାସ ଓ ସରକାରୀ ଖର୍ଚ୍ଚ ବହୁଳ ମାତ୍ରାରେ କମାଇବାର ଆବଶ୍ୟକତା ଅଛି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବେ ବୋଲି କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସମ୍ପ୍ରଦାୟରେ ପ୍ରଥମ ପିଢ଼ିର କେହି ଜଣେ ପିଲା ଶିକ୍ଷାରେ ଡିଗ୍ରୀ ହାସଲ କଲେ ପୂରା ସମ୍ପ୍ରଦାୟ ତାଙ୍କ ପାଇଁ ଗର୍ବ ଅନୁଭବ କରେ। କେବଳ ଏତିକି ନୁହେଁ, ଶିକ୍ଷା କ୍ଷେତ୍ରରେ ପଛରେ ଥିବା ଅନ୍ୟ ବର୍ଗ ପାଇଁ ସେ ପ୍ରେରଣା ସାଜିଥାନ୍ତି। ସେଭଳି ଜଣେ ଗ୍ରାଜୁଏଟ ହେଉଛନ୍ତି ରାଜୁ କେନ୍ଦ୍ରି। ସେ ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳର ବୁଲଧାନ ଜିଲା ପିମ୍ପ୍ରିଖଣ୍ଡାରେ ରହୁଥିବା ୱାର୍‌କାରି ସମ୍ପ୍ରଦାୟର ପ୍ରଥମ ଗ୍ରାଜୁଏଟ। ରାଜୁ ଅର୍ଥାଭାବରୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରି ନ ଥିଲେ କି ଆଉ ଅଧିକ ପଢ଼ିପାରି ନ ଥିଲେ। ନିଜେ ସୁଯୋଗ ହରାଇଥିଲେ ବି ରାଜୁ ଅନ୍ୟ ପିଲାମାନଙ୍କ ପାଇଁ ଶିକ୍ଷାର ଆଶାବାଡ଼ି ସାଜିଛନ୍ତି। ୨୦୧୮ରେ ଏକଲବ୍ୟ ମୁଭ୍‌ମେଣ୍ଟ ଆରମ୍ଭ କରି ତୃଣମୂଳ ସ୍ତରର ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ଏବେ ସୁଦ୍ଧା ଏହି ସଂସ୍ଥା ୩୦୦ ଗରିବ ପିଲାଙ୍କୁ ଉଚ୍ଚଶିକ୍ଷା ପାଇବା ଲାଗି ଯୋଗ୍ୟ କରିପାରିଛି। ଅନେକେ ମଧ୍ୟ ନିଜସ୍ୱ ବ୍ୟବସାୟ ଆରମ୍ଭ କରିବାକୁ ସକ୍ଷମ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୮

- ଇଣ୍ଟରନେଟ ଯୋଗାଯୋଗ ବ୍ୟବସ୍ଥାର ପ୍ରତିଷ୍ଠାତା ଜନ୍ ପୋଷ୍ଟେଲଙ୍କ ୫୫ ବର୍ଷ ବୟସରେ ପରଲୋକ।
- ନିଜ ପ୍ରକୃତ ଆୟଠାରୁ ଅଧିକ ମୂଲ୍ୟର ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ସିବିଆଇ ଜେରା।
- ହିନ୍ଦୀ ସିନେମାର ଜଣାଶୁଣା ଖଳ ଅଭିନେତା ଅଜିତ୍‌ଙ୍କ ୭୬ବର୍ଷ ବୟସରେ ହୃଦ୍‌ରୋଗରେ ପରଲୋକ।

## ଚିରନ୍ତନୀ

ଯେ ଦେଶେ ଭ୍ରମଇ ମୁହିଁ ଯେତେ ପରସଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ
ସେ ଆଖି ନିରେଖେ ମୋରେ
ନିଶିଦିନ ସଞ୍ଜ ଭୋରେ,
ସେ ବାହୁବନ୍ଧନ ମୋର ବେଢ଼ିଅଛି ଅଙ୍ଗେ
ସ୍ମୃତି ତାର ଛାୟା ସମ ଚଳଇ ମୋ ସଙ୍ଗେ।
(ବନ୍ଦୀର ବିଳାପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶୀ ମାଛ ଗଲା କୁଆଡ଼େ

ମହାଶୟ,

ମୁଁ ୧୯୭୯ ମସିହାରେ ହାଇସ୍କୁଲ ପଢ଼ିବାବେଳେ ମୁଁ ଆମ ଚାଷ ଜମିକୁ ଯାଏ। ଆଶ୍ୱିନ–କାର୍ତ୍ତିକ ମାସର ଗର୍ଭଣା ସଂକ୍ରାନ୍ତି ସମୟରେ ବିଲରେ ପ୍ରଚୁର ପରିମାଣରେ କେରାଣ୍ଡି, କଉ, ମାଗୁର, ଶେଉଳ ଓ କଣ୍ଟିଆ ପ୍ରଭୃତି ମାଛ ଦେଖିବାକୁ ମିଳନ୍ତି। ତାକୁ ଧରି ଆମେ ଖାଉ। ବର୍ତ୍ତମାନ ଆଉ ସେ ମାଛ ଦେଖିବାକୁ ମିଳୁ ନାହିଁ। ଏ ସମ୍ପର୍କରେ ବୟସ୍କ ବ୍ୟକ୍ତିମାନେ କହନ୍ତି ବର୍ତ୍ତମାନ ବିଲରେ ପ୍ରଚୁର ପରିମାଣରେ ସାର ଓ ପୋକମରା ଔଷଧ ବିଷ ପକାଯିବା ଫଳରେ ଦେଶୀମାଛ ମରିଯାଉଛନ୍ତି। ଏହା ଠିକ୍। ପୂର୍ବେ ଚାଷୀମାନେ ବିଲରେ ଗୋବର ଖତ ପକାଉଥିଲେ, ଯାହା ଦ୍ୱାରା ମାଛ ମରୁନଥିଲେ। ତେଣୁ ରାସାୟନିକ ସାର ଓ କୀଟନାଶକ ବଦଳରେ ପୁରୁଣା ବ୍ୟବସ୍ଥା ଚାଲୁ କରାଗଲେ ଦେଶୀ ମାଛବଂଶ ବୃଦ୍ଧିପାଇବ।

– କନ୍ହେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | 3 | | | | 9 | |
| 1 | | 9 | 8 | 6 | | 4 | | |
| | | | 2 | | | | | |
| | 3 | | | 4 | | | | 1 |
| 5 | | 2 | | | | 8 | | |
| 4 | | | | 7 | | | 2 | |
| 7 | | | | | 1 | | | |
| | 5 | 6 | | 2 | | 1 | | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 7 | 9 | 4 | 8 | 1 | 6 | 5 |
| 9 | 8 | 6 | 2 | 5 | 1 | 7 | 4 | 3 |
| 1 | 5 | 4 | 3 | 7 | 6 | 9 | 2 | 8 |
| 2 | 4 | 9 | 7 | 1 | 5 | 3 | 8 | 6 |
| 7 | 3 | 8 | 6 | 2 | 4 | 5 | 9 | 1 |
| 6 | 1 | 5 | 8 | 9 | 3 | 2 | 7 | 4 |
| 8 | 9 | 1 | 4 | 3 | 7 | 6 | 5 | 2 |
| 4 | 7 | 3 | 5 | 6 | 2 | 8 | 1 | 9 |
| 5 | 6 | 2 | 1 | 8 | 9 | 4 | 3 | 7 |

ଗତ କାଲିର ଉତ୍ତର

# ମା' ଦୁର୍ଗା



ହିନ୍ଦୁ ପୁରାଣ ଓ ଲୋକ ମାନ୍ୟତା ଅନୁଯାୟୀ ନବରାତ୍ର ଏବଂ ବିଜୟା ଦଶମୀକୁ ନେଇ ଅନେକ ବିଶ୍ୱାସ ରହିଛି। ତେବେ ସେ ସବୁର ମୂଳ କଥା ସତ୍ୟ ଉପରେ ଅସତ୍ୟର ବିଜୟ। ତା'ହେଲେ ଆସନ୍ତୁ ଜାଣିବା ଏ ସମ୍ପର୍କିତ କିଛି କାହାଣୀ ।

**ମହିଷାସୁର ଓ ଦେବୀ ଦୁର୍ଗା:** ହିନ୍ଦୁ ପୁରାଣ ଅନୁଯାୟୀ ମହିଷାସୁର ନାମକ ରାକ୍ଷସ ନିଜର ତପସ୍ୟାରେ ଭଗବାନ୍ ଶିବଙ୍କୁ ସନ୍ତୁଷ୍ଟ କରି କୌଣସି ମଣିଷ ବା ଦେବତାଙ୍କ ଦ୍ୱାରା ହତ ନ ହେବାର ବର ପ୍ରାପ୍ତ ହେଲା। ଏହି ଅମୂଲ୍ୟ ବର ମିଳିବା ପରେ ସେ ଶକ୍ତିରେ ମତ ହୋଇ ନିଜକୁ ସର୍ବଶକ୍ତିମାନ୍ ମନେକଲା। ଏହାପରେ ସେ ତିନିଲୋକରେ ଆତଙ୍କର ବାତାବରଣ ସୃଷ୍ଟି କଲା। ପାତାଳ ଓ ପୃଥିବୀ ଉପରେ ବିଜୟ ଲାଭ କରିବା ପରେ ସେ ଇନ୍ଦ୍ରଲୋକ ଅଧିକାର କରିବା ପାଇଁ ବାହାରିଲା। ସ୍ୱର୍ଗରୁ ସବୁ ଦେବତାଙ୍କୁ ବିତାଡ଼ିତ କରିଦେଲା। ଦେବତାମାନେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଶରଣ ପଶିଲେ। ସେମାନଙ୍କ ଗୁହାରି ଶୁଣି ବିଷ୍ଣୁ ଏବଂ ଶିବ ନିଜର ଶକ୍ତିକୁ ଏକାଠି କରି ଜଣେ ଶକ୍ତିଶାଳୀ ଦେବୀ ସୃଷ୍ଟି କଲେ। ତ୍ରିଦେବଙ୍କ ବ୍ୟତୀତ ଯମ, ଚନ୍ଦ୍ରମା, ଇନ୍ଦ୍ର, ବରୁଣ, ସୂର୍ଯ୍ୟ ଆଦି ଅନେକ ଦେବତା ନିଜର ଶକ୍ତି ଏବଂ ଅସ୍ତ୍ର ପ୍ରଦାନ କଲେ ଉକ୍ତ ଦେବୀଙ୍କୁ। ଦେବତାମାନଙ୍କ ଶକ୍ତିରୁ ସୃଷ୍ଟି ହୋଇଥିବାରୁ ତାଙ୍କ ନାମ ରଖାଗଲା ଶକ୍ତି ବା ଦୁର୍ଗା।

ଦୁର୍ଗାଙ୍କୁ ଦେଖିବା ପରେ ତାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ମହିଷାସୁର ତାଙ୍କୁ ବିବାହ କରିବାକୁ ଚାହିଁଲା। ଦୁର୍ଗା କହିଲେ, ମତେ ଯୁଦ୍ଧରେ ପରାସ୍ତ କଲେ ମୁଁ ବିବାହ କରିବି । ଯୁଦ୍ଧ ଆରମ୍ଭ ହେଲା ଏବଂ ୯ ଦିନ ଚାଲିଲା। ଶେଷରେ ମହିଷାସୁର ପରାସ୍ତ ହେଲା। ଦୁର୍ଗା ନିଜ ବାମଗୋଡ଼ରେ ମହିଷାକୁ ମାଡ଼ିବସି ତ୍ରିଶୂଳରେ ତା' ଛାତିକୁ ବିଦ୍ଧ କଲେ। ଏହି ୯ ଦିନର ଯୁଦ୍ଧ ନବରାତ୍ର ଭାବରେ ଖ୍ୟାତ। ଦଶମ ଦିନ ବିଜୟର ଖୁସିରେ ଦେବତାମାନେ ବିଜୟା ଦଶମୀ ମନାଇଲେ।

**ଅମ୍ବିକା ଓ ଶୁମ୍ଭ-ନିଶୁମ୍ଭ:** ଏହାପରେ ପୁଣିଥରେ ଶୁମ୍ଭ-ନିଶୁମ୍ଭ ନାମକ ଦୁଇଜଣ ରାକ୍ଷସ ପ୍ରବଳ ଶକ୍ତିଶାଳୀ ହୋଇ ଦେବତାମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ପରାସ୍ତ କଲେ। ଦେବତାମାନେ ପୁଣିଥରେ ଦେବୀଙ୍କ ଶରଣାପନ୍ନ ହେଲେ। ଏଥର ଦେବୀ କୌଶିକା ଦୁର୍ଗା ବା ଅମ୍ବିକାଙ୍କ ରୂପ ନେଲେ । ଅମ୍ବିକାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ରାକ୍ଷସମାନେ ତାଙ୍କୁ ବିବାହ କରିବାକୁ ଚାହିଁଲେ। ଦେବୀ କହିଲେ, ଯିଏ ମୋତେ ଯୁଦ୍ଧରେ ପରାସ୍ତ କରିବ ମୁଁ ତାକୁ ବିବାହ କରିବି। ଦେବୀଙ୍କୁ ବିବାହ କରିବା ପାଇଁ ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ ଆଦି ରାକ୍ଷସମାନେ ତାଙ୍କ ସହ ଯୁଦ୍ଧ କରି ମୃତ୍ୟୁବରଣ କଲେ। ଶେଷରେ ଆସିଲେ ଶୁମ୍ଭ ଓ ନିଶୁମ୍ଭ। ଦେବୀ ସେମାନଙ୍କୁ ମଧ ହତ୍ୟା କଲେ । ଏହି ଦିନ ଥିଲା ବିଜୟା ଦଶମୀ ।

**ଚାମୁଣ୍ଡା:** ଦୁର୍ଗାଙ୍କ ମଥାରୁ ଭୟଙ୍କର ଏବଂ କୃଷ୍ଣବର୍ଣ୍ଣା ଦେବୀ କାଳୀ ସୃଷ୍ଟି ହେଲେ। ଚଣ୍ଡ ଓ ମୁଣ୍ଡଙ୍କ ଶିରଚ୍ଛେଦ କରିଥିବାରୁ ସେ ଚାମୁଣ୍ଡା ଭାବରେ ଖ୍ୟାତ ହେଲେ। କିନ୍ତୁ ଦେବୀ ଯେତେବେଳେ ରକ୍ତବୀର୍ଯ୍ୟ ସହ ଲଢ଼ିଲେ, ସେତେବେଳେ ତାଙ୍କୁ ଅଧିକ କଷ୍ଟ କରିବାକୁ ପଡ଼ିଲା। କାରଣ ରକ୍ତବୀର୍ଯ୍ୟର ଶରୀରରୁ ବାହାରୁଥିବା ରକ୍ତବୁନ୍ଦା ଭୂମି ସ୍ପର୍ଶ କରିବା ମାତ୍ରେ ଆଉ ଏକ ରାକ୍ଷସ ସୃଷ୍ଟି ହେଉଥିଲା। ଏହିଠାରେ କାଳୀ ଦୁର୍ଗାଙ୍କୁ ସହଯୋଗ ଦେଇଥିଲେ ରକ୍ତବୀର୍ଯ୍ୟ ଦେହରୁ ବୋହୁଥିବା ସବୁ ରକ୍ତକୁ ଶୋଷିନେଇ। କାଳୀ ଝରୁଥିବା ରକ୍ତ ଶୋଷିନେବାରୁ ଆଉ ଏକ ରକ୍ତବୀର୍ଯ୍ୟ ସୃଷ୍ଟି ହୋଇପାରୁନଥିଲା। ଫଳରେ ଦୁର୍ଗା ରକ୍ତବୀର୍ଯ୍ୟକୁ ହତ୍ୟା କରିପାରିଲେ। ନିଶୁମ୍ଭକୁ ହତ୍ୟା କରିବା ପରେ ଦେବୀ ଅନ୍ୟର ସାହାଯ୍ୟ ନେଉଛନ୍ତି ବୋଲି ଶୁମ୍ଭ ଅଭିଯୋଗ କଲା। ଏହାପରେ ଦେବୀ ନିଜର ଶକ୍ତିମାନଙ୍କୁ ଏକାଠି କରି ନିଜ ଶହ ମିଶାଇ ଦେଲେ ଏବଂ ଯୁଦ୍ଧରେ ଶୁମ୍ଭକୁ ହତ୍ୟା କଲେ।

**ପ୍ରତି ଯୁଗରେ ଦୁର୍ଗା:** ହିନ୍ଦୁ ପୁରାଣ ଅନୁଯାୟୀ ପ୍ରତ୍ୟେକ ଯୁଗରେ ଶକ୍ତି ଆରାଧନାର ପରମ୍ପରା ରହିଛି । ବିଭିନ୍ନ ଯୁଗରେ ଶକ୍ତି ଆରାଧନା ସମ୍ପର୍କରେ ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ହୋଇଛି। ଏହି ପୁରାଣ ଅନୁଯାୟୀ ସତ୍ୟଯୁଗରେ ରାଜା ସୁରଥ ନିଜର ଆଧ୍ୟାତ୍ମିକ ମାର୍ଗଦର୍ଶକ ମହର୍ଷି ମେଧାଙ୍କ ପରାମର୍ଶକ୍ରମେ ଦୁର୍ଗାଙ୍କୁ ତପସ୍ୟା କରି ନିଜର ହୃତ ସାମ୍ରାଜ୍ୟ ଫେରି ପାଇଥିଲେ। ତ୍ରେତୟା ଯୁଗରେ ଜନକନନ୍ଦିନୀ ସୀତା ରାମଚନ୍ଦ୍ରଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ଦେବୀ ବିରଜାଙ୍କୁ ପୂଜା କରିଥିଲେ। ଦ୍ୱାପର ଯୁଗରେ ଗୋପୀମାନେ କାତ୍ୟାୟନୀ ଦେବୀଙ୍କୁ ଆରାଧନା କରି ଭଗବାନ୍ କୃଷ୍ଣଙ୍କୁ ନିଜର ଆଧ୍ୟାତ୍ମିକ ପ୍ରେମିକ ଭାବରେ ପାଇଥିଲେ। ଦୁର୍ଗାଙ୍କ ଆଶୀର୍ବାଦରୁ ରୁକ୍ମିଣୀ ଭଗବାନ୍ କୃଷ୍ଣଙ୍କୁ ବିବାହ କଲେ ଏବଂ କୃଷ୍ଣ ଶିଶୁପାଳଙ୍କୁ ପରାସ୍ତ କଲେ। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ପୂର୍ବରୁ କୃଷ୍ଣଙ୍କ ଉପଦେଶକ୍ରମେ ଅର୍ଜୁନ ଦେବୀ ଦୁର୍ଗାଙ୍କୁ ଆରାଧନା କରି ତାଙ୍କଠାରୁ କର୍ଣ୍ଣ ଉପରେ ବିଜୟର ବର ପ୍ରାପ୍ତ ହୋଇଥିଲେ। କଳିଯୁଗରେ ରାମକୃଷ୍ଣ ପରମହଂସ ଏବଂ ନିଗମାନନ୍ଦଙ୍କ ପରି ମହାନ୍ ସାଧକ ଏବଂ ଆଧ୍ୟାତ୍ମିକ ଗୁରୁମାନେ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିବାର ଜଣାଯାଇଛି।

**ଦୁର୍ଗା ଓ କଂସ:** ଯେତେବେଳେ କଂସର ବନ୍ଦିଶାଳାରେ କୃଷ୍ଣ ଜନ୍ମ ହେଲେ, ସେତେବେଳେ ନନ୍ଦପୁରରେ ଯଶୋଦାଙ୍କ କୋଳରେ ଦୁର୍ଗା କାତ୍ୟାୟନୀ ରୂପରେ ଜନ୍ମ ନେଲେ। ବସୁଦେବ ଶିଶୁ କୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ଦେଇ କାତ୍ୟାୟନୀଙ୍କୁ ନେଇ ମଥୁରା ଫେରିଲେ। କଂସ ପାଖରେ ଦେବକୀଙ୍କ ସନ୍ତାନ ଜନ୍ମର ଖବର ପହଞ୍ଚିବା ମାତ୍ରେ ସେ ସେଠାରେ ପହଞ୍ଚି ଶିଶୁକନ୍ୟାକୁ ଶିଳାରେ ପିଟି ମାରିବାକୁ ଚେଷ୍ଟା କଲା। କିନ୍ତୁ କାତ୍ୟାୟନୀ ତଳେ ନ ପଡ଼ି ଉପରକୁ ଉଠିଗଲେ ଏବଂ କଂସକୁ ଜଣାଇଲେ ସେ ଦୁର୍ଗା। ଏଥିସହ କୃଷ୍ଣଙ୍କ ଦ୍ୱାରା ନିହତ ନ ହେବା ପାଇଁ ନିଜକୁ ବଦଳାଇବାକୁ ସେ କଂସକୁ ସତର୍କ କରିଦେଲେ।

**ପାଣ୍ଡବ ଓ ସମୀବୃକ୍ଷ:** ବାର ବର୍ଷର ବନବାସ ପରେ ଗୋଟିଏ ସମୀବୃକ୍ଷର କୋରଡ଼ରେ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ରଖି ବର୍ଷକର ଅଜ୍ଞାତବାସ ପାଇଁ ପାଣ୍ଡବମାନେ ବିରାଟ ରାଜାଙ୍କ ରାଜ୍ୟକୁ ପ୍ରବେଶ କଲେ। ଗୋଟିଏ ବର୍ଷ ଶେଷ ହେବା ପରେ ସେମାନେ ସମୀବୃକ୍ଷ କୋରଡ଼ରୁ ଅସ୍ତ୍ରଶସ୍ତ୍ର ବାହାର କରି ନିଜର ପ୍ରକୃତ ପରିଚୟ ଦେଲେ। ଏହି ଦିନ ଥିଲା ଦଶହରା। ସେବେଠାରୁ ଦଶହରା ଦିନରେ ଲୋକମାନେ ପରସ୍ପରକୁ ସମୀପତ୍ର ଦିଅନ୍ତି। ଏହା ଶୁଭେଚ୍ଛା ଓ ବିଜୟର ପ୍ରତୀକ ।

**-ବାସନ୍ତୀ ଆଚାର୍ଯ୍ୟ**
ଗାଡ଼କଣ, ଭୁବନେଶ୍ୱର,
ମୋ: ୯୪୩୭୩୯୦୫୬୫

## ରାମ ଓ ଦେବୀ ଦୁର୍ଗା

ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣ ସହ ଯୁଦ୍ଧ କରିବା ପୂର୍ବରୁ ରାମ ଦୁର୍ଗାଙ୍କ ଆଶୀର୍ବାଦ ନେଇଥିଲେ। ଦୁର୍ଗାଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ୧୦୮ଟି ନୀଳପଦ୍ମ ଆବଶ୍ୟକ ଥିଲା, କିନ୍ତୁ ୧୦୭ଟି ମିଳିଲା। ଅବଶିଷ୍ଟ ଗୋଟିଏ ପଦ୍ମ ପାଇଁ ରାମ ନିଜର ନୀଳ ନୟନ ଦେବୀ ଦୁର୍ଗାଙ୍କୁ ଅର୍ପଣ କରିବାକୁ ଉଦ୍ୟତ ହେଲେ। ରାମଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କୁ ବିଜୟର ବରଦାନ ଦେଲେ। ରାବଣ ଅଷ୍ଟମୀ ଓ ନବମୀ ତିଥିର ସନ୍ଧିକ୍ଷଣରେ ନିହତ ହେଲେ। ବିଜୟା ଦଶମୀ ଦିନ ତାଙ୍କର ଶେଷକୃତ୍ୟ ସମାପନ କରାଗଲା ।

## ଦିଆସିଲି କାଠିରେ ଦୁର୍ଗାଙ୍କ ପ୍ରତିକୃତି


ମନୋଜ ସାହୁ

ଦୁର୍ଗାପୂଜା ଉପଲକ୍ଷେ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଟକ ସିଡିଏ ସେକ୍ଟର-୭ରେ ରହୁଥିବା ଚିତ୍ରଶିଳ୍ପୀ ମନୋଜ ସାହୁ ଦିଆସିଲି କାଠି ଓ ଅନ୍ୟ ସାମଗ୍ରୀରେ ମା' ଦୁର୍ଗାଙ୍କ ପ୍ରତିକୃତି ତିଆରି କରିଛନ୍ତି। ରାମଚନ୍ଦ୍ର ସାହୁ ଓ ପ୍ରମିଳା ସାହୁଙ୍କ ପୁଅ ମନୋଜ ପେସାରେ ଜଣେ ଶିକ୍ଷକ। ହେଲେ ନିଶା ତାଙ୍କର ଚିତ୍ର ଆଙ୍କିବା। ୧୦୦୦ ଦିଆସିଲି କାଠି ସମେତ ଆଇସ୍‌କ୍ରିମ କାଠି, କଲର ଓ ଅଠାରେ ସେ ତିଆରି କରିଛନ୍ତି ୧୫ ସେମିର ଦୁର୍ଗାଙ୍କ ପ୍ରତିକୃତି। ଏହି ପ୍ରତିକୃତିରେ କଟକ ବାରବାଟୀ ଦୁର୍ଗକୁ ସ୍ଥାନିତ କରାଯାଇଛି, ଯାହାକି ପ୍ରତିକୃତିର ଶୋଭା ବଢ଼ାଇ ପାରିଛି ବୋଲି ମନୋଜ କହିଛନ୍ତି।

**-ଶିଳ୍ପା ପ୍ରିୟଦର୍ଶିନୀ ,କଟକ**





















# ସମସ୍ୟାରେ ଜବାହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

■ ନାହିଁ ଶୌଚାଳୟ କି ପିଇବା ପାଣି
■ ଅଭିଭାବକ ମହଲରେ ଅସନ୍ତୋଷ

ଯାଜପୁରରୋଡ୍,୨୧।୧୦ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌର ପରିଷଦ ଅଧୀନ ୧୪ନଂ ୱାର୍ଡର ଚୋରଦା ଗ୍ରାମରେ ଥିବା ଜବାହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ନାନା ସମସ୍ୟାଘେରରେ ରହିଛି। ୧୯୬୪ରେ ସ୍ଥାପିତ ଏହି ବିଦ୍ୟାଳୟର ରୂପରେଖ ଅଦ୍ୟାବଧି ବଦଳିନାହିଁ। ଏଠାରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଆବଶ୍ୟକୀୟ ଶ୍ରେଣୀଗୃହ ଓ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ୮ଟି ଶ୍ରେଣୀକୁ ୫ ଆଜବେଷ୍ଟସ ଓ ୨ ଛାତ ଘର ରହିଛି। ଏହାମଧ୍ୟରେ ସ୍କୁଲ କାର୍ଯ୍ୟାଳୟ ଓ କମ୍ପ୍ୟୁଟର ଶିକ୍ଷା ପାଇଁ ୨ ବଖରା ରଖାଯାଇଛି। ଅନ୍ୟ ୫ ବଖରାରେ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ୍ ୪ ଶିକ୍ଷୟିତ୍ରୀ ଥିବାରୁ ପିଲାଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷାଦେବାରେ ସେମାନେ ଅସଫଳ ହେଉଛନ୍ତି। କମ୍ପ୍ୟୁଟର ଶିକ୍ଷା ଦେବପାଇଁ


ଭଙ୍ଗା ଆଜବେଷ୍ଟସ ଶ୍ରେଣୀଗୃହ।


ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ଶୌଚାଳୟ।

କୌଣସି ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ବିଦ୍ୟାଳୟକୁ ଆସିଥିବା ୭ଟି କମ୍ପ୍ୟୁଟର ଅଚଳ ହୋଇପଡ଼ି ରହିଛି। ଛାତ୍ରୀଛାତ୍ର କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଶ୍ରେଣୀ ଗୃହଗୁଡ଼ିକ ପୁରାତନ ହୋଇଥିବାରୁ ତାହା ବିପଦସଂକୁଳ ହୋଇପଡ଼ିଛି। ଆଜବେଷ୍ଟସଗୁଡ଼ିକ ଭାଙ୍ଗି ଯାଇଥିବାରୁ ଦିନରେ ସୂର୍ଯ୍ୟାଲୋକ ପଡୁଛି। ବର୍ଷାଦିନେ ପିଲା ଓଦା ହେବା ସହ ସେମାନଙ୍କ ବହିଖାତା ଓଦା ହୋଇ ନଷ୍ଟ ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଥିବା ଶୌଚାଳୟ ଗୁଳ୍ମଲତାରେ ପରିପୂର୍ଣ୍ଣ ଥିବାରୁ ଛାତ୍ରୀଛାତ୍ର ବାହାରେ ଶୌଚ ହେଉଛନ୍ତି। ବିଦ୍ୟାଳୟ ପରିସରରେ ପିଲାଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ। ଫଳରେ ବିଦ୍ୟାଳୟ ବାହାରେ ଥିବା ଏକ ପାଣି ଟ୍ୟାପରୁ ପିଲାମାନେ ବହୁ ସମୟରେ ପାଣି ପିଉଛନ୍ତି। ବିଦ୍ୟାଳୟର ପାଚେରି ବହୁଦିନ ହେବ ଭାଙ୍ଗି ପଡ଼ିଥିବା ଯୋଗୁ ରାତିରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଦ୍ୟାଳୟ ପରିସରରେ ମଦବୋତଲ, ସିଗାରେଟ ଓ ଗୁଟ୍‌ଖା ଜରି ପଡ଼ିଥିବା ଦେଖିବାକୁ ମିଳୁଛି। ଏହା ଛାତ୍ରୀଛାତ୍ରଙ୍କ ଉପରେ କୁ ପ୍ରଭାବ ପକାଉଛି। ବିଦ୍ୟାଳୟ ପୂର୍ବପଟେ କୌଣସି ପାଚେରି ନ ଥିବାରୁ ନିକଟରେ ଏକ ପରିତ୍ୟକ୍ତ ପୋଖରୀ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅସାବଧାନତାବଶତଃ ଯଦି ଖେଳ କୁଦ ସମୟରେ ଉକ୍ତ ସ୍ଥାନକୁ କେହି ପିଲା ଚାଲିଯାଆନ୍ତି ତେବେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ବିଦ୍ୟାଳୟର ବାହାର ପଟ ଗୁଳ୍ମ ଲତାରେ ପରିପୂର୍ଣ୍ଣ ଥିବାରୁ ତାହା ସରୀସୃପଙ୍କ ବାସସ୍ଥାନ ପାଲଟିଛି।

ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ର ଓ ଶିକ୍ଷୟିତ୍ରୀମାନେ ମିଶି କିଛି ଅର୍ଥ ସଂଗ୍ରହ କରିଛନ୍ତି। ସେଥିରେ ପାଚେରି ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ଜେନା କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରୁଥିବାବେଳେ ଏହି ବିଦ୍ୟାଳୟ ଅବସ୍ଥା ପ୍ରତି ଜିଲା ଶିକ୍ଷା ବିଭାଗ ଓ ପୌର କର୍ତ୍ତୃପକ୍ଷ ଉଦାସୀନ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମସ୍ୟାଗୁଡ଼ିକ ସମ୍ପର୍କରେ ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଫଳରେ ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକଙ୍କୁ ପଚାରିବାରେ ସେ କହିଛନ୍ତି, ପୂଜା ଛୁଟି ପରେ ଲେବୁଲ-୩ ପଦୋନ୍ନତି ଦିଆଯାଇ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ବି.ଏଡ୍ ଶିକ୍ଷକଙ୍କୁ ସେଠାରେ ନିଯୁକ୍ତି ଦିଆଯିବ। ଏହାବାଦ ବିଦ୍ୟାଳୟର ଅନ୍ୟ ସମସ୍ୟା ଉପରେ ପ୍ରଧାନଶିକ୍ଷୟିତ୍ରୀ ତାଙ୍କୁ ଚିଠି ମଧ୍ୟମରେ ଜଣାଇଲେ ସେ ବ୍ୟାସନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ଚିଠି ଲେଖିବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କୋରାବନ୍ଦିରେ ମହାସପ୍ତମୀ ପୂଜା



ରଗଡ଼ି,୨୧।୧୦(ଜତିଶ କୁମାର ମଲ୍ଲିକ): ଅନ୍ଧାରୀ ପଞ୍ଚାୟତର କୋରାବନ୍ଦି ଗ୍ରାମରେ ୩୦ତମ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ଶନିବାର ମା'ଙ୍କ ମହାସପ୍ତମୀ ପୂଜା ପାଳନ କରାଯାଇଛି। ମୁଖ୍ୟପୂଜକ ବୈକୁଣ୍ଠ ତ୍ରିପାଠୀ ବେଲବରଣୀ ଓ କଳସ ସ୍ଥାପନ କରିଥିଲେ। ଅଶୋକ କୁମାର ପଣ୍ଡା ଓ ସନ୍ତୋଷ କୁମାର କର ସହଯୋଗ କରିଥିଲେ। ମୁଖ୍ୟକର୍ତ୍ତା ଦୀପକ କୁମାର କର କର୍ମ ଆୟୋଜନ କରିଥିବାବେଳେ ଆଲୋକ ରାଉତରାୟ, ପ୍ରଶାନ୍ତ ରାଉତରାୟ, ରବୀନ୍ଦ୍ର କୁମାର ରାଉତ, ଗୋଲକ କୁମାର କର, ଭୀମସେନ ବାରିକ ଓ ଚିତ୍ରସେନ ରାଉତ ପ୍ରମୁଖ କଳସିଆ କାର୍ଯ୍ୟ ସମ୍ପାଦନ କରିଥିଲେ। ଦେବେନ୍ଦ୍ର କୁମାର ରାଉତରାୟ, କାହ୍ନୁଚରଣ ସେଠୀ, ପ୍ରତାପ ସେଠୀ, ପ୍ରତାପ ରାଉତରାୟ, ଅମୂଲ୍ୟ ରାଉତ, ନିର୍ମଳ ସାହୁ ଓ ପ୍ରଶାନ୍ତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ପୋଲିସର ଶହୀଦ ସ୍ମୃତି ଦିବସ

ପାଣିକୋଇଲି,୨୧।୧୦(ବିକାଶ ମଲ୍ଲିକ): ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟରେ ଶନିବାର ୬୪ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରିର୍ଜଭ ପୋଲିସ ପରେଡ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଶହୀଦ ସ୍ମୃତିପୀଠରେ ଅତିଥିମାନେ ମାଲ୍ୟାପର୍ଣ୍ଣ କରି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଜିଲା ଆରକ୍ଷୀ ଅକ୍ଷୀକ୍ଷକ ବିନୀତ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ଶହୀଦ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆରକ୍ଷୀ ଅଧୀକ୍ଷକ ପରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ପରେଡ କାର୍ଯ୍ୟକ୍ରମକୁ ରିର୍ଜଭ ଇନ୍ସପେକ୍ଟର ଦିନେଶ ସାହୁ, ସରଜେଣ୍ଟ ବିରଞ୍ଚି ନାରାୟଣ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଡିଏସ୍‌ପି ସଂଗ୍ରାମ ଗୁଡ୍ଡୁ, ଏସଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ସମତେ ବିଭିନ୍ନ ଥାନାଧିକାରୀ ଯୋଗ ଦେଇଥିଲେ। ହେଡକ୍ୱାର୍ଟରର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ମୂଳାପାଳ ଗ୍ରାମରୁ ସାପ ଉଦ୍ଧାର

ପାଣିକୋଇଲି,୨୧।୧୦(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅଧୀନ ମୂଳାପାଳ ଗ୍ରାମରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ଗ୍ରାମର ଆନନ୍ଦ ପାଳଙ୍କ ଘରେ ଏକ ନାଗ ସାପ ପଶିବା ପରେ ସମସ୍ତ ପରିବାର ସଦସ୍ୟ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ପାଣିକୋଇଲି ଥାନାକୁ ଜଣାଇବା ପରେ କନଷ୍ଟେବଲ ମନମୋହନ ବାରିକ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପକୁ ଏକ ନିକାଞ୍ଚନ ସ୍ଥାନରେ ଛଡ଼ା ଯାଇଥିବା ସୂଚନା ମିଳିଛି।

## ଜାତୀୟ ରାଜପଥରେ ଜଳିଗଲା ସ୍କୁଟି

ଚଣ୍ଡିଖୋଲ,୨୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ୫୩ ନମ୍ବର ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସପୁର ଛକ ନିକଟରେ ଶନିବାର ସକାଳେ ଏକ ସ୍କୁଟି ଜଳିଯାଇଛି। ସ୍କୁଟି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍କୁଟି ନମ୍ବର(ଓଆର୍-୦୪-ପି-୩୯୦୯)ରେ ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ସହିକା ଗ୍ରାମର ଧୀରେନ୍ଦ୍ର କୁମାର ବିଶ୍ୱାଳ ବାଲିଚନ୍ଦ୍ରପୁର ବଜାରକୁ ଆସିଥିଲେ। ସେ ବଜାରରୁ ସାମଗ୍ରୀ ନେଇ ଘରକୁ ଯାଉଥିବା ସମୟରେ ପ୍ରଥମେ ଗାଡ଼ିରୁ ଧୂଆଁ ବାହାରିଥିଲା। ଏହାଦେଖି ପଛରେ ଯାଉଥିବା ବାଇକ ଆରୋହୀମାନେ ତାଙ୍କୁ



ଜଣାଇଥିଲେ। ସେ ସ୍କୁଟିକୁ ଅଟକାଇବା କ୍ଷଣି ତାହା ହୁତୁହୁତୁ ହୋଇ ଜଳିଯାଇଥିଲା। ଧୀରେନ୍ଦ୍ର ଜୀବନ ବଞ୍ଚାଇବାକୁ ସ୍କୁଟି ଛାଡ଼ି ପଳାଇଥିଲେ। ସ୍କୁଟିଟି ବହୁ ସମୟ ଧରି ଜଳି ଲିଭିବା ପରେ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲା। ତେବେ କାହିଁକି ଓ କିପରି ସ୍କୁଟି ଜଳିଗଲା ତାହା ଜଣାପଡ଼ିନାହିଁ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି


ବ୍ଲକସ୍ତରୀୟ ସୁରଭୀ ମହୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଉଛି।

ଧର୍ମଶାଳା,୨୧।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ କ୍ଲଷ୍ଟରର ୩୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ବିଇଓ ନିକୁଞ୍ଜ ବିହାରୀ ମହାନ୍ତି, ସମ୍ମାନିତ ଅତିଥି ଏବିଇଓ ମମିତା ମହାନ୍ତି ଓ ମାଣିକ ପ୍ରସାଦ ସାଏ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସିଆର୍‌ସିସି ସୁଶାନ୍ତ କୁମାର ଦଳାଇ ଅତିଥି ପରିଚୟ ଦେଇଥିବା ବେଳେ ନଳିନୀକାନ୍ତ ମାହାଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷକ ମନୋଜ କୁମାର ରଣା ଧନ୍ୟବାଦ ଦେଇଥିଲେ।

## ଚଣ୍ଡିଖୋଲ, ବଡ଼ଚଣାରେ ଦୁର୍ଗାପୂଜା

ଚଣ୍ଡିଖୋଲ,୨୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ ଛକ ଓ ବଡ଼ଚଣା ଛକରେ ଆରମ୍ଭ ହୋଇଯାଇଛି ମା' ଦୁର୍ଗାଙ୍କ ପୂଜା। ଏଥିପାଇଁ ଉଭୟ ସ୍ଥାନରେ ଶନିବାର ସକାଳେ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦର୍ଶନ କରିଥିଲେ। ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ବଡ଼ଚଣା ଦୁର୍ଗାପୂଜା କମିଟି ସଭାପତି ଥିବାରୁ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହେଉଛି। ସେହିଭଳି ଚଣ୍ଡିଖୋଲ ପୂଜା କମିଟି ପକ୍ଷରୁ ସୁଙ୍ଗୁଡ଼ା ସରପଞ୍ଚ ଓ ସମିତି ସଭ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମିଟି କର୍ମକର୍ତ୍ତା ପୂଜା କରୁଛନ୍ତି। ଚଳିତ ବର୍ଷ ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ସାଜସଜ୍ଜାରେ ସଜିତ କରଯାଇଛି।

## ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

ଛତିଆ,୨୧।୧୦(ସୌମ୍ୟରଞ୍ଜନ ସାହୁ): ଯାଜପୁର ଜିଲା ବୈରୀ ଥାନା ସମିଆ ନିକଟ କୋହ୍ଲା ଗ୍ରାମର ଜଣେ ବ୍ୟକ୍ତିଙ୍କ ଶନିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ହେଲେ କ୍ଷୀର ପ୍ରଧାନ(୫୫)। କ୍ଷୀର ତାଙ୍କ ନୂତନ ଗୃହ କାନ୍ଥରେ ପାଣି ମୋଟର ଯୋଗେ ପାଣି ଦେଉଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ନଂ.୧୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦ୍ୱିପ୍ରହରରେ ପରିବା ମଣ୍ଡି ଖୋଲିବାକୁ ପ୍ରସ୍ତୁତି


ବୈଠକରେ ଯୋଗଦେଇଥିବା ଯୁବ ଭାରତ କୃଷକ ସଂଘର ସଦସ୍ୟ।

ରସୁଲପୁର,୨୧।୧୦(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ କଲଣ ପଞ୍ଚାୟତରେ ଦ୍ୱିପ୍ରହର ପରିବା ମଣ୍ଡି ଖୋଲିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯୁବ ଭାରତ କୃଷକ ସଂଘ ପକ୍ଷରୁ ଏଠାରେ ଆଞ୍ଚଳିକ ପରିବା ପରିବହନ କେନ୍ଦ୍ର ନାମରେ ଏକ ମଣ୍ଡି ଖୋଲିବା ସହ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ମଣ୍ଡି ଜରିଆରେ ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ଉପରେ ସରକାର ଗୁରୁତ୍ୱ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଦାବି କରାଯାଇଛି। ସଂଘ ବ୍ଲକ ସଭାପତି ବଟକୃଷ୍ଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଏଠାରେ ପରିବା ମଣ୍ଡି ଖୋଲିଲେ ରସୁଲପୁର ଓ ଧର୍ମଶାଳା ବ୍ଲକ ଅଧୀନ ୨୦ ପଞ୍ଚାୟତର ଚାଷୀ ଉପକୃତ ହେବେ। ଦ୍ୱିପ୍ରହର ମଣ୍ଡି ଉଭୟ ଚାଷୀ ଓ ବ୍ୟବସାୟୀଙ୍କୁ ଫାଇଦା ପ୍ରଦାନ କରିବ। ଚାଷୀମାନେ ସାଧାରଣତଃ ଅପରାହ୍ନରେ କ୍ଷେତରୁ ପରିବା ଉତ୍ପାଦନ କରିଥାଆନ୍ତି। ଉକ୍ତ ପରିବାକୁ ଦ୍ୱିପ୍ରହର ମଣ୍ଡିରେ କାରବାର କରିଦେଲେ ପରଦିନ ସକାଳୁ ହାଟକୁ ଯିବାର ସମସ୍ୟା ଦୂର ହୋଇପାରିବ। ବ୍ୟବସାୟୀ ଦୂରଦୂରାନ୍ତକୁ ପରିବା ନେଇ ବ୍ୟବସାୟ କରିବାର ସୁବିଧା ହେବ। ବୈଠକରେ ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ସଭାପତି ରାଜକିଶୋର ସାମଲ, ଉପଦେଷ୍ଟା ନକୁଳ ଚରଣ ରାଉତ, କୃଷକନେତା ପ୍ରକାଶ ମହାନ୍ତି, ଅର୍ଜୁନ ନାୟକ, ନାରାୟଣ ମଲିକ, ଭରତ ବେହେରା, ବିଦ୍ୟାଧର ମଲ୍ଲିକ, ଗଣେଶ୍ୱର ରାଉତ, ଅମର ବଲ୍ଲଭ ସାହୁ, ମକରଧ୍ୱଜ ରାଉତ, ବିଚିତ୍ର ପାତ୍ର, ଅରୁଣ କାଣ୍ତି, ତ୍ରିଲୋଚନ ବିଶ୍ୱାଳ, ଅମୂଲ୍ୟ ଦାସ ପ୍ରମୁଖ ଯୋଗଦେଇ ମଣ୍ଡି ବ୍ୟବସ୍ଥାକୁ ସଫଳ କରାଇବା ସହ ଚାଷୀ ଓ ବ୍ୟବସାୟୀମାନେ ଏ ଦିଗରେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ କରିଥିଲେ।

## ଗାଳିଗୁଲଜ ଅଭିଯୋଗରେ ଯୁବକ ଗିରଫ

ପାଣିକୋଇଲି,୨୧।୧୦(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ବଡ଼ବିରୁହାଁ ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀ ଜଗନ୍ନାଥ ପଣ୍ଡାଙ୍କୁ ଗାଳିଗୁଲଜ ସହ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ପଞ୍ଚାୟତର ବିକ୍ରମ ତରାଇଙ୍କୁ ଗିରଫ କରିଶନିବାର କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ପଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସମୟରେ ବିକ୍ରମ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୩୦୩/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ ବିକ୍ରମଙ୍କ ସ୍ତ୍ରୀ ରଶ୍ମିତା ଜେନା ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଜଗନ୍ନାଥ ଓ ତପନ କୁମାର ମାଝି ମାଡ଼ ମାରିଛନ୍ତି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୩୦୪/୨୩ ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅମିୟ କୁମାର ବେହେରା ସୂଚନା ଦେଇଛନ୍ତି।

## 'ପଲ୍ଲିବଧୂ' ପତ୍ରିକା ଉନ୍ମୋଚିତ

ଧର୍ମଶାଳା,୨୧।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲ ପରିସରରେ ଗ୍ରାମାଞ୍ଚଳ ଲେଖକ ସଂଘ ପକ୍ଷରୁ ଶାରଦୀୟ ବିଶେଷାଙ୍କ ପଲ୍ଲିବଧୂ ପତ୍ରିକା ଉନ୍ମୋଚନ ହୋଇଯାଇଛି। ସଂଘ ସଭାପତି ବିବେକାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଗୌତମ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ ପ୍ରକୃତ ସାହିତ୍ୟ ରହିଛି। ସାହିତ୍ୟ ସମାଜ ସହିତ ସମନ୍ୱୟ ରଖିବା ଯୋଗୁଁ ଆମ ପ୍ରଗତି ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ସର୍ବେଶ୍ୱର ଶେଣ, ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଏହି ପତ୍ରିକାରେ ଗ୍ରାମାଞ୍ଚଳର ଲେଖକମାନଙ୍କ ଦ୍ୱାରା ଆବୃତ କବିତା ଓ ପ୍ରବନ୍ଧ ପ୍ରକାଶ ପାଇଥାଏ ବୋଲି କହିଥିଲେ। ଏହି ଅବସରରେ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର, ଯୁବ ସଙ୍ଗଠକ ଅଦିତ୍ୟ ମାହୁନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦତ୍ତ ମାନପତ୍ରକୁ କବୟିତ୍ରୀ ସବିତା ମିଶ୍ର ପାଠ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ କରାଯାଇଥିଲା। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ସସ୍ମିତା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ଅତିଥି ପତ୍ରିକା ଉନ୍ମୋଚନ କରୁଛନ୍ତି।

## ବିଦ୍ୟୁତ୍ ସଂଯୋଗ ଦାବିରେ ଧାରଣା

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଯାଜପୁରରୋଡ୍,୨୧।୧୦(ପବିତ୍ର ରଞ୍ଜନ ମହାନ୍ତି): ଟାଟା ପାୱାରର ଅବହେଳା ପାଇଁ ୯ ମାସ ଧରି କୋରେଇ ବ୍ଲକ ଅଧୀନ ଅସନଝର ପଞ୍ଚାୟତର ମଝିସାହି, ଉପର ସାହି ଓ ଟିକର ସାହିର ବିପିଏଲD ବିଦ୍ୟୁତ୍ ଉପଭୋକ୍ତା ଅନ୍ଧାରରେ ରହିଛନ୍ତି। ତେଣୁ ଏହାର ସମାଧାନ ପାଇଁ ଶତାଧିକ ମହିଳାପୁରୁଷ ଶୁକ୍ରବାର ଯାଜପୁରରୋଡ୍ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ବିଦ୍ୟୁତ୍ ସଂଯୋଗ ନ କଲେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଯାଜପୁର ବିଦ୍ୟୁତ୍ ଉପଭୋକ୍ତା ସଂଘର ଆବାହକ ଅଭିମନ୍ୟୁ ମିଶ୍ର କହିଥିଲେ। ପରେ ଉତ୍ତେଜନା ପରିସ୍ଥିତି ଦେଖାଦେବାରୁ ଅପରାହ୍ନରେ ମହାସଂଘ ଆବାହକ ତଥା ଶ୍ରମିକନେତା ବିଦ୍ୟାଧର ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ


ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଅନନ୍ତ ନାରାୟଣ ବିଷୋଇ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଏହାର ସମାଧାନ କରିଥିଲେ। ୩ ସାହିରେ ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରିବାକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଖବର ଅନୁଯାୟୀ ଉକ୍ତ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ବକେୟା ଥିଲା। ତେଣୁ କମ୍ପାନୀ ପକ୍ଷରୁ ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପରେ ଉପଭୋକ୍ତା ଧାରଉଧାର କରି ଏକ ଲକ୍ଷ ଟଙ୍କା ବକେୟା ବିଲ୍ ପଇଠ କରିଛନ୍ତି। ହେଲେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆ ନ ଯାଇ ହଇରାଣ କରାଯାଉଥିଲା। ଏ ସମ୍ପର୍କରେ ଆବାହକ ମିଶ୍ର ଲିଖିତ ଭାବେ ଜଣାଇଥିଲେ ମଧ ଏହାର ସମାଧାନ କରିବାରେ କମ୍ପାନୀ ଟାଳଟୁଳ ନୀତି ପ୍ରୟୋଗ କରିଥିଲା। ଫଳରେ ସେମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ ହୋଇଥିଲେ।

# ପୂଜାମଣ୍ଡପରେ ମହାସପ୍ତମୀ


ରାଜନଗର ମା' ବନଦୁର୍ଗା ପୂଜା ମଣ୍ଡପ ।


କେନ୍ଦ୍ରାପଡ଼ାର ଗୁଲନଗର ଦୁର୍ଗାପୂଜା କମିଟି ।


ଡେରାବିଶ୍ ମୁକୁନ୍ଦପୁର ପୂଜା ମଣ୍ଡପ ।


ରାଜନଗର ଗଙ୍ଗାମାତା ପୂଜା ମଣ୍ଡପ ।


ରାଜନଗର ଝୁନୁସ୍‌ନଗର ପୂଜା ମଣ୍ଡପ ।


କେନ୍ଦ୍ରାପଡା ମହିପାଲ ଦୁର୍ଗାପୂଜା ମଣ୍ଡପ ।


ରାଜନଗର ଦେବୀଘର ମା' ଦୁର୍ଗା ।

## ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଝଲସିବ ନେତୁଆ, ଛୋଟି ଗାଁ

ଡେରାବିଶ, ୨୧।୧୦(ବେବର୍ତ୍ତା ଅଜୟ ଦାସ)

ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ପାଲଟିଛି । ଦୀର୍ଘବର୍ଷ ହେବ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଥାଏ । ଆସନ୍ତା ୨୮ ତାରିଖ କୁମାରପୂର୍ଣ୍ଣିମା ଅବସରରେ ବ୍ଲକ ଅଧୀନ ବିଭିନ୍ନ ଗାଁରେ ଆରମ୍ଭ ହେବ ମା'ଙ୍କ ପୂଜା । ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ପୂଜା ହେବାକୁ ଥିବାବେଳେ ଏଥିପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି । ତେବେ ବ୍ଲକ ଅଧୀନ ଛୋଟି ପଞ୍ଚାୟତର ନେତୁଆ ଓ ଛୋଟିଠାରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମା'ଙ୍କ ପୂଜା ହୋଇଆସୁଛି । ଚଳିତବର୍ଷ ନେତୁଆଠାରେ ମା'ଙ୍କ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି । ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବାକୁ ଥିବାବେଳେ କମିଟି ପକ୍ଷରୁ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଭିତରକନିକା କୁମ୍ଭୀର, ନିଶା ନିବାରଣ ଉପରେ ବାରୁଆଳି (ରୂପମୂର୍ତ୍ତି) ଚଳିତବର୍ଷ ମୁଖ୍ୟ ଆକର୍ଷଣ ହେବ । ଏଥିସହ ପାହାଡ଼ର ଏକ ଗୁମ୍ଫା ମଧ୍ୟରେ ମା'ଙ୍କ ପୂଜା ସହ ପରିବେଶ ସୁରକ୍ଷା ଉପରେ ସବୁଜ ବନାନୀର ଦୃଶ୍ୟ ଚଳିତବର୍ଷ ଦର୍ଶକଙ୍କୁ ବିମୋହିତ କରିବ ବୋଲି କମିଟିର କର୍ମକର୍ତ୍ତା ନିର୍ମଳ ଚନ୍ଦ୍ର ମଲ୍ଲ ସୂଚନା ଦେଇଛନ୍ତି । ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଲ୍ଲ କହିଛନ୍ତି । ଚଳିତବର୍ଷ ଭିଡ଼କୁ ପରିଲକ୍ଷିତ କରି ସମସ୍ତ କାର୍ଯ୍ୟକ୍ରମକୁ କିଭଳି ଶୃଙ୍ଖଳିତ କରାଯିବ ସେନେଇ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ମଧ୍ୟ ଶେଷ ହୋଇଛି । ଆଇନ ଶୃଙ୍ଖଳା ପାଇଁ ନିକିରାଇ ପୋଲିସ ପକ୍ଷରୁ ବ୍ୟବସ୍ଥା ମଧ୍ୟ କରାଯାଇଛି । ସେହିଭଳି ଛୋଟିସ୍ଥିତ ମଣ୍ଡପରେ ମଧ୍ୟ ମା'ଙ୍କ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ସପ୍ତାହେ ବ୍ୟାପୀ ପୂଜା ଉତ୍ସବ ହେବାକୁ ଥିବା ଏହି ଦୁଇ ସ୍ଥାନରେ ତୋରଣ ନିର୍ମାଣ କାର୍ଯ୍ୟକୁ ଜୋର୍‌ଦାର କରାଯାଉଛି ।

## ପୋଲିସ ଶହୀଦ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୧।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଜିଲା ପୋଲିସ ପକ୍ଷରୁ ୬୪ ତମ ପୋଲିସ ଶହୀଦ ଦିବସ ଶନିବାର ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ପରେଡରେ ଏସ୍‌ପି ମଡକର ସନ୍ଦିତ ସମ୍ପଦ ଓ ଅନ୍ୟ ପୋଲିସ ପଦାଧିକାରୀ ଶହୀଦ ଓ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଥିଲେ । ଏସ୍‌ପି ସନ୍ଦିତ ସମ୍ପଦ କହିଥିଲେ, ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନିକ ଭାରତ ସୀମା ଉଲ୍ଲଂଘନ କରୁଥିଲେ । ଏହି ସମୟରେ ଭାରତର ୧୦ ଜବାନ ସେମାନଙ୍କୁ ପ୍ରତିରୋଧ କରିବାକୁ ଯାଇ ପ୍ରାଣବଳୀ ଦେଇଥିଲେ । ଏହି ଦିନକୁ ମନେ ପକାଇବା ପାଇଁ ୧୯୬୦ରୁ ଶହୀଦ ଦିବସ ପାଳନ କରାଯାଉଛି । ସେବେ ଠାରୁ ଅଦ୍ୟାବଧି ପୋଲିସ ବାହିନୀ ପ୍ରତ୍ୟେକ ବିପଦକୁ ସାହସର ସହିତ ମୁକାବିଲା କରୁଛନ୍ତି ଓ ଆଗକୁ ଏହି ଧାରା ବଜାୟ ରହିବ । ପ୍ରାରମ୍ଭରେ ଜିଲା ପୋଲିସ ପକ୍ଷରୁ ଶହୀଦସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

## ଜିଲା ପ୍ରଶାସନ ପକ୍ଷରୁ ସହାୟତା ମିଳିଲା

- ପର ଘରେ ୩ ପିଲା ଆଶ୍ରୟ ନେବା ଘଟଣା
- ରାଶନ ସାମଗ୍ରୀ, ଆର୍ଥିକ ସହାୟତା ପ୍ରଦାନ

ମହାକାଳପଡ଼ା, ୨୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଖରିନାସୀ ପଞ୍ଚାୟତର ୧୨ ନମ୍ବର ଗ୍ରାମର ସୁକୁଲ ଟୁଡୁ(୩୪)ଙ୍କ ୩ ପିଲା ପଟ୍ଟାମୁଣ୍ଡାଇ କୂଳସାହିସ୍ଥିତ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ଚଳିତ ଦଶହରା ଛୁଟିରେ ସେମାନେ ଘରକୁ ଫେରିଥିଲେ । ହେଲେ ସୁକୁଲଙ୍କ ଅଭାବୀ ପରିବାରରେ ୩ ପିଲାଙ୍କ ମୁହଁରେ ମୁଠାଏ ଆହାର ଦେବା କାଠିକର ପାଠ ହୋଇଥିଲା । ଫଳରେ ସୁକୁଲ ନିଜ ୨ ଝିଅ ପୁଅଙ୍କୁ ନେଇ ଗାଁଠାରୁ ୫ କିମି ଦୂର ପେଟଛେଲା ପଞ୍ଚାୟତର ରାମଚଣ୍ଡୀ ମନ୍ଦିର ନିକଟ ସାମାଜିକ କର୍ମୀଙ୍କ ଘରେ ୫ ଦିନ ହେବ ଛାଡ଼ି ଦେଇଥିଲେ । ଏ ନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶ


କୂଳସାହି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ଆର୍ଥିକ ସହାୟତା ଓ ଚାଉଳ ପ୍ରଦାନ କରୁଛନ୍ତି ।

ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଶନିବାର କଲ୍ୟାଣ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ସେହି ପିଲାମାନଙ୍କ ପାଇଁ କୂଳସାହି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସ୍ୱାଇଁ ଆର୍ଥିକ ସହାୟତା ପ୍ରଦାନ ସହିତ ଛୁଟି ସମୟରେ ସେମାନଙ୍କ ଖାଇବା ପାଇଁ ଚାଉଳ ଦେଇଛନ୍ତି । ଏ ନେଇ ପ୍ରଧାନ ଶିକ୍ଷକ ସ୍ୱାଇଁ କହିଛନ୍ତି, ପିଲାମାନଙ୍କ ସମସ୍ୟା ବାବଦରେ ଯଦି ଅଭିଭାବକ ପୂର୍ବରୁ ସୂଚନା ଦେଇଥାଆନ୍ତେ ସେମାନଙ୍କ ପାଇଁ ଛୁଟି ସମୟରେ ମୁଖ୍ୟ ହଷ୍ଟେଲରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥାନ୍ତା । ଆଗାମୀ ଛୁଟିଦିନରେ ଉପରୋକ୍ତ ପିଲାମାନଙ୍କ ରହିବା ବ୍ୟବସ୍ଥା କରାଯିବ । ଜିଲା ଖାଉଟି ଯୋଗାଣ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରିଟେଲରେ ଶନିବାର ରାଶନ ସାମଗ୍ରୀ ପିଲାମାନଙ୍କ ନିକଟରେ ପହଞ୍ଚାଇଛନ୍ତି । ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ଓ ପ୍ରଧାନ ଶିକ୍ଷକ ସ୍ୱାଇଁ ପିଲାମାନଙ୍କ ନିକଟରେ ଖାଦ୍ୟ ତୁରନ୍ତ ପହଞ୍ଚାଇ ଥିବାରୁ ଧନ୍ୟବାଦ । ଏପରି ପିଲାମାନଙ୍କ ପାଇଁ ପ୍ରଶାସନର ସହାୟତା ନିତାନ୍ତ ଆବଶ୍ୟକ । ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲିକ କହିଛନ୍ତି, ଆଗାମୀ ଦିନରେ ଯେପରି ଖାଦ୍ୟ ଅଭାବରୁ କୌଣସି ପିଲା ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ।

## ଓଡ଼ିଶା ନାଁ ଉତ୍କଳ କରିବା ପାଇଁ ଜନଶକ୍ତି ପାର୍ଟିର ରଥ ପରିକ୍ରମା

ପଟ୍ଟାମୁଣ୍ଡାଇ, ୨୧।୧୦(କଳ୍ପତରୁ ନାୟକ)

ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ବିଭିନ୍ନ ପ୍ରସଙ୍ଗରେ ଲଢେଇ କରି ଆସୁଥିବା ଜନଶକ୍ତି ପାର୍ଟି ପୁଣି ଏକ ପ୍ରସଙ୍ଗକୁ ନେଇ ଅଭିଯାନ ଆରମ୍ଭ କରିଛି । ଓଡ଼ିଶାର ନାମ ପରିବର୍ତ୍ତନ କରି ଉତ୍କଳ କରିବା ପାଇଁ ଦାବିକୁ ଜୋରଦାର କରିବା ଓ ଏ ଦିଗରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜନଶକ୍ତି ପାର୍ଟି ରାଜ୍ୟବ୍ୟାପୀ ଉତ୍କଳ ରଥ ପରିକ୍ରମା କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିରରୁ ଆରମ୍ଭ କରିଛି । ସର୍ବପୁରାତନ ବାଣୀ ଉତ୍କଳେ ନାହିଁ ନେତା ପ୍ରୟୋଜନ ଉତ୍କଳର ନେତା ନିଜେ ନାରାୟଣ ଆଜି ଦିନରେ ପ୍ରାସଙ୍ଗିକ ଓ ମହତ୍ୱପୂର୍ଣ୍ଣ ରହିଛି ବୋଲି ଜନଶକ୍ତି ପାର୍ଟି ରାଜ୍ୟ ସଭାପତି



ଜନଶକ୍ତି ପାର୍ଟିର କର୍ମକର୍ତ୍ତାମାନେ ସଚେତନତା ସୃଷ୍ଟି କରୁଛନ୍ତି ।

ଆଡ଼ଭୋକେଟ ପ୍ରଦୀପ ଦାଶ ପ୍ରକାଶ କରିଛନ୍ତି । ଆଡ଼ଭୋକେଟ ଦାଶଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଉତ୍କଳ ରଥ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ ରାଜକନିକା ସମେତ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଏ ଦିଗରେ ଜନସଚେତନତା ସୃଷ୍ଟି କରିବାରେ ଲାଗିଛି । ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଦାଶଙ୍କ ସହିତ ଧ୍ରୁବ ବାବା, ଅଶ୍ୱିନୀ ମିଶ୍ର, ଶଶୀକାନ୍ତ ସ୍ୱାଇଁ, କିଶୋର ବିଶ୍ୱାଳ, ଶୁଭମରାଜ ବେହେରା, ପିୟୁଷ ବେହୁରା, ଶୁଭମ ଭୂୟାଁ, ଦୀପକ ନାୟକ, ଅଭିଷେକ ସାହୁ, ଅଭିଜିତ ପାତ୍ର, ସିମିଲ ନାୟକ, ନିଗମାନନ୍ଦ ସାହୁ ଜ୍ୟୋତିବ୍ରତ ନାୟକ, ସୁବ୍ରତ ମଲିକ, ଅଭିମନ୍ୟୁ ନାୟକ, ଯଦୁନାଥ ମଲିକ ପ୍ରମୁଖ ଜନଶକ୍ତି ପାର୍ଟିର କର୍ମକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ ।

## ମାଲଦ୍ୱୀପରେ ଓଡ଼ିଆ ଶ୍ରମିକ ମୃତ

ମହାକାଳପଡ଼ା, ୨୧।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଆଳାଇଲୋ ପଞ୍ଚାୟତ ଅଲାଇଲୋ ଗ୍ରାମର ବିଜୟ କୁମାର ସେଠୀଙ୍କ ସାନ ପୁଅ ସୁଧୀର(୨୭)ଙ୍କ ପରଲୋକ ହୋଇଯାଇଛି । ମାଲଦ୍ୱୀପରେ ଆନ୍ଧ୍ର ପ୍ରଦେଶ ଭାଇଜାକର କେଏସ୍‌ଆର ମେରାଇନ ସର୍ଭିସ ପ୍ରାଇଭେଟ ଲିମିଟେଡ଼ ନାମକ ଏକ କମ୍ପାନୀରେ ୮ ବର୍ଷ ହେବ ସେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଶନିବାର ମାଲଦ୍ୱୀପ ସମୁଦ୍ର ପାର୍ଶ୍ୱରେ କାର୍ଯ୍ୟ ଚାଲିଥିଲା । ଏଥିପାଇଁ କଟର ମେଶିନ ଚାଲିଥିବା ସମୟରେ ହଠାତ ଗ୍ୟାସ ଟାଙ୍କି ବିସ୍ଫୋରଣ ଘଟିଥିଲା । ଘଟଣା ସ୍ଥଳରେ ସୁଧୀରଙ୍କ ସମେତ ତାଙ୍କ ଅନ୍ୟ ସହଯୋଗୀଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ତାଙ୍କ ସାଥିରେ ଉକ୍ତ ସଂସ୍ଥାରେ କାମ କରୁଥିବା ସୁଧିରଙ୍କ ସାଙ୍ଗ ତାଙ୍କ ପରିବାରକୁ ଫୋନ ଯୋଗେ ସନ୍ଧ୍ୟାରେ ଏହି ଦୁଃଖଦ ଖବର ଜଣାଇଥିଲେ ।

## ଜରିସାହି କ୍ଲଷ୍ଟରସ୍ତରୀୟ ବୈଠକ

ରାଜକନିକା, ୨୧।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଜରିସାହି କ୍ଲଷ୍ଟର ସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଖଗେଶ୍ୱର ପଢିହାରୀଙ୍କ ସଂଯୋଜନାରେ ଗିରିଆସ୍ଥିତ ସତ୍ୟେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବାଲିଆର ବରିଷ୍ଠ ପ୍ରଶିକ୍ଷକ ଚିନ୍ମୟ କୁମାର ଦାସ ଯୋଗଦେଇ ସରକାରଙ୍କ ନୂତନ ଶିକ୍ଷାନୀତି ସହ ସମସ୍ତ ଯୋଜନା ପିଲାମାନଙ୍କ ପାଖରେ ପହଞ୍ଚାଇବାକୁ ଶିକ୍ଷକମାନଙ୍କର ମୁଖ୍ୟ ଭୂମିକା ରହିଛି । ଏଥିସହ ମୌଳିକ ସାକ୍ଷରତା କିଟ୍‌କୁ ବ୍ୟବହାର କରି କିପରି ପିଲାଙ୍କୁ ସହଜରେ ଶିକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଗଣିତ କଳିକା ଆନ୍ଦୋଳନ କିଟ୍‌ର ବ୍ୟବହାର ଓ ଏହାକୁ ଶିକ୍ଷକମାନେ ନିଜେ କିପରି ପ୍ରସ୍ତୁତ କରିପାରିବେ ସେ ସମ୍ପର୍କରେ ଆଲୋକପାତ ମଧ୍ୟ କରିଥିଲେ । କ୍ଲଷ୍ଟର ଅଧୀନର ଥିବା ୧୦ଟି ବିଦ୍ୟାଳୟରୁ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ନାୟକ, ସଂଯୁକ୍ତା କର, ଦୀପ୍ତିମୟୀ ତରାଇ ଓ ପ୍ରଭାତୀ ବେହୁରା ପ୍ରମୁଖ ଏଫଏଲଏନ କିଟ୍ ଏବଂ ଜିକେଏ କିଟ୍ ବ୍ୟବହାର କରି ପ୍ରଶିକ୍ଷଣ କାର୍ଯ୍ୟ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ସଂକ୍ଷେପରେ

### ଶହୀଦଙ୍କ ବଳିଦାନ ବୃଥା ହେବ ନାହିଁ : ଆଇଜି

ବ୍ରହ୍ମପୁର,୨୧।୧୦(ସୁବାସ ଚନ୍ଦ୍ର ପାଢ଼ୀ): ଆମ୍ବପୁଆସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଶନିବାର ୬୪ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଆଇଜି ଭୋଇ ଶହୀଦଙ୍କ ସ୍ମୃତିଚାରଣ କରି ସେମାନଙ୍କ ନାମ ପଠନ କରିଥିଲେ। କର୍ତ୍ତବ୍ୟରତ ପୋଲିସମାନେ ନିଜ ମାତୃଭୂମିର ରକ୍ଷା କରିବାକୁ ଯାଇ ସେମାନେ ଜୀବନକୁ ବଳିଦାନ ଦେଇଛନ୍ତି। ଶହୀଦଙ୍କ ବଳିଦାନ ବୃଥା ହେବନାହିଁ ବୋଲି ଆଇଜି ଭୋଇ କହିଛନ୍ତି। ଶହୀଦଙ୍କୁ ସମ୍ମାନ ଦେବା ସହିତ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ସଦାସର୍ବଦା କାର୍ଯ୍ୟ କରିଆସୁଛି। ପୋଲିସ କର୍ମଚାରୀ ଦକ୍ଷତାର ସହିତ ଦାୟିତ୍ୱ ସମ୍ପାଦନ କରି ନିଜର ଜୀବନକୁ ମଧ୍ୟ ବଳିଦାନ ଦେଉଛନ୍ତି ବୋଲି ସେ କହିଥିଲେ। ଏହା ପରେ ଶହୀଦସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଏଏସପି ରମେଶ ଚନ୍ଦ୍ର ସେଠୀ, ଏଏସପି ଅସୀମ ପଣ୍ଡା, ବ୍ରହ୍ମପୁର ଏସଡ଼ିପିଓ ରାଜୀବ ଲୋଚନ ପାଣ୍ଡା, ସଦର ଏସଡ଼ିପିଓ ଶିବଶଙ୍କର ମହାପାତ୍ର, ଡ଼ିଏସପି, ପୋଲିସ ରିଜର୍ଭ ଇନ୍ସପେକ୍ଟର ଲକ୍ଷ୍ମୀ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସଂଘ ସଭାପତିଙ୍କ ମୃତ୍ୟୁ



ଫୁଲବାଣୀ,୨୧।୧୦(ରାକେଶ କୁମାର ରାଉତ) ରାଜ୍ୟ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର କର୍ମଚାରୀ ସମନ୍ୱୟ ସମିତି ସଭାପତି ଶୁଭାଷିସ ମହାନ୍ତିଙ୍କ ଶନିବାର ବିୟୋଗ ଘଟିଛି। ତାଙ୍କର ହାର୍ଟ ଜନିତ ସମସ୍ୟା ଥିଲା। ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପାଇଁ ପାଖାପାଖି ୪୦ରୁ ୫୦ ଲକ୍ଷ ଟଙ୍କାର ଆବଶ୍ୟକତା ଥିଲା। ଏଥିପାଇଁ ସେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ସମୟରେ ପରଲୋକ ହୋଇଛି। କିଛି ବର୍ଷ ତଳେ ତାଙ୍କ ବଡ଼ପୁଅଙ୍କ ଅକାଳ ବିୟୋଗ ଘଟିଥିବା ବେଳେ ଏବେ ଏକମାତ୍ର ପୁତ୍ର ଅମ୍ରିତ ଏବଂ ସ୍ତ୍ରୀ ତୃପ୍ତି ପଟ୍ଟନାୟକ ଅଛନ୍ତି। ଶନିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଶୁଭାଷିସ ଏସ୍‌ଭିନିରତାର, ଓଲଟପୁରରେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ବିଭାଗରେ ଇଞ୍ଜିନିୟରିଂ ପାସ୍ କରି ୨୦୦୩ରେ କଳାହାଣ୍ଡି ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଉଚିତ ପ୍ରାପ୍ୟ ଦେଇ ଆର୍ଥିକ ସଂକଟରୁ ଲାଘବ କରିବା ପାଇଁ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ନିବେଦନ କରିଛନ୍ତି।

### ୬୪ତମ ଶହୀଦ ସ୍ମୃତି ଦିବସ ପାଳିତ

ପାରଳାଖେମୁଣ୍ଡି/ଭଞ୍ଜନଗର, ୨୧।୧୦ (ଗିରିଧାରୀ ପରିଛା/ବାବୁଲା ପ୍ରଧାନ): ଗଜପତି ଜିଲା ପୋଲିସ ପକ୍ଷରୁ ୬୪ତମ ଶହୀଦ ସ୍ମୃତି ଚାରଣ ଦିବସ ପାଳିତ ହୋଇଛି। ବେତାଗୁଡ଼ାସ୍ଥିତ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ କୁମାର ଯୋଗଦେଇ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲା ପୋଲିସର ବହୁ ବରିଷ୍ଠ ଅଧିକାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ତନରଡା ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନ ପରିସରରେ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଦୁର୍ଗପତି ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଭଞ୍ଜନଗର ଏଏସପି ପ୍ରଫୁଲ୍ଲ କୁମାର ବଡଜେନା, ଉପ ଦୁର୍ଗପତି ଲଳିତ କୁମାର ବାଗ, ସହକାରୀ ଦୁର୍ଗପତି ମନୋରଞ୍ଜନ ତରାଇ, ଅତିଶ କୁମାର ସାହୁ, ରଞ୍ଜିତ ବାର୍ଲା, ରାଜେନ୍ଦ୍ର ବାରିକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ଚାଷୀ ସମସ୍ୟା ନେଇ ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର

ପୋଲସରା,୨୧।୧୦(ସୁବ୍ରତ ବେହେରା): ଗଞ୍ଜାମ ଜିଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାର୍‌ହା, ମାଙ୍କଡ ଆଦି ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ଯୋଗୁ ଫସଲ ନଷ୍ଟ ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ମରଣାତ୍ମକ ଆକ୍ରମଣ କରି ଲହୁ ଲୁହାଣ କରୁଛନ୍ତି। ଏଣୁ ଏହି ଅନିଷ୍ଟକାର ପଶୁଙ୍କୁ ପରଜୀବି ପଶୁ ରୂପେ ଘୋଷଣା କରି ଫସଲ ଓ ଚାଷୀଙ୍କୁ ସୁରକ୍ଷା ଦିଆଯାଉ, ରବିଫସଲ ପାଇଁ ସମସ୍ତ ଉଠାଜଳ ସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସଙ୍ଗେ ସଙ୍ଗେ ପନିପରିବା, କଞ୍ଚାଲଙ୍କା, ଚିନାବାଦାମ, ମୁଗ, ବିରି, ମାଣ୍ଡିଆ, କୋଳଥ, ରାଶି ଆଦି ବିହନ ରିହାତି ଦରରେ ଯୋଗାଇ ଦିଆଯାଉ, ଜିଲାର ୫୦ ଭାଗରୁ ଅଧିକ ଜମି ଭାଗଚାଷୀ ମାନେ ଚାଷ କରିଥାନ୍ତି। ଏଣୁ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେଇ ସବୁ ପ୍ରକାର ସରକାର ସାହାଯ୍ୟ ଦେଲେ କୃଷିର ବିକାଶ ହୋଇପାରିବ ଏହା ସହିତ ପୋଲସରା ବ୍ଲକ ଅନ୍ତର୍ଗତ ମାଳ ତେନ୍ତୁଲିଆ ୧୭ କିଲୋମିଟର ଓ ଡ଼ାବୁରିଆ ନାଳ ୭ କିଲୋମିଟର ସହ ରୁଖାକଣା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ହୁଡ଼ା ମାଟି ବ୍ୟାଙ୍କ କରିବା ସହ କଂକ୍ରିଟ ସାଇଡ ୱାଲ୍ ନିର୍ମାଣ କରି ନାଳ ଉପରେ ବ୍ରିଜ୍ ନିର୍ମାଣ କରିବା ଆଦି ଦାବି କରିଛି ଋଷିକୁଲ୍ୟା ରୟତ ମହାସଭା। ତେବେ କୃଷକମାନଙ୍କ ବିଭିନ୍ନ ଦାବି ଗୁଡ଼ିକକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି ପୋଲସରା ଋଷିକୂଲ୍ୟା ରୟତ ମହାସଭାର ସଭାପତି ସତ୍ୟବାନ ପ୍ରଧାନ।

# କଂଗ୍ରେସ ପକ୍ଷରୁ ଜନ ସମ୍ପର୍କ ଯାତ୍ରା




କଂଗ୍ରେସ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

ହିଞ୍ଜିଳିକାଟୁ, ୨୧।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବ୍ଲକ କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରଦେଶ କଂଗ୍ରେସ ଆହ୍ୱାନ କ୍ରମେ ଜନ ସମ୍ପର୍କ ଯାତ୍ରା ଖରିଡା ପଞ୍ଚାୟତଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ ସ୍ଲୋଗାନ ଦେଇ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଶିବରାମ ପ୍ରଧାନ ଓ ନଗର କଂଗ୍ରେସ ସଭାପତି ସୁନାରାମ ସାବତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀ କେନ୍ଦ୍ର ଓ ରାଜ୍ୟର ସରକାର ବିଭିନ୍ନ ଦୁର୍ନୀତି ଓ ଜନ ମାରଣ ନୀତି ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ଏଥିରେ କଂଗ୍ରେସ ଦଳର ବହୁ କର୍ମୀ ଯୋଗ ଦେଇଥିଲେ।

# ଓଡ଼ିଶା କାଥୋଲିକ ଚତୁର୍ଥ ଯୁବ ସମ୍ମିଳନୀ



ଛତ୍ରପୁର ,୨୧।୧୦ (ଦିଲ୍ଲୀପ ସାମଲ): ଛତ୍ରପୁର ବ୍ଲକ ସିନ୍ଦରାପଲ୍ଲୀ କାର୍ମେଲ ନଗର ଠାରେ ଖ୍ରୀଷ୍ଟିଆନମାନଙ୍କ ଓଡିଶା କାଥୋଲିକ ଚତୁର୍ଥ ଯୁବ ସମ୍ମିଳନୀ ବ୍ରହ୍ମପୁର ଶାଖାର ନିର୍ଦ୍ଦେଶକ ଫାଦର ଅଶୋକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହାର ଦ୍ୱିତୀୟ ଦିନରେ ଅତିଥି ଭାବେ ଗଞ୍ଜାମ ଜିଲାର ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ବ୍ରହ୍ମପୁରର ଯୁବ ସମାଜସେବୀ ସନ୍ତୋଷ ପାତ୍ର, ମିହିର ତ୍ରିପାଠୀ, ଦିବାକର ନାୟକ ଓ ଗୋପାଳ, କାଥେଲିକ ଯୁବ ଚେୟାରମ୍ୟାନ ରେଭେରେଣ୍ଟ ବିଷପ ନିରଞ୍ଜନ ଶୁଆଲସିଂ, ବିଜୁ ଜନତା ଦଳର ଗଜପତି ଜିଲା ସଭାପତି ଜଗବନ୍ଧୁ ଦାସ, ଚନ୍ଦ୍ରଗିରି ଜୋନ ଜିଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କୋରାପୁଟରେ ପ୍ରବଳ ଶୀତ: ୧୫ ଡିଗ୍ରୀକୁ ଖସିଲା ପାରଦ

କୋରାପୁଟ,୨୧।୧୦(ସ୍ୱ.ପ୍ର.) କୋରାପୁଟ ଗତ ଦୁଇଦିନ ଧରି ପ୍ରବଳ ଶୀତ ଯୋଗୁ କୋରାପୁଟ ଜିଲାରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି। ଶନିବାର ଜିଲାରେ ସର୍ବନିମ୍ନ ୧୫.୬ ଓ ସର୍ବାଧିକ ୩୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରହିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଅକ୍ଟୋବରରେ କୋରାପୁଟରେ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ଜିଲାରେ ସାଧାରଣତଃ ତାପମାତ୍ରା ଦିନରେ ସବନିମ୍ନ ୨୧ ସର୍ବାଧିକ ୩୧ ଡିଗ୍ରୀ ରହୁଥିବାବେଳେ ରାତିରେ ପାରଦ ୧୩ରୁ ୧୪ ଡିଗ୍ରୀ ମଧ୍ୟରେ ରହୁଛି । ଗତ ଦୁଇ ଦିନ ହେବ ସହରରେ ସକାଳ ୯ଟା ଯାଏ କୁହୁଡି ସାଙ୍ଗକୁ କୋହଲା ପାଗ ଲାଗିରହି ଶୀତର ପ୍ରକୋପକୁ ଦ୍ୱିଗୁଣିତ କରିଛି । ଜିଲାର ପଟ୍ଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ଲମତାପୁଟ, ବୈପାରିଗୁଡା, କୋରାପୁଟ, ଦଶମନ୍ତପୁର ସେମିଳିଗୁଡା ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ଘନ କୁହୁଡିର ଆସ୍ତରଣ ଯୋଗୁ ରାସ୍ତାରେ ୨୦ ଫୁଟ ବ୍ୟବଧାନରେ ମଧ୍ୟ ଯାନବାହନ ଦୃଶ୍ୟ ହେଉନାହିଁ। ଜିଲାର ସୀମାନ୍ତ ସୁଙ୍କି ଓ ଜୟପୁରର ଅଣଓସାରିଆ ଘାଟି ରାସ୍ତାରେ ଗାଡି ଚାଳକମାନେ ବ୍ୟବଧାନ ରଖି ମନ୍ଥର ଗତିରେ ଗାଡି ଚଳାଉଥିବା ବେଳେ ସ୍ଥାନେ ସ୍ଥାନେ ଗାଡିଗୁଡିକ ଅଟକି ରହୁଥିବା ଦେଖିବାକୁ ମିଳୁଛି । ଶୀତରୁ ବର୍ତ୍ତିବା ପାଇଁ ଜିଲାର ବିଶେଷ କରି ଗ୍ରାମାଞ୍ଚଳ ଲୋକେ ନିଆଁ ଜାଳି ପାଖରେ ବସି ରହୁଛନ୍ତି। ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁ ଶୀତବସ୍ତ୍ର ବ୍ୟବସାୟ ମଧ୍ୟ ବୃଦ୍ଧିପାଇଛି । ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳକୁ ବାଦଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ନଭେମ୍ବର ତୃତୀୟ ସପ୍ତାହରୁ ପ୍ରବଳ ଥଣ୍ଡା ହେଉଥିବାବେଳେ ଚଳିତ ବର୍ଷ ଏକ ମାସ ଆଗୁଆ ଅକ୍ଟୋବର ୨୦ରୁ ଶୀତର ପ୍ରକୋପ ଦେଖାଦେଇଛି। ଶୀତ ଯୋଗୁ ସକାଳୁ ଦୋକାନବଜାର ବିଳମ୍ବରେ ଖୋଲୁଥିବାବେଳେ ରାତିରେ ଶୀଘ୍ର ବନ୍ଦ ହୋଇଯାଉଛି। ସହରରେ ସକାଳ ୯ଟା ପର୍ଯ୍ୟନ୍ତ ଦୋକାନବଜାର ଏବଂ ରାସ୍ତାଘାଟ ଶୁନଶାନ ରହୁଛି।

# ରକ୍ତଦାନ ଶିବିର, ୩୪ ୟୁନିଟ ସଂଗୃହୀତ



ଜଣେ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି ।

ଦିଗପହଣ୍ଡି,୨୧।୧୦(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ସାମାଜିକ କର୍ମୀ ଗୋପାଳ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଶିବିରରୁ ମୋଟ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।ଦିଗପହଣ୍ଡି ଖେମୁଣ୍ଡି ରକ୍ତଦାତା ସଂଘ ସଭାପତି ଭି. ଧର୍ମା ରାଜୁ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ କୁମାର ସେଠୀ, ୱାର୍ଡସଭ୍ୟ ଏସ. ସୁଜିତ କୁମାର, ରକ୍ତଭଣ୍ଡାର କର୍ମଚାରୀ ସୁଶାନ୍ତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ଏଲ. କୃଷ୍ଣଚନ୍ଦ୍ର, ଅବିନାଶ ସୁବୁଦ୍ଧି, ଆଲୋକ ମହାନ୍ତି, ବାଦଲ ସୁବୁଦ୍ଧି, ରାକେଶ ସାବତ, ମଙ୍ଗନ ସୁବୁଦ୍ଧି, ମାଲି ପାତ୍ର, ଶୁଭମ ସୁବୁଦ୍ଧି, ସୁନିଲ ନାୟକ, ଉପେନ୍ଦ୍ର ମହାନ୍ତି, ରାଜା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପିପୁଲ୍ଲି କଲେଜ ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ବୁଗୁଡା,୨୧।୧୦(କଳୀଚରଣ ଦାଶ): ବୁଗୁଡା ପିପୁଲ୍ଲି କଲେଜର ଏନ୍‌ଏସ୍‌ଏସ୍ ମହିଳା ୟୁନିଟ୍-୨ର ସପ୍ତଦିବସୀୟ ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶିବିରକୁ କଲେଜ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜ ଉଦଘାଟନ କରିଥିବା ବେଳେ ଅଧକ୍ଷ ହରିକୃଷ୍ଣ ନାୟକ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସର୍ଗୀକୃତ ସେବା କାର୍ଯ୍ୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଉଦଘାଟନୀ ଦିବସରେ ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଶୁଭସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିବିରର ମୋଟ ୫୦ ଜଣ ଛାତ୍ରୀ



ସର୍ଭେ କରୁଛନ୍ତି ଛାତ୍ରୀମାନେ ।

ନିକଟସ୍ଥ ପୋଷ୍ୟଗ୍ରାମ ବରଡ଼ିପଲ୍ଲୀକୁ ଯାଇ ସେଠାକାର ୭୦ଟି ପରିବାରକୁ ସାକ୍ଷାତ କରି ସର୍ଭେ କାର୍ଯ୍ୟ ସମ୍ପାଦନ କରିଥିଲା। ଏଥି ସହ ସନ୍ଧ୍ୟାରେ ଶିବିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗଞ୍ଜାମ,୨୧।୧୦(ବିଦ୍ୟାଧର ସାହୁ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳିସ୍ଥିତ ସହିଦ ଭଗତ ସିଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଡ଼ିଟୋରିୟମ ହଲରେ ୨୦୨୩ ଶିକ୍ଷାବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ଦିବାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଗୌଡ଼ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କ ଉଜ୍ଜଳ ଭବିଷତ କାମନା କରିଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଓ ବିଜ୍ଞାନରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜ୍ୟୋତି ଜେନା ଓ ଛାତ୍ର ମନୋଜ ମୁଦୁଲିଙ୍କୁ ସମ୍ମାନିତ କରାଯାଇଥିଲା।

### ମଦ ଚୋରାଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୨୧।୧୦ (ପବନ ପାଣିଗ୍ରାହୀ) ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଚଢ଼ାଉକରି ୨ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଘିଉରି ଗ୍ରାମର ମାଧବ ବିଷୋୟୀ ଓ କଳସାହାଣ୍ଡି ଗ୍ରାମର ନୀଳ ହରିଜନ। ସେମାନଙ୍କଠାରୁ ୧୨ ଲିଟର ମଦ ଜବତ ହୋଇଛି। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜିଲାସ୍ତରୀୟ ବକ୍ସିଂ ଚାମ୍ପିୟନଶିପ ଉଦ୍‌ଘାଟିତ

ବ୍ରହ୍ମପୁର,୨୧।୧୦(ତନୁଶ୍ରୀ ନାହାକ) ଗଞ୍ଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ବ୍ରହ୍ମପୁର ଷ୍ଟାଡ଼ିୟମ ନିକଟସ୍ଥ ଏନସିସି ଗ୍ରୁପ ହେଡ୍‌କ୍ୱାଟର ପଡ଼ିଆ ଠାରେ ଜିଲାସ୍ତରୀୟ ବକ୍ସିଂ ଚାମ୍ପିୟନଶିପ ଶନିବାର ଉଦଘାଟିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂଘ ଉପସଭାପତି ଡ଼. ଦିବାକର ପାଣିଗ୍ରାହୀ, ଜିଲା କ୍ରୀଡ଼ା ନିରୀକ୍ଷକ ଭାଗୀରଥୀ ସ୍ୱାଇଁ, ବାସ୍କେଟ ବଲ ସଂଘ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଷ୍ଟାଡ଼ିୟମ ଅଧିକାରୀ ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଯୋଗୀତାରେ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସ୍ଥାନରୁ ୧୫୦ ବାଳକ ଓ ୩୬ ବାଳିକା ବିଭିନ୍ନ ବର୍ଗରେ ବକ୍ସିଂରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲା ବକ୍ସିଂ ସଂଘ ସମ୍ପଦାକ କେ ପ୍ରଭାକର ରାଓ, କୋଚ ଶିଶିର କୁମାର ପାଣିଗ୍ରାହୀ, କୋଚ ଶିବରାମ ପାତ୍ର, ସୁଜାତା ବିଷୋୟୀ, ଉପେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଟିପିଏସ୍‌ଓଡିଏଲ୍ କର୍ମଚାରୀଙ୍କ ସାଇକେଲ ଯାତ୍ରା ଜୟପୁରରେ ପହଞ୍ଚିଲା

ଜୟପୁର,୨୧।୧୦ (ପବନ ପାଣିଗ୍ରାହୀ) ବିଦ୍ୟୁତ୍ ଉପଭୋକ୍ତା ଓ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ନେଇ ଟିପିଏସ୍‌ଓଡିଏଲ୍‌ର କର୍ମଚାରୀ ଇଂ. ସୌମ୍ୟରଞ୍ଜନ ଲେଙ୍କା ସାଇକେଲରେ ମାଲକାନଗିରିରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲେ। ସେ ମାଲକାନଗିରିରୁ ତାଙ୍କ ଯାତ୍ରା ଆରମ୍ଭକରି ଜୟପୁରରେ ଶନିବାର ପହଞ୍ଚିଛନ୍ତି। ଜୟପୁରରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମୟରେ ଏମ୍‌ଆର୍‌ଟିର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାନ୍ତି, ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରା, କାଳିଚରଣ ବେହେରା, ପ୍ରିୟବ୍ରତ ସାହୁ, ରାକେଶ ତ୍ରିପାଠୀ, ବିଚିତ୍ର ବେହେରା, ରଶ୍ମିରଞ୍ଜନ ସାହୁ, ସୁଜିତ ସ୍ୱାଇଁ, ହିମାଂଶୁ ନାୟକ, ଜଗଦିଶ ବିଶୋୟୀ, ସୁଚନ୍ଦନ ନାୟକ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଇଂ. ସୌମ୍ୟରଞ୍ଜନ ଲେଙ୍କାଙ୍କୁ ସ୍ୱାଗତ କରାଯାଉଛି।

# ଚିଫ ଡେ'ମିଶନ ଭାବେ ଅଶୋକ ସାହୁ ମନୋନୀତ

ବ୍ରହ୍ମପୁର,୨୧।୧୦(ତନୁଶ୍ରୀ ନାହାକ): ଅକ୍ଟୋବର ୨୬ରୁ ନଭେମ୍ବର ୯ ପର୍ଯ୍ୟନ୍ତ ଗୋଆଠାରେ ଜାତୀୟ କ୍ରୀଡ଼ା ପ୍ରତିଯୋଗୀତା-୨୦୨୩ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଓଡ଼ିଶା ଅଲମ୍ପିକ ଆସୋସିଏଶନ ପକ୍ଷରୁ ଅଶୋକ କୁମାର ସାହୁଙ୍କୁ ରାଜ୍ୟ ଦଳର ଚିଫ ଡ଼େ'ମିଶନ ଭାବେ ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟ ଦଳ ୩୦ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ସୂଚନାଯୋଗ୍ୟ ଯେ, ଅଶୋକ ବର୍ତ୍ତମାନ ଗଞ୍ଜାମ ଜିଲା କ୍ରୀଡା ସଂଘ ସମ୍ପାଦକ ଭାବେ ବିଗତ ଦୁଇ ବର୍ଷ ଧରି ନିଜର ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏହା ସହ ଗଞ୍ଜାମ ଜିଲା ବାସ୍କେଟ ବଲ ସମ୍ପାଦକ



ଅଶୋକ ସାହୁ

ଭାବେ ବହୁ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି। ଅଶୋକ ପୂର୍ବରୁ ମଧ୍ୟ ବହୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଓ ଇଭେଣ୍ଟରେ କ୍ରୀଡ଼ା ଅଧିକାରୀଠାରୁ ଆରମ୍ଭ କରି ବିଚାରକ, ମ୍ୟାନେଜମେଣ୍ଟ ଭଳି ବହୁ ଗୁରୁ ଦାୟିତ୍ୱ ନିରପେକ୍ଷ ଭାବେ ନିର୍ବାହ କରିଛନ୍ତି। ଏଥି ନିମନ୍ତେ ଅଶୋକ ସାହୁ ନଭେମ୍ବର ୨୩ରୁ ଗୋଆ ଅଭିମୁଖେ ଯାତ୍ରା କରିବେ। ତାଙ୍କ ସମେତ ଗଞ୍ଜାମ ଜିଲା ବକ୍ସିଂ ସଂଘର କୋଚ ତଥା ଜାତୀୟ ରେଫେରୀ ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ବକ୍ସିଂ ପ୍ରତିଯୋଗିତାର ବିଚାରକ ନିମନ୍ତେ ମନୋନୀତ ହୋଇଛନ୍ତି। ଓଡ଼ିଶା ଅଲମ୍ପିକ ସଂଘ ପକ୍ଷରୁ ଗଞ୍ଜାମ ଜିଲାର ଏହି ଦୁଇ ପ୍ରତିନିଧି ଘୋଷଣା ହେବା ପରେ ଜିଲା କ୍ରୀଡ଼ା ମହଲରୁ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

**ଜାତୀୟ କ୍ରୀଡ଼ା ପ୍ରତିଯୋଗିତା**
■ ଶିଶିର ପାଣିଗ୍ରାହୀ ଜାତୀୟ ବକ୍ସିଂ କୋଚ୍


ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।


ମା' ବିରଜାଙ୍କ ପୀଠକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି ।

# ବିରଜାଙ୍କ ପୀଠରେ ମହାଷ୍ଟମୀ

- ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ
- ଷୋଡ଼ଶୋପଚାର ପୂଜା ଶେଷ ଓ ଯଜ୍ଞର ପୂର୍ଣ୍ଣାହୁତି

**ଯାଜପୁର ଟାଉନ,୨୧।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପୀଠରେ ଶନିବାର ମହାଷ୍ଟମୀ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମା'ଙ୍କ ମହାଷ୍ଟମୀ ବେଶ ଦେଖିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ସ୍ୱର୍ଣ୍ଣବେଶ କରାଯିବା ସହ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଥିଲା। ମନ୍ଦିରର ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ବଳି ମଣ୍ଡପ ପର୍ଯ୍ୟନ୍ତ ବିଭିନ୍ନ ଫୁଲରେ ସଜାଯିବା ସହ ମନ୍ଦିରକୁ ଆଲୋକମାଳରେ ସଜ୍ଜିତ କରାଯାଇଥିଲା। ସେହିପରି ମା'ଙ୍କ ରଥଯାତ୍ରା ଅଷ୍ଟମ ଦିନରେ ପହଞ୍ଚିଛି। ଦ୍ୱିତୀୟାଷ୍ଟମିରୁ ଆରମ୍ଭ ହୋଇଥିବା ବିଶେଷ ଷୋଡ଼ଶୋପଚାର ପୂଜା ପଞ୍ଚଦଶ ଦିନରେ ଶେଷ ହୋଇଛି। ପ୍ରାତଃ ସମୟରୁ ଦଶାଶ୍ୱମେଧ ଘାଟ ବ୍ରାହ୍ମଣଙ୍କ ଦ୍ୱରା ଅଣାଯାଇଥିବା ବୈତରଣୀ ଜଳରେ ମା'ଙ୍କୁ ସ୍ନାନ କରାଯିବା ପରେ ସ୍ୱର୍ଣ୍ଣବେଶ କରାଯାଇ ନୈବିଦ୍ୟ ଅର୍ପଣ କରାଯାଇଥିଲା। ଅପରାହ୍ନରେ ବିଶେଷ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇ ଯଜ୍ଞ ବେଦିରେ କଳସ ପୂଜା ହୋଇଥିଲା। ରଥରେ ବିଜେ ପ୍ରତିମାଙ୍କ ପୂଜା ସରିବା ପରେ ମା'ଙ୍କୁ ନୀତି ଲାଗି ପହୁଡ଼ ହୋଇଥିଲା। ଅପରାହ୍ନରେ ମା'ଙ୍କ ପହଡ଼ ଖୋଲିବା ପରେ ଅଙ୍ଗଲାଗି ସେବାୟତ ଗର୍ଭଗୃହରୁ ମା'ଙ୍କର ଆର୍ଶବାଡ଼ି ଧରି ରଥରେ ବିଜେ


ମା' ବିରଜାଙ୍କ ରଥ ।

ହେବା ପରେ ରଥଟଣା ହୋଇଥିଲା। ସନ୍ଧ୍ୟାରେ ରଥ ଟଣାପରେ ମା'ଙ୍କର ଆର୍ଶାବାଡି ଗର୍ଭ ଗୃହରେ ଅଙ୍ଗଲାଗି ସେବାୟତ ରଖିଥିଲେ। ପରେ ମା'ଙ୍କ ଆରତି ହୋଇଥିଲା। ଅଷ୍ଟମି ତିଥି ଅନୁଯାୟୀ ମା'ଙ୍କ ଷୋଡଶୋପାଚାର ପୂଜା ସହିତ କଳସ ପୂଜା ହୋଇଥିଲା। ପଞ୍ଚମୀ ଦିନରୁ ଆରମ୍ଭ ହୋଇଥିବା ଯାଜ୍ଞ ମହାଷ୍ଟରେ ପୂର୍ଣ୍ଣାହୁତି ହୋଇଛି। ଷୋଳକଳସ ପୂଜା ମଧ ଶେଷ ହୋଇଛି। ରଥରେ ବିଜେ ପ୍ରତିମାଙ୍କ ଷୋଡ଼ଶୋପଚାର ହେବା ପରେ ମା'ଙ୍କୁ ନୀତି ଅର୍ପଣ କରାଯାଇ ପହଡ଼ କରାଯାଇଥିଲା। ମା'ଙ୍କ ଷୋଡ଼ଶୋପାଚାର ପୂଜା, ଯଜ୍ଞ କାର୍ଯ୍ୟକ୍ରମ, ରଥରେ ବିଜେପ୍ରତିମା ପୂଜା ଏବଂ ଷୋଳକଳସ ପୂଜାକୁ ମନ୍ଦିରର ପୁରୋଧା, ପୂଜକ ଓ ମା'ଙ୍କ ଶ୍ରୀଅଙ୍ଗଲାଗି ସେବାୟତମାନେ ନିର୍ବାହ କରିଥିଲେ।

## କାଏମାରେ ମହାଆଡ଼ମ୍ବରରେ ଚାଲିଛି ଦୁର୍ଗାପୂଜା

**କାଏମା,୨୧।୧୦(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ୍ ଅଧୀନ ବଡ଼କାଏମା ପଞ୍ଚାୟତ ଶେରପୁର ଗ୍ରାମରେ ମହାଆଡ଼ମ୍ବରରେ ଚାଲିଛି ଦୁର୍ଗାପୂଜା। ୧୫୦ ବର୍ଷରୁ ଅଧିକ ହେବ ଏହି ଗ୍ରାମରେ ଦୁର୍ଗାପୂଜା କରାଯାଉଛି। ମା'ଦୁର୍ଗା ଏଠାରେ ମୃଣ୍ମୟୀ ରୂପରେ ପୂଜା ପାଉଛନ୍ତି। ଶୁକ୍ରବାର ସନ୍ଧ୍ୟାରୁ କେଲୁଅନଦୀରୁ ଜଳ ଅଣାଯାଇ ବେଲଗଛ ମୂଳେ ଷଷ୍ଠୀ ପୂଜା କରାଯାଇ ମା'ଙ୍କୁ ମଣ୍ଡପକୁ ଆବାହନ କରି ଚକ୍ଷୁଦାନ କରାଯାଇଥିଲା। ଶନିବାର ଭୋର ସମୟରୁ ଗ୍ରାମର ପୁରୁଷମହିଳା ଏକ ଶୋଭାଯାତ୍ରା କରି ନଦୀରୁ ଜଳ ଆଣିବା ପରେ ସପ୍ତମୀ ପୂଜା କରାଯାଇଛି। ମା'ଙ୍କ ମନ୍ତ୍ର ଉଚ୍ଚାରଣରେ କମ୍ପି ଉଠୁଛି ପୁରପଲ୍ଲୀ। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଛି। ରବିବାର ଅଷ୍ଟମୀରେ ହେବ ମା'ଙ୍କ ମୁଖ୍ୟ ସନ୍ଧିପୂଜା। ରାତ୍ର ପ୍ରାୟ ୭ଟା ୩୫ରେ ବଳି ପୂଜା ହେବ। ମା'ଙ୍କ ପାଖରେ ଲାଉ ଓ ପାଣିକଖାରୁ ବଳି ଦିଆଯିବ।


ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କାଏମାରେ ଦୁର୍ଗାପୂଜା ।


ଚଣ୍ଡିଖୋଲ ଛକରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଉଛି ।


ବଡ଼ଚଣା ଛକରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।


ଜଗତ୍‌ସିଂହପୁର ଦୁର୍ଗାବଜାର ।


ଜଗତ୍‌ସିଂହପୁର ସାଥୀ ଭଉଣୀ ମହାଦେବ ପୂଜା କମିଟି ।


ଜଗତ୍‌ସିଂହପୁର ମା' ବନଦୁର୍ଗା ପୂଜା କମିଟି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସମର


@ ଗୋପିରଞ୍ଜନ


@ ନିର୍ବିକଳ୍ପ


@ ରଞ୍ଜନ


@ ସମ୍ବିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଜଗତ୍‌ସିଂହପୁର ସାନବଜାରସ୍ଥିତ ଥାନପତି ମହାଦେବ କ୍ଲବର ବିଦ୍ୟୁତ୍ ତୋରଣ ।



ଜଗତ୍‌ସିଂହପୁର ସାନବଜାରସ୍ଥିତ ମା' ପୂର୍ଣ୍ଣମାସୀ ପୂଜା କମିଟି ।

# ପଟ୍ଟାମୁଣ୍ଡାଇରେ ୨୫ମେଢ଼

- ଆକର୍ଷଣୀୟ ସାଜସଜ୍ଜା, ତୋରଣ
- ଆଲୋକମାଳାରେ ଝଲସୁଛି ସହର

**ପଟ୍ଟାମୁଣ୍ଡାଇ,୨୧।୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି । ପ୍ରାୟ ୬୦ରୁ ୭୦ବର୍ଷର ପୁରୁଣା ଏହି ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଛି । ସାମ୍ପ୍ରଦାୟିକ ସଂପ୍ରୀତିର ସହର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆୟୋଜିତ ଶାରଦୀୟ ଦୁର୍ଗା ପୂଜାରେ ଉଭୟ ହିନ୍ଦୁ ଓ ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ ଭାଗ ନେବାର ବିରଳ ପରମ୍ପରା ରହିଛି । ଚଳିତବର୍ଷ ପଟ୍ଟାମୁଣ୍ଡାଇ ବଣିକ ସଂଘ, ବିଭିନ୍ନ ପୂଜା କମିଟି ଓ ପ୍ରଶାସନ ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ଅଣ୍ଟାଭିଡ଼ିଛନ୍ତି । ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିଲେ ମଧ୍ୟରେ ପୋଖରୀଆପଡା ଦୁର୍ଗା, ବଙ୍ଗାଳି ଦୁର୍ଗା, ନୀଳ ମାଧବ, ଦଶ ଅବତାର, ମହାବୀର ଆଦି ମେଢ଼ ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି । ପଟ୍ଟାମୁଣ୍ଡାଇ ଦୁର୍ଗା ପୂଜାର ସାରା ଓଡ଼ିଶାରେ ସ୍ୱତନ୍ତ୍ର ସୁନାମ ରହିଛି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରତ୍ୟେକ ଘର ବନ୍ଧୁ ପରିଜନକୁ ନେଇ ପୁରି ଉଠିଛି । ଜିଲାର ଅନ୍ୟ ଅଞ୍ଚଳରେ ଦୁର୍ଗା ପୂଜା ହେଉଥିଲେ ମଧ ପଟ୍ଟାମୁଣ୍ଡାଇ ଉପରେ ସବୁରି ନଜର ରହିଛି । ଚଳିତବର୍ଷ ପଟ୍ଟାମୁଣ୍ଡାଇ ସହରରେ ବଙ୍ଗାଳୀ ଦୁର୍ଗା,





କଚେରୀ ଦୁର୍ଗା, ପୋଖରୀଆପଡା ଦୁର୍ଗା, ମା ଶାରଳା,ମହାବୀର, ଲକ୍ଷ୍ମୀନାରାୟଣ, ଗୃହଲକ୍ଷ୍ମୀ, ରାମଅଭିଷେକ, ନିତାଇଗୌର,ହରଗୌରୀ,ଲକ୍ଷ୍ମୀବରାହ, ମା' ଗାୟତ୍ରୀ, ମା' ସନ୍ତୋଷୀ, ଦଶ ଅବତାର, ମା' ଅନ୍ନପୂର୍ଣ୍ଣା, ହରିହର ଭେଟ, ନୀଳମାଧବ, ସୂର୍ଯ୍ୟଦେବତା, ନୃସିଂହନାଥ, କୃଷ୍ଣ ବଳରାମ, ପଞ୍ଚମୁଖୀ ହନୁମାନ, ବାଳ ହନୁମାନ, ହରପାର୍ବତୀ, ବନଦୁର୍ଗା ରାଧାକୃଷ୍ଣ, ଗଙ୍ଗାମାତା ଆଦି ୨୫ଟି ମେଢ଼ ପୂଜା ଉତ୍ସବର ଶୋଭା ମଣ୍ଡନ କରିଛି । ଶନିବାର ସପ୍ତମୀ ପୂଜା ଥିବାରୁ ବିଭିନ୍ନ ଦୁର୍ଗା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପଟ୍ଟାମୁଣ୍ଡାଇ ସହରର ଦୁର୍ଗା ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ ପଇଁତରା ମାରିବା ସହିତ ଆଇନଶୃଙ୍ଖଳା ଉପରେ କଡା ନଜର ରଖିଛି । ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି,ଚୌଦକୁଳାଟ ନୀଳକଣ୍ଠପୁର, ମାଳିପୁର, କଣ୍ଟାବଣ, ମଦନପୁର ଆଦି ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗା ପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବ ମୁଖର କରିଦେଇଛି ।

# ନୀଳମାଧବ ବିକାଶ ପ୍ରକଳ୍ପ ୨ୟ ପର୍ଯ୍ୟାୟ କାମ ଆରମ୍ଭ ହେବ

## ଜଳ ସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ

**ଖଣ୍ଡପଡ଼ା,୨୧।୧୦(ଅଜୟ କୁମାର ମହାରଣା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ନୀଳମାଧବ କ୍ଷେତ୍ର ବିକାଶ ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ବରାଦ ହୋଇ କାର୍ଯ୍ୟ ଚାଲୁ ରହିଛି । ନିର୍ଦ୍ଧାରିତ ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବାର ଘୋଷଣା କରାଯାଇଥିବା ବେଳେ ଇତି ମଧ୍ୟରେ ୧୭ ମାସ ବିତିଗଲାଣି । ବିଭିନ୍ନ କାରଣ ଯୋଗୁ କାର୍ଯ୍ୟରେ ବିଳମ୍ବ ପରିଲକ୍ଷିତ ହେଉଥିବା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି । ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ବ୍ୟୟରେ ନୀଳମାଧବ ମନ୍ଦିର ସହ ଜଡ଼ିତ ଚନ୍ଦନ ପୋଖରୀ, ଦୟଣାଚୋରୀ ବଗିଚା, ମନ୍ଦିର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାବଚ୍ଛ କାର୍ଯ୍ୟ ସହ ମନ୍ଦିର ପରିସର କାର୍ଯ୍ୟ ଚାଲୁ ରହିଛି । ଅପରପକ୍ଷେ ନୀଳମାଧବ ମନ୍ଦିରକୁ ସଂଯୋଗ କରୁଥିବା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ନବୀକରଣ ପାଇଁ ୨୬.୬୩ କୋଟି ଟଙ୍କାର ଅର୍ଥ ବ୍ୟୟ ବରାଦ ହୋଇଛି । ଏହି ଅର୍ଥରେ ଜଳ ସମ୍ପଦ ବିଭାଗର ୩ କିଲୋ ମିଟର ଲମ୍ବ ବିଶିଷ୍ଟ ମହାନଦୀ କୂଳରେ ଥିବା ମାଳବନ୍ଧକୁ ସୁଦୃଢ଼ କରାଯିବା ପାଇଁ ବ୍ୟବସ୍ଥା ରହିଛି । ଜଳ ସମ୍ପଦ ବିଭାଗର ପ୍ରଥମ ପର୍ଯ୍ୟାୟରେ କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ନୀଳମାଧବ ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ୩୪୦ ମିଟର ମାଳବନ୍ଧକୁ ୧୨ ମିଟର ଓସାର ବିଶିଷ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯିବ । ଏହାଛଡ଼ା ବାପୁଜୀ ପାର୍କ ନିକଟ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧଠାରୁ କଣ୍ଟିଲୋ ଯାତ୍ରାପଦା ମାଛ ମାର୍କେଟ ପର୍ଯ୍ୟନ୍ତ ୫୫୦ ମିଟର ମାଳବନ୍ଧକୁ ୭ ମିଟର ଓସାରର ପିଚୁ ରାସ୍ତା ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କଠାରୁ ପ୍ରକାଶ । ତେବେ ପ୍ରଥମ ପର୍ଯ୍ୟାରେ ଯାତ୍ରାପଦା ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ମାଳବନ୍ଧର ନବୀକରଣ ସହ କଂକ୍ରିଟ ରାସ୍ତା ପାଇଁ ୧୮ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ପ୍ରକ୍ରିୟା ଗତ ଜୁଲାଇ ୪ରେ ସଂପନ୍ନ ହୋଇଥିଲା । ତେବେ ଗତ କିଛି ଦିନ ପୂର୍ବରୁ ସଂପୃକ୍ତ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଥିବା ବେଳେ ନିଆଳି ଅଞ୍ଚଳର ଜଣେ ଠିକାଦାର ଏହି କାର୍ଯ୍ୟ ଏଗ୍ରିମେଣ୍ଟ ପରେ ସମ୍ପାଦନ କରିବେ ବୋଲି କଣ୍ଟିଲୋ ଜଳ ସଂପଦ ସହକାରୀଯନ୍ତ୍ରୀ ରାମ ମୋହନ ବେହେରା ସୂଚନା ଦେଇଛନ୍ତି । ତେବେ ଆସନ୍ତା ମାସରେ ଏହି କାର୍ଯ୍ୟ ଆରମ୍ଭ ହେବ । ୨ୟ ପର୍ଯ୍ୟାୟରେ ବାପୁଜୀ ନଗର ନିକଟ ମାଳବନ୍ଧଠାରୁ ମାଛ ମାର୍କେଟ ପର୍ଯ୍ୟନ୍ତ ମାଳବନ୍ଧ ନବୀକରଣ ତଥା ପିଚୁ ରାସ୍ତା ପାଇଁ ଅଟକଳ କରାଯାଇଥିବା ୮ କୋଟି ଟଙ୍କାର କାର୍ଯ୍ୟ ଆଗାମୀ ଦିନରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବ ବୋଲି ବେହେରା ସୂଚନା ଦେଇଛନ୍ତି । ଏହି ମାଳବନ୍ଧ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋ ସମେତ ଆଖପାଖ ଅଞ୍ଚଳ ଓ ନୀଳମାଧବ ମନ୍ଦିର ପାହାଡ଼ର ସୁରକ୍ଷା ପ୍ରାଚୀର ଭାବେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି । ଏହାଛଡ଼ା ମନ୍ଦିର ପଶ୍ଚିମ ଦ୍ୱାର ଠାରୁ ମହାନଦୀ କୂଳେ ତଥା ମନ୍ଦିର ପାହାଡ଼ ପାର୍ଶ୍ୱ ମଧ୍ୟ ଦେଇ ଉତ୍ତର ଦ୍ୱାର ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ଚିତ ବିନୋଦନ ପାଇଁ ମହାନଦୀ ଅଥଳ ଜଳରାଶୀ ଓ ବିସ୍ତୃତ ବାଲୁକା ଶଯ୍ୟା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆଧୁନିକ ଜ୍ଞାନ କୌଶଳରେ ୬ ମିଟର ଓସାରର ୨୬୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପରିକ୍ରମା(ଗାଭିୟାନ) ରାସ୍ତା ନିର୍ମାଣ କରାଯିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ମିଳିଛି ।


ମାଳବନ୍ଧ ରାସ୍ତା ।

# ସ୍ଥାନ ବଦଳାଉଛି ମହାବଳ

**ପାରଳାଖେମୁଣ୍ଡି,୨୧।୧୦ (ଗିରିଧାରୀ ପରିଛା):**

ଗଜପତି ଜିଲା ରାୟଗଡ ବ୍ଲକ ଗଣ୍ଡାହାତୀ ତଥା ମହେନ୍ଦ୍ର ବନାଞ୍ଚଳରେ ଗତ କିଛି ଦିନ ହେଲା ଆତଙ୍କ ଖେଳାଇ ଆସୁଥିବା ମହାବଳ ବାଘ ବର୍ତ୍ତମାନ ଗୋଷାଣି ବ୍ଲକ ଏସ.ରାଉତପୁର ମୁହାଁ ହୋଇଥିବା ଏସିଏଫ ଅଶୋକ କୁମାର ବେହେରା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ୪ ଦିନ ପୂର୍ବେ ଗଣ୍ଡାହାତୀ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ନୃସିଂହ ନାୟକଙ୍କ ଗାଈ ଘରଠାରୁ ଅଳ୍ପ ଦୂରରେ ବନ୍ଧା ହୋଇଥିଲା । ହେଲେ କୌଣସି ଏକ ଅଜଣା ହିଂସ୍ର ଜନ୍ତୁ ଘୋଷାରି ଏକ ବୁଦାମୂଳକୁ ନେଇ ଦରଖିଆ ଅବସ୍ଥାରେ ଛାଡି ଚାଲିଯାଇଥିଲା । ସକାଳୁ ଗାଈ ନଥିବା ଦେଖି ନୃସିଂହଙ୍କ ପରିବାର ସମେତ ଗ୍ରାମବାସୀ ଖୋଜିବାକୁ ଗଲାବେଳେ ଗାଈକୁ ଏକ ଜମି ରାସ୍ତା ଦେଇ ଘୋଷାରି ନିଆଯାଇଥିବା ସହ ଏକ ଜନ୍ତୁର ପାଦ ଚିହ୍ନ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ । ମହେନ୍ଦ୍ରଗିରି ବନାଞ୍ଚଳର କର୍ମଚାରୀଙ୍କ ସମେତ ବନ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଆଖପାଖ ଅଞ୍ଚଳରେ ଛାନଭିନ କରି ବନ୍ୟଜନ୍ତୁର ପାଦ ଚିହ୍ନକୁ ପ୍ଲାଷ୍ଟର ଅଫ ପ୍ୟାରିସ ଦ୍ୱାରା ଟ୍ରେସିଂ କରିଥିଲେ । ପରେ ଏହା ଏକ ବାଘର ପାଦ ଚିହ୍ନ ବୋଲି ଜଣାପଡିଥିଲା । ଏହାପରେ ବନ ବିଭାଗ ପକ୍ଷରୁ ଟ୍ରାପ କ୍ୟାମେରା ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିଲା । ତେବେ ଶୁକ୍ରବାର ଟ୍ରାପ କ୍ୟାମେରା ଦ୍ୱାରା ମିଳିଥିବା ଫୁଟେଜରେ ଏହା ଏକ ମହାବଳ ବାଘ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା । ଶନିବାର ଗୋଷାଣି ବ୍ଲକ ଅନ୍ତର୍ଗତ ଏସ.ରାଉତପୁର ଅଞ୍ଚଳରେ ସେହି ମହାବଳ ବାଘର ପାଦ ଚିହ୍ନ ଦେଖିବାକୁ ପାଇଛନ୍ତି ଗ୍ରାମବାସୀ ଓ ବନ ବିଭାଗ । ଏସିଏଫ ଅଶୋକ କୁମାର ବେହେରା ଏବଂ ଅରୁଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ପ୍ରଦୀପ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଉଭୟ ରାୟଗଡ ଏବଂ ଗୋଷାଣି ବ୍ଲକ ବନରକ୍ଷୀ ଅଞ୍ଚଳରେ ବନବିଭାଗର ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀମାନେ ଦିବା ରାତ୍ର ବାଘକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ । ଏହି ବାଘଟି ବର୍ତ୍ତମାନ ଆନ୍ଧ୍ର ମୁହାଁ ହେଉଥିବା ମଧ୍ୟ ଜଣାପଡିଛି ।

# ସାଧୁ ସମାବେଶ, ୫୦ କୁଣ୍ଡୀୟ ମହାଯଜ୍ଞ


ମହାଯଜ୍ଞରେ ଯୋଗ ଦେଇଥିବା ସାଧୁସନ୍ଥ ।

## ବୈଦିକ ମହାଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ଖଣ୍ଡପଡ଼ା,୨୧।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ଗ୍ରାମ ଆର୍ଯ୍ୟ ସମାଜ ପକ୍ଷରୁ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ୩ଦିନ ଧରି ଚାଲିଛି । ୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କାର୍ଯ୍ୟକ୍ରମ ଅନୁସାରେ ଶନିବାର ୫୦ କୁଣ୍ଡୀୟ ଯଜ୍ଞ ଅନୁଷ୍ଠାନ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଶତାଧିକ ବୈଦିକ ସାଧୁ ଅଲେଖ ସାଧୁମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମରେ ପୁରୋଧ ଭାବେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଆଚାର୍ଯ୍ୟ ଧର୍ମରାଜ, ମୁକ୍ତାନନ୍ଦ ସ୍ୱାମିଜୀ, ଆଚାର୍ଯ୍ୟ ପରମେଶ୍ୱର, ସ୍ୱାଧୀନ ବ୍ରହ୍ମଚାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଗୃହସ୍ଥ, ଦମ୍ପତି ଯୋଗଦେଇ ଯଜ୍ଞ ଅନୁଷ୍ଠାନର ଆର୍ଶିବାଦ ଲାଭ କରିଥିଲେ । ଜଗତ କଲ୍ୟାଣ ନିମନ୍ତେ ଅନୁଷ୍ଠିତ ଯଜ୍ଞ ଭଗବାନ ସମସ୍ତଙ୍କୁ ସୁସ୍ଥ, ସୁଖ ଓ ସ୍ୱାଚ୍ଛନ୍ଦରେ ରଖିବାକୁ ଉପସ୍ଥିତ ପଣ୍ଡିତମାନେ କାମନା କରିଥିଲେ । ୫୦ କୁଣ୍ଡୀୟ ଯଜ୍ଞ ପୂର୍ଣ୍ଣାହୁତି ଦର୍ଶନ ପାଇଁ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ । ଏଥି ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପରେ ଶତାଧିକ ବୈଦିକ ସାଧୁ ଓ ଅଲେଖ ସାଧୁମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ବନମାଳୀ ସାହୁ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାରଣା, ସଦସ୍ୟ ଅଖିଳ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମାନଗୋବିନ୍ଦ ବେହେରା, ଅଭିମନ୍ୟୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଆନୁକୁଲ୍ୟରେ ଶରତ ଚନ୍ଦ୍ର ବାରିକ ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

# ମା'କାଉଁରୀଙ୍କ ଧୂମାବତୀ ବେଶ

**ନୟାଗଡ଼,୨୧।୧୦ (ଲୋକନାଥ ମିଶ୍ର)**



ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକର ଗୋବିନ୍ଦପୁରସ୍ଥିତ ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ପର୍ବ ଚାଲୁ ରହିଛି । ମା'କାଉଁରୀ ୭ମ ଦିବସରେ ପିତଳ ଶ୍ରୀମୁଖରେ ସପ୍ତମୀରେ ଧୂମାବତୀ ବେଶରେ ଦର୍ଶନ ଦେଇଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ ଜମୁଛି । ଶନିବାର ଭୋର ସମୟରେ ମାଜଣା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ଓ ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହୁଡ ପଡିଥିଲା ।

# ନାରାୟଣୀ, ଶ୍ମଶାନଚଣ୍ଡୀ ପୀଠରେ ଚଣ୍ଡୀପାଠ

**ଖଣ୍ଡପଡ଼ା,୨୧।୧୦ (ଅଜୟ କୁମାର ମହାରଣା)**

କଣ୍ଟିଲୋ ନୀଳମାଧବ ପୀଠସ୍ଥିତ ଶ୍ମଶାନଚଣ୍ଡୀ ପୀଠ ଏବଂ ନିକଟସ୍ଥ ପଥରଚକଡା ମା'ନାରାୟଣୀଙ୍କ ପୀଠରେ ତ୍ରିଦିନାତ୍ମକ ଚଣ୍ଡୀପାଠ ପାରମ୍ପରିକ ରୀତିରେ ଅନୁଷ୍ଠିତ ହେଉଛି । ଶନିବାର ଅଷ୍ଟମୀ ତିଥିରେ ମା'ନାରାୟଣୀଙ୍କୁ ଭଦ୍ରକାଳୀ ବେଶରେ ସଜ୍ଜିତ କରାଯାଇଥିବା ବେଳେ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଭିଡ ଜମାଇ ଦେଇଥିଲେ । ନାରାୟଣୀଙ୍କ ପୀଠରେ ରାଧାମୋହନ ଆଚାର୍ଯ୍ୟ ଓ ଶ୍ମଶାନଚଣ୍ଡୀଙ୍କ ପୀଠରେ ବସନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଚଣ୍ଡୀ ପାଠ କରାଯାଉଛି ।


ମା' ନାରାୟଣୀ ଓ ଶ୍ମଶାନ ଚଣ୍ଡୀ

# ମା'ଦୁର୍ଗାଙ୍କ ସପ୍ତମୀ ପୂଜା

## ରଙ୍ଗିନ ଆଲୋକରେ ଝଲସୁଛି ଶରଣକୁଳ


ଶରଣକୂଳରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ପ୍ରତିମା ।

**ଶରଣକୁଳ,୨୧।୧୦(ଦୀପକ କର)**

ମା'ଦୁର୍ଗା ଧରାପୃଷ୍ଠକୁ ଅବତରଣ କରିବା ପରେ ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ କ୍ଷେତ୍ର ଉତ୍ସବ ମୁଖର ହୋଇଉଠିଛି । ଶରଣକୁଳ ଲଡୁକେଶ ବଣିକ ସଂଘ ତରଫରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମା'ଦୁର୍ଗାଙ୍କ ପୂଜା ଅତି ଆଡମ୍ବର ସହକାରେ ପାଳନ କରାଯାଉଛି । ଶନିବାର ସପ୍ତମୀ ଅବସରରେ ମା'ଦୁର୍ଗାଙ୍କ ନେତ୍ର ଖୋଲିବା ସହ ଜୀବନ୍ୟାସ ଦିଆଯାଇଥିଲା । ଲଡୁବାବାଙ୍କ ମନ୍ଦିର ପୁରୋହିତ ତୋଷବନ୍ତ କର ଷୋଡ଼ଶ ଉପଚାରରେ ହୋମ କାର୍ଯ୍ୟ ସମାପନ କରିଥିଲେ । ବଣିକ ସଂଘର ଉପସଭାପତି ରମେଶ ଚନ୍ଦ୍ର ମହାପାତ୍ର ହୋମ କାର୍ଯ୍ୟରେ କର୍ତ୍ତା ରୂପେ ଆହୂତି ପ୍ରଦାନ କରିଥିଲେ । ଚଳିତ ବର୍ଷ ମା'ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ହୋଇଥିବା ବେଳେ ବିଭିନ୍ନ କାରୁକାର୍ଯ୍ୟରେ ମା'ଙ୍କୁ ସଜ୍ଜିତ କରାଯାଇଛି । ମା'ଦୁର୍ଗାଙ୍କ ମେଢ ଦେଖିବା ପାଇଁ ନିକଟବର୍ତ୍ତୀ ଗ୍ରାମରୁ ବହୁ ଲୋକଙ୍କ ଭିଡ଼ ଜମୁଛି । ସନ୍ଧ୍ୟା ହେଲେ ଶରଣକୁଳ ବଜାର ରଙ୍ଗୀନ ବିଦ୍ୟୁତ୍ ଆଲୋକରେ ଝଲସି ଉଠୁଛି । ଚଳିତ ବର୍ଷ ବଣିକ ସଂଘ ତରଫରୁ ଦୁର୍ଗା ପୂଜା ପାଇଁ ପ୍ରାୟ ୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବଣିକ ସଂଘର ନୂତନ ସଭାପତି ଦିଲୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବଣିକ ସଂଘର ନୂତନ କର୍ମକର୍ତ୍ତା ଏବଂ ବଜାର ବଣିକ ଭାଇମାନେ ଏଥିରେ ସହଯୋଗ କରୁଛନ୍ତି ।

# ସମାଜକୁ ସୁଧାରିବାର ବାର୍ତ୍ତା ଦେଇଛି ଡାକମୁଣାରେ ଡଗରା

**ନୟାଗଡ଼,୨୧।୧୦(ଲୋକନାଥ ମିଶ୍ର)**


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ।

ନୟାଗଡ଼ର ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ, ଡାକମୁଣାର ଡଗରା ଏକ ସମାଜଧର୍ମୀ ସୁଖପାଠ୍ୟ ଓ ସଂସ୍କାରମୂଳକ ସଫଳ ଉପନ୍ୟାସ । ସମାଜକୁ ସୁଧାରିବା ପାଇଁ ଏଭଳି ବାସ୍ତବବାଦୀ ନିର୍ଭୀକ ସାହିତ୍ୟ ସୃଷ୍ଟି ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଶନିବାର ନୟାଗଡ଼ ବୁଦ୍ଧମଣ୍ଡପ ଯୋଗକେନ୍ଦ୍ରଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି । ତୃତୀୟ ନୟନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ମୀଧର ମହାପାତ୍ରଙ୍କ ଆବାହକତ୍ୱରେ ଓ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ଚୌଧୁରୀ ଉପନ୍ୟାସର ସଫଳ ଗତିକ୍ରମ, ବଳିଷ୍ଠ ଉପସ୍ଥାପନ ଶୈଳୀ, ଉତ୍କଣ୍ଠା ଉଦ୍ରେକ ବିଷୟବସ୍ତୁ ଓ ପ୍ରଭାବଶାଳୀ ବାର୍ତ୍ତା ଉପନ୍ୟାସଟିକୁ କାଳଜୟୀ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର,ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଅଶୋକ କୁମାର ନାୟକ, ବ୍ୟଙ୍ଗକବି ସତ୍ୟାନାଶ, ବ୍ରଜ ସୁବୁଦ୍ଧି, ନୟାଗଡ଼ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ପ୍ରଧାନ, ଗାଳ୍ପିକ ତପନ ମହାପାତ୍ର, ଜନବାଦୀ ସମ୍ପାଦକ ଚକ୍ରଧର ପ୍ରଧାନ, ଶିଶୁ ସାହିତ୍ୟିକା ବସିରନ ବିବି, ପ୍ରକାଶକ ଶରତ ଚନ୍ଦ୍ର ବେହେରା ପ୍ରମୁଖ ବିଶ୍ୱନାଥ ମହାପାତ୍ରଙ୍କ ସାରସତ ସୃଷ୍ଟି ଉପରେ ଆଲୋଚନା କରି ଡାକମୁଣାର ଡଗରା ଓଡ଼ିଆ ଉପନ୍ୟାସ ଜଗତରେ ଏକ ମାଇଲ ଖୁଣ୍ଟ ହେବ ବୋଲି ମତବ୍ୟକ୍ତ କରିଥିଲେ । ନୟାଗଡ଼ ଜିଲାର ଅନ୍ୟତମ ସାରସ୍ୱତ ପୁରୁଷ ଗୀତିକଳ୍ପ ହରିଶ ପ୍ରଧାନଙ୍କୁ ଏହି ଅବସରରେ ରଞ୍ଜୁବାଳା ପ୍ରକାଶନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷୟିତ୍ରୀ ମେନକା ଦେବୀ ଉପସ୍ଥିତ ଶତାଧିକ ସାହିତ୍ୟ ପ୍ରେମୀ କବି, ଲେଖକ ଓ ବୁଦ୍ଧିଜୀବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସମର


@ ଗୋପିରଞ୍ଜନ


@ ନିର୍ବିକଳ୍ପ


@ ରଞ୍ଜନ


@ ସମ୍ବିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ୧୬୨ ବର୍ଷରେ କରଘର ଦୁର୍ଗାପୂଜା

# ଦଶମୀରେ ସିନ୍ଦୂର ଖେଳ

ବାଲେଶ୍ୱର ସହରରେ ୨୦୦ବର୍ଷ ପୂର୍ବରୁ ଦୁର୍ଗା ପୂଜା ଆରମ୍ଭ ହୋଇଥିବା କିମ୍ବଦନ୍ତୀ ରହିଛି। ସହରର ବାରବାଟୀ ଅଞ୍ଚଳରେ ବସବାସ କରୁଥିବା ଜମିଦାର ପରିବାର (କର ପରିବାର, ରାଜ ପରିବାର, ଦାସ ପରିବାର ଓ ମଣ୍ଡଳ ପରିବାର) ପକ୍ଷରୁ ଘଟ ପୂଜା ଆରମ୍ଭ ହୋଇଥିଲା। ଏହା ପାରିବାରିକ ଥିଲେ ମଧ୍ୟ ସାର୍ବଜନୀନ ପାଇଁ ଉଦ୍ଦିଷ୍ଟ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମିଳିତ ଭାବେ ଉକ୍ତ ଅଞ୍ଚଳର ଦେବୀବାଡ଼ି କୋଠାଘରେ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। ବିଭିନ୍ନ କାରଣ ଯୋଗୁ ଉକ୍ତ ପରିବାରଗୁଡିକ ପକ୍ଷରୁ ଅଲଗା ଅଲଗା ମା'ଙ୍କ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିଲା। କର ଘର ପକ୍ଷରୁ ଘଟ ପୂଜା ୧୮୨୨ରୁ ଆରମ୍ଭ ହୋଇଥିବା ବେଳେ ୧୮୬୨ ମସିହାରୁ ମୂର୍ତ୍ତି ପୂଜା ହୋଇଆସୁଛି। ଦୀର୍ଘ ୧୬୨ ବର୍ଷ ଧରି ହୋଇଆସୁଥିବା ମୂର୍ତ୍ତି ପୂଜାରେ ବିଶେଷ ଆକର୍ଷଣ ହୋଇରହିଛି ଦଶମୀ ଦିନ ମହିଳାଙ୍କ ମଧ୍ୟରେ ସିନ୍ଦୂର ଖେଳ। କର ବଂଶ ଓ ଦୁର୍ଗା ପୂଜାର ଇତିହାସ ସମ୍ପର୍କରେ ଯାହା ଜଣାଯାଏ, ଏହି ବଂଶର ଲୋକଙ୍କ ମୂଳ ଘର



ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲା ମାୟାପୁର ଅଞ୍ଚଳରେ। ମୁସଲମାନ ସୁବେଦାର ଓ ବର୍ଗୀ (ମରହଟ୍ଟା)ଙ୍କର ଅତ୍ୟାଚାରରେ ଅତିଷ୍ଠ ହୋଇ ୧୬୯୭ରେ କର ପରିବାରର ପଞ୍ଚାନନ କର ବାଲେଶ୍ୱର ବାରବାଟିକୁ ବାଣିଜ୍ୟିକ ଉଦ୍ଦେଶ୍ୟ ନେଇ ଚାଲିଆସିଥିଲେ। ଏଠାରେ ତାଙ୍କ ବ୍ୟବସାୟର ଅଭିବୃଦ୍ଧି ହେଲା। ସେମାନେ ପରମିଟ୍ ଘାଟରୁ ଜାଭା, ସୁମାତ୍ରା, ବାଲି ଏବଂ ବ୍ରହ୍ମଦେଶ ସହ ବାଣିଜ୍ୟ କାରବାର କରୁଥିଲେ। ଏହାଛଡ଼ା କର ପରିବାର ଲୋକଙ୍କର ଭଦ୍ରକ, ଛାନୁଆ, ଚାନ୍ଦବାଲି ଆଦି ସ୍ଥାନରେ ବିଶାଳ ଜମିଦାରୀ ଥିଲା। ଏତେ ବଡ଼ ଜମିଦାରୀ ଓ ବ୍ୟବସାୟକୁ ଚଳାଇବା ପାଇଁ ଦୈବୀଶକ୍ତିର ଆଶୀର୍ବାଦ ଲାଭ ନିମନ୍ତେ ସେମାନେ ପୂଜା ଆୟୋଜନ କଥା ଚିନ୍ତା କଲେ। ୧୮୨୨ରେ କୋଲକାତାରୁ ହର, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକଙ୍କ ପିତ୍ତଳ ମୂର୍ତ୍ତି ଆଣି ପୂଜା ଆରମ୍ଭ କରିଥିଲେ। ପରେ ୧୮୬୨ରେ ଦେବୀ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ଆୟୋଜନ ଆରମ୍ଭ କରିଥିବା କର ପରିବାରର ବରିଷ୍ଠ ସଦସ୍ୟ ସୁବ୍ରତ କର ପ୍ରକାଶ କରିଛନ୍ତି। ଏଠାରେ ଦେବୀ ଦୁର୍ଗା ବେଶରେ ପୂଜା ନ ପାଇ ହରଙ୍କ ସହ ପାର୍ବତୀ ରୂପରେ ପୂଜା ପାଆନ୍ତି। ଦେବୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ରଥ ତିଥିରୁ ମାଟି ସଂଗ୍ରହ କରାଯାଏ। ଦେବୀଙ୍କ ସହ ଗଣେଶ, କାର୍ତ୍ତିକ, ସରସ୍ୱତୀ ଏବଂ ଲକ୍ଷ୍ମୀ ପୂଜା ପାଆନ୍ତି। ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ୫୦ମହଣ କାଠ ଓ ୨୦ କିଲୋ ଘିଅରେ ହୋମ ହେଉଥିବାବେଳେ ଏହି ନିଆଁ ୩ ଦିନ ଧରି ପ୍ରଶମିତ ହୁଏ ନାହିଁ। ପ୍ରଧାନ ଆଚାର୍ଯ୍ୟ ପୁସ୍ତକାଚାର୍ଯ୍ୟ, ଚଣ୍ଡୀ, ହୋତା, ଜପ, ତୁଳସୀ ଓ ପୂଜକ ଭାବେ ୭ଜଣ ବ୍ରାହ୍ମଣ ନିୟୋଜିତ ହୁଅନ୍ତି। ଷଷ୍ଠୀରେ ବୁଢ଼ାବଳଙ୍ଗ ନଦୀରୁ ଘଟଉତ୍ତୋଳନ ହୁଏ। ସପ୍ତମୀରେ ସାତ ମହଣ ଓ ଅଷ୍ଟମୀରେ ୫୦ ସେର ଚାଉଳରେ ନୈବେଦ୍ୟ କରାଯାଏ। ଦଶମୀରେ ଝିଅବୋହୂ ସିନ୍ଦୂର ଖେଳର ମଜା ନିଅନ୍ତି। ତେବେ ବିଜୟା ଦଶମୀ ଗୁରୁବାର ପଡ଼ିଲେ ମଧ୍ୟ ମୂର୍ତ୍ତି ବିସର୍ଜନ କରାଯାଏ ବୋଲି କର ପରିବାରର ସଦସ୍ୟ ବିକ୍ରମଜିତ୍ କର ସୂଚନା ଦେଇଛନ୍ତି।

– ମାନସ ବିଶ୍ୱାଳ, ବାଲେଶ୍ୱର































# କଟକ ଚାନ୍ଦିମେଢ଼

## ୧୯୫୬ରୁ ଆରମ୍ଭ

ଚଳିତବର୍ଷ ପୂଜା ପାଇଁ ଉତ୍ସବ ମୁଖର ହୋଇଛି କଟକ ସହର। ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ସୁଉଚ୍ଚ ତୋରଣ ଲୋକମାନଙ୍କୁ ଆକର୍ଷିତ କରୁଛି। ବିଭିନ୍ନ ମଣ୍ଡପରେ ମା'ଙ୍କ ଚାନ୍ଦିମେଢ ସହ ସୁନା ମୁକୁଟ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗିଛି। ତାରକସୀ କାମ ପାଇଁ ପ୍ରସିଦ୍ଧ କଟକ ସହର। ତେଣୁ କୁଇଣ୍ଟାଲ କୁଇଣ୍ଟାଲ ଚାନ୍ଦି ଓ ବିଭିନ୍ନ ଆକୃତିର ସୁନାରେ ସଜ୍ଜିତ ହୋଇଛନ୍ତି ମା' ଦୁର୍ଗା। କଟକରେ ୧୭୦ରୁ ଊର୍ଦ୍ଧ୍ୱ ମଣ୍ଡପ ମଧ୍ୟରୁ ଚଳିତବର୍ଷ ୩୧ଟି ମଣ୍ଡପରେ ଚାନ୍ଦି ମେଢ ରହିଛି। ପାରମ୍ପରିକ ଜରି ମେଢରୁ ଦୂରେଇ ଯାଇ ୧୯୫୬ରେ ଚୌଧୁରୀବଜାର ପୂଜା କମିଟି ପକ୍ଷରୁ ପ୍ରଥମେ ଚାନ୍ଦି ମେଢ ତିଆରି କରାଯାଇଥିଲା। ସେହିପରି ୧୯୯୧ରେ ଶେଖ୍ ବଜାର ପୂଜା କମିଟି ପକ୍ଷରୁ ସହରରେ ଦ୍ୱିତୀୟ ଚାନ୍ଦି ମେଢ ତିଆରି ହୋଇଥିଲା। ଚଳିତବର୍ଷ ମହମ୍ମଦିଆ ବଜାର, ନିମଚୌଡ଼ି, ନିମସାହି ଓ କାଫଲାବଜାର ପୂଜା କମିଟି ପକ୍ଷରୁ ନୂତନ ଚାନ୍ଦି ମେଢ ନିର୍ମାଣ କରାଯାଇଛି।

**ଚୌଧୁରୀବଜାର ପୂଜା କମିଟି:** କଟକର ବିଭିନ୍ନ ମଣ୍ଡପରେ ଚାନ୍ଦି ମେଢ ସାଙ୍ଗକୁ ସୁନା ଅଳଙ୍କାରରେ ମା' ଦୁର୍ଗାଙ୍କୁ ସଜ୍ଜିତ କରାଯାଇଛି। ସହରରେ ଚୌଧୁରୀବଜାର ପୂଜା କମିଟି ପକ୍ଷରୁ ପ୍ରଥମ ଚାନ୍ଦି ମେଢ ନିର୍ମାଣ କରାଯାଇଥିଲା। ୧୯୫୬ରେ ହରେକୃଷ୍ଣ ମହତାବ ଏହି ମେଢକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଏହି ମେଢର ଓଜନ ୨.୫ କୁଇଣ୍ଟାଲ ରହିଥିଲା। ଗତ କିଛିବର୍ଷ ମଧ୍ୟରେ ଏହି ମଣ୍ଡପରେ ଚାନ୍ଦି ସମେତ ୩୫ କିଲୋ ସୁନା ଅଳଙ୍କାରରେ ମା'ଙ୍କୁ ଆଭୂଷଣ କରାଯାଇଛି।

**ଶେଖ୍ ବଜାର ପୂଜା କମିଟି:** ଏହି କମିଟି ପକ୍ଷରୁ ମଣ୍ଡପରେ ପ୍ରଥମେ ଜରି ମେଢରେ ମା' ପୂଜା ପାଉଥିଲେ। ୧୯୯୧ରେ ତାରକସି କାରିଗର ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ଦ୍ୱାରା ଦ୍ୱିତୀୟ ଚାନ୍ଦିମେଢ ପ୍ରସ୍ତୁତ ହୋଇଥିଲା। ପ୍ରଥମେ ୧୮୭୫ରେ ଏହି ଅଞ୍ଚଳର କେତେଜଣ ଯୁବକ ହର-ପାର୍ବତୀଙ୍କ ମୂର୍ତ୍ତି ପୂଜା ଆରମ୍ଭ କରିଥିଲେ। ୧୯୦୨ ମସିହାରୁ ପୂଜକ ତିନିକଡି ଚକ୍ରବର୍ତ୍ତୀଙ୍କ ଦ୍ୱାରା ଦୁର୍ଗାପୂଜା ଆରମ୍ଭ ହୋଇଥିଲା।

**ଅଲିଶା ବଜାର ପୂଜା କମିଟି:** କଟକର କେତେକ ପ୍ରମୁଖ ପୂଜା କମିଟି ମଧ୍ୟରୁ ଅଲିଶା ବଜାର ପୂଜା କମିଟି ଅନ୍ୟତମ। ୨୦୦୦ ମସିହାରେ କମିଟିର ସଦସ୍ୟ ଏବଂ ପ୍ରତ୍ୟେକ ଘରୁ ସଂଗ୍ରହ କରାଯାଇଥିବା ଅନୁଦାନ ବଳରେ ସାଢେ ୪ କୁଇଣ୍ଟାଲ ଓଜନର ଚାନ୍ଦି ମେଢ ତିଆରି ହୋଇଥିଲା। ଅନ୍ୟ ଚାନ୍ଦି ମେଢ ତୁଳନାରେ ଅଲିଶା ବଜାର ପୂଜା କମିଟି ଚାନ୍ଦି ମେଢର ସ୍ୱତନ୍ତ୍ରତା ରହିଛି।

**ବାଲୁବଜାର ପୂଜା କମିଟି:** ୨୦୦୨ ମସିହାରେ ସ୍ଥାନୀୟ ଲୋକ ଏବଂ କିଛି ଅନୁଷ୍ଠାନର ଅନୁଦାନ ବଳରେ ଏହି ମଣ୍ଡପରେ ମା'ଙ୍କ ଚାନ୍ଦି ମେଢ ପ୍ରସ୍ତୁତ ହୋଇଥିଲା। ଏହାର ଓଜନ ପ୍ରାୟ ସାଢେ ୩ କୁଇଣ୍ଟାଲରୁ ଅଧିକ ରହିଛି। ଏହି ମେଢରେ ସୁନ୍ଦର ତାରକସୀ କାମର ଝଲକ ଦେଖିବାକୁ ମିଳେ। ଚାନ୍ଦି ଅଳଙ୍କାରରେ ମା'ଙ୍କ ମୁକୁଟଠାରୁ ପାଦୁକା ଆଚ୍ଛାଦିତ ହୋଇଥିବାବେଳେ ସୁନାର ଚିକ, ମାଣିତ୍ରୀ, ଟିକିଲି, କାନ ଏବଂ ବିସ୍କୁଟ୍ ଆକୃତିର ହାର ମଧ୍ୟ ରହିଛି।

**ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି:** ୨୦୧୧ ମସିହାରେ ସ୍ଥାନୀୟ ବାସିନ୍ଦାଙ୍କ ଅନୁଦାନରେ ଏହି କମିଟି ପକ୍ଷରୁ ୪ କୁଇଣ୍ଟାଲ ଓଜନର ଚାନ୍ଦି ମେଢ ତିଆରି କରାଯାଇଥିଲା। ଏହା ବ୍ୟତୀତ ୨୦୧୮ ମସିହାରେ ମା'ଙ୍କ ପାଇଁ ୩ କେଜି ଓଜନର ସୁନା ମୁକୁଟ ତିଆରି ହୋଇଛି। ଏହି କମିଟିର ମୁଖ୍ୟ ଆକର୍ଷଣ ରହିଥାଏ ସୁଉଚ୍ଚ ତୋରଣ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମୀନାକ୍ଷୀ ମନ୍ଦିର ଆକୃତିର ତୋରଣ ନିର୍ମାଣ କରାଯାଇଛି।

– ସୁପ୍ରିୟା ପ୍ରିୟଦର୍ଶିନୀ, କଟକ


ମଙ୍ଗଳାବାଗ


ବାଲୁବଜାର




# ମଣ୍ଡପକୁ ପ୍ରଥମ ଭୋଗ ଥାନାରୁ ଆସେ


ବାସୁଦେବପୁର ଥାନାହାଟ ଦୁର୍ଗାପୂଜା ମଣ୍ଡପ।

ଭଦ୍ରକ ଜିଲା ବାସୁଦେବପୁରର ଗାଁଠୁ ସହର ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପରେ ଶନିବାର ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ବାସୁଦେବପୁର ମୁଖ୍ୟ ବଜାରସ୍ଥିତ ପୌରପାଳିକା ଅଫିସ ସାମ୍ନାରେ ଥିବା ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଏଥର ୫୯ବର୍ଷରେ ପହଞ୍ଚିଛି। ଏହା ଥାନାହାଟ ଦୁର୍ଗାପୂଜା ନାମରେ ପରିଚିତ। ୧୯୬୫ରେ ବାସୁଦେବପୁରର ତତ୍କାଳୀନ ଥାନା କର୍ମଚାରୀ ଡମ୍ବରୁଧର ମହାନ୍ତି, ଯୋଗାଣ ଅଧିକାରୀ ଶତ୍ରୁଘ୍ନ ରାଉତ, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ମୁରଲୀଧର ସାମଲ ଓ କେତେକ ସ୍ଥାନୀୟ ବ୍ୟକ୍ତିଙ୍କ ଉଦ୍ୟମ ଓ ସହଯୋଗକ୍ରମେ ଏହି ଦୁର୍ଗାପୂଜା ପ୍ରଥମେ ବାସୁଦେବପୁର ପରିବା ହାଟରେ ଏକ ଚାଳଘରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ରୂପରେଖ ବଦଳି ଆଜବେଷ୍ଟସ୍ ଓ ଏବେ ସ୍ଥାୟୀ ପକ୍କାଗୃହ ମଣ୍ଡପରେ ପୂଜା ହେଉଛି। ପୂର୍ବ ପରମ୍ପରା ଅନୁସାରେ ଏହି ମଣ୍ଡପକୁ ପ୍ରଥମ ଭୋଗ ବାସୁଦେବପୁର ଥାନାରୁ ହିଁ ଆସିଥାଏ। ମା' ଦୁର୍ଗାଙ୍କ ଆକର୍ଷଣୀୟ ମେଢ଼ ସହ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଅତି ନିଖୁଣ ଭାବେ ଗଢ଼ାଯାଇ ପୂଜା କରାଯାଉଛି। ଥାନାହାଟ ପୂଜା କମିଟିର ସଭାପତି ପ୍ରଦୀପ ସାମଲ ଓ ସମ୍ପାଦକ ଭାବେ ଜୀବନ ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି। ମା'ଙ୍କୁ ଦର୍ଶନ ପାଇଁ ପୂଜା ମଣ୍ଡପରେ ଭିଡ଼ ଲାଗିବା ଆରମ୍ଭ ହେଲାଣି। ସେହିପରି ସମିଆ, ଗୁଆଗଡ଼ିଆ, ବେତଡ଼ା, ନରସିଂହପୁର, ବିଦ୍ୟୁତ୍‌ମାର୍ଗ, ବାଳିନଗର, ତାରିଣୀଛକ, ଉଚ୍ଚଡିହା, ଭୈରବପୁର, ଦେଉଳୀ, ଇରମ ସମେତ ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା କରାଯାଉଛି।

– ନାରାୟଣ ପ୍ରସାଦ ବାରିକ, ବାସୁଦେବପୁର, ଭଦ୍ରକ









# ଗାଜାରେ ପହଞ୍ଚିଲା ସହାୟତା



ଇଜିପ୍ଟରୁ ରାଫାହ ଗେଟ୍ ଦେଇ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଟ୍ରକ୍‌ଗୁଡ଼ିକ ଗାଜା ଷ୍ଟ୍ରିପ୍‌କୁ ଯାଉଛି।

**ଗାଜା ସିଟି/ଜେରୁଜେଲମ୍,୨୧।୧୦**

ଇସ୍ରାଏଲ ଓ ହମାସ୍ ଯୁଦ୍ଧକୁ ଶନିବାର ୧୫ ଦିନ ପୂରିଥିବାବେଳେ ଗାଜାରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ସହାୟତା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଗୋଟିଏ ପରେ ଗୋଟିଏ ଟ୍ରକ୍ ପହଞ୍ଚିବାରେ ଲାଗିଛି। ତେବେ ଇସ୍ରାଏଲ ପକ୍ଷରୁ ରକେଟ୍ ଓ ମିଶାଇଲ ମାଡ଼ ଜାରି ରହିଛି। ଅକ୍ଟୋବର ୭ରେ ଗାଜାର ଶାସକ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଇସ୍ରାଏଲ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଗାଜାକୁ ଟାର୍ଗେଟ କରିବା ସହ ସେଠାକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ କରିଦେଇଥିଲା। ଏହି କଟକଣାକୁ ଶନିବାର ୧୨ ଦିନ ପୂରିଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅନୁରୋଧ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହମତିକ୍ରମେ ଇଜିପ୍ଟ ସୀମାନ୍ତ ରାଫାହ ପଏଣ୍ଟ ଦେଇ ଗାଜା ଷ୍ଟ୍ରିପ୍‌କୁ ସହାୟତା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଟ୍ରକ୍‌ଗୁଡ଼ିକ ପ୍ରବେଶ କରିଛି। ଧଳା ରଙ୍ଗର ପତାକା ଲାଗିଥିବା ଏହି ଟ୍ରକ୍‌ଗୁଡ଼ିକ ରାଫାହ ଓ ଖାନ୍ ୟୁନିସ୍ ସହରରେ ବାସଚ୍ୟୁତ ହୋଇଯାଇଥିବା ଲୋକଙ୍କ ଲାଗି ଖାଦ୍ୟ, ଜଳ ଓ ଔଷଧ ଦେଇଛି। ତେବେ ମାନବୀୟ ସହାୟତାରେ ଇନ୍ଧନ ଯୋଗାଣକୁ ସାମିଲ କରାଯାଇ ନ ଥିବାରୁ ପାଲେଷ୍ଟିନୀୟ ଅଧିକାରୀମାନେ ନିରାଶ ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି, ଗାଜାରେ ପହଞ୍ଚୁଥିବା ସହାୟତା ହମାସ୍ ହାତରେ ପଡ଼ିଲେ ଆତଙ୍କବାଦୀମାନେ ଖାଇଯିବେ। ତେଣୁ ରାଫାହ କ୍ରସିଂ କର୍ତ୍ତୃପକ୍ଷ ଏହାର ସୁବିନିଯୋଗ କରନ୍ତୁ। ହମାସ୍‌ର ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ଜାତିସଂଘର ଅଧିକାରୀମାନେ କହିଛନ୍ତି, ଗାଜାବାସୀଙ୍କ ପାଇଁ ଦିନକୁ ଅନ୍ୟୂନ ୧୦୦ ଟ୍ରକ୍‌ରେ ସହାୟତା ପହଞ୍ଚିବା ଆବଶ୍ୟକ। ଏହି ସଂଘର୍ଷ ଆରମ୍ଭ ହେବା ପୂର୍ବରୁ ଗାଜାକୁ ଦୈନିକ ପ୍ରାୟ ୪୫୦ ଟ୍ରକ୍ ଯାଉଥିଲା।

## ମା’ଝିଅଙ୍କ ମୁକ୍ତିର ଆନନ୍ଦ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଜୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଚେତାବନୀ ଦେଇଥିବାବେଳେ ଶୁକ୍ରବାର ହମାସ୍ ପକ୍ଷରୁ କାତାର ମଧ୍ୟସ୍ଥତାରେ ୨ ଆମେରିକୀୟ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଛି। ହମାସ୍ ଆତଙ୍କବାଦୀମାନେ ଅକ୍ଟୋବର ୭ରୁ ୨୧୦ ଜଣଙ୍କୁ ପଣବନ୍ଦୀ ରଖିଥିବାବେଳେ ମାନବିକତା ଦୃଷ୍ଟିରୁ ଏହା ହେଉଛି ପ୍ରଥମ ମୁକ୍ତି। ୫୯ ବର୍ଷୀୟା ଜୁଧିଥ୍ ତାଇ ରାନନ୍ ଓ ତାଙ୍କ ଝିଅ ନାଟାଲିଏ (୧୭)ଙ୍କୁ ଦକ୍ଷିଣ ଇସ୍ରାଏଲରୁ ଅପହରଣ କରିନିଆଯାଇଥିଲା। ମୁକ୍ତ ହେବା ପରେ ଦୁହେଁ ନୂଆ ଜୀବନ ପାଇଥିବା କହିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏନେଇ ଖୁସି ବ୍ୟକ୍ତ କରିବା ସହ କାତାର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମୁକ୍ତ ମହିଳା ଓ ତାଙ୍କ ସ୍ୱଳ୍ପବୟସ୍କା ଝିଅଙ୍କ ସହ ଫୋନ୍‌ରେ କଥାହୋଇ ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।



ଜୁଧିଥ୍ ତାଇ ରାନନ୍‌ଙ୍କ ସହ ଝିଅ ନାଟାଲିଏ।

ଅନ୍ୟପକ୍ଷେ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ ଜାରି ରହିଥିବା ଯାଏ ପଣବନ୍ଦୀ ଥିବା ଇସ୍ରାଏଲୀ ସୈନ୍ୟମାନଙ୍କ ଭାଗ୍ୟ ଉପରେ କୌଣସି ଆଲୋଚନା ହେବ ନାହିଁବୋଲି ଶନିବାର ହମାସ୍ ସ୍ପଷ୍ଟ କରିଛି।

## ମୁଁ ଏ ମାଟିର ସନ୍ତାନ: ଶରିଫ୍



ନୱାଜ ଶରିଫ୍ ଫେରିବା ପରେ ଲାହୋରରେ ଉତ୍ସବ ମନାଉଛନ୍ତି ସମର୍ଥକ।

**ଲାହୋର,୨୧।୧୦**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଲାହୋରରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ମୁଁ ଏ ମାଟିର ସନ୍ତାନ। ମରିୟମ୍ ନୱାଜ (ଶରିଫ୍‌ଙ୍କ ଝିଅ) ହେଉଛନ୍ତି ମାଟିର କନ୍ୟା। ଶରିଫ୍ ଏଭଳି ମନ୍ତବ୍ୟ ଦେଇ ପରୋକ୍ଷରେ ନିଜ ଝିଅଙ୍କୁ ରାଜନୈତିକ ଉତ୍ତରାଧିକାରୀ ଭାବେ ବାଛିଥିବା କୁହାଯାଉଛି।

### ଘଟଣାକ୍ରମ

**୨୦୧୮ ଜୁଲାଇ ୬:** ନୱାଜ ଶରିଫ୍ ଅସୁସ୍ଥ ଥିବା ଦର୍ଶାଇ ଲଣ୍ଡନରେ ଥିବାବେଳେ ତାଙ୍କ ଅନୁପସ୍ଥିତିରେ ଆଭେନ୍‌ଫିଲ୍ଡ ମାମଲାର ରାୟ ପ୍ରକାଶ ପାଇଥିଲା। ଶରିଫ୍‌ଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।

**ଜୁଲାଇ ୧୩:** ଶରିଫ୍ ଓ ତାଙ୍କ ଝିଅ ମରିୟମ୍ ନୱାଜ ଲଣ୍ଡନରୁ ଲାହୋର ଫେରିବା ପରେ ଦୁହିଁଙ୍କୁ ଗିରଫ କରାଯାଇଥିଲା।

**ସେପ୍ଟେମ୍ବର ୧୧:** ଲଣ୍ଡନରେ ଶରିଫ୍‌ଙ୍କ ସ୍ତ୍ରୀ କୁଲସୁମ୍ ନୱାଜଙ୍କ ପରଲୋକ ହୋଇଥିଲା।

**ସେପ୍ଟେମ୍ବର ୧୨:** ଶରିଫ୍, ତାଙ୍କ ଝିଅ ଓ ଜ୍ୱାଇଁଙ୍କୁ ପାରୋଲରେ ଛଡ଼ାଯାଇଥିଲା। ସେମାନେ କୁଲସୁମ୍‌ଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ।

**ସେପ୍ଟେମ୍ବର ୧୯:** ଇସ୍‌ଲାମାବାଦ ହାଇକୋର୍ଟ ଏହି ଦୁର୍ନୀତି ମାମଲାରେ ଦିଆଯାଇଥିବା ଦଣ୍ଡାଦେଶ ଉପରେ ସାମୟିକ ସ୍ଥଗିତାଦେଶ ଜାରି କରିଥିଲେ।

**ଡିସେମ୍ବର ୨୪:** ଅଲ୍-ଅଜିଜ୍ ସୁଗାର ମିଲ୍ସ ମାମଲାରେ ଶରିଫ୍‌ଙ୍କୁ ୭ ବର୍ଷ ଜେଲ ଦଣ୍ଡ ଓ ୧.୫ ବିଲିୟନ୍ ପାକିସ୍ତାନୀ ରୁପିର ଜରିମାନା ଆଦେଶ ଦିଆଯାଇଥିଲା।

**୨୦୧୯ ଜାନୁୟାରୀ:** ପିଏମ୍‌ଏଲ୍-ଏନ୍ ସୁପ୍ରିମୋ ଅଲ୍ ଅଜିଜିଆ ମାମଲାର ରାୟକୁ ଇସ୍‌ଲାମାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ଅକ୍ଟୋବର ୨୫:** ଶରିଫ୍‌ଙ୍କ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇଥିବା ଦର୍ଶାଇ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ପରାମର୍ଶ ଦେଇଥିଲେ।

**ଅକ୍ଟୋବର ୨୬:** ଶରିଫ୍‌ଙ୍କୁ ସୁଗାର ମିଲ୍ସ ମାମଲାରେ ସ୍ୱାସ୍ଥ୍ୟଗତ କାରଣରୁ ଅନ୍ତରୀଣ ଜାମିନ ମିଳିଥିଲା।

**ଅକ୍ଟୋବର ୨୯:** ଅଲ୍-ଅଜିଜିଆ ମାମଲାରେ ଇସ୍‌ଲାମାବାଦ ହାଇକୋର୍ଟ ତାଙ୍କୁ ୮ ସପ୍ତାହ ପାଇଁ ଜାମିନ ପ୍ରଦାନ କରିଥିଲେ।

**ନଭେମ୍ବର ୧୩:** ଶରିଫ୍‌ଙ୍କୁ ମାତ୍ର ୪ ସପ୍ତାହ ଲାଗି ବିଦେଶ ଗସ୍ତ ପାଇଁ ତତ୍କାଳୀନ ସରକାର ଥରୁଟିଏ ଅନୁମତି ଦେଇଥିଲେ।

ନଭେମ୍ବର ୧୯: ଶରିଫ୍ ଲାହୋରରୁ ଏକ ଏୟାର ଆମ୍ବୁଲାନ୍ସରେ ଲଣ୍ଡନ ଯାଇଥିଲେ।

**୨୦୨୦ ସେପ୍ଟେମ୍ବର ୧:** ଫେବୃୟାରୀ ୨୭ରେ ଜାମିନ ଅବଧି ଶେଷ ହୋଇଥିବା ଦର୍ଶାଇ ଇସ୍‌ଲାମାବାଦ ହାଇକୋର୍ଟ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ହାଜର ହୋଇ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

**୨୦୨୩ ସେପ୍ଟେମ୍ବର ୧୨:** ନୱାଜ ଶରିଫ୍ ଅକ୍ଟୋବର ୨୧ରେ ପାକିସ୍ତାନ ଫେରି ନିଜ ଦଳର ପ୍ରଚାର ନେତୃତ୍ୱ ନେବେ ବୋଲି ତାଙ୍କ ଭାଇ ଶେହବାଜ ଶରିଫ୍ ପ୍ରଘଟ କରିଥିଲେ।

**ଅକ୍ଟୋବର ୧୯:** ଶରିଫ୍‌ଙ୍କୁ ଦୁଇଟି ମାମଲାରେ ସୁରକ୍ଷାତ୍ମକ ଜାମିନ ମିଳିଥିବାବେଳେ ଉତ୍ତରଦାୟିତ୍ୱ ଅଦାଲତ ତୋଶାଖାନା ମାମଲାରେ ତାଙ୍କ ଗିରଫ ପରୱାନାକୁ ଖାରଜ କରିଦେଇଥିଲେ। ଫଳରେ ଅକ୍ଟୋବର ୨୧ରେ ଶରିଫ୍ ସ୍ୱଦେଶକୁ ଫେରିବା ବାଟ ସୁଗମ ହୋଇଥିଲା।

## ଇନ୍ଦ୍ରମଣି ପାଣ୍ଡେ ହେବେ ବିମ୍‌ଷ୍ଟେକ୍ ମହାସଚିବ

**ନୂଆଦିଲ୍ଲୀ,୨୧।୧୦(ପି.ଟି.)**



ବରିଷ୍ଠ କୂଟନୀତିଜ୍ଞ ଇନ୍ଦ୍ରମଣି ପାଣ୍ଡେ ୭ ରାଷ୍ଟ୍ର ବିଶିଷ୍ଟ ବେ ଅଫ୍ ବେଙ୍ଗାଲ ଇନିସିଏଟିଭ୍ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ୍ (ବିମ୍‌ଷ୍ଟେକ୍)ର ନୂଆ ମହାସଚିବ ହେବେ। ଏନେଇ ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ, ଶ୍ରୀଲଙ୍କା, ବାଂଲାଦେଶ, ମ୍ୟାନ୍‌ମାର, ଥାଇଲାଣ୍ଡ, ନେପାଳ ଓ ଭୁଟାନ ସଦସ୍ୟ ଥିବା ଏହି ରାଷ୍ଟ୍ରଗୋଷ୍ଠୀର ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଇନ୍ଦ୍ରମଣି ପ୍ରଥମ ଭାରତୀୟ। ୧୯୯୦ ବ୍ୟାଚ୍ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ଇନ୍ଦ୍ରମଣି ବର୍ତ୍ତମାନ ଜାତିସଂଘ ଓ ଜେନେଭାସ୍ଥିତ ଅନ୍ୟ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକରେ ଭାରତର ସ୍ଥାୟୀ ପ୍ରତିନିଧି ରୂପେ କାର୍ଯ୍ୟରତ। ସେ ଖୁବ୍‌ଶୀଘ୍ର ନୂଆ ଦାୟିତ୍ୱ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## କିଶୋରୀମାନେ ଯୌନ କାମନା ନିୟନ୍ତ୍ରଣ କରନ୍ତୁ

**କାଲ୍‌କାଟା ହାଇକୋର୍ଟଙ୍କ ଟିପ୍ପଣୀ**

**କୋଲକାତା,୨୧।୧୦**



କିଶୋରୀମାନେ ଦୁଇ ମିନିଟ୍‌ର ଖୁସି ପଛରେ ନ ଧାଇଁ ସେମାନଙ୍କ ଯୌନ କାମନାକୁ ନିୟନ୍ତ୍ରଣ କରିବା ଜରୁରୀ ବୋଲି କାଲ୍‌କାଟା ହାଇକୋର୍ଟ ଏକ ବଳାତ୍କାର ମାମଲାର ଶୁଣାଣି ବେଳେ କହିଛନ୍ତି। ସେହିପରି କିଶୋରମାନେ ମଧ୍ୟ ଯୁବତୀ ଓ ମହିଳାମାନଙ୍କୁ ତଥା ସେମାନଙ୍କ ମର୍ଯ୍ୟାଦାକୁ ସମ୍ମାନ ଦେବା ଶିଖନ୍ତୁ ବୋଲି ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଣେ ନାବାଳିକା ସହ ପ୍ରେମ ସମ୍ପର୍କରେ ଥାଇ ତାଙ୍କୁ ବଳାତ୍କାର କରିବା ଅଭିଯୋଗରେ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ଜଣେ କିଶୋରଙ୍କୁ ଦୋଷମୁକ୍ତ କରିବା ଅବସରରେ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏବଂ ପାର୍ଥସାରଥୀ ସେନ୍‌ଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଖଣ୍ଡପୀଠ କିଶୋର କିଶୋରୀଙ୍କ କର୍ତ୍ତବ୍ୟର ଏକ ତାଲିକା ଦେଇଛନ୍ତି। ଜଣେ କିଶୋରୀ ମାତ୍ର ୨ ମିନିଟ୍‌ର ଯୌନ ସନ୍ତୁଷ୍ଟି ଉପଭୋଗ କରିବାକୁ ଯାଇ ସମାଜ ଆଖିରେ କ୍ଷତିଗ୍ରସ୍ତ ହୋଇଥାଏ। ସେଥିପାଇଁ ଯୌନ ଇଚ୍ଛାକୁ କାବୁ କରିବା କିଶୋରୀମାନଙ୍କ କର୍ତ୍ତବ୍ୟ। ସେମାନେ ନିଜ ଶରୀରର ପବିତ୍ରତାକୁ ସୁରକ୍ଷିତ ରଖିବା ସହ ନିଜ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ବଜାୟ ରଖିବାକୁ ହେବ। ସେହିପରି କିଶୋରମାନେ ମହିଳାଙ୍କୁ ଓ ସେମାନଙ୍କ ମର୍ଯ୍ୟାଦା ଏବଂ ଆତ୍ମସମ୍ମାନକୁ ସମ୍ମାନ ଦେଇ ଶିଖିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

**ଫୁର୍‌ସତ୍**

# ପଥରରେ ଗୁପ୍ତ ଟ୍ରେଜର ନକ୍ସା

**ପ୍ୟାରିସ୍**



ନିକଟରେ ବୈଜ୍ଞାନିକମାନେ ୪ହଜାର ବର୍ଷ ପୁରୁଣା ଏକ ରହସ୍ୟମୟ ପଥର ବାବଦରେ କିଛି ତଥ୍ୟ ହାସଲ କରିଛନ୍ତି। ସେମାନଙ୍କ କହିବା କଥା କି, ପଥର ଉପରେ ହୋଇଥିବା କଳାକୃତି ପ୍ରକୃତରେ ଏକ ପ୍ରକାରର ଗୁପ୍ତ ଟ୍ରେଜର। ନକ୍ସା ଅଟେ। କାଂସ୍ୟ ଯୁଗର ଏହି ପଥର ସେଣ୍ଟ ବେଲାକ ସ୍ଲାବ୍ ନାମରେ ପରିଚିତ, ଯାହାକୁ ବୈଜ୍ଞାନିକମାନେ ୨୦୦୧ରେ ୟୁରୋପର ସବୁଠୁ ପୁରୁଣା ନକ୍ସା ବୋଲି କହିଥିଲେ। ସେବେଠାରୁ ବୈଜ୍ଞାନିକମାନେ ଏହି ନକ୍ସା ବାବଦରେ ଜାଣିବାକୁ ପ୍ରୟାସ କରୁଥିଲେ। ରିପୋର୍ଟ ମୁତାବକ, ବର୍ତ୍ତମାନ ବୈଜ୍ଞାନିକମାନେ ଫ୍ରାନ୍ସରେ ହଜିଯାଇଥିବା ପର୍ବତକୁ ଖୋଜିବାକୁ ଖଜାନା ନକ୍ସା ଭାବେ ବ୍ୟବହାର କରୁଛନ୍ତି। ୱେଷ୍ଟର୍ନ ବ୍ରିଟାନି ୟୁନିଭର୍ସିଟିର ପ୍ରଫେସର ୟବନ ପିଲାର କହିଛନ୍ତି, ପ୍ରତ୍ନତାତ୍ତ୍ୱିକ ସ୍ଥାନ ବାବଦରେ ଜାଣିବାକୁ ନକ୍ସା ଏକ ଉତ୍ତମ ମାଧ୍ୟମ। ଏଥିସହ ସେ କହିଛନ୍ତି, ଏହା ଏକ ଖଜାନାର ନକ୍ସା ଅଟେ। ତେବେ ଏହି ନକ୍ସା ବାବଦରେ ବୈଜ୍ଞାନିକଙ୍କୁ ଜାଣିବାକୁ ପ୍ରାୟ ୧୫ ବର୍ଷ ସମୟ ଲାଗିଯିବ। ଏହି ନକ୍ସା ୩୦ କିମି. ଲମ୍ବା ଓ ୨୧ କି.ମି. ଚଉଡ଼ା। ପଥରରେ ଛୋଟ ଛୋଟ ଗାତ ରହିଛି, ଯାହା କବର ସ୍ଥାନ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। କିଛିଟା ଜିନିଷ ନଦୀ ଏବଂ ପାହାଡ଼କୁ ଦର୍ଶାଉଛି। ଏହି ପଥର ପ୍ରଥମଥର ୧୯୦୦ରେ ଖୋଜାଯାଇଥିଲା। ପରେ ସେ ଏକ ମହଲର ଷ୍ଟୋର ରୁମ୍‌ରେ ୨୦୧୭ ପର୍ଯ୍ୟନ୍ତ ପଡ଼ିରହିଥିଲା।

## ମୁମ୍ବାଇ ଛାଡ଼ିବେ ଆମିର



**ମୁମ୍ବାଇ:** ବଲିଉଡ୍ ମିଷ୍ଟର ପର୍ଫେକ୍ଟନିଷ୍ଟ ଆମିର ଖାନ୍‌ଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସେ ଖୁବ୍‌ଶୀଘ୍ର ମାୟାନଗରୀ ମୁମ୍ବାଇ ଛାଡ଼ିଦେବେ ବୋଲି ଜଣାପଡ଼ିଛି। ସେ ମୁମ୍ବାଇ ଛାଡ଼ି ଚେନ୍ନାଇ ଯିବେ। ଏପରି ହଠାତ୍ ତାଙ୍କ ସ୍ଥାନ ବଦଳିବାର କାରଣ ତାଙ୍କ ମା’ ଜନିତ ହୁସେନ ବୋଲି କୁହାଯାଉଛି। ଆସନ୍ତା ୨ ମାସ ପର୍ଯ୍ୟନ୍ତ ଆମିର ଚେନ୍ନାଇରେ ହିଁ ରହିବେ। ତାଙ୍କ ମା’ଙ୍କ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଛି। ଆମିର ସେହି ହସ୍ପିଟାଲ ନିକଟ ଏକ ହୋଟେଲରେ ରହିବେ। ଯେତେବେଳେ ଆବଶ୍ୟକ ପଡ଼ିବ ସେ ତାଙ୍କ ମା’ଙ୍କ ପାଖକୁ ଯାଇପାରିବେ। ଏନେଇ ଆମିର ଏକ ସାକ୍ଷାତ୍‌କାରରେ କହିଛନ୍ତି, ‘କାମ ବ୍ୟସ୍ତ ଯୋଗୁ ସେ ତାଙ୍କ ପରିବାରକୁ ସମୟ ଦେଇପାରୁନାହାନ୍ତି। ତେଣୁ ଏବେ ସେ କାମରୁ ବିରତି ନେଇ ପରିବାରକୁ ସମୟ ଦେବେ। ଏବେ ଆମିର ତାଙ୍କ ମା’ଙ୍କ ସହ ପୂରା ସମୟ ବିତାଉଛନ୍ତି। ତେବେ ଆମିର ନିକଟରେ ତାଙ୍କ ଆଗାମୀ ଫିଲ୍ମ ‘ତାରେ ଜାମିନ୍ ପର’ ସମ୍ପର୍କରେ ଘୋଷଣା କରିଥିଲେ।

## ସମୁଦ୍ର ତଟରେ ରହସ୍ୟମୟ ଜୀବ





**ପୋର୍ଟ ମୋରେସ୍ବାଏ**

ପପୁଆ ନ୍ୟୁ ଗିନିରେ ଏକ ରହସ୍ୟମୟୀ ଜୀବ ଦେଖିବାକୁ ମିଳିଛି। ଏହି ଜୀବ ଦେଖିବାକୁ ଆମର କାଳ୍ପନିକ ଚରିତ୍ର ଜଳପରୀ ଭଳି। ଗତମାସରେ ଏହି ଜୀବ ପପୁଆ ନ୍ୟୁ ଗିନି ସମୁଦ୍ର ତଟକୁ ଭାସି ଆସିଥିଲା। ରିପୋର୍ଟ ମୁତାବକ, ଏହି ଜୀବ ବାବଦରେ ବୈଜ୍ଞାନିକମାନଙ୍କ ପାଖରେ କୌଣସି ତଥ୍ୟ ନାହିଁ। ଲୋକେ ଏହାକୁ ବିଭିନ୍ନ ପ୍ରକାର ଜୀବର ନାମ ଦେଉଥିବାବେଳେ ବୈଜ୍ଞାନିକମାନେ ଏହାକୁ କେବଳ ଏକ ସାମୁଦ୍ରିକ ଜୀବ ବୋଲି କହିଛନ୍ତି। ଏହି ସାମୁଦ୍ରିକ ଜୀବର ମୃତଦେହ ସମୁଦ୍ର ତଟରୁ ମିଳିଥିଲା। ପପୁଆ ନ୍ୟୁ ଗିନି ଏକ ଛୋଟ ଜନସଂଖ୍ୟାବିଶିଷ୍ଟ ଜ୍ୱାଳାମୁଖୀ ଦ୍ୱୀପ। ତଟରେ ଏପରି ଏକ ଜୀବ ମିଳିବା ପରେ ସ୍ଥାନୀୟ ଲୋକେ ତାକୁ ଦେଖିବାକୁ ସେଠାରେ ରୁଣ୍ଡ ହୋଇଥିଲେ। ପରେ ସେମାନେ ସେହି ଜୀବକୁ ନେଇ ପୋତି ଦେଇଥିଲେ। କୁହାଯାଉଛି କି, ଏହା ଶାର୍କ ବା ହ୍ୱେଲର ଅବଶେଷାଂଶ। ତାହା ମରିବା ପରେ ତା’ର କିଛି ଅଂଶ ଶରୀରରୁ ଅଲଗାହୋଇ ପଚି ଏପରି ବିଚିତ୍ର ରୂପ ଧାରଣ କରିଛି। ଏହି ଜୀବକୁ ସାଧାରଣତଃ ଜଳପରୀ ବୋଲି କୁହାଯାଉଛି। ହେଲେ ଏହି ଜୀବ ମରିଯାଇଥିବାରୁ ତା’ର ଚିହ୍ନଟ କରାଯାଇପାରିନି।

## ବେକର ଚଉଡ଼ା ୨୦ ଇଞ୍ଚ

**ବୋଗୋଟା**

ସାଧାରଣତଃ ମଣିଷଙ୍କ ବେକର ମୋଟା ୧୪ରୁ ୧୭ ଇଞ୍ଚ ମଧ୍ୟରେ ହୋଇଥାଏ। ହେଲେ ନିକଟରେ କଲମ୍ବିଆର ବଡିବିଲ୍ଡରଙ୍କ ବେକ ସବୁଠୁ ମୋଟା ବୋଲି ଜଣାପଡ଼ିଛି। ତାଙ୍କ ବେକର ଚଉଡ଼ା ୨୦ ଇଞ୍ଚ। ଫିଟ୍‌ନେସ୍ ଜଗତରେ ବଡିବିଲ୍ଡର ରୁବେଲ ମସ୍କ୍ୟୁରାଙ୍କୁ ସବୁଠୁ ମୋଟା ବେକ ପାଇଁ ‘ନେକ୍‌ଜିଲା’ କୁହାଯାଉଛି। ରିପୋର୍ଟ ମୁତାବକ, ରୁବେଲ ସୋସିଆଲ ମିଡିଆରେ ବହୁତ ଆକ୍ଟିଭ୍। ତାଙ୍କର ଅଧିକ ଫଲୋୟର୍ସ ଥିବାବେଳେ ତାଙ୍କର ଏପରି ମୋଟା ବେକ ସବୁବେଳେ ଚର୍ଚ୍ଚାର ବିଷୟ ପାଲଟିଥାଏ। ସେ ଜଣେ ବଡିବିଲ୍ଡର ହୋଇଥିବାବେଳେ ତାଙ୍କ କସରତର ଫଟୋ ସବୁବେଳେ ସୋସିଆଲ ମିଡିଆରେ ଛାଡ଼ିଥାନ୍ତି।



## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍

ପାଣିକୋଇଲି,୨୧।୧୦(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ-ପାଣିକୋଇଲି ରାସ୍ତାର ରାଇସ ମିଲ ଅନତି ଦୂରରେ ଟ୍ରକ ପଛରେ ପିକଅପ୍ ଭ୍ୟାନ୍ ପିଟି ହୋଇଛି। ଏଥିରେ ପିକ୍‌ଅପ ଭ୍ୟାନ ଚାଳକ ଆହତ ହୋଇଛନ୍ତି। ରାଜପଥରେ ଟ୍ରକ ଛିଡ଼ା ହୋଇଥିବା ବେଳେ ଯାଜପୁରରୋଡ୍ ପଟୁ ଏକ ପିକଅପ ଭ୍ୟାନ୍ ଆସି ପଛରୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍ ଭାଙ୍ଗିଯିବା ସହିତ ତାର ବାମ ପଟ ଆଗ ଚକା ବାହାରି ଯାଇଥିଲା। ଚାଳକ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇଛି।

### ଗୋପୀନାଥ ବିଦ୍ୟା ମନ୍ଦିରରୁ ଚୋରି

ବାଲିଚନ୍ଦ୍ରପୁର,୨୧।୧୦(ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗରସ୍ଥିତ ଗୋପୀନାଥ ବିଦ୍ୟାମନ୍ଦିରରୁ ଚୋରି ହୋଇଛି। ଏନେଇ ପ୍ରଧାନଶିକ୍ଷକ ଦିଲୀପ କୁମାର ଦାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ସ୍କୁଲ କାର୍ଯ୍ୟାଳୟର ତାଲା ଭାଙ୍ଗି ୫-ଟି ଯୋଜନାରେ ସ୍କୁଲରେ ଲାଗିବାକୁ ଥିବା ପ୍ରଦତ୍ତ ବିଜ୍ଞାନ ଓ ପାଠାଗାର ସମ୍ବନ୍ଧୀୟ ଅନେକ ମୂଲ୍ୟବାନ ଉପକରଣ ଚୋରି କରିନେଇଛନ୍ତି। ସେହିପରି ଶୁକ୍ରବାର ରାତିରେ ଗୋପାଳପୁର ପଞ୍ଚାୟତ ଖଡ଼ଗପୁରସ୍ଥିତ ସହଦେବ ବିଦ୍ୟାପୀଠ ଓ ଜୟଦୁର୍ଗା ନୋଡାଲ ୟୁପିସ୍କୁଲ କାର୍ଯ୍ୟାଳୟର ତାଲାଗୁଡ଼ିକ ଦୁର୍ବୃତ୍ତ ଭାଙ୍ଗିଥିଲେ ମଧ୍ୟ କିଛି ନେଇ ନ ଥିବା ଜଣାପଡ଼ିଛି।

### କୁଆଖିଆ ଥାନା ଅଞ୍ଚଳର ୨ ସ୍ଥାନରୁ ଚୋରି

ରସୁଲପୁର,୨୧।୧୦(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ କୁଆଖିଆ ବଜାରର ଏକ କୃଷି ଯନ୍ତ୍ରାଂଶ ଦୋକାନ ଓ ନଠୁଆବର ପଞ୍ଚାୟତର ତାରିଣୀ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ତଦନ୍ତବେଳେ ପୋଲିସକୁ ଠୋସ୍ ସୁରାକ ମିଳି ନ ଥିବା ଜଣାଯାଇଛି। କୁଆଖିଆ ବଜାରର ପରିବା ମାର୍କେଟ ନିକଟ ବିଜୁ ଗ୍ରାମୀଣ ବଜାରଠାରେ କୃଷି ଯନ୍ତ୍ରାଂଶ ବିକ୍ରି ହେଉଥିବା ଦୋକାନର ସ୍କାଇଲାଇଟ୍ ଭାଙ୍ଗି ଦୁର୍ବୃତ୍ତ ୨୦ହଜାର ଟଙ୍କା ନେଇ ଯାଇଥିବା ଜଣାଯାଇଛି। ଯନ୍ତ୍ରାଂଶ ଚୋରି ସମ୍ଭବ ହୋଇ ନ ପାରିବାରୁ ସେ ସବୁ ଜିନିଷକୁ ଛାଡି ପଳାଇ ଯାଇଥିଲେ। ଏନେଇ ଦୋକାନ ମାଲିକ ଅକ୍ଷୟ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ନଂ.୩୯୨/୨୩ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ନଠୁଆବର ପଞ୍ଚାୟତ ଟାକୁଆଠେଙ୍ଗ ତାରିଣୀ ମନ୍ଦିରରୁ ଚୋରି ହୋଇଛି। ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତ ୩ବସ୍ତା ଚାଉଳ, ୨ ପାଣିପମ୍ପ, ରୂପା ମୁକୁଟ, ସୁନା ଟିକା ଆଦି ଚୋରି କରି ନେଇଥିବା ଚୈତନ୍ୟ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ଥାନାରେ ନମ୍ବର.୩୯୩/୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ଦୁର୍ଘଟଣା:ଜଣେ ମୃତ, ୩ ଗୁରୁତର

କେନ୍ଦୁଝର,୨୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ନୟାକୋଟ ଥାନା ଅଞ୍ଚଳରେ ଏକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ବାମେବାରୀ ଥାନା ସେକେରାଡ଼ି ଗ୍ରାମର ଲୁଲୁ ମୁଣ୍ଡା(୨୮)। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷେ ଆମ୍ବୁଲାନ୍ସ ଆସି ନ ଥିବାରୁ ନୟାକୋଟ ପୋଲିସ ଗୁରୁତରଙ୍କୁ ପିକଅପ୍ ଯୋଗେ ମେଡିକାଲ ପଠାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ଯାଜପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍**
- ୧୦୦ ଦିନର କାମ ପାଇଛନ୍ତି ୧୪୨୬ ପରିବାର
- ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକରେ ସର୍ବନିମ୍ନ ୧୪ ପରିବାର

ଯାଜପୁର,୨୧।୧୦(ହର୍ଷବର୍ଦ୍ଧନ ବେହେରା)


ପୋଖରୀ କାମରେ ମେଶିନ ବ୍ୟବହାର କରାଯାଉଛି।

ଗ୍ରାମାଞ୍ଚଳରେ ଲୋକଙ୍କୁ କାମଧନ୍ଦା ଯୋଗାଇବା ଏବଂ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି ଉଦ୍ଦେଶ୍ୟରେ ସଂସଦରେ ଗୃହୀତ ଆଇନ ବଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକାରୀ ହେଉଛି। ଦେଶର କେତେକ ରାଜ୍ୟରେ ଏହି ଯୋଜନାକୁ ଉତ୍ସାହଜନକ ସଫଳତା ମିଳିଛି। କିନ୍ତୁ ଯାଜପୁର ଜିଲାରେ ଏହି ଯୋଜନାକୁ ଲକ୍ଷ୍ୟଭ୍ରଷ୍ଟ କରାଯାଇ ଶ୍ରମିକ ବଦଳରେ ମେଶିନରେ କାମ କରାଯାଉଥିବା ଅଭିଯୋଗ ହେଉଛି। ଜିଲାର ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ମେଶିନରେ କାମ ହୋଇଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଜବ୍‌କାର୍ଡରେ କାର୍ଯ୍ୟଦିବସ ଦର୍ଶାଯାଇ ଅର୍ଥ ଲୁଟ୍ କରିବାକୁ ଯୋଜନା ହେଉଥିବାବେଳେ ଶ୍ରମିକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟ ସାଧାରଣ ଯୋଜନା ଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମଲାତନ୍ତ୍ର ଏବଂ ଠିକାଦାରଙ୍କ ଜାଲରେ ଛନ୍ଦି ହୋଇ ଦିଗହରା ହୋଇଥିବା ପରିଲକ୍ଷିତ ହେଉଛି। ଗାଇଡ୍‌ଲାଇନ୍ ଅନୁସାରେ ଏହି ଯୋଜନା ପାଇଁ ଆବଣ୍ଟିତ ପାଣ୍ଠିରୁ ଲୋକଙ୍କୁ ମଜୁରି ଦେବାରେ ୬୦ପ୍ରତିଶତରୁ କମ୍ ଖର୍ଚ୍ଚ ହେବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ୨୦୨୩-୨୪ ବର୍ଷରେ ଶନିବାର ସୁଦ୍ଧା ୧୪୨୬ ପରିବାର ୧୦୦ଦିନର କାମ ପାଇଥିବା ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ମାତ୍ର ବାସ୍ତବପକ୍ଷେ ଏଥିରୁ ୫୦ ପ୍ରତିଶତ ମେଶିନ ଦ୍ୱାରା ଖର୍ଚ୍ଚ କରାଯାଇ ମିଥ୍ୟା ମଷ୍ଟରରୋଲ ତିଆରି କରାଯାଇ ଶ୍ରମିକଙ୍କ ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲାରେ ୨,୧୦,୫୩୩ ପରିବାରଙ୍କ ନାମରେ ଜବ୍‌କାର୍ଡ ଆବଣ୍ଟିତ ହୋଇଥିବାବେଳେ ୮୫,୫୪୭ ପରିବାର କାମ ପାଇଁ ଦାବି କରିଥିଲେ । ସେଥିରୁ ୮୫,୩୫୭ ପରିବାରଙ୍କୁ କାମ ଯୋଗାଇ ଦିଆଯାଇଛି। ଅକ୍ଟୋବର ସୁଦ୍ଧା ୧୪୨୬ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରି ପାରିଛନ୍ତି। ଜିଲାର ୩୫ଟି ପଞ୍ଚାୟତକୁ ନେଇ ଗଠିତ ଦଶରଥପୁର ବିପୁଳ ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି। କିନ୍ତୁ ଏଠାରେ ଶ୍ରମିକଙ୍କୁ କାମ ଦିଆ ନ ଯାଇ ଠିକାଦାରଙ୍କ ସ୍ୱାର୍ଥରେ ମେଶିନ ଲଗାଯାଉଛି ବୋଲି ମତପ୍ରକାଶ ପାଇଛି। ମହାନ୍ତିପାଟଣା ପୋଖରୀ ପୁନରୁଦ୍ଧାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରାୟ ୩ ଲକ୍ଷ ଆବଣ୍ଟିତ ହୋଇଥିଲା। ଏଥିରେ ଶ୍ରମିକମାନଙ୍କୁ ନିୟୋଜନ କରି କାର୍ଯ୍ୟଦିବସ ସୃଷ୍ଟି କରିବାକୁ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। କିନ୍ତୁ ଏହି ଯୋଜନାର କୌଣସି ଆଇନକୁ ନ ମାନି ମେଶିନରେ କାମ କରାଯାଇଥିବାରୁ ଶ୍ରମିକମାନେ ହାତବାନ୍ଧି ବସିଛନ୍ତି ବୋଲି ଅଭିଯୋଗ ହେଉଛି। କେବଳ ଦଶରଥପୁର ବ୍ଲକ ନୁହେଁ, ଜିଲାର ସମସ୍ତ ବ୍ଲକରେ ଏଭଳି କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି। ତେବେ ୧୦୦ଦିନର କାମ ସମ୍ପୂର୍ଣ୍ଣ ତାଲିକାରେ ଦାନଗଦି ବ୍ଲକରେ ସର୍ବନିମ୍ନ ୧୪ ପରିବାର ରହିଛନ୍ତି। ସେହିପରି ବଡ଼ଚଣା ବ୍ଲକରେ ୩୮, ରସୁଲପୁରରେ ୨୬ ଓ ସୁକିନ୍ଦାରେ ୭୩ ପରିବାର ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ବରୀ ବ୍ଲକରେ ସର୍ବାଧିକ ୫୦୯ ପରିବାର ରହିଥିବାବେଳେ କୋରେଇରେ ୨୬୧ ଏବଂ ବିଞ୍ଝାରପୁର, ଦଶରଥପୁର, ଧର୍ମଶାଳା, ଯାଜପୁର ବ୍ଲକରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ୧୦୦ଦିନର କାମ ସମ୍ପୂର୍ଣ୍ଣ ତାଲିକାରେ ରହିଛନ୍ତି। ଶ୍ରମିକ ଅନୁଯାୟୀ ତଦନ୍ତ କରାଗଲେ ଏହିସବୁ ରିପୋର୍ଟରେ ସତ୍ୟତା ଜଣାପଡ଼ିବ ବୋଲି ଦାବି ହେଉଛି।

# ୨୧ ଲକ୍ଷ ଟଙ୍କା ଠକେଇ ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ଚଣ୍ଡିଖୋଲ,୨୧।୧୦(ପ୍ରଦୀପ୍ତକୁମାରପୃଷ୍ଟି): ଜମିଦେବାକୁ କହି ୨୧ ଲକ୍ଷ ଟଙ୍କା ଠକେଇ କରି ଜେଲ୍ ଯାଇଥିବା ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତି ପରବିନ ମଣ୍ଡଳ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ, ଅନୁଯାୟୀ ବଡ଼ଚଣା ଥାନା ଧାନମଣ୍ଡଳ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ରମେଶ ଗିରି ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନରେ ଚାକିରି କରନ୍ତି। ସେ ତେଲିଗଡ ମୌଜାରେ ଖଗେଶ୍ୱର ପ୍ରଧାନଙ୍କ ନାମରେ ଥିବା ୨ ଏକର ୮ ଡିସିମିଲ ଜମି କିଣିବାକୁ ସ୍ଥିର କରିଥିଲେ। ଏଥିନେଇ ଖଗେଶ୍ୱରଙ୍କ ନାତି ସ୍ମାରକ ପ୍ରଧାନ ଓ ବିକାଶ ପରିମାଣିଙ୍କ ସହ କଥା ହୋଇ ବ୍ୟାଙ୍କ ଜରିଆରେ ୨୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଜମି ରେଜିଷ୍ଟ୍ରେଶନ ସମୟରେ ଆଉ ୧୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା। ହେଲେ ଏହାପରେ ସ୍ମାରକ କିମ୍ବା ବିକାଶ ଦେଖା ଦେଇ ନ ଥିଲେ। ଶେଷରେ ନିରାଶ ହୋଇ ରମେଶ ବଡ଼ଚଣା ଥାନାରେ ୨୩।୦୧।୨୦୨୨ରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୨/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସ୍ମାରକ ଓ ବିକାଶଙ୍କ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ପୂର୍ବତନ ସଭାପତି ପ୍ରତାପ କୁମାର ଦାସ ମକଦ୍ଦମା ପରିଚାଳନା କରୁଥିଲେ। ତାଙ୍କୁ ଆଇନଜୀବୀ ସୁବ୍ରତ କୁମାର ସ୍ୱାଇଁ ଓ ବିଜୟ ରାଉଳ ସହଯୋଗ କରିଥିଲେ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ମେଦିନପୁର ଗ୍ରାମରେ ଭାଲୁ ଆକ୍ରମଣରେ ନିଧି ଖୁଣ୍ଟିଆ ଗୁରୁତର ହୋଇଛନ୍ତି। ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ସକାଳେ ବଡ଼ଘାଗରା ନିକଟ ସିଦ୍ଧମଠ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-38, ତା.13.10.2023ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ରାୟପୁର-ଟିଟିଲାଗଡ଼ ସେକ୍ସନ୍‌ରେ ବେଲସୋଣ୍ଡା-ମହାସମୁନ୍ଦ ମଧ୍ୟରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଲେଭେଲ କ୍ରସିଙ୍ଗ୍ ଫାଟକ ସଂ. RV-30 (ବେଲସୋଣ୍ଡା ୟାର୍ଡ)ଠାରେ ELBର ସଂସ୍ଥାପନ।
ଟେଣ୍ଡର ମୂଲ୍ୟ : ₹ 19,35,042.20, ବିଡ୍ ସିକ୍ୟୁରିଟୀ: ₹ 38,700/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.11.2023ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-694/O/23-24

# ଓଲାଶୁଣୀ ପୀଠରେ ସାଧୁ ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ସାଧୁସନ୍ଥମାନେ।

ବାଲିଚନ୍ଦ୍ରପୁର,୨୧।୧୦ (ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ ମା'ଓଲାଶୁଣୀ ପୀଠରେ ଦ୍ୱିତୀୟ ବାର୍ଷିକ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଲାଶୁଣୀ ମଠ ମହନ୍ତ ଡ. ନାମାନନ୍ଦ ଦାସ, ନାଉପାଳ ମଠର ପରାସର ଦାସ, କଣ୍ଟିଆମଠର ଶୈଳେନ୍ଦ୍ର ଦାସ, ଗାଙ୍ଗିମଠର କୈସ୍ତୁବ ବ୍ରହ୍ମଚାରୀ ଓ ଲଙ୍ଗୁଳି ମଠର ପର୍ଶୁରାମ ଦାସଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୭୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଓ ଅଲେଖ ଦୀକ୍ଷିତ ସାଧୁ ଯୋଗଦେଇଥିଲେ। ସମ୍ମିଳନୀରେ ଅରକ୍ଷିତ ଦାସଙ୍କ ମହିମଣ୍ଡଳ ଗୀତା ପାଠ ସହ ବେଦ, ମହାଭାରତ ଓ ରାମାୟଣ ଉପରେ ସାଧୁମାନେ ପ୍ରବଚନ ଦେଇଥିଲେ। ସାଧୁ ସମ୍ମିଳନୀ ଶୁକ୍ରବାର ପ୍ରତ୍ୟୁଷରୁ ରାତି ପର୍ଯ୍ୟନ୍ତ ଚାଲିଥିବା ବେଳେ ମା'ଓଲାଶୁଣୀଙ୍କ ରୀତିନୀତି ଅନୁଯାୟୀ ସକାଳେ ମଙ୍ଗଳା ଆଳତି, ବାଳଭୋଗ, ମଧ୍ୟାହ୍ନନୀତି ଓ ସନ୍ଧ୍ୟା ଆଳତି ହୋଇଥିଲା। ଏଥିରେ ସମସ୍ତ ସାଧୁ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସୁଧାକର ପ୍ରଧାନ, ଦିଲୀପ ଭାଇ, ଅଶୋକ କୁମାର ସାମଲ, ବୈନେତୟ ଦାସ, ହୃଷୀକେଶ ପଣ୍ଡା, ରତିକାନ୍ତ ସାମଲ ଓ ଶମ୍ଭୁନାଥ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପେଟ୍ରୋଲ ପମ୍ପରେ ଠକେଇ ଅଭିଯୋଗ

କାଏମା,୨୧।୧୦(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର ନିକଟ ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। ଜାରକା ପଞ୍ଚାୟତ ଉତ୍ତରଶାସନ ଗ୍ରାମର ପବିତ୍ର ସେଠୀ ଏହି ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ସେ ଶୁକ୍ରବାର ରାତି ୭ଟା୪୦ରେ ବାଇକ୍‌ରେ ତେଲ ପକାଇବାକୁ ଉକ୍ତ ଟାଙ୍କିକୁ ଯାଇଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ୬୦ଟଙ୍କାରେ ତେଲ ଦେବାକୁ କହିଥିଲେ। ତେଲ ଟାଙ୍କି କର୍ମଚାରୀ ତେଲ ଦେଇଥିଲେ। କିନ୍ତୁ ତେଲ ଦେବା ସମୟରେ ମିଟର ବୋର୍ଡରେ ପୂର୍ବରୁ ୫୦ଟଙ୍କା ଥିବା ଦେଖି ପବିତ୍ରଙ୍କ ସନ୍ଦେହ ହୋଇଥିଲା। ପରେ ସେ ନିଜ ବାଇକ ହଲାଇ ଦେଖିଥିଲେ। କିନ୍ତୁ ତେଲ ନ ଥିବା ଜାଣିବାକୁ ପାଇଥିଲେ। ପବିତ୍ର ପଚାରିଥିଲେ, ବାଇକରେ ତେଲ ପଡ଼ିଲା କୁଆଡେ ଗଲା। ଟାଙ୍କି କର୍ମଚାରୀ କହିଥିଲେ, ଏତେ କଥା କହି ପାରିବେନି। ୬୦ଟଙ୍କା ତେଲ ପକାଯାଇଛି ଓ ବିଲ ମଧ୍ୟ ବାହାରିଛି। ତେଣୁ ଟଙ୍କା ଦେବାକୁ ହେବ। ଏହାପରେ ପବିତ୍ର ସେହି ସ୍ଥାନରେ ବାଇକ ରଖି ଏ ବିଷୟରେ ଟାଙ୍କି ମାଲିକଙ୍କୁ ଜଣାଇଥିଲେ। ଟାଙ୍କି ମାଲିକ ପ୍ରଥମେ ବାଇକ ଖରାପ ଥିବା କହିଥିଲେ ଓ ପରେ ନିଜ ଅଫିସ କମ୍ପ୍ୟୁଟର ଚେକ କରିଥିଲେ। ସିସିଟିଭି ଫୁଟେଜ୍ ମଧ୍ୟ ଦେଖିଥିଲେ। ଏହାପରେ ଗ୍ୟାରେଜ ମିସ୍ତ୍ରିଙ୍କୁ ଡକାଇ ବାଇକ ଟାଙ୍କି ଖୋଲା ଯାଇଥିଲା। ଟାଙ୍କିରୁ ଅଳ୍ପ ତେଲ ବାହାରି ଥିଲା। ପରେ ଉଭୟଙ୍କ ଉପସ୍ଥିତିରେ ପୁନର୍ବାର ଆଉ ୬୦ଟଙ୍କା ତେଲ ଉକ୍ତ ବାଇକରେ ପକା ଯାଇଥିଲା। ଶେଷରେ ୬୦ଟଙ୍କା ଦେଇ ପବିତ୍ର ଆସିଥିଲେ। କିନ୍ତୁ ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ଠକାମି ହେଉ ଥିବାରୁ ସେ ଏ ବିଷୟରେ ଇଣ୍ଡିଆନ ଅଏଲ ହେଲ୍ପ ଲାଇନ ସହ ଯୋଗାଯୋଗ କରି ଅଭିଯୋଗ କରିଥିବା କହିଛନ୍ତି। ଏହି ରାସ୍ତା ଦେଇ ପ୍ରତେକ ଦିନ ଶହଶହ ଗାଡ଼ି ଯାତାୟାତ କରିଥାଏ। ତେଣୁ ଉପରିସ୍ଥ ଅଧିକାରୀ ଏହା ଉପରେ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ନେଇ ସମ୍ପୃକ୍ତ ପେଟ୍ରୋଲ୍ ପମ୍ପ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-062023-KURBSDP
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅରଗୁଳ, କାଇପଦର ରୋଡ଼, ତାପଙ୍ଗ, ନିରାକାରପୁର ଏବଂ ଭୁଷଣ୍ଡପୁର ଷ୍ଟେସନଠାରେ (MEDHA ନିର୍ମିତ) ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ ଏବଂ RRI ପରିବର୍ତ୍ତନ ସହିତ ଖୋର୍ଦ୍ଧା-ଭୁଷଣ୍ଡପୁର ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗ୍ନାଲିଙ୍ଗ ସିଷ୍ଟମ୍‌ର ବ୍ୟବସ୍ଥା।
ଆନୁମାନିକ ବିଜ୍ଞାପିତ ମୂଲ୍ୟ : ₹21,69,52,509.30, EMD : ₹ 12,34,800/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.11.2023ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/P/ ଭୁବନେଶ୍ୱର
PR-78/CG/23-24

# ହାଇ ପରଫରମାନ୍ସ କିକ୍‌ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଯାଜପୁର ଟାଉନ,୨୧।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):



ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ହାଇ ପରଫରମାନ୍ସ କିକ୍‌ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ସ୍ପୋର୍ଟସ କ୍ଲବ୍ ଦ୍ୱାରା ବିଭିନ୍ନ ଖେଳରେ ପ୍ରଶିକ୍ଷଣ ଆରମ୍ଭ ହେବ। ଶିବିରରେ ୫୦ଜଣ ନିମନ୍ତ୍ରିତ କିକ୍‌ବକ୍ସିଂ ଖେଳାଳି ଓ ୩ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। ଏହା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିରକୁ ପ୍ରଶିକ୍ଷକ ରାଷ୍ଟ୍ରୀୟ କୋଚିଂ କମିଟି ସଦସ୍ୟା କୀର୍ତ୍ତିରାଣୀ ସାହୁ ପରିଚାଳନା କରିବେ। ସହପରିଚାଳିକା ଭାବେ ଭାଗ୍ୟଶ୍ରୀ ମହାପାତ୍ର ରହିବେ। ରିତେନ୍ଦ୍ର ବିଶ୍ୱାଳ ସହଯୋଗ କରିବେ। ୱାକୋ ଓଡ଼ିଶାର ପ୍ରଶିକ୍ଷକ କୀର୍ତ୍ତିରାଣୀ ସାହୁ ଯୋଗଦେଇ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଡ. ବଟକୃଷ୍ଣ ମହାପାତ୍ର ତାଙ୍କ ବକ୍ତବ୍ୟରେ କିକ୍‌ବକ୍ସିଂର ଉପଯୋଗିତା ଆଜିର ନାରୀ ସମାଜର ସୁରକ୍ଷା ପାଇଁ ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ରଞ୍ଜନ ସୂତାର, ଦେବାଶିଷ ପଣ୍ଡା, ଫକୀର ମୋହନ ଟୁଡୁ, କାର୍ତ୍ତିକ ଡାକୁଆ, ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର, ସଞ୍ଜୟ ମହାରଣା, ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରାଜେନ୍ଦ୍ର ବାରିକ, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା ଓ ସଞ୍ଜୀବ ଭଦ୍ର ସହଯୋଗ କରିଥିଲେ।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୫୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/ବଲାଙ୍ଗୀର/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଟ୍ରାନ୍ସପୋର୍ଟେଶନ୍-ସିସିଆଇ/ଓଡ଼ିଶା/ବଲାଙ୍ଗୀର/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/ଜୁନାଗଡ଼ ଏବଂ କୋକସରା/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ବିୟୁଏସ୍‌ଏସ୍/ଟ୍ରାନ୍ସପୋର୍ଟେଶନ୍-ସିସିଆଇ/ଓଡ଼ିଶା/ଜୁନାଗଡ଼ ଏବଂ କୋକସରା/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
ପାଟନା ଅଞ୍ଚଳ ଅଧୀନରେ ଓଡ଼ିଶା ରାଜ୍ୟରେ ସିଡବ୍ଲ୍ୟୁ-ବଲାଙ୍ଗୀର, ଜୁନାଗଡ଼ ଏବଂ କୋକସରା ଠାରେ ଏଫ୍‌ପି କଟନ୍ ବେଲ୍‌ସ ର ହ୍ୟାଣ୍ଡଲିଂ ଏବଂ ତତ୍‌ସମ୍ପର୍କିତ ସେବା ଆଦି ପାଇଁ ନିୟମିତ ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ତଥା ସିଡବ୍ଲ୍ୟୁ-ବଲାଙ୍ଗୀର, ଜୁନାଗଡ଼ ଏବଂ କୋକସରା ଠାରେ ଏଫ୍‌ପି କଟନ୍ ବେଲ୍‌ସ ର ପରିବହନ ପାଇଁ ନିୟମିତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଚାରିଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୨୦।୧୦।୨୦୨୩ରିଖରୁ ତା୦୯।୧୧।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ। ପରବର୍ତ୍ତୀ ଅପଡେଟ୍, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ। କ୍ଷେତ୍ରୀୟ ପ୍ରବନ୍ଧକଙ୍କ ପାଇଁ

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍ଆଇଟି/୧୪/୨୩/୪୭, ତାରିଖ: ୧୭।୧୦।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୬୨୩୫୨୩୯ | ଲିଫ୍ଟିଂ ଟାକଲ୍ କମ୍ପ୍ଲିଟ୍ | ୦୬।୧୧।୨୦୨୩ ୧୦.୩୦ ଘଟିକା | ୦୧ ଗୋଟି |
| ୨ | ୦୪୨୨୫୦୩୧ଏ | ୨.୦ ଟନ୍, ୫ ଷ୍ଟାର୍ ରେଟେଡ୍, ସ୍ପ୍ଲିଟ୍ ଏସି | ୦୭।୧୧।୨୦୨୩ ୧୦.୩୦ ଘଟିକା | ୧୦୮ ଗୋଟି |
| ୩ | ୦୬୨୩୫୬୮୧ବି | ସ୍ପେଶାଲ ସ୍ଲିପର୍ସର ବିନିର୍ମାଣ ଓ ଯୋଗାଣ | ୦୭।୧୧।୨୦୨୩ ୧୦.୩୦ ଘଟିକା | ୬୦୬୧୧ ଗୋଟି ୧୭୮୩ ସେଟ୍ |
| ୪ | ୦୬୨୩୫୧୨୨ | ଜିଏଫ୍ଏନ୍ ଲାଇନର୍ ୬୦ କିଗ୍ରା (ଟି-୬୯୩୮-୬୯୩୯) | ୦୯।୧୧।୨୦୨୩ ୧୦.୩୦ ଘଟିକା | ୧୮୩୭୨୫ ସେଟ୍ |
| ୫ | ୦୩୨୩୨୬୯୦ଏ | ଏକ୍ସିଲ୍ ବକ୍ସ ପାଇଲଟ୍ ବୁଶ୍ | ୧୪।୧୧।୨୦୨୩ ୧୦.୩୦ ଘଟିକା | ୨୨୯୮ ଗୋଟି |
| ୬ | ୦୪୨୩୨୫୧୯ଏ | ୬.୫ କେଭିଏ ନିରବଚ୍ଛିନ୍ନ ଭୋଲଟେଜ୍ ନିୟନ୍ତ୍ରିତ ବ୍ୟାଟେରି | ୧୪।୧୧।୨୦୨୩ ୧୦.୩୦ ଘଟିକା | ୨୫ ଗୋଟି |
| ୭ | ୦୬୨୩୫୬୮୩ଏ | ପିଏସ୍‌ସି ଟର୍ନଆଉଟ୍ ସ୍ଲିପର୍ | ୧୪।୧୧।୨୦୨୩ ୧୦.୩୦ ଘଟିକା | ୭୭୧ ସେଟ୍ |
| ୮ | ୦୬୨୩୫୮୪୧ | ୬୦ କିଗ୍ରା ବିନିର୍ମାଣ ଓ ଯୋଗାଣ ପାଇଁ ମୂଲ୍ୟ ଠିକା | ୧୫।୧୧।୨୦୨୩ ୧୦.୩୦ ଘଟିକା | ୪୦୦ ସେଟ୍ |
| ୯ | ୦୩୨୩୨୦୦୮ବି | ବିଓଏକ୍ସଏନ୍ ୱାଗନ୍ ପାଇଁ ମଡିଫାଏଡ୍ ଡୋର୍ ମିଡିଏଟର୍ ଆରେଞ୍ଜମେଣ୍ଟ | ୧୬।୧୧।୨୦୨୩ ୧୦.୩୦ ଘଟିକା | ୧୩୮୫ ଗୋଟି |
| ୧୦ | ୦୩୨୩୩୧୫୬ | ସେକେଣ୍ଡାରୀ ଭର୍ଟିକାଲ୍ ଡାମ୍ପର୍ | ୨୦।୧୧।୨୦୨୩ ୧୦.୩୦ ଘଟିକା | ୪୩୮ ଗୋଟି |
| ୧୧ | ୦୪୨୩୨୫୦୩ | କେବୁଲ୍ ଓ ଲକ୍ ସହିତ ଜମ୍ପର୍ ପ୍ଲଗ୍ ଆସେମ୍ବ୍ଲି | ୨୦।୧୧।୨୦୨୩ ୧୦.୩୦ ଘଟିକା | ୧୭ ଗୋଟି |
| ୧୨ | ୦୩୨୩୨୯୭୦ଏ | ଅଟୋମାଟିକ୍ ପ୍ରେସର୍ ମଡିଫିକେଶନ୍ (ଏପିଏମ୍-ଇଏଲ୍-୬୦) ପାଇଁ ରିପେୟାର୍ କିଟ୍ | ୨୩।୧୧।୨୦୨୩ ୧୦.୩୦ ଘଟିକା | ୨୧୪୫ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଳାସପୁର
CPR/10/273

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/23-24/ E-Tender/92, ତା.16.10.2023ରିଖ
(1) ଟେଣ୍ଡର ସଂ. e-Tender-HQ-KUR-294-2023, ତା.09.10.2023ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / P.Way / ଖୋର୍ଦ୍ଧା ରୋଡ୍‌ର ଷ୍ଟୋର ନିମନ୍ତେ AT ୱେଲ୍ଡିଙ୍ଗ୍ ଅଂଶର ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 262.35 ଲକ୍ଷ, EMD : ₹2,81,200/-
(2) ଟେଣ୍ଡର ସଂ. e-Tender-HQ-KUR-296-2023, ତା.09.10.2023ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ମୁଖ୍ୟାଳୟ / ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ନୟାଗଡ଼ ଟାଉନ୍ ଷ୍ଟେସନ, ରାଜସୁନାଖଳା ଷ୍ଟେସନ ଏବଂ ହରିପୁର ଗ୍ରାମ ନିକଟସ୍ଥ ପୋଲ ନଂ. 9A1 ରୋଡ୍ ଓଭର ବ୍ରିଜ୍ (ROB) ପର୍ଯ୍ୟନ୍ତ ପ୍ରବେଶ ପଥର ପ୍ରସ୍ତାବିତ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 67.99 ଲକ୍ଷ, EMD : ₹1,36,000/-
(3) ଟେଣ୍ଡର ସଂ. e-Tender-HQ-KUR-297-2023, ତା.09.10.2023ରିଖ
ବିବରଣୀ : 12 ମାସ ନିମନ୍ତେ ପୁରୀ ସ୍ଥିତ ORH ର ଗାର୍ଡେନ୍ ଲନ୍, ନୂଆ ହଲିଡେ ହୋମ୍ ଏବଂ ରେଳ ଷ୍ଟେସନର ରକ୍ଷଣାବେକ୍ଷଣ ଏବଂ ORH, ପୁରୀର ପଛପାଖରେ ଉଦ୍ୟାନ କୃଷି କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 49.69 ଲକ୍ଷ, EMD : ₹99,400/-
ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ.1 ଏବଂ 3 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂ. 2 ପାଇଁ)
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.11.2023ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-688/O/23-24


ବ୍ୟାସନଗର ମୁଣ୍ଡମାଳାଠାରେ ଅନୁଷ୍ଠିତ ଦୁର୍ଗାପୂଜା।


ବ୍ୟାସନଗର ସହର ଷ୍ଟେଶନବଜାରରେ ଦୁର୍ଗାପୂଜା।


ବ୍ୟାସନଗର ସହର ଷ୍ଟେଶନବଜାରରେ ହୋଇଥିବା ତୋରଣ।


ବିରିଡ଼ି ବାଲିଆସ୍ଥିତ ମା' ଦୁର୍ଗା ପୂଜା ମଣ୍ଡପ।


ବାଲିକୁଦା ଜୟଦୁର୍ଗା ପୂଜା କମିଟି।


ବାଲିକୁଦା ବାବୁଘର ଦେବୀ ମଣ୍ଡପ।


ବାଲିକୁଦା ଦୁର୍ଗାବଜାର ପୂଜା କମିଟି।

# ମା' ଶାରଳା ପୀଠରେ ମହାଷ୍ଟମୀ ପୂଜା

**ତିର୍ତ୍ତୋଲ, ୨୧।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ଶନିବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳୁ ମନ୍ଦିର ଦ୍ୱାର ଖୋଲିବା ପରେ ମଙ୍ଗଳ ଆଳତି, ମାର୍ଜନା, ସ୍ନାନ, ପଞ୍ଜିକା ପାଠ, ଷୋଡ଼ଶ ଉପଚାର ଇତ୍ୟାଦି ସମ୍ପନ୍ନ ହୋଇଥିଲା। ମହାଷ୍ଟମୀ ଉପଲକ୍ଷେ ମନ୍ଦିରରେ ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଭୋଗ ଲାଗି କରିବା ଉପଲକ୍ଷେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ପାରମ୍ପରିକ ଚୁଡ଼ାଘଷା ଭୋଗ ଓ କାକରା ଲାଗି କରିଥିଲେ। ସ୍ଥାନୀୟ ମନ୍ଦିର ଫାଣ୍ଡି ଓ

## ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ



ତିର୍ତ୍ତୋଲ ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସର ଓ ବାହାରେ ସୁରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ଲାଗି ଶାରଳା ରୋଡ୍-ଦୋସଡକି ରାସ୍ତାର ବସନ୍ତ ବଗିଚାରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ସେହିଭଳି ସଅାଁରା-କନକପୁର ରାସ୍ତାରେ ସାରଦା ଏକାଡେମୀ ନିକଟରେ ଓ କନକପୁର- କଣ୍ଟାପଡ଼ା ରାସ୍ତାର କୁଞ୍ଜ ଘର ନିକଟରେ ପାର୍କିଂ ବ୍ୟବସ୍ଥା ହୋଇଥିଲା। ମନ୍ଦିର ପରିସରରେ ସୂଚନା କେନ୍ଦ୍ର ଖୋଲାଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବା ସହ ଅସାମାଜିକଙ୍କଠାରୁ ରକ୍ଷା ଲାଗି ସୂଚନା ପ୍ରଦାନ କରାଯାଇଥିଲା। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଡ଼ା, ଅନ୍ୟ ପ୍ରଶାସନିକ ଅଧିକାରୀ, ବଡ଼ପଣ୍ଡା, ପରିଚ୍ଛା, ପୂଜକ, ସେବାୟତ, ସୂଚନା କେନ୍ଦ୍ର ଅଧିକାରୀମାନେ ଉପସ୍ଥିତ ରହି ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ।

# କୁଜଙ୍ଗରେ ଶାରଦୀୟ ଦୁର୍ଗାପୂଜା



**କୁଜଙ୍ଗ,୨୧।୧୦(ମନୋଜ ପ୍ରଧାନ)**

କୁଜଙ୍ଗ ଦୁର୍ଗାମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ୬୨ତମ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏନେଇ ମହାନଦୀରୁ କଳସ ଶୋଭାଯାତ୍ରା କରାଯାଇ ପୂଜାର୍ଚ୍ଚନା କରାଯାଇଛି । କମିଟି ସଭାପତି କେଶବ ଚନ୍ଦ୍ର ଦାସ, ସମ୍ପାଦକ ରବୀନ୍ଦ୍ର ଦାସ, ଦିଲୀପ ଦାସ, ଜୀବନାନନ୍ଦ ଅଧିକାରୀ, ଭ୍ରମରବର ପରିଡ଼ା, ରାମଚନ୍ଦ୍ର ଶତପଥୀ, ରାଜୀବ ବସନ୍ତିଆ, ବୈକୁଣ୍ଠ ପରିଡ଼ା ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଏଥିରେ ସହଯୋଗ କରୁଛନ୍ତି। ହରେକୃଷ୍ଣ ତ୍ରିପାଠୀ ଓ କିଶୋର ତ୍ରିପାଠୀଙ୍କ ସମେତ ପୂଜକମାନେ ପୂଜାର୍ଚ୍ଚନା କରୁଛନ୍ତି । ଏନେଇ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭିଡ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି।


ରାହାମା ବଣିକ ସଂଘ ପୂଜା ମଣ୍ଡପ।

# ବିରିଡ଼ିରେ ମା' ଦୁର୍ଗାଙ୍କ ୧୧ ପୂଜା ମଣ୍ଡପ

**ବିରଡ଼ି, ୨୧।୧୦ (ପ୍ରଶାନ୍ତ କୁମାର ରାଉତ)**

ବିରିଡ଼ି ଅଞ୍ଚଳରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ଏଠାରେ ୧୧ଟି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବାବେଳେ ପ୍ରାୟ ୮୦ ସ୍ଥାନରେ ଶିବପାର୍ବତୀ, ରାମ ଲକ୍ଷ୍ମଣ ସୀତା ଆଦି ମେଢ଼ କରାଯାଇଛି। ମଧ୍ୟଶାସନ ମହାବୀର ମନ୍ଦିର ନିକଟସ୍ଥ ଉଗୁରା ସାହି, ହାଜିପୁର ଛକ, ଧାନକୁଦ ଜଗନ୍ନାଥମଠ, ଚାନ୍ଦପୁର ଯୋଗୀସାହି ୨ଟି, ବିରିଡି ହାଟ, ଅଲାଣ୍ଡୋ, ମାଣତିର ରଢେଇତୋଟାର ବନଦୁର୍ଗା, ବାଲିଆ ଗୋପୀନାଥପୁରର ପୁରାତନ ଦୁର୍ଗା ଓ ଚଳିତବର୍ଷର ମା'ଥାନପତି ପୀଠରେ ନବଦୁର୍ଗା, ନୂଆପାରୀ ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟ ପୀଠରେ ବିଂଶଭୁଜା ମା' ଦୁର୍ଗାଙ୍କ ୧୧ଟି ପୂଜା ମଣ୍ଡପ ରହିଛି। ଶନିବାର ମା'ଙ୍କର ଚକ୍ଷୁଦାନ ଓ ମହାସପ୍ତମୀ ପୂଜା ପରେ ରବିବାର ତାରିଣୀ ବ୍ରତ, ସନ୍ଧି ପୂଜା, ମହାଷ୍ଟମୀ ପୂଜା ଚାଲିଥିବାବେଳେ ସୋମବାର ମହାନବମୀ ଓ କାଳିକା ପୂଜା, ମଙ୍ଗଳବାର ମହାଦଶମୀ ଓ ମା'ଙ୍କ ଘଟ ବିସର୍ଜନ ହେବ। ଶେଷରେ ବୁଧବାର ଏକାଦଶୀ ଓ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି ।


ନାଉଗାଁସ୍ଥିତ ମା' ସିଦ୍ଧିଦାତ୍ରୀଙ୍କ କାଳରାତ୍ରି ବେଶ।


ବିରିଡି ହାଜିପୁର ଦୁର୍ଗାପୂଜା କମିଟି।


ଜଗତ୍‌ସିଂହପୁର ସାନବଜାରସ୍ଥିତ ସେଣ୍ଟ୍ରାଲ ମାର୍କେଟ ବଣିକ ସଂଘ।

# ସାପ କାମୁଡ଼ାରେ ଚାଷୀ ମୃତ

**ଆଳି,୨୧।୧୦(ବନମାଳୀ ସେନାପତି)**

ଆଳିଥାନା ଅନ୍ତର୍ଗତ କଣ୍ଟିପୁର ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଗୟାଧର ସାହୁ। ଶନିବାର ସେ ଚାଷ ଜମିରେ ଔଷଧ ସିଞ୍ଚନ କରୁଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ଏ କଥା ଜଣାପଡିବା ପରେ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଆଳି ମେଡିକାଲ ନେଇ ଯାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଗୟାଧରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନଭେମ୍ବର ୨୫ରୁ ଏସ୍‌କେ ଏକାଡେମୀର ପ୍ଲାଟିନମ ଜୁବିଲି

**ଜଗତ୍‌ସିଂହପୁର, ୨୧।୧୦ (ପ୍ରମୋଦ କୁମାର ନାୟକ)**

ଶ୍ରୀକୃଷ୍ଣ ଏକାଡେମୀ ଜଗତ୍‌ସିଂହପୁର ଜିଲାର ଏକ ପୁରାତନ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନଟି ୭୫ ବର୍ଷରେ ପଦାର୍ପଣ କରବାକୁ ଯାଉଛି। ଏନେଇ ଶିକ୍ଷାନୁଷ୍ଠାନ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଉତ୍ସବକୁ ଜାକଜମକରେ କରିବା ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏନେଇ ଶନିବାର ବିଦ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ଆସନ୍ତା ନଭେମ୍ବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପ୍ଲାଟିନମ୍ ଜୁବିଲି ସେଲିବ୍ରେଶନ୍ କରାଯିବ ବୋଲି ସୂଚନା ଦିଆଯାଇଥିଲା । ତେବେ ଉତ୍ସବରେ ଦେଶର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ମନ୍ତ୍ରୀ, ପ୍ରତିଷ୍ଠିତ ଶିକ୍ଷାବିତ୍, ସାହିତ୍ୟିକ ଓ ପ୍ରଶାସକଙ୍କୁ ନିମନ୍ତ୍ରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହ ବିଦ୍ୟାଳୟର ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଓ ୭୫ବର୍ଷରୁ ଅଧିକ ବୟସର ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ବିଭିନ୍ନ ଆଲୋଚନା ସଭାର ଆୟୋଜନ ହେବ। ବିଶେଷକରି ବିଦ୍ୟାଳୟର ଶୈକ୍ଷିକ ବାତାବରଣର ମାନବୃଦ୍ଧି ସମ୍ପର୍କରେ ଆଲୋଚନା କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବିଦ୍ୟାଳୟର ମୁଖପତ୍ର ଅଳକାର ସ୍ୱତନ୍ତ୍ର ସଂସ୍କରଣ ପ୍ରକାଶ ପାଇବ ବୋଲି କୁହାଯାଇଥିଲା।

ସମ୍ମିଳନୀରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ନାଇଜର କୁଳସଚିବ ଡ. ଅଭୟ ନାୟକ, ଦୀପ୍ତି କୁମାର ଦାସ, ବିପ୍ଳବ କୁମାର ଚୌଧୁରୀ, ପ୍ରଣବ ଦେ, ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ସନାତନ ଖୁଣ୍ଟିଆ, ବିଜୟ କୁମାର ରାଉତ, ରାଜେଶ ନନ୍ଦ, ଆଶିଷ ମାଣିଆ ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-38, ତା.13.10.2023ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ରାୟପୁର-ଟିଟିଲାଗଡ଼ ସେକ୍ସନ୍‌ରେ ବେଲ୍‌ସୋଣ୍ଡା-ମହାସମୁନ୍ଦ ମଧ୍ୟରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଲେଭେଲ୍ କ୍ରସିଙ୍ଗ୍ ଫାଟକ ସଂ. RV-30 (ବେଲ୍‌ସୋଣ୍ଡା ୟାର୍ଡ)ଠାରେ ELBର ସଂସ୍ଥାପନ।

**ଟେଣ୍ଡର ମୂଲ୍ୟ :** ₹ 19,35,042.20, ବିଡ୍ ସିକ୍ୟୁରିଟୀ: ₹ 38,700/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.11.2023ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-694/O/23-24

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-062023-KURBSDP

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅରଗୁଳ, କାଇପଦର ରୋଡ୍, ତାପଙ୍ଗ, ନିରାକାରପୁର ଏବଂ ଭୂଷଣ୍ଡପୁର ଷ୍ଟେସନଠାରେ (MEDHA ନିର୍ମିତ) ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ (EI)ର ପରିବର୍ତ୍ତନ ଏବଂ RRI ପରିବର୍ତ୍ତନ ସହିତ ଖୋର୍ଦ୍ଧା-ଭୂଷଣ୍ଡପୁର ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗ୍ନାଲିଙ୍ଗ ସିଷ୍ଟମ୍‌ର ବ୍ୟବସ୍ଥା।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ :** ₹21,69,52,509.30, EMD : ₹ 12,34,800/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.11.2023ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/P/ ଭୁବନେଶ୍ୱର
PR-78/CG/23-24

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୫୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ଡିୟୁଏସ୍ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/ବଲାଙ୍ଗୀର/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ଡିୟୁଏସ୍ଏସ୍/ଟ୍ରାନ୍ସପୋର୍ଟେଶନ୍-ସିସିଆଇ/ଓଡ଼ିଶା/ବଲାଙ୍ଗୀର/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ଡିୟୁଏସ୍ଏସ୍/ହ୍ୟାଣ୍ଡଲିଂ-ସିସିଆଇ/ଓଡ଼ିଶା/କୁନାଗଡ଼ ଏବଂ କୋକସରା/୨୦୨୩-୨୪ ତାରିଖ: ୨୦।୧୦।୨୦୨୩
ନଂ.: ସିଡବ୍ଲ୍ୟୁସି/ଆରଓ/ପାଟନା/ଡିୟୁଏସ୍ଏସ୍/ଟ୍ରାନ୍ସପୋର୍ଟେଶନ୍-ସିସିଆଇ/ଓଡ଼ିଶା/କୁନାଗଡ଼ ଏବଂ କୋକସରା/୨୦୨୩-୨୪ ତାରିଖ: ୨୦।୧୦।୨୦୨୩

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ପାଟନା ଅଞ୍ଚଳ ଅଧୀନରେ ଓଡ଼ିଶା ରାଜ୍ୟରେ ସିଡବ୍ଲ୍ୟୁ-ବଲାଙ୍ଗୀର, କୁନାଗଡ଼ ଏବଂ କୋକସରା ଠାରେ ଏଫ୍‌ପି କଟନ୍ ବେଲସ ର ହ୍ୟାଣ୍ଡଲିଂ ଏବଂ ତତ୍‌ସମ୍ପର୍କିତ ସେବା ଆଦି ପାଇଁ ନିୟମିତ ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ତଥା ସିଡବ୍ଲ୍ୟୁ-ବଲାଙ୍ଗୀର, କୁନାଗଡ଼ ଏବଂ କୋକସରା ଠାରେ ଏଫ୍‌ପି କଟନ୍ ବେଲସ ର ପରିବହନ ପାଇଁ ନିୟମିତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କ ନିଯୁକ୍ତି ପାଇଁ ଆଗ୍ରହୀ ପକ୍ଷମାନଙ୍କଠାରୁ ଚାରିଟି ପୃଥକ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ବିକ୍ରୟ ପାଇଁ ଟେଣ୍ଡର ଅନ୍‌ଲାଇନ୍‌ରେ ତା୨୦।୧୦।୨୦୨୩ରିଖରୁ ତା୦୯।୧୧।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ବିବରଣୀ ସିଡବ୍ଲ୍ୟୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.comରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ । ପରବର୍ତ୍ତୀ ଅପଡେଟ୍, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ ।

କ୍ଷେତ୍ରୀୟ ପ୍ରବନ୍ଧକଙ୍କ ପାଇଁ

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍ଆଇଟି/୧୪/୨୩/୪୭, ତାରିଖ: ୧୭।୧୦।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୬୨୩୫୨୩୯ | ଲିଫ୍ଟିଂ ଟାକଲ୍ କମ୍ପ୍ଲିଟ୍ | ୦୬।୧୧।୨୦୨୩ ୧୦.୩୦ ଘଟିକା | ୦୧ ଗୋଟି |
| ୨ | ୦୪୨୨୫୦୩୧ଏ | ୨.୦ ଟନ୍, ୫ ଷ୍ଟାର୍ ରେଟେଡ୍, ସ୍ପ୍ଲିଟ୍ ଏସି | ୦୭।୧୧।୨୦୨୩ ୧୦.୩୦ ଘଟିକା | ୧୦୮ ଗୋଟି |
| ୩ | ୦୬୨୩୫୬୮୧ବି | ସ୍ୱେଶାଲ ସ୍ଲିପର୍ସର ବିନିର୍ମାଣ ଓ ଯୋଗାଣ | ୦୭।୧୧।୨୦୨୩ ୧୦.୩୦ ଘଟିକା | ୬୦୬୧୧ ଗୋଟି<br>୧୭୮୩ ସେଟ୍ |
| ୪ | ୦୬୨୩୫୧୨୨ | ଜିଏଫ୍ଏନ୍ ଲାଇନର୍ ୬୦ କିଗ୍ରା (ଟି-୬୯୩୮-୬୯୩୯) | ୦୯।୧୧।୨୦୨୩ ୧୦.୩୦ ଘଟିକା | ୧୮୩୭୨୫ ସେଟ୍ |
| ୫ | ୦୩୨୩୨୬୯୦ଏ | ଏକ୍ସିଲ୍ ବକ୍ସ ପାଇଭଟ୍ ବୁଶ୍ | ୧୪।୧୧।୨୦୨୩ ୧୦.୩୦ ଘଟିକା | ୨୨୯୮ ଗୋଟି |
| ୬ | ୦୪୨୩୨୫୧୯ଏ | ୬.୫ କେଭିଏ ନିରବଚ୍ଛିନ୍ନ ଭୋଲଟେଜ୍ ନିୟନ୍ତ୍ରିତ ବ୍ୟାଟେରି | ୧୪।୧୧।୨୦୨୩ ୧୦.୩୦ ଘଟିକା | ୨୫ ଗୋଟି |
| ୭ | ୦୬୨୩୫୬୮୩ଏ | ପିଏସ୍‌ସି ଟର୍ନଆଉଟ୍ ସ୍ଲିପର୍ | ୧୪।୧୧।୨୦୨୩ ୧୦.୩୦ ଘଟିକା | ୭୬୧ ସେଟ୍ |
| ୮ | ୦୬୨୩୫୮୪୧ | ୬୦ କିଗ୍ରା ବିନିର୍ମାଣ ଓ ଯୋଗାଣ ପାଇଁ ମୂଲ୍ୟ ଠିକା | ୧୫।୧୧।୨୦୨୩ ୧୦.୩୦ ଘଟିକା | ୪୦୦ ସେଟ୍ |
| ୯ | ୦୩୨୩୨୦୦୮ବି | ବିଓଏକ୍ସଏନ୍ ୱାଗନ୍ ପାଇଁ ମଡିଫାଏଡ୍ ଡୋର୍ ମିଡିଏଟର୍ ଆରେଞ୍ଜମେଣ୍ଟ | ୧୬।୧୧।୨୦୨୩ ୧୦.୩୦ ଘଟିକା | ୧୩୮୫ ଗୋଟି |
| ୧୦ | ୦୩୨୩୩୧୫୬ | ସେକେଣ୍ଡାରୀ ଭର୍ଟିକାଲ୍ ଡାମ୍ପର୍ | ୨୦।୧୧।୨୦୨୩ ୧୦.୩୦ ଘଟିକା | ୪୩୮ ଗୋଟି |
| ୧୧ | ୦୪୨୩୨୫୦୩ | କେବୁଲ୍ ଓ ଲକ୍ ସହିତ ଜମ୍ପର୍ ପ୍ଲଗ୍ ଆସେମ୍ବ୍ଲି | ୨୦।୧୧।୨୦୨୩ ୧୦.୩୦ ଘଟିକା | ୧୭ ଗୋଟି |
| ୧୨ | ୦୩୨୩୨୯୭୦ଏ | ଅଟୋମାଟିକ୍ ପ୍ରେସର୍ ମଡିଫିକେଶନ୍ (ଏପିଏମ୍-ଇଏଲ୍-୬୦) ପାଇଁ ରିପେୟାର୍ କିଟ୍ | ୨୩।୧୧।୨୦୨୩ ୧୦.୩୦ ଘଟିକା | ୨୧୪୫ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଳାସପୁର
CPR/10/273

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/23-24/ E-Tender/92, ତା.16.10.2023ରିଖ

(1) ଟେଣ୍ଡର ସଂ. e-Tender-HQ-KUR-294-2023, ତା.09.10.2023ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / P.Way / ଖୋର୍ଦ୍ଧା ରୋଡ୍‌ର ଷ୍ଟୋର ନିମନ୍ତେ AT ୱେଲ୍ଡିଙ୍ଗ୍ ଅଂଶର ଯୋଗାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 262.35 ଲକ୍ଷ, EMD : ₹ 2,81,200/-

(2) ଟେଣ୍ଡର ସଂ. e-Tender-HQ-KUR-296-2023, ତା.09.10.2023ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ମୁଖ୍ୟାଳୟ / ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ନୟାଗଡ଼ ଟାଉନ୍ ଷ୍ଟେସନ, ରାଜସୁନାଖଳା ଷ୍ଟେସନ ଏବଂ ହରିପୁର ଗ୍ରାମ ନିକଟସ୍ଥ ପୋଲ ନଂ. 9A1 ରୋଡ୍ ଓଭର ବ୍ରିଜ୍ (ROB) ପର୍ଯ୍ୟନ୍ତ ପ୍ରବେଶ ପଥର ପ୍ରସ୍ତାବିତ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 67.99 ଲକ୍ଷ, EMD : ₹ 1,36,000/-

(3) ଟେଣ୍ଡର ସଂ. e-Tender-HQ-KUR-297-2023, ତା.09.10.2023ରିଖ

**ବିବରଣୀ :** 12 ମାସ ନିମନ୍ତେ ପୁରୀ ସ୍ଥିତ ORH ର ଗାର୍ଡେନ୍ ଲନ୍, ନୂଆ ହଲିଡେ ହୋମ୍ ଏବଂ ରେଳ ଷ୍ଟେସନର ରକ୍ଷଣାବେକ୍ଷଣ ଏବଂ ORH, ପୁରୀର ପଛପାଖରେ ଉଦ୍ୟାନ କୃଷି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.69 ଲକ୍ଷ, EMD : ₹ 99,400/-

ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ.1 ଏବଂ 3 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂ. 2 ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.11.2023ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-688/O/23-24





ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଚାଲିଥିବା ଦାଣ୍ଡିଆ କାର୍ନିଭାଲରେ ସହରବାସୀ ଉତ୍ସବର ମଜା ନେଉଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

ନୃତ୍ୟଶିଳ୍ପୀ ପ୍ରକୃତି ମା' ଦୁର୍ଗାଙ୍କ ଅବତାରରେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜୋସ୍ ଭରିଲା ଦାଣ୍ଡିଆ କାର୍ନିଭାଲ୍‌ର ଦ୍ୱିତୀୟ ସନ୍ଧ୍ୟା




**ଭୁବନେଶ୍ୱର,୨୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱରରେ ଭକ୍ତି ଓ ଉତ୍ସବର ପରିବେଶ ସୃଷ୍ଟି ହୋଇଥିବାବେଳେ ଏହାକୁ ଆହୁରି ମୁଖରିତ କରିଛି ଦାଣ୍ଡିଆ ମହୋତ୍ସବ। ସହରବାସୀଙ୍କୁ ଏକାଠି କରି ଉତ୍ସବର ନିଆରା ଅନୁଭବ ଦେବାକୁ ନେଟ୍‌ୱର୍କ ଇଭେଣ୍ଟ ଆଣ୍ଡ୍ ପ୍ରମୋଶନ ଏବଂ କ୍ରିଷ୍ଟାଲ କ୍ରାଉନ ଭେଟି ଦେଇଛି ଆଉଏକ ବଡ଼ ମଞ୍ଚ। ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦାଣ୍ଡିଆ କାର୍ନିଭାଲ। ୪ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତି ସନ୍ଧ୍ୟାରେ ଜମୁଛି ଦାଣ୍ଡିଆର ଆସର। ଭିନ୍ନ ଭିନ୍ନ ତାରକାଙ୍କ ସହ ଦାଣ୍ଡିଆ ନାଚି ମଜାମସ୍ତି କରିବାର ସୁଯୋଗ ପାଉଛନ୍ତି ଲୋକେ। ଶନିବାର ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ କଣ୍ଠଶିଳ୍ପୀ ନାଭ୍ୟା ଓ ତାଙ୍କ ବ୍ୟାଣ୍ଡ। ନାଭ୍ୟାଙ୍କ ଗୀତଗୁଡ଼ିକ ଜୋସ୍ ଆଣିଥିଲା। ଗୀତର ତାଳେ ତାଳେ ନାଚି ଉଠିଥିଲେ ଲୋକେ। ସେହିପରି ଡିଜେ ପାର୍ଥୋ ମଧ୍ୟ କିଛି କମ୍ ନ ଥିଲେ। ଲୋକଙ୍କ ପସନ୍ଦ ମୁତାବକ ସଙ୍ଗୀତର ଡିଜେ ରିମିକ୍ସ ସେ ପରିବେଷଣ କରିଥିଲେ। ଅନ୍ୟପକ୍ଷେ ଡିଜେ ରାଜ୍‌ସ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନକୁ ବଢ଼ାଇ ଦେଇଥିଲେ। ସନ୍ଧ୍ୟାରେ ଏହି ୩ କଳାକାର ଲୋକଙ୍କ ମଧ୍ୟରେ ଜୋସ୍ ଭରିବା ସହ କାର୍ନିଭାଲର୍ ଦ୍ୱିତୀୟ ସନ୍ଧ୍ୟାର ମାହୋଲକୁ ରଙ୍ଗାରଙ୍ଗ କରିଦେଇଥିଲେ। ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ ଲୋକ ଦାଣ୍ଡିଆ କାର୍ନିଭାଲକୁ ଉପଭୋଗ କରିଥିବାବେଳେ ଉପସ୍ଥାପିକା ପୁଣ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସୁସ୍ୱାଦୁ ଖାଦ୍ୟର ମଜା

ଦାଣ୍ଡିଆ କାର୍ନିଭାଲରେ ଆଉଏକ ଆକର୍ଷଣ ହେଉଛି ସୁସ୍ୱାଦୁ ଖାଦ୍ୟର ପସରା। ନାଚଗୀତ ଭିତରେ, ନାଚି ନାଚି ଥକିଲା ପରେ 'ଫୁଡ୍ ଜୋନ୍'ରେ ଲୋକଙ୍କ ଭିଡ଼ ଲାଗୁଛି। ଏଠାରେ ଭଳିକି ଭଳି ଖାଇବାର ବନ୍ଦୋବସ୍ତ କରାଯାଇଛି। ମିଣ୍ଟ ମୋଜିଟୋ, ବ୍ଲୁ କ୍ରିଷ୍ଟାଲ୍, ପାନିପୁରି, ପାପ୍‌ଡ଼ି ଚାଟ୍, ଆଳୁ ଟିକି ଘୁଗୁନି ଚାଟ୍, ଦହିବରା ଆଳୁଦମ୍, ମିନି ଦୋସା ଓ ମୁଗ ଡାଲ୍, ଛୋଲେ ବଟୁରେ, ପାଓ ଭାଜି, ଭେଜ୍ ଚାଓମିନ୍, ମନଚୁରିଆନ୍, ପନିର୍, ପାସ୍ତା, ଜିଲାବି, ଗୋଲାପଜାମୁନ୍ ଭଳି ଖାଦ୍ୟର ମଜା ନେଉଛନ୍ତି ଲୋକେ।



# ଥାନାରୁ ହତ୍ୟା ମାମଲାର ଅଭିଯୁକ୍ତ ଫେରାର

**କୋରାପୁଟ,୨୧।୧୦ (ଅମିତାଭ ବେହେରା)**

କୋରାପୁଟ ଟାଉନଥାନାରୁ ଶନିବାର ଜଣେ ହତ୍ୟା ମାମଲାରେ ଜଡ଼ିତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେ ହେଲେ ଜୟପୁର ହାନାଗୁଡ଼ା ଅଞ୍ଚଳର ରାହୁଲ ବାଘ। ହତ୍ୟା ମାମଲାରେ ସମ୍ପୃକ୍ତ ରାହୁଲଙ୍କୁ ବର୍ଷେ ପରେ ପରିବାର ଲୋକେ ଧରି ପୋଲିସ ଜିମା ଦେଇଥିଲେ। ମାତ୍ର ଜିମା ଦେବାର ଏକ ଘଣ୍ଟା ମଧ୍ୟରେ ପୋଲିସ ଉପସ୍ଥିତିରେ ଥାନା ଭିତରୁ ରାହୁଲ ଫେରାର ହୋଇଯାଇଛନ୍ତି। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୋଲିସ ତାଙ୍କୁ ଧରିବା ପାଇଁ କୋରାପୁଟର ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି।

ଖବରରୁ ଜଣାପଡିଛି, ଗତ ୯।୧୨। ୨୦୨୨ରେ କୋରାପୁଟ ସହରର ଅଭିଷେକ ମାଝୀ ନିଜ ସମ୍ପର୍କୀୟ ଭଉଣୀଙ୍କ ବିବାହ ପାଇଁ ସ୍ଥାନୀୟ ଅଞ୍ଚଳର ୪ ଜଣ ଯୁବକଙ୍କ ସହ ଜୟପୁର ଯାଇଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ୧୦।୧୨।୨୨ରେ କୋରାପୁଟ ସଦର ଥାନାରେ ପରିବାର ଲୋକେ ନିଖୋଜ ଅଭିଯୋଗ କରିଥିଲେ। ୧୩ ତାରିଖରେ କୋରାପୁଟ-ଜୟପୁର ମୁଖ୍ୟ ରାସ୍ତା ବିଲାଘାଟି ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ଘଟଣାର ତଦନ୍ତ କରି ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଅଭିଷେକଙ୍କ ପରିବାରଙ୍କୁ ଜଣାଇଥିଲା। ତେବେ ଏହାର ଠିକ୍ ତଦନ୍ତ କରିବା ଲାଗି ପରିବାର ଲୋକେ ସେତେବେଳେ କୋରାପୁଟ-ସୁନାବେଡା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ହାନାଗୁଡ଼ା ଅଞ୍ଚଳର ରାହୁଲ ଅଭିଷେକଙ୍କୁ ମାରିଥିବା ନେଇ ସମସ୍ତଙ୍କୁ କହିଥିଲେ। ଏହା ଜାଣିବା ପରେ ଅଭିଷେକଙ୍କ ପରିବାର ଲୋକେ ରାହୁଲଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଟାଉନ ଥାନାରେ ରଖିଥିଲା। ସୁଯୋଗ ଦେଖି ରାହୁଲ ଥାନା ଛାତରୁ ଡେଇଁ ଫେରାର ହୋଇ ଯାଇଥିଲେ। ଅନ୍ୟପକ୍ଷରେ ପୋଲିସ ଟଙ୍କା ନେଇ ଅଭିଯୁକ୍ତ ରାହୁଲଙ୍କୁ ଛାଡି ଦେଇଥିବା ଅଭିଷେକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଅତିରିକ୍ତ ଏସ୍‌ପି ବିମଳକାନ୍ତ ବ୍ରହ୍ମା କହିଛନ୍ତି।

# ରମାଦେବୀ ଛାତ୍ରୀଙ୍କୁ ରାଗିଂ ଅଭିଯୋଗ

## ତଦନ୍ତ କରିବାକୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୧୦(ଅସମାପିକା ସାହୁ)**

ଭୁବନେଶ୍ୱର ରମାଦେବୀ ଜୁନିୟର କଲେଜ (ଉଚ୍ଚ ମାଧ୍ୟମିକ ସ୍କୁଲ୍)ରେ ରାଗିଂ ଅଭିଯୋଗ ଆସିଛି। ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗଣଶିକ୍ଷା ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଗଣଶିକ୍ଷା ବିଭାଗ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛି।

ଅଭିଯୋଗ ଆଣିଥିବା ଛାତ୍ରୀଙ୍କ ଘର ମୟୂରଭଞ୍ଜ ଜିଲାରେ। ତାଙ୍କ ଅଭିଯୋଗ ହେଲା, ରମାଦେବୀ ଜୁନିୟର କଲେଜର ୧ ନମ୍ବର ରୁମ୍‌ରେ ସେ ରହୁଥିବାବେଳେ ସେଠାରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଏପରିକି ଏକ ଘରିକିଆ କରି ରଖାଯାଇଛି। ତାଙ୍କ ପୋଷାକପତ୍ର, ଜୋତା ଅଲଗା ରଖିବାକୁ କୁହାଯାଉଛି। ସେ ଓଡ଼ିଆ ମିଡିୟମ ଛାତ୍ରୀ ହୋଇଥିବାବେଳେ ତାଙ୍କ ରୁମମେଟ୍‌ମାନେ ଇଂଲିଶ ମିଡିୟମ ଛାତ୍ରୀ। ତେଣୁ ସେମାନେ ଏପରି ପାତରଅନ୍ତର କରୁଛନ୍ତି। ସେହିଭଳି ଜାତିଆଣ ମନ୍ତବ୍ୟ, ଅଶ୍ଳୀଳ ଭିଡିଓ ଦେଖାଇବା, ରାତିରେ ଶର୍ଟସ୍ ପିନ୍ଧିବାକୁ ବାଧ୍ୟ କରିବା ଭଳି ମଧ୍ୟ ଛାତ୍ରୀଜଣଙ୍କ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀ ଜଣକ ପ୍ରଥମେ ତାଙ୍କ ମା' ଓ ବାପାଙ୍କୁ ଏବଂ ପରେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏପରିକି କଲେଜ ଆଣ୍ଟି ରାଗିଂ ସେଲ୍‌ରେ ମଧ୍ୟ ଏହି ଅଭିଯୋଗ କରିଥିଲେ। ହେଲେ କଲେଜ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଛାତ୍ରୀ ଜଣକ ଗଣଶକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏହାପରେ ବିଭାଗ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ କଲେଜ ଅଧ୍ୟକ୍ଷା ସରୋଜ ଲକ୍ଷ୍ମୀ ସିଂ କହିଛନ୍ତି, ସେ ଝିଅ ହଷ୍ଟେଲ ଆସିବାର ମାତ୍ର ୧୦ଦିନରେ ଏଭଳି ଅଭିଯୋଗ ଆଣିଥିଲେ। ସେ ରୁମ୍‌ରେ ସିନିୟର ପିଲା ରହୁନାହାନ୍ତି। ତାଙ୍କ ବ୍ୟାଚ୍‌ର ଛାତ୍ରୀ ରହୁଛନ୍ତି। ପୂର୍ବରୁ ସେମାନଙ୍କ ସହିତ ମିଶିକି ଭଲରେ ରହୁଥିଲେ, ମିଳିମିଶି ମାର୍କେଟ ମଧ୍ୟ ଯାଉଥିଲେ। କିନ୍ତୁ ଏବେ ସେ ଯେଉଁ ଅଭିଯୋଗ ଆଣିଛି ସେଥିରେ କୌଣସି ସତ୍ୟସତ୍ୟ ନାହିଁ। ଗତ ୧୪ ତାରିଖ ରାତି ପ୍ରାୟ ୧୦ଟା ପରେ ସେ ଝିଅ ତାଙ୍କ ଅଭିଭାବକଙ୍କ ସହିତ ଆସି ମୋତେ ଅଭିଯୋଗପତ୍ର ଦେଇଥିଲେ ଏବଂ ମୁଁ ଗ୍ରହଣ କରିଥିଲି। ଏହାପରେ ତା'ର ତଦନ୍ତ ହୋଇଥିଲା ଏବଂ ସେଭଳି କିଛି ହୋଇ ନ ଥିବା ଜଣାପଡ଼ିଥିଲା। କେବଳ ରୁମ୍ ବାହାରେ ମୁଣ୍ଡ କୁଣ୍ଡାଇବା ପାଇଁ ରୁମ୍‌ମେଟ୍‌ମାନେ ତାଙ୍କୁ କହିଥିବା ଜଣାପଡିଥିଲା। ତେଣୁ ଆମେ ତାଙ୍କୁ ଅନ୍ୟ ରୁମ୍‌ରେ ରହିବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲୁ। କିନ୍ତୁ ସେ ଏଠାରେ ପଢ଼ିବେନି ବୋଲି କହିଥିଲେ ବୋଲି ଅଧ୍ୟକ୍ଷା ସିଂ କହିଛନ୍ତି।

# ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଦୋରା ଗିରଫ



ଗିରଫ ଅଶୋକ ଦୋରା।

- **ବ୍ଲକ୍ ମିଶନ ଶକ୍ତି ସଂଯୋଜକଙ୍କୁ ଆକ୍ରମଣ ଅଭିଯୋଗ ଥିଲା**
- **ପୂର୍ବରୁ ଗିରଫ ହୋଇଥିଲେ ଅନ୍ୟ ୬ ଅଭିଯୁକ୍ତ**
- **ଜାମିନ୍ ନାମଞ୍ଜୁର ହେବାରୁ ଜେଲ ହାଜତକୁ ଗଲେ**

**ବଲାଙ୍ଗୀର/ଗୁଡଭେଲା ୨୧।୧୦ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ମିଶନ ଶକ୍ତି ସଂଯୋଜକଙ୍କୁ ମାଡ଼ ଘଟଣାର ଅଭିଯୁକ୍ତ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ଦୋରାଙ୍କୁ ଶନିବାର ପୋଲିସ ଗିରଫ କରିଛି। ଏହି ମାମଲାରେ ପୂର୍ବରୁ ପୋଲିସ ୬ ଜଣଙ୍କୁ ଗିରଫ କରିଥିଲା। ଗତ ୧୦ ତାରିଖରେ ମିଶନ ଶକ୍ତି ବ୍ଲକ୍ ସଂଯୋଜକ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମାଡ଼ ମରାଯାଇଥିବା ନେଇ ତୁଷରା ଥାନାରେ ଅଭିଯୋଗ ହୋଇଥିଲା। ବ୍ଲକ୍ ସଂଯୋଜକ ପ୍ରଧାନ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ତୁଷରା ପୋଲିସ ଏ ନେଇ ମାମଲା(୧୯୬/୨୩) ରୁଜୁ କରିଥିଲା। ଏହି ମାମଲାରେ ପୋଲିସ ପୂର୍ବରୁ ରମାକାନ୍ତ ମହାପାତ୍ର, ଶଙ୍କର୍ଷଣ କର୍ମୀ, ରୋହିତ ବାଗ, ଜଗଦୀଶ ବାଗ, ଧୋବେଇ ବାଗ, ଗୋପାଳ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଅଭିଯୁକ୍ତ ଦର୍ଶାଯାଇଥିବା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୋରା ଗିରଫ ହୋଇ ନ ଥିଲେ। ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୁଷରା ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱାଧୀନ ଏକ ସ୍ୱତନ୍ତ୍ର ଟିମ୍ ଫେରାର ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲେ। କଳାହାଣ୍ଡି ଜିଲା ନର୍ଲାଠାରୁ ଦୋରାଙ୍କୁ ପୋଲିସ ଗିରଫକରି ଆଣିବା ପରେ ଶନିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। କୋର୍ଟଚାଲାଣ ବେଳେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୋରା ଉଦ୍ଦେଶ୍ୟମୂଳକଭାବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଏଥିରେ ମନ୍ତ୍ରୀଙ୍କ ହାତ ରହିଛି ବୋଲି କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତି ସ୍କୁଲରେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବି

**ଭୁବନେଶ୍ୱର,୨୧।୧୦(ଅସମାପିକା ସାହୁ)**

ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୁପ୍ରିମକୋର୍ଟ ଗତ ଅଗଷ୍ଟ ୨୨ରେ ଏ ସଂକ୍ରାନ୍ତ ମାଲାର ଶୁଣାଣି କରି ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ, ଆଗାମୀ ୬ ସପ୍ତାହ ଭିତରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ବାହାର କରିବେ। ବିଳମ୍ବ ହେଲେ ସେହି ରାଜ୍ୟର ମୁଖ୍ୟ ଶାସନ ସଚିବ କୋର୍ଟରେ ହାଜର ହୋଇ କୈଫିୟତ ଦେବେ। ଗତ ୧୭ ତାରିଖ ପରବର୍ତ୍ତୀ ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ, ଯେଉଁ ରାଜ୍ୟ କୋର୍ଟରେ ନିଯୁକ୍ତି ସମ୍ପର୍କିତ ଆଫିଡେଭିଟ୍ ଦାଖଲ କରିନାହାନ୍ତି, ସେସବୁ ରାଜ୍ୟ ଖୁବ୍‌ଶୀଘ୍ର ଦାଖଲ କରନ୍ତୁ। ଏଥିସହିତ ବିଚାରପତି ସି. ଟି. ରବିକୁମାର ବିରକ୍ତ ପ୍ରକାଶ କରି ସରକାରୀ ଆଇନଜୀବୀଙ୍କୁ ପଚାରିଥିଲେ ଯେ, ଭାରତ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଗୋଟିଏ ବିଦ୍ୟାଳୟରେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କାହିଁକି କରୁନାହାନ୍ତି? ଏହି ପରିପ୍ରେକ୍ଷୀରେ ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ ଫର୍ ଦିବ୍ୟାଙ୍ଗ ସଂଘ କହିଛି, ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିକୁ ଓଡ଼ିଶା ସରକାର ବିଳମ୍ବ କରୁଛନ୍ତି। ସୁପ୍ରିମକୋର୍ଟରେ ନିର୍ଦ୍ଦେଶ ଅନୁଯାୟୀ ଖୁବ୍‌ଶୀଘ୍ର ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ବାହାର କରିବା ପାଇଁ ସଂଘ ଓଡ଼ିଶା ସରକାରଙ୍କ ନିକଟରେ ଦୃଢ଼ ଦାବି ରଖିଛି।

# ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଫଣ୍ଡଷ୍ଟାକ୍ ୩.୦ ଉନ୍ମୋଚିତ

ଭୁବନେଶ୍ୱର,୨୧।୧୦ (ଅଭୟ ଦାଶ)

ଷ୍ଟାର୍ଟଅପ୍ ଓଡ଼ିଶାର ବହୁ ପ୍ରତୀକ୍ଷିତ ନିବେଶକ ସଂଯୋଗ କାର୍ଯ୍ୟକ୍ରମ ଫଣ୍ଡଷ୍ଟାକ୍ ୩.୦ର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ରାଜ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକୁ ପିଚିଂ ସେସନ ସହ ବିଭିନ୍ନ ପ୍ରତିଷ୍ଠିତ ନିବେଶକଙ୍କ ସହ ସଂଯୋଜିତ ହେବା ପାଇଁ ସୁଯୋଗ ପ୍ରଦାନ କରିବ। ଏପରିକି ଦୁଇ ଦିନିଆ ମେଗା ଇଭେଣ୍ଟ ଆଞ୍ଜେଲ ନେଟ୍‌ୱର୍କ ଓ ଭେଞ୍ଚର କ୍ୟାପିଟାଲିଷ୍ଟ ଫାର୍ମଗୁଡିକରୁ ଆବଶ୍ୟକ ପୁଞ୍ଜି ଓ ପାଣ୍ଠି ହାସଲ କରିବାରେ ଷ୍ଟାର୍ଟଅପ୍‌ଗୁଡିକୁ ସହଯୋଗ କରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର, ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ ଶୁକ୍ରବାର ଏକ ଭର୍ଚୁଆଲ ସମ୍ମିଳନୀରେ ଯୋଗଦେଇ ଏହାକୁ (ଫଣ୍ଡଷ୍ଟାକ୍ ୩.୦) ଉନ୍ମୋଚନ କରିଛନ୍ତି ଏବଂ ଏହି ପ୍ରୋଗ୍ରାମ ପାଇଁ ଆବେଦନ ଆରମ୍ଭ ଓ ନିବେଶକ ସହଯୋଗୀଙ୍କଠାରୁ ପାଣ୍ଠି ହାସଲ କରିବା ଲାଗି ଏଭଳି ଏକ ସୁବର୍ଣ୍ଣ ସୁଯୋଗର ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍‌ର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ଏ ସମ୍ପର୍କରେ ରାୟ ପୂର୍ବ ସଂସ୍କରଣରୁ ମିଳିଥିବା ସଫଳ କାହାଣୀଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଯାହା ରାଜ୍ୟର ଅଗ୍ରଣୀ ଓ ଉଦୀୟମାନ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାଦାୟକ ଥିଲା। ସେ ଆଶ୍ୱାସନା ଦେଇଛନ୍ତି, ଫଣ୍ଡଷ୍ଟାକ୍ ୩.୦ଓଡ଼ିଶା ଷ୍ଟାର୍ଟଅପ୍ ଗ୍ରୋଥ୍ ଫଣ୍ଡ (ଓଏସ୍‌ଜିଏଫ୍)ର ଶୁଭାରମ୍ଭ କରିବା ପାଇଁ ଏକ ଉନ୍ନତ ସୁଯୋଗ ହେବ ଏବଂ ଓଡ଼ିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଓଡ଼ିଶା ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶାର ଉକ୍ତ ଅଭିଯାନରେ ଯୋଗଦେବା ପାଇଁ ଅଧିକ ସହଯୋଗୀଙ୍କୁ ସକ୍ଷମ କରିବ।

# ଶ୍ରୀଦୁର୍ଗା ପକ୍ଷରୁ 'ଯେତେ କିଣିବେ ସେତେ ସୁନା ପାଇବେ'

ଭୁବନେଶ୍ୱର,୨୧।୧୦

ଶାରଦୀୟ ଦୁର୍ଗାପୂଜା ଅବସରରେ ଶାଢ଼ି ଏବଂ ଗାର୍ମେଣ୍ଟସ୍ ଫ୍ୟାମିଲି ଷ୍ଟୋର 'ଶ୍ରୀଦୁର୍ଗା' ପକ୍ଷରୁ 'ଯେତେ କିଣିବେ ସେତେ ସୁନା ପାଇବେ' ଶୀର୍ଷକ ଅଫର ଘୋଷଣା କରାଯାଇଛି । ଶପିଂର ନିଆରା ଅନୁଭୂତି ପାଇଁ ଗ୍ରାହକମାନେ ନିଶ୍ଚିତ ଉପହାରରେ 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର'ରେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍ ପାଇପାରିବେ । ପ୍ରତି ୯୯୯ ଟଙ୍କାର କ୍ରୟରେ ଗ୍ରାହକମାନେ 'ହାର୍ଲେ ଡେଭିଡ୍‌ସନ୍' ବାଇକ୍‌ର କୁପନ୍ ପାଇପାରିବେ । ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଶପିଂ କଲେ ଗ୍ରାହକମାନେ ଏହି ଅଫରର ଲାଭ ଉଠାଇପାରିବେ । 'ସ୍ୱର୍ଣ୍ଣମୁଦ୍ରା' ସହ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଉପହାର ରହିଛି । ଜାତୀୟ ଓ ଅନ୍ତର୍ଜାତୀୟ ପୁରୁଷ ପରିଧାନରେ ୩୦ରୁ ଅଧିକ ଅଫର୍ ରହିଛି। ଏଥିରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । କୁର୍ତ୍ତି ଓ ଲେଗିଂସ୍‌ରେ ସ୍ୱତନ୍ତ୍ର ରିହାତି ରହିଛି। ଭୁବନେଶ୍ୱରସ୍ଥିତ ଅଶୋକନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ବଜାରଠାରେ ଥିବା ଶୋ'ରୁମ୍‌ରେ ଏହି ସୁବିଧାଗୁଡ଼ିକ ଉପଲବ୍ଧ ରହିଛି ।

## DIRECTORATE OF HANDICRAFTS, ODISHA

1st Floor, HEADS OF DEPARTMENT BUILDING, UNIT-V, BHUBANESWAR-1
Tele-Fax:0674-2396745, E-mail ID: dhciori@gmail.com

**Expression of Interest**

No.6122/ Date: 20.10.2023

**No.PP:** Sealed EOI is hereby invited from reputed firms/Agencies/Cultural event management firms for organisation of Cultural programme in Mruttika-2023 at IDCO Exhibition Ground, Bhubaneswar from 03.11.2023 to 10.11.2023. The detail notice is available in the website of the Directorate at https://crafts.odisha.gov.in. The intending Firms may submit the EOIs to the Directorate latest by 30.10.2023 upto 1.00 PM through registered post/ Speed Post/ Courier/ by hand.

**Sd./- Director**
OIPR-31034/11/0001/2324

# ୱାନ୍ ପ୍ଲସ୍ ସହ ରିଲାଏନ୍ସ ଡିଜିଟାଲର ସହଭାଗିତା

ଭୁବନେଶ୍ୱର,୨୧।୧୦

ରିଲାଏନ୍ସ ଡିଜିଟାଲ ଏବଂ ୱାନ୍ ପ୍ଲସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଛି। ବିଶେଷକରି ୱାନ୍ ପ୍ଲସ୍‌ର ବହୁ ପ୍ରତୀକ୍ଷିତ ୱାନ୍ ପ୍ଲସ୍ ଓପନ୍ ଫୋଲଡେବଲ୍ ଫୋନ୍ ରିଲାଏନ୍ସ ଡିଜିଟାଲର ସମସ୍ତ ଷ୍ଟୋରରେ ଉପଲବ୍ଧ ବୋଲି ଉଭୟ ସଂସ୍ଥା (କମ୍ପାନୀ) ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ଗ୍ରାହକମାନେ ସେମାନଙ୍କର ନିକଟତମ ରିଲାଏନ୍ସ ଡିଜିଟାଲ ଆଉଟଲେଟଠାରେ ଉକ୍ତ ଫୋନ୍‌ର ପ୍ରି-ବୁକ୍ ମଧ୍ୟ କରିପାରିବେ। ଅପରପକ୍ଷରେ ଗ୍ରାହକମାନେ ବୁକିଂ ସମୟରେ ମାଗଣା ୱାନ୍‌ପ୍ଲସ୍‌ବଡ୍‌ସ ପ୍ରୋ ୨ ସହ ଦୁର୍ଘଟଣାଜନିତ ସୁରକ୍ଷା ଯୋଜନା, ଆଇସିଆଇସିଆଇ ବ୍ୟାଙ୍କର କାର୍ଡ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଏବଂ ୮୦୦୦ ଟଙ୍କା ପର୍ଯ୍ୟନ୍ତ ବିନିମୟ ବୋନସ ଭଳି ବିଶେଷ ସୁବିଧା ମଧ୍ୟ ପାଇପାରିବେ। ଏହି ଅଫର ୨୦୨୩ ଅକ୍ଟୋବର ୨୭ ପର୍ଯ୍ୟନ୍ତ ଉପଲବ୍ଧ ରହିବ (ଲାଇଭ୍ ଚାଲିବ)।

# ଲାଲ୍‌ଚାନ୍ଦ ଜୁଏଲର୍ସର ଦୁର୍ଗାପୂଜା ଅଫର

ଭୁବନେଶ୍ୱର,୨୧।୧୦

ଦଶହରା ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଏହି କ୍ରମରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୫୯୯ଟଙ୍କା ରହିଛି । ଏହାବ୍ୟତୀତ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦ ପ୍ରତିଶତ, ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫ ପ୍ରତିଶତ, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦ ପ୍ରତିଶତ ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି। ସୂଚନା ଥାଉ କି, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଦୀର୍ଘ ୩୫ ବର୍ଷ ଧରି ବିଭିନ୍ନ ସମୟରେ ମିଡିଆ ଅଭିଯାନ ଚଳାଇ ଆସୁଛି । ସୁନାର ଗୁଣବତ୍ତା ଓ ଗ୍ରାହକମାନେ ଠକାମିରୁ ମୁକ୍ତ ରହିବାନେଇ ସଚେତନ କରାଯାଉଛି। କୌଣସି ଅତିରିକ୍ତ ଦେୟ ବା ଲୁକ୍କାୟିତ ସର୍ତ୍ତ ନ ରଖି ଗ୍ରାହକଙ୍କୁ ସର୍ବଦା ସ୍ୱଷ୍ଟ ତଥା ସ୍ୱଚ୍ଛ ସେବା ପ୍ରଦାନ କରିଆସୁଥିବା ଲାଲ୍‌ଚାନ୍ଦ ପକ୍ଷରୁ କୁହାଯାଇଛି। ସମସ୍ତ ଗହଣା ଉପରେ ଫ୍ଲାଟ୍ ମେକିଂ ଚାର୍ଜ ପ୍ରଦାନ କରିବା ସହ ବର୍ତ୍ତମାନ ଲାଲ୍‌ଚାନ୍ଦ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା କ୍ରୟ ଉପରେ ସଚେତନ ଓ ସାବଧାନ କରାଇବା ପାଇଁ ମିଡିଆ କ୍ୟାମ୍ପେନ୍ ଜାରି ରଖିଛି।

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK

E-mail ID:- exengr.mnd@gmail.com

**'e' Procurement Notice No- MND-08/2023-24**

**No.A-694:** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal **www.tendersorissa.gov.in**. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

| | | |
|---|---|---|
| 1. | Nature of Work | : River & Canal Embankment works |
| 2. | Total No. of Works | : 14 (Fourteen) works |
| 3. | Bid Identification No | : MND-08/2023-24 |
| 4. | Tender Cost | : Rs. 48.44 Lakhs to Rs. 8.50 Lakhs |
| 5. | Class of Contractor | : " B, C & D " Class |
| 6. | Period of completion | : 4 (Four) Months |
| 7. | Other Details | : As noted below |
| a) | Procurement Officer | : Superintending Engineer, Mahanadi North Division-1, Jagatpur email: exengr.mnd@gmail.com Ph:-0671-2491546 |
| b) | Availability of Tender On-line for bidding | : 10.00 Hours of 27.10.2023 to 17.30 Hours of 06.11.2023 |
| c) | Last date & time of submission of bid document | : 17.30 Hours of 06.11.2023 |
| d) | Date, time & place of Opening of Technical Bid | : 07.11.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur |
| e) | Date of Lottery (if required) | : To be intimated later on. |

Further details can be seen from the Govt. website **"https://tendersodisha.gov.in.**

**Sd./- Superintending Engineer**
**Mahanadi North Division-I**
**Jagatpur**
OIPR-32003/11/0011/2324

## ODISHA UNIVERSITY OF TECHNOLOGY AND RESEARCH

Techno Campus, Ghatikia, P.O.: Mahalaxmi Vihar, Bhubaneswar - 751029, Odisha, INDIA

No. 3324/OUTR Date: 20.10.2023

**TENDER CALL NOTICE**

No. KK-266: Sealed tenders are invited from reputed Original Manufacturers/Authorized Dealers, for supply, installations and testing of (i) High Pressure Reaction Vessel, (ii) Research Microscope and (iii) Rotary Evaporator to School of Basic Sciences & Humanities (Chemistry) of the University, details of which are available in the tender papers. The tenderers must possess valid up-to-date GST/Income Tax clearance etc. The last date of submission of tender is 20.11.2023 (upto 5 P.M.) and will be opened on 21.11.2023 at 3.00 P.M. The sealed tender will be received by Speed Post/Registered Post only. No hand delivery or courier is acceptable. Tender received after the scheduled date and time will not be considered. The authority is not responsible for any postal delay. The authority reserves the right to cancel the bids without assigning any reason thereof. More details are available at our university website: **www.outr.ac.in/www.cet.edu.in**.

OIPR-16005/11/0062/2324 **Sd./- Registrar**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER GANJAM (R&B) DIVISION NO.I, BERHAMPUR

e-mail:sernb1.ganjam@yahoo.com
Phone/Fax:(0680) 2233683, e-mail:sernb1.ganjam@yahoo.com

**INVITATIONS FOR BIDS (IFB) (e-Procurement)**
**Bid Identification No.S.E.(R&B)-BAM-46/2023-24**
**No.11100//Dated 18.10.2023**

**No.B-1125:** The Superintending Engineer, Ganjam (R&B) Division No.I, Berhampur on behalf of the Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of Work : Building Works
2. No. of Works : 01 (One) No.
3. Tender Paper Cost : 10,000/-
4. Class of Contractor : "B" Class
5. Date & Time of sale & receipt of Bids : From 27.10.2023 10.00 AM to 04.11.2023 upto 4.00 PM
6. Date of Opening of Bid : 05.11.2023 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website http://tendersodisha.gov.in.

**Sd./- Superintending Engineer**
**Ganjam (R&B) Division No.I**
**Berhampur**
OIPR-34109/11/0028/2324

## GOVERNMENT OF ODISHA
## AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.) DHENKANAL DIVISION, DHENKANAL

No. 1317 Date: 20.10.2023

**INVITATION FOR BIDS (IFB)**
**e-Procurement Notice**

**Bid Identification Number / Tender Call Notice No. E E (A) D/D - 03 of 2023-24**

No. L-126: The Executive Engineer (Agril.), Dhenkanal Division, Dhenkanal who has been authorised as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil Construction Works under Dhenkanal Division. The costs of the projects are approximately from 8.00 lakhs to 45 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **www.tendersorissa.gov.in** from 01.11.2023 at 10.00 hours to 10.11.2023 at 16.00 hours. The bid will be opened on 15.11.2023 at 11.00 hours in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.
Email ID: **eeagri.dhenkanal.@gmail.com**

OIPR-01446/11/0004/2324 **Sd./- Executive Engineer (Agril) Dhenkanal Division, Dhenkanal**

## OFFICE OF THE PANCHAYAT SAMITI, DHANKAUDA

**Standard Bidding Document**
**Government of Odisha**
**No-3475 /Date-18.10.2023**

**Quotation Call Notice**

**No.i-447:** Sealed quotations are invited from Interested reputed Travel Agencies/Tour Operators or private Individuals for providing 01 (One) no. of Diesel driven Vehicle or fuel efficient Vehicle ( Bus-52 Seater) Within the monetary limit on maximum hiring or Rs.98800/-(Ninety eight thousand eight hundred) only per month (Maximum 26 Days) excluding GST & POL cost as per Notification No. 8508 dtd 12.04.2019 of Home Deptt. Govt of Odisha concurred in Finance Deptt. UOR No.04/Codes Dt. 10.04.2019 which shall conform to the Terms and conditions (Annexure-II) for OAV Kalamati for ferrying of Student through the Panchayat Samiti, Dhankauda on monthly rent basis. Initially for a period of twelve months and likely to be extended thereafter.

1. The service provider shall have a valid OGST registration having transport service as supplier service to participate in the tender process.
2. The service provider, participating in the bidding process under the Jurisdiction of Municipal corporations shall be registered on Gem Platform.
3. The Vehicle must be in road worthy condition and shall not be more than 3-years old from the date(Preferably new) of initial registration and must have valid registration Certificate, insurance Certificate, Fitness Certificate and valid contract Carriage permit, proof of updated tax payment etc. which are mandatory for plying of vehicle.
4. The Driver of the vehicle must have a valid driving License for driving heavy transport passenger vehicle and should be sufficiently experienced in driving transport passenger vehicle.
5. The Driver should be well behaved, gentle and obedient in nature.
6. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Block Development Officer, Dhankauda submitted along with the quotation/tender as security deposit. After completion of tender process, the Bank Draft will be refunded to unsuccessful bidders.
7. The monthly rate of hire charges have to be quoted separately.
8. The Vehicle must achieve a fuel efficiency of 03 KM per liter.
9. The details of the make and year of manufacture of the vehicle, registration no, mileage (Km cover per liter) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation/Tender.
10. The Quotation completed in all respect should reach the Panchayat Samiti Office, Dhankauda, In a sealed cover superscribed with "Quotation for providing' vehicle on hire basis " on or before 30.10.2023 by 5.00 PM through registered post/speed post only and shall be opened on 31.10.2023 at 11.00 A.M, in presence of the bidders or their authorized representatives. This office will not be responsible for any postal delay.
11. The application form of quotation/tender containing General Bid information and Terms and conditions & Financial Bid Information for Hiring of Vehicles etc. will be available with the Block Development Officer, Dhankauda on payment of Rs.100/- from 20.10.2023 to 27.10.2023 (Except Holidays ) or can be downloaded from the website, the applicant shall furnish a Demand Draft drawn in favour of Block Development Officer, Dhankauda for an amount of Rs.100/-(Rupees One Hundred) only towards the cost of application along with the application if the bidder would the tender application downloaded from the District website.

**Sd./- Block Development Officer, Dhankauda**
**Quotation/Tender Calling Authority**
**OIPR-19313/11/0002/2324**

## GOVERNMENT OF ODISHA No.B-1126
## OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH

ଓଡ଼ିଶା ସରକାର
E-mail ID: pwd_sng@yahoo.co.in

**"e" Procurement Notice**
**Bid Identification No.SE-R&B-SNG-31 of 2023-24**

Letter No.6385/ Date:17.10.23

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ONLINE mode from eligible contractors with valid licenses for execution of Road and Electrical works as detailed in DTCN. | | |
| 2. | Nature of Work | :- | Road and Electrical Work |
| 3. | No. of Work | :- | 05 (Five) Nos. |
| 4. | Tender Cost | :- | Rs.6,000/- |
| 5. | Class of Contractor | :- | D, C, LT, MV & HT |
| 6. | Availability of bid document in the website | :- | From 10.00 A.M. Date: 26.10.2023 to 05.00 PM Date: 06.11.2023 |
| 7. | Date of Opening of Bid | :- | 11.00 AM on Dt.07.11.2023 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in.) Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Sundargarh (R&B) Division**
**OIPR-34043/11/0011/2324**

## OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.
## AT/PO: ATHMALLIK, DIST- ANGUL- 759125

E-mail: dfoathmallikt@gmail.com Mob.: +91 9437004236
No: 6349 /Date: 19.10.2023

**CANCELLATION OF BID**

No. MM-235:- **The Bid for the Works Advertised vide No. ADVT 08125IPR, Bhubaneswar on Dt.07.10.2023 i.e., "Construction of Ministerial Staff Quarter in Forest Colony, Athmallik under Athmallik Range of Athmallik Forest Division" (Tender Notice No. 6005/1F/2023 Dt.07.10.2023 is hereby cancelled due to bring out some changes in the Estimate and Site.**

In view of the above, I would request you kindly make necessary arrangements for wide publicity and publication of "Cancellation of Bid" in the leading Odia and English daily newspaper at the earliest. The copy of the advertisement may be provided to this office for record and reference. The price of the quotation/Tender is more than 10 Lakhs.

It is hereby mentioned that the office of the undersigned cannot bear the cost of advertisement and the same may kindly be borne at your end for the interest of public service.

**Sd./- Divisional Forest Officer, Athmallik Division**
OIPR-08125/11/0009/2324

## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.III, BHUBANESWAR

No.B-1128:
bbsrrandb03@yahoo.com
60Estg.No.-4718 Date:20.10.2023

**Government of Odisha**
**"e"-Procurement Notice No.(20) of 2023-24**
**Bid Identification No:-C.C. (R&B) 03**

| | | |
|---|---|---|
| 1 | Name of the Work | Building Work |
| 2 | Total No. of Works | 10 Nos. Works |
| 3 | Estimated Cost | 1) Rs.46,22,500.00 2) Rs.53,06,200.00 3) Rs.7,65,600.00, 4) Rs.50,63,600.00 5)Rs.32,57,600.00, 6)Rs.11,58,400.00 7)Rs.48,99,300.00, 8)Rs.27,89,900.00 9)Rs.44,62,300.00, 10) Rs.25,06,900.00 |
| 4 | Class of Contractor | Sl.No. 1,2,4,5,7,9 "B" Class Contractor, Sl.No.10- "B" & "C" Class Contractor Sl.No.3 & 6 - "C" & "D" Class Contractor, Sl.No.8- "C" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Single Cover (for Sl.No. 1,3,5,6,7,8,9, & 10)/Double Cover (for Sl.No. 2 & Sl.No.4) |
| 7 | Date & Time of availability of bid document in the Portal | From 26.10.2023 at 1.30 P.M. to 04.11.2023 upto 5.30 P.M. |
| 8 | Last Date & Time for Receipt of bids in the Portal | 04.11.2023, upto 5.30 P.M. |
| 9 | Name & Address of the Officer Inviting Bid | Er.Gayatri Patel, Superintending Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-procurement portal **https://tendersorissa.gov.in.**

**N.B.: Subsequent corrigendum/addendum if required shall be available in the website as indicated above.**

OIPR-34089/11/0020/2324 **Sd./-Superintending Engineer BBSR (R&B) Division No.III, BBSR**

## Government of Odisha
## Sports & Youth Services Department

**Request for Proposal**

**No.TT:** Sports & Youth Services Department, Government of Odisha invites bids from leading event management agencies to the RfP on "Engagement of Event Management Agency for District Youth Festivals by Sports & Youth Services Department, Govt of Odisha". The details of the document are available at the website https://tendersodisha.gov.in/

Interested firms/ parties/ agencies are advised to study the RfP document carefully before submitting their bid.

**Important Dates and Information:**
**Date of Publication of the RfP - 21.10.2023**
**Submission of Prebid queries - 29.10.2023**
**Pre-Bid meeting - 30.10.2023**
**Response to Pre-Bid queries - 01.11.2023**
**Last date and time of submission of proposal -10.11.2023 up to 04:00 PM**
**Opening of the Technical Bid -11.11.2023**
**Technical presentation -13.11.2023**

**Sd./- Commissioner-cum-Secretary**
OIPR-29001/11/0070/2324

## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No. RR-40: ଛଉ ନୃତ୍ୟ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନିବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନିବର୍ଷ କାର୍ଯ୍ୟକରୁଥିବା କାର୍ଯ୍ୟ ବିବରଣୀ ଦେବେ। ଏହି କାର୍ଯ୍ୟ କରିବା ନିମନ୍ତେ ସମ୍ପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ। ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି – **"ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ"**। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ ତା୨୦।୧୧।୨୦୨୩ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only), ସାଦା କାଗଜରେ ଅଙ୍ଗୀକାରପତ୍ର (Undertaking in Plain Paper), ନିର୍ଦ୍ଦିଷ୍ଟ ଫର୍ମରେ ପୂର୍ବବର୍ଷ ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା, ଅନୁଷ୍ଠାନର ବ୍ୟାଙ୍କ୍ ଖାତା ନଂ., IFS Code ଓ ବ୍ୟାଙ୍କର ନାମ, ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ। ପୂର୍ବ ବର୍ଷରେ ଅନୁଷ୍ଠାନ ତରଫରୁ ଏହି ବିଭାଗ ଅନୁଦାନ ଅର୍ଥରେ ଆୟୋଜନ କରାଯାଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭାଗର ଲୋଗୋ ଥାଇ ଫଟୋ ସହିତ ବ୍ୟାନରର ନକଲ ପ୍ରଦାନ କରିବା ମଧ୍ୟ ଜରୁରୀ ଅଟେ। ପୁନଶ୍ଚ, ଏହି ବିଭାଗ ଅନୁଦାନରେ ଆୟୋଜିତ କାର୍ଯ୍ୟକ୍ରମର ଶୀର୍ଷୱାରୀ ଖର୍ଚ୍ଚ ବିବରଣୀ ମଧ୍ୟ ଦାଖଲ କରିବେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ।

ରାଜ୍ୟ ସରକାରଙ୍କ ପ୍ରଣୀତ ଆଇନ୍ (Grant-in-Aid Rules-1973) (Amendment in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇ ପାରିବ ନାହିଁ। ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **"www.odishaculture.gov.in"**କୁ ବ୍ୟବହାର କରିପାରନ୍ତି।

**ସ୍ୱା./- ନିର୍ଦ୍ଦେଶକ**
**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର**
OIPR-03029/11/0019/2324 **ଭୁବନେଶ୍ୱର – ୭୫୧୦୧୪**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com

Letter No.4099, **1st Corrigendum Notice** Date:19.10.23

**1st Corrigendum to Bid Identification No. Tender Online RCK-36/23 invited this office Letter No.3822, Dt.10.10.2023**

**No.O-1343:** The changes as detailed below are hereby made in the above N.I.T.:-

**1. Clause No.-06 of NIT modified below:**

| Procurement Officer | Bid Identification No. | Availability of tender Online for bidding | | | | Last Date & Time of seeking Tender Clarification | | Date & Time of Opening of Tender | | | |
|---|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid | |
| 1 | 2 | 3 | | 4 | | 5 | | 6 | | 7 | |
| Chief Construction Engineer, Rural Works Circle, Kendrapara-Jajpur | Tender RCK-36/23 | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| | | 19.10.23 to 11.30 A.M. | 02.11.23 to 11.30 A.M. | 02.11.23 to 05.00 P.M. | 16.11.23 to 05.00 P.M. | 02.11.23 to 02.00 PM | 16.11.23 to 02.00 PM | 03.11.23 to 11.30 AM | 17.11.23 to 11.30 A.M. | Will be intimated later | Will be intimated later |

All other conditions of NIT remain unaltered.

OIPR-25129/11/0044/2324 **Sd./- Chief Construction Engineer, Rural Works Circle, Kendrapara-Jajpur**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com

Letter No.4101 **1st Corrigendum Notice** Date:19.10.23

**1st Corrigendum to Bid Identification No. Tender Online RCK-37/23 invited this office Letter No.3900, Dt.11.10.2023**

**No.O-1344:** The changes as detailed below are hereby made in the above N.I.T.:-

**1. Clause No.-06 of NIT modified below:**

| Procurement Officer | Bid Identification No. | Availability of tender Online for bidding | | | | Last Date & Time of seeking Tender Clarification | | Date & Time of Opening of Tender | | | |
|---|---|---|---|---|---|---|---|---|---|---|---|
| | | From | | To | | | | Technical Bid | | Financial Bid | |
| 1 | 2 | 3 | | 4 | | 5 | | 6 | | 7 | |
| Chief Construction Engineer, Rural Works Circle, Kendrapara-Jajpur | Tender RCK-37/23 | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| | | 19.10.23 to 11.00 A.M. | 02.11.23 to 11.00 A.M. | 06.11.2023 to 05.00 P.M. | 16.11.2023 to 05.00 P.M. | 04.11.23 to 02.00 PM | 16.11.23 to 02.00 PM | 07.11.23 to 11.00 AM | 17.11.23 to 11.00 A.M. | Will be intimated later | Will be intimated later |

All other conditions of NIT remain unaltered.

OIPR-25129/11/0045/2324 **Sd./- Chief Construction Engineer, Rural Works Circle, Kendrapara-Jajpur**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅର୍ଣ୍ଣଭ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ଦ୍ଦାରପୁରରୁ ଗେହଲଟ-ଟୋଙ୍କରୁ ସଚିନ

## ରାଜସ୍ଥାନ ନିର୍ବାଚନ

### କଂଗ୍ରେସର ପ୍ରଥମ ଓ ଭାଜପାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ



ଅଶୋକ ଗେହଲଟ  ସଚିନ ପାଇଲଟ

**ଜୟପୁର,୨୧।୧୦:** ରାଜସ୍ଥାନ ବିଧାନସଭା ନିର୍ବାଚନ ଲାଗି ଶନିବାର କଂଗ୍ରେସ ଏହାର ପ୍ରଥମ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ଦଳ ୩୩ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ଏଥିରେ ୯ ଜଣ ମହିଳା ଅଛନ୍ତି। ଦଳ ସାଦଲପୁରରୁ କୃଷ୍ଣ ପୁନିୟା, ମାଣ୍ଡୱାରୁ ରୀତା ଚୌଧୁରୀ ଏବଂ ମାଲବ୍ୟ ନଗରରୁ ଡ.ଅର୍ଚ୍ଚନା ଶର୍ମାଙ୍କୁ ଟିକେଟ ଦେଇଛି। ସେହିପରି ଅମୃତ ଚୌହାନଙ୍କୁ ନୌହାରରୁ, ଲକ୍ଷ୍ମଣଗଡ଼ରୁ ଗୋବିନ୍ଦ ସିଂ ଡୋଟାସାରା, ଟୋଙ୍କରୁ ସଚିନ ପାଇଲଟ ଏବଂ ସର୍ଦ୍ଦାରପୁରରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଟିକେଟ ମିଳିଛି। ଏଥିରୁ ଦଳ ବିଶ୍ୱସ୍ତ ନେତାଙ୍କ ଉପରେ ଭରସା କରିଥିବା ଦେଖିବାକୁ ମିଳିଛି।

ସେହିପରି ସିକ୍ରାଇରୁ ମମତା ଭୁପେଶ, ଜୟଲରୁ ମଞ୍ଜୁ ଦେବୀ, ଓସିଆନରୁ ଦିବ୍ୟା ମଦରଣା, ଯୋଧପୁରରୁ ମନୀଷା ପାନୱାର, ବଲ୍ଲଭନଗରରୁ ପ୍ରୀତି ଗଜେନ୍ଦ୍ର ସିଂ ଶକ୍ତାୱତ ଏବଂ କୁଶଲଗଡରୁ ରମିଳା ଖାଡିଆଙ୍କୁ ପ୍ରାର୍ଥୀ କରାଯାଇଛି। ଅପରପକ୍ଷେ ଶନିବାର ଭାଜପା ତା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ୮୩ ପ୍ରାର୍ଥୀଙ୍କ ନାମ ଏହି ତାଲିକାରେ ରହିଛି।



ଏଏପି ନେତା ସଞ୍ଜୟ ସିଂଙ୍କ ଗିରଫକୁ ବିରୋଧ କରି ଶନିବାର ଲକ୍ଷ୍ନୌଠାରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଉଛି।

# ଏଆଇସିସି ଷ୍ଟାର ପ୍ରଚାର ତାଲିକାରେ ଓଡ଼ିଶାରୁ ୩

## ଛତିଶଗଡ଼ ନିର୍ବାଚନ

**ଭୁବନେଶ୍ୱର,୨୧।୧୦(ଅନିଲ ଦାସ):** ଛତିଶଗଡ଼ରେ ହେବାକୁ ଥିବା ବିଧାନସଭା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଶନିବାର ୪୦ ଜଣିଆ ଷ୍ଟାର ପ୍ରଚାର କମିଟି ଘୋଷଣା କରାଯାଇଛି। ଓଡ଼ିଶାରୁ ୩ ଜଣଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ବିହାର ରାଜ୍ୟ ପ୍ରଭାରୀ ଭକ୍ତ ଚରଣ ଦାସ ଏବଂ କୋରାପୁଟ ଏମ୍‌ପି ତଥା ଏଆଇସିସି ସାଧାରଣ ସମ୍ପାଦକ ସପ୍ତଗିରି ଉଲ୍ଲାକାଙ୍କ ନାମ ରହିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797
7618668625


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନାମ ଚରଣ ନାୟକ
ବାଳକାଟୀ, ପଣ୍ଡା ସାହି
ଆବିର୍ଭାବ: ତା ୨୦।୦୮।୧୯୩୮
ତିରୋଧାନ: ତା ୩।୧୦।୨୦୨୨
(ତିଥି ଶୁକ୍ଳପକ୍ଷ ମହାଷ୍ଟମୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ: ପୁତ୍ର ଚିତ୍ତରଞ୍ଜନ ନାୟକ, ନଳିନୀ ରଞ୍ଜନ ନାୟକ, ମିହିର ରଞ୍ଜନ ନାୟକ, ମାନସ ରଞ୍ଜନ ନାୟକ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୪୩

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱା. ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୬୩୧

୧୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମିନାବଜାର, ଢେଙ୍କାନାଳ
ଆବିର୍ଭାବ-୨୦।୧୨।୧୯୪୩
ତିରୋଧାନ- ୧୫।୧୦।୨୦୧୦
ଅଶ୍ୱିନୀ ଶୁକ୍ଳପକ୍ଷ ଅଷ୍ଟମୀ ତିଥି
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀବଳରାମଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:** ପତ୍ନୀ, ପୁଅ, ବୋହୂ, କନ୍ୟା, ଜାମାତା, ନାତିନାତୁଣୀ ଓ ପରିବାରବର୍ଗ। ମେସର୍ସ ନଟବର ଦେବତା, ଶ୍ରୀବଳରାମ ଫେବ୍ରିକ୍ସ, ଓଁ ଟେକ୍ସଟାଇଲ୍- ମାଳତି ନିବାସ ।
ଧ-୭୫୪୦୨


# ଜନ୍ତରା ଗ୍ରାମକୁ ତଥ୍ୟ ଅନୁସନ୍ଧାନକାରୀ ଦଳ ପଠାଇବ କଂଗ୍ରେସ

**ଭୁବନେଶ୍ୱର,୨୧।୧୦(ଅନିଲ ଦାସ)**

କେନ୍ଦୁଝର ଜିଲା ଜୁଆଙ୍ଗ ଗ୍ରାମରେ ଦୂଷିତ ପାଣି ପିଇ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଶନିବାର ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଗଠନ କରିଛନ୍ତି। ଏହି କମିଟିରେ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା ଅଧ୍ୟକ୍ଷା ଥିବାବେଳେ ପିସିସି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ, ପିସିସି ସଭ୍ୟ ଭୁବନ ବିହାରୀ ସାହୁ, ପିସିସି ସମ୍ପାଦକ ଅଜିତ ଜେନା ସଭ୍ୟ ରହିଛନ୍ତି। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏହି କମିଟି କେନ୍ଦୁଝର ଜିଲାର ବାଂଶପାଳ ବ୍ଲକର ଗୋନାସିକ ପଞ୍ଚାୟତ ଅନ୍ତର୍ଗତ ଜନ୍ତରା ଗ୍ରାମକୁ ଗସ୍ତ କରିବ। ସୂଚନାଯୋଗ୍ୟ, ଗତ କିଛିଦିନ ଭିତରେ ଜନ୍ତରା ଗ୍ରାମରେ ୧୧ ଜଣ ଜୁଆଙ୍ଗ ବ୍ୟକ୍ତି ଦୂଷିତ ପାଣି ପିଇ ମୃତ୍ୟୁବରଣ କରିଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ଏହି ଘଟଣାର ପ୍ରକୃତ କାରଣ ଏବଂ କେଉଁ ପରିସ୍ଥିତିରେ ଏହି ଲୋକମାନେ ଦୂଷିତ ପାଣି ବ୍ୟବହାର କରୁଛନ୍ତି କମିଟି ଏହାର ଯାଞ୍ଚ କରିବ। ଏହି କମିଟି ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା ଏବଂ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର ଏବଂ ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କ ସହ ଯୋଗାଯୋଗ କରି ଜନ୍ତରାକୁ ଗସ୍ତ କରିବେ। ଜନ୍ତରା ଗସ୍ତର ୨୪ ଘଣ୍ଟା ମଧ୍ୟରେ କମିଟି ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ସବିଶେଷ ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ପିସିସି ସଭାପତି କହିଛନ୍ତି, କେନ୍ଦୁଝର ରାଜ୍ୟର ସ୍ୱର୍ଣ୍ଣଗର୍ଭା ଜିଲା। ରାଜ୍ୟ ରାଜକୋଷକୁ ଏହି ଜିଲା ହଜାର ହଜାର କୋଟି ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଏହାର ସାଧାରଣ ଲୋକଙ୍କୁ ୨୩ ବର୍ଷ ଭିତରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ପାରିଲେ ନାହିଁ। ଲୋକମାନେ ବିଷାକ୍ତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ରୋଷେଇଠାରୁ ଆରମ୍ଭ କରି ସମସ୍ତ ଦୈନନ୍ଦିନ କାର୍ଯ୍ୟରେ ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ଗୁରୁତର ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହା ସରକାରଙ୍କ ଓଡ଼ିଶା ପ୍ରୀତିର ଆଉ ଏକ ଉଦାହରଣ ବୋଲି ଶରତ କହିଛନ୍ତି ।

# ପୂର୍ବତନ ଏମ୍‌ପିଙ୍କ ଜନସଚେତନତା ପଦଯାତ୍ରା



ପଦଯାତ୍ରାରେ ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା ଓ ତାଙ୍କ ସହଯୋଗୀ।

**ବିଶୋଇ, ୨୧।୧୦(ଅମିତ ଦାସ):** ବିଜେଡିର ଜନସମ୍ପର୍କ ପଦଯାତ୍ରା ପରେ ମୟୂରଭଞ୍ଜ ପୂର୍ବତନ ଏମ୍‌ପି ଇଂ. ରାମଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ବିଭିନ୍ନ ସାମାଜିକ ସଙ୍ଗଠନ ସହଯୋଗରେ ଜିଲାବ୍ୟାପୀ ଜନସଚେତନତା ପଦଯାତ୍ରା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଦିଗହରା ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ରାମଚନ୍ଦ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରଥମ ଦିନରେ ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତରେ ପଦଯାତ୍ରା ଆରମ୍ଭ ହୋଇ ବନେଇକଳା ଓ ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ପର୍ଯ୍ୟାୟକ୍ରମେ ନଭେମ୍ବର ୧୫ପର୍ଯ୍ୟନ୍ତ ଜିଲାର କୋଣ ଅନୁକୋଣରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ଏକ ଛୋଟ ପୁସ୍ତିକା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ବିଶେଷକରି ପଡ଼ୋଶୀ ରାଜ୍ୟ ଗରିବଙ୍କୁ ବିଭିନ୍ନ ଯୋଜନାରେ ୩ହଜାର ଟଙ୍କା ପର୍ଯ୍ୟନ୍ତ ଭତ୍ତା ଦେଉଥିବା ବେଳେ ଓଡ଼ିଶାରେ ୫ଶହ ଟଙ୍କା ଦିଆଯାଉଛି, ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ଲକ୍ଷ ୩୦ହଜାର ଟଙ୍କା ଦିଆଯାଉଥିବା ବେଳେ ଝାଡ଼ଖଣ୍ଡ ରାଜ୍ୟରେ ୩ ଲକ୍ଷ ଓ ତେଲଙ୍ଗାନାରେ ୮ଲକ୍ଷ ୬୫ହଜାର ଟଙ୍କା ଗୃହ ତିଆରି ପାଇଁ ଗରିବ ଲୋକଙ୍କୁ ଦିଆଯାଉଛି। ତେଲଙ୍ଗାନାରେ ଚାଷୀଙ୍କ ସାମୂହିକ ବୀମା କରାଯାଇ କୌଣସି ଚାଷୀର ମୃତ୍ୟୁ ହେଲେ ପରିବାରକୁ ୫ଲକ୍ଷ ଟଙ୍କାର ଚେକ ୧୦ଦିନ ମଧ୍ୟରେ ପହଞ୍ଚାଯାଉଛି। ରାଜ୍ୟରେ ମଧ୍ୟ ଚାଷୀଙ୍କ 'ସମୃଦ୍ଧି ପଲିସି' ଅନୁସାରେ କାଳିଆ ଯୋଜନାରେ ଲାଭାନ୍ୱିତ ଚାଷୀଙ୍କ ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କାର ବୀମାରାଶି ରାଜ୍ୟ ସରକାର ଘୋଷଣା କରିଥିଲେ ସୁଦ୍ଧା ତାହା ଘୋଷଣାରେ ସୀମିତ ହୋଇଯାଇଛି ବୋଲି ପୁସ୍ତିକାରେ ଉଲ୍ଲେଖ ହୋଇଛି। ସେହିପରି ୨୦୧୫ରେ ଆରମ୍ଭ କରାଯାଇଥିବା 'ଓଡ଼ିଶା ରାଜ୍ୟ ଆଳୁ ମିଶନ' ବାଟବଣା ହୋଇଛି। ଗତବର୍ଷ ହାତୀପଲ ଦ୍ୱାରା ଭାଙ୍ଗିଯାଇଥିବା ଘରଗୁଡ଼ିକ ପାଇଁ ୨୦ହଜାର ଟଙ୍କା ଓ ବିଜୁ ପକ୍କାଘର ଯୋଜନାରେ ଗୋଟିଏ ଘର ଦେବାରେ ଘୋଷଣା ହୋଇଥିଲେ ମଧ୍ୟ ମିଳିନାହିଁ। ପଦଯାତ୍ରାରେ ଇଂ. ହାଁସଦାଙ୍କ ସମେତ ଦାଶ୍ମାତ ସୋରେନ, ରାମଚନ୍ଦ୍ର ହେମ୍ବ୍ରମ, ପଞ୍ଚାନନ ମୁର୍ମୁ, ଜଗନ୍ନାଥ ମହାନ୍ତ, ରାଜେନ୍ଦ୍ର ଗିରି ଓ ଲିଙ୍ଗରାଜ କାଳନ୍ଦୀଙ୍କ ସମେତ ସ୍ଥାନୀୟ ପଞ୍ଚାୟତର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।


# Classified Everyday
0674-2580101, 2549949



MATRIMONIAL

BRIDE WANTED

40 yr. 5'8" Unmarried BCOM well settled Marwari Businessman at Cuttack. Non Working and Vegetarian after marriage bride wanted. Call 9717598395. D-1633

GROOM WANTED

ବୟସ- 34, Government Job divorce ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8260950613. D-1594



REAL ESTATE

SALE

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

2BHK Apartment flat near Garage Chhaka, and Airport, Bhubaneswar, 7873492433. D-74710

Flat for sale at Bamphakuda (Nakhara) Pristine Park, 1600 sqft. Contact- 9337722051, 8249236553. D-1629

**3900 Sqrft. Land with 5000 Sqrft. Construction 3 storeyed building for sale near AMRI Hospital, Bhubaneswar, Price- 3crore. No mediator please. Contact No- 7377777979.** D-1635

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି । 8249693292. D-75162

ନୟାଗ KV ନିକଟରେ କଳାହାଣ୍ଡି (ଝୁମ୍ପୁରି) ମୌଜା ଅଧୀନ ଚାରି ଡେସିମିଲ ଓ ପାଞ୍ଚ ଡେସିମିଲ ଦୁଇଟି ଜାଗା ବିକ୍ରି ହେବ। ଯୋଗାଯୋଗ- 9556335884. D-1628

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

BDA & RERA Approved 2BHK, 3BHK flats sale, Project: Bivab Nest and Bivab Ansh, at- Madanpur, near Infocity- II, Bhubaneswar, Home loan available (all leading Bank). Contact: 9437345524, 9937138980, 9437054578, 7381122266. D-74591

Book 3BHK, 4BHK flat at Soubhagyanagar, OUAT Square, near Khimji & Narula Sweets. Rs. 6000/- per sqft with double parking. Handover June- 24. Contact: 7978584549. D-74592

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, **30' road,** ଘରବାରି **Boundary,** ଥାଇ ପ୍ଲଟ୍‌ମିଳୁଛି- **9348884684.** D-75244

Plot sale near AIIMS Hospital, Bhubaneswar. Contact: 9777433701. D-75240

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75243

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

**Twincity** ମଧ୍ୟଭାଗରେ **Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384



ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






ଶିରିଡ଼ିସାଇ, ଶନିସିଗ୍ନାପୁର, ଔରଙ୍ଗାବାଦ ଦର୍ଶନ January (4th-8th) ଏବଂ ଗୁଜୁରାଟ ଦର୍ଶନ (7N / 8days) 7th February, ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 7978044197, 9437090931. D-74709




**Body spa / saloon by expert therapist, Puja Offer @999/-. 9938843929.** D-75163

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

**Full body relax massage refresh your body with trend therapist. 9827090587.** D-1580

Spa Kerala body Massage only best Therapist @699/- Bhubaneswar. 9337672475. D-1602

AFFIDAVIT

I Bigyan Kumar Das, which is reflected in my Aadhaar Card. In the Birth Certificate & all Educational Certificate of my son Abhishekh Das has been wrongly mentioned as Bigyan Das. I hereby declare that Bigyan Das & Bigyan Kumar Das as one and same person i.e. myself. D-1632

**By virtue of an affidavit sworn before Executive Magistrate, Chatrapur, Ganjam, I, Smt. Chandrama Behera @ Rajani Behera, 67years, W/o. Late Hari Sankar Behera, R/o. Vill:Damodarpur, PO/PS/Dist- Ganjam hereby declare that my name is inadvertently recorded as Chandra Behera (nick name) instead of Rajani Behera (Actual Name). Hence Chandrama Behera and Rajani Behera is one and same person.** D-75164

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୨ ଅକ୍ଟୋବର, ୨୦୨୩

## ଏ ସପ୍ତାହର ପ୍ରଶ୍ନ

୧– ଓମେଗା ମିଶନ ହିଲ୍ସ ୱାର୍ଲ୍ଡ କପ୍ .......... ଖେଳ ସହିତ ଜଡିତ ?
୨– ପାପୁଆ ନ୍ୟୁ ଗିନିର ମାଉଣ୍ଟ ଜିଲୁୱେ ଆରୋହଣ କରିଥିବା ପ୍ରଥମ ଭାରତୀୟ ......... ?
୩– ଓଜେମ୍ପିକ୍ ମେଡିସିନ୍ ........... ଚିକିତ୍ସା ପାଇଁ ବ୍ୟବହାର କରାଯାଏ ?
୪– ଫାଦର ଅଫ୍ ପ୍ଲାଣ୍ଟ ପାଥୋଲୋଜି ................କୁ କୁହାଯାଏ ?
୫– ଅଶୋକ ଚକ୍ର ପାଇଥିବା ପ୍ରଥମ ଭାରତୀୟ ମହିଳା ............. ?

## ଗତ ଥରର ଉତ୍ତର

୧ ବିହାର
୨ ମହାକାଶଚାରୀ
୩ କ୍ଲୋରାଇଡ୍
୪ ଆସାମ
୫ କ୍ଲସ୍ ମାର୍ଟିନ୍ ସ୍ୱାବ

## ଉତ୍ତରଦାତା

୧– ବିବେକ ପାତ୍ର, ବ୍ରହ୍ମପୁର, ୨– ନୀଳିମା ପଣ୍ଡା, କେନ୍ଦୁଝର
୩– ଭୁବନେଶ୍ୱରୀ ସାହୁ, ଭଦ୍ରକ, ୪– ଶ୍ରୀୟାଂଶ ମିଶ୍ର, ଚନ୍ଦନପୁର, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଆଇସ୍‌ଲାଣ୍ଡ



୧– ଗ୍ରୀନ୍‌ଲାଣ୍ଡ ........................................ ୨,୧୬୬,୦୮୬ ବର୍ଗ କିମି.
୨– ନ୍ୟୁ ଗିନି............................................ ୮୨୧,୪୦୦ ବର୍ଗ କିମି.
୩– ବର୍ନିଓ............................................ ୭୪୮,୧୬୮ ବର୍ଗ କିମି.
୪– ମାଡାଗାସ୍କାର ..................................... ୫୮୭, ୨୯୫ ବର୍ଗ କିମି.
୫– ବଫିନ୍.............................................. ୫୦୭,୪୫୧ ବର୍ଗ କିମି.
୬– ସୁମାତ୍ରା ........................................... ୪୪୩, ୦୬୬ ବର୍ଗ କିମି.
୭– ହୋନ୍‌ଶୁ............................................ ୨୨୭,୮୯୮ ବର୍ଗ କିମି.
୮– ଭିକ୍ଟୋରିଆ ....................................... ୨୧୭,୨୯୧ ବର୍ଗ କିମି.
୯– ଗ୍ରେଟ୍ ବ୍ରିଟେନ୍ ................................... ୨୦୯,୩୩୧ ବର୍ଗ କିମି.
୧୦– ଏଲେସ୍ମିଅର୍.....................................୧୯୬,୨୩୬ ବର୍ଗ କିମି.

## ଜାଣନ୍ତୁ ଦୁନିଆ

# ଷ୍ଟାଚ୍ୟୁ ଅଫ୍ ଲିବର୍ଟି

**ପୃଥିବୀର ବିଭିନ୍ନ ସ୍ଥାନରେ ଏଭଳି କିଛି ସ୍ଥାପତ୍ୟ ରହିଛି, ଯାହାକୁ ଦେଖିବା ଲାଗି ରାତି ପାହିଲେ ଜମେ ଦର୍ଶକଙ୍କ ଭିଡ଼। ଏଭଳି ଏକ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ହେଉଛି ଆମେରିକାର ନ୍ୟୁୟର୍କ ସହରରେ ଥିବା ଷ୍ଟାଚ୍ୟୁ ଅଫ୍ ଲିବର୍ଟି। ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ରୋଚକ କଥା...**

- ଆମେରିକା ଏବଂ ଫ୍ରାନ୍ସ ମଧ୍ୟରେ ବନ୍ଧୁତାର ପ୍ରତୀକ ଭାବେ ୧୮୮୬ ମସିହା ଅକ୍ଟୋବର ୨୮ ତାରିଖରେ ଆମେରିକା ରାଷ୍ଟ୍ରପତି ଗ୍ରୋଭର କ୍ଲିଭ୍‌ଲାଣ୍ଡଙ୍କ ଉପସ୍ଥିତିରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉଦ୍‌ଘାଟନ ହୋଇଥିଲା।
- ଏହାକୁ ଫ୍ରେଞ୍ଚ ମୂର୍ତ୍ତିକାର ଫ୍ରେଡେରିକ୍ ଅଗଷ୍ଟ ବାର୍ଥୋଲ୍ଡି ଡିଜାଇନ୍ କରିଥିବା ବେଳେ ଆଭ୍ୟନ୍ତରୀଣ ନିର୍ମାଣ କାର୍ଯ୍ୟ ଇଞ୍ଜିନିଅର ଗଷ୍ଟେଭ୍ ଇଫେଲ୍ ତଦାରଖ କରିଥିଲେ।
- ଏହାକୁ ନିର୍ମାଣ କରିବା ଲାଗି ୩୦୦ ଭିନ୍ନଭିନ୍ନ ପ୍ରକାରର ହାତୁଡି ବ୍ୟବହାର କରାଯାଇଥିଲା।
- ଏହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ବି ସ୍ଥାନ ପାଇଥିଲା।
- ଏହାର ପ୍ରକୃତ ନାମ ହେଉଛି ଲିବର୍ଟି ଏନ୍‌ଲାଇଟେନିଂ ଦି ୱାର୍ଲ୍ଡ।
- ଏହି ମୂର୍ତ୍ତି ହାତରେ ଧରିଥିବା ମଶାଲ ଏବଂ ବହିରେ ଆମେରିକାର ସ୍ୱତନ୍ତ୍ରତା ଘୋଷଣା ହେବା ଦିବସ ଜୁଲାଇ ୪, ୧୭୭୬ ଖୋଦିତ ହୋଇଛି।
- ୧୯୨୪, ଅକ୍ଟୋବର ୧୫ ତାରିଖରେ ଏହାକୁ ଆମେରିକାର ଜାତୀୟ କୀର୍ତ୍ତିର ମାନ୍ୟତା ମିଳିଥିଲା।
- ଏହି ଷ୍ଟାଚ୍ୟୁର ରଙ୍ଗ ସବୁଜ ଦେଖାଯାଉଥିଲେ ହେଁ ବାସ୍ତବରେ ଏହାକୁ ଏପରି ରଙ୍ଗ କରାଯାଇ ନାହିଁ । ଏହାକୁ ନିର୍ମାଣ କରିବା ଲାଗି ବ୍ୟବହାର କରାଯାଇଥିବା ପିତ୍ତଳ ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ସମୟକ୍ରମେ ଏହାର ରଙ୍ଗ ପରିବର୍ତ୍ତିତ ହୋଇ ଏପରି ହୋଇଛି।
- ଏହି ମୂର୍ତ୍ତିର ଉଚ୍ଚତା ୯୩ ମିଟର ହୋଇଥିବା ବେଳେ ଓଜନ ୨୦୪ ମେଟ୍ରିକ୍ ଟନ୍।
- ମୂର୍ତ୍ତିର ମୁକୁଟରେ ୨୫ଟି ଝରକା ରହିଛି। ସେଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ୩୫୪ ପାହାଚ ଚଢ଼ିବାକୁ ହୋଇଥାଏ।
- ଏହି ମୁକୁଟରେ ଥିବା ୭ଟି କଣ୍ଟା ୭ଟି ମହାଦେଶକୁ ସୂଚାଇଥାଏ।
- ଏହି ମୂର୍ତ୍ତି ବର୍ଷକୁ ପ୍ରାୟ ୬୦୦ଥର ବଜ୍ରାଘାତର ଶିକାର ହୋଇଥାଏ। ଏହାର ଫଟୋ ପ୍ରଥମ ଥର ପାଇଁ ୨୦୧୦ରେ ଉଠାଯାଇଥିଲା।



# ଡାଣ୍ଡିଆ ନାଇଟ୍ସ

**ଦଶହରାରେ ମା’ ଦୁର୍ଗାଙ୍କ ପୂଜା ପାଇଁ ଗାଁଠୁ ସହର ଉତ୍ସବ ମୁଖରିତ। ପ୍ରତିଟି ପୂଜା ମଣ୍ଡପରେ ଆକର୍ଷଣୀୟ ସୁଉଚ୍ଚ ତୋରଣ ଭିତରେ ଶୋଭା ପାଉଛି ମା’ଙ୍କ ମୃଣ୍ମୟୀ ମୂର୍ତ୍ତି। ଏହାକୁ ଦର୍ଶନ କରିବା ସହ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ଅନ୍ୟତମ ମୁଖ୍ୟ ଆକର୍ଷଣ ପାଲଟିଛି ଡାଣ୍ଡିଆ ନାଇଟ୍ସ...**





ଦଶହରାରେ ବୁଲାବୁଲି, ମାର୍କେଟିଂ ସାଙ୍ଗକୁ ଡାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାର ମଜା ନେବାକୁ ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ଏଥିପାଇଁ ଅନେକ ସ୍ଥାନରେ ସ୍ପେଶାଲ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। କେଉଁଠି ଡିଜେ ମ୍ୟୁଜିକ୍ ଏବଂ ଆଉ କେଉଁଠି ନାମୀ ଦାମୀ ସିଙ୍ଗରଙ୍କ ଲାଇଭ୍ ସିଙ୍ଗ୍‌ରେ ଡାଣ୍ଡିଆ ନାଇଟ୍ସର ସଭିଏଁ ଭରପୁର ମଜା ନେବାର ବ୍ୟବସ୍ଥା କରାଯାଇଛି। ଏମିତିକି କେତେକ ବଡ଼ ହୋଟେଲ୍, ଶପିଂ ମଲ୍‌ରେ ମଧ୍ୟ ଡାଣ୍ଡିଆ ନାଇଟ୍ସ ଆୟୋଜନ କରାଯାଇଛି। କେଉଁଠି ଫ୍ରି ତ କେଉଁଠି ଟିକେଟ୍‌ର ବ୍ୟବସ୍ଥା ରହିଥିବା ବେଳେ ଆଉ କେଉଁଠି ଏହାକୁ ନେଇ କମ୍ପିଟିଶନ୍ ଏବଂ କୃତୀ ପ୍ରତିଯୋଗୀଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ମଧ୍ୟ ରହିଛି। ଡାଣ୍ଡିଆ ଡାନ୍ସ ପାଇଁ ବେଶ୍ କିଛି ଦିନ ପୂର୍ବରୁ ମାର୍କେଟ୍‌କୁ ବିଭିନ୍ନ ଭେରାଇଟିର ଟ୍ରାଡିସନାଲ୍ ଆଉଟ୍‌ଫିଟ୍‌ର କଲେକ୍ସନ ଆସିଯାଇଛି ଓ ଏହା ସହ ମାଚିଂ ସୁଜ୍ ବି ମିଳୁଛି ଯାହାକୁ କିଣିବାକୁ ଭିଡ଼ ମଧ୍ୟ ଜମୁଛି। କେବଳ ଏତିକି କଲରଫୁଲ୍ ଡାଣ୍ଡିଆ ବାଡି ବି ପ୍ରାୟ ସବୁ ମାର୍କେଟରେ ବହୁମାତ୍ରାରେ ବିକ୍ରୀ ହେଉଛି। ତେବେ କେତେକ ଡାନ୍ସ ଏକାଡେମୀରେ ଏଥିପାଇଁ ଆଗ୍ରହୀ ଯୁବତୀ ଯୁବକଙ୍କୁ ସ୍ପେଶାଲ୍ ଡ୍ୟାନ୍ସ ଶିକ୍ଷା ମଧ୍ୟ ଦିଆଯାଉଛି।

## ଡାଣ୍ଡିଆ ଡ୍ୟାନ୍ସ ପାଇଁ ଯୁବପିଢିଙ୍କ କ୍ରେଜ୍ ଅଧିକ



**ଚନ୍ଦନ ନାୟକ** (ନେଟଓ୍ୱର୍କ ଇଭେଣ୍ଟସ୍ ଫାଉଣ୍ଡର)– ଯଦିଓ ଦଶହରା ସମୟରେ ପ୍ରଥମେ ଓଡିଶାରେ ଡାଣ୍ଡିଆ ଡ୍ୟାନ୍ସ କଲ୍ଚର ନ ଥିଲା ହେଲେ ଜନତା ମଇଦାନ ଓ ପ୍ରଦର୍ଶନୀ ପଡିଆରେ ଡାଣ୍ଡିଆ ନାଇଟ୍ସ ଆୟୋଜନ ହେବା ପରେ ଅନେକେ ଏଥିପ୍ରତି ଆଗ୍ରହି ହେଉଥିବା ଦେଖିବାକୁ ମିଳିଲା। ସବୁବର୍ଗ ବିଶେଷ କରି ଯୁବବର୍ଗଙ୍କ ଏଥିପ୍ରତି ବଢୁଥିବା କ୍ରେଜ୍ ଦେଖି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଡାଣ୍ଡିଆ ନାଇଟ୍ସ ଆୟୋଜନ ହେଉଛି। ପଟିଆ, ଇନ୍‌ଫୋସିଟି, କିଟ୍ ଆଦି ଅଞ୍ଚଳରେ ପୂର୍ବରୁ ବ୍ୟବସ୍ଥା ନ ଥିବାରୁ ସେମାନଙ୍କୁ ଡାଣ୍ଡିଆ ଡ୍ୟାନ୍ସରେ ଭାଗ ନେବା ପାଇଁ ଭୁବନେଶ୍ୱରର ଅନ୍ୟସ୍ଥାନକୁ ଯିବାକୁ ପଡୁଥିଲା। ତେଣୁ ସେମାନଙ୍କ ସୁବିଧା ପାଇଁ ଏବର୍ଷ ପ୍ରଥମ ଥର ହୋଟେଲ୍ କ୍ରିଷ୍ଟାଲ୍ କ୍ରାଉନ୍‌ରେ ୪ ଦିନିଆ ଡାଣ୍ଡିଆ କାର୍ନିଭାଲ୍ ଆୟୋଜନ କରିଛୁ। ସଭିଙ୍କୁ ଭରପୂର ମନୋରଞ୍ଜନ ଯୋଗାଇ ଦେବାକୁ ମ୍ୟୁଜିକ୍ ସହିତ ଅନେକ ସିଙ୍ଗରଙ୍କ ଦ୍ୱାରା ଗୀତ ପରିବେଷଣ କରାଯାଉଛି। ତା’ ସହ ଖାଦ୍ୟପେୟର ବିଶେଷ ବ୍ୟବସ୍ଥା ମଧ୍ୟ ରହିଛି। ପ୍ରଥମ ଦିନରୁ ହିଁ ରେସ୍‌ପନ୍ସ ବହୁତ ଭଲ ରହିଛି।

## ବଢୁଛି ରାଜସ୍ଥାନୀ ଆଉଟ୍‌ଫିଟ୍‌ର ଡିମାଣ୍ଡ

**ରୋଜାଲିନ୍ ସାହୁ** (ଫ୍ୟାଶନ୍ ଡିଜାଇନର, ଖୋଡ଼ାସିଂ, ବ୍ରହ୍ମପୁର)–



ବର୍ତ୍ତମାନ ଡାଣ୍ଡିଆ ନାଇଟ୍ସରେ ଭାଗ ନେବା ପାଇଁ ୟଙ୍ଗ ଜେନେରେଶନ୍‌ଙ୍କ ମଧ୍ୟରେ କ୍ରେଜ୍ ବହୁତ ବଢ଼ିଛି। ଏମିତିକି ଏଥିଲାଗି ସେମାନେ ସ୍ପେଶାଲ୍ ଆଉଟ୍‌ଫିଟ୍ ମଧ୍ୟ କିଣୁଛନ୍ତି। ମୋ ପାଖକୁ ରାଜସ୍ଥାନୀ ପାଟର୍ନ ଲେହେଙ୍ଗା ପାଇଁ ଅନେକ ଯୁବତୀଙ୍କ ଅର୍ଡର ଆସୁଛି। ତେବେ ଯେଉଁମାନେ ବାହାରୁ ମାଟେରିଆଲ୍ ଆଣି କେବଳ ଷ୍ଟିଚିଂ କରାଉଛନ୍ତି ସେମାନଙ୍କୁ ବିଡ୍ସ, ଷ୍ଟୋନ୍, ମିରର୍, କଉଡ଼ି ଆଦି ଭଳି ବିଭିନ୍ନ ଡିଜାଇନ୍ ଅନୁଯାୟୀ ୧୫୦୦ରୁ ୨୫୦୦ ଟଙ୍କା ଲାଗୁଛି। ଯେଉଁମାନେ ମୋ ପାଖରୁ ପୂରା ସେଟ୍ କିଣୁଛନ୍ତି, ସେମାନଙ୍କ ପାଇଁ ୩୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଲେହେଙ୍ଗା ରଖୁଛି। ତେବେ ବଢ଼ୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ଯୁବକମାନଙ୍କ ପାଇଁ ମଧ୍ୟ ଚଳିତବର୍ଷଠାରୁ ରାଜସ୍ଥାନୀ କୁର୍ତ୍ତା ଷ୍ଟିଚିଂ ଆରମ୍ଭ କରିଛି। ଯୁବପିଢ଼ିଙ୍କ ବ୍ୟତୀତ କିଡ୍ସ ଏବଂ ମହିଳାଙ୍କ ପାଇଁ ବି ଡିଜାଇନ୍ କରୁଛି।









## ଡାଣ୍ଡିଆ ନାଇଟ୍ସର ମଜା ନିଆରା



**ସୁକନ୍ୟା ଦାସ (ନୂଆ କାଚରାମାଳ, କଟକ)–** ଦଶହରା ସମୟ ପାଖେଇ ଆସିଲେ ମନରେ ଉତ୍କଣ୍ଠା ଭରିଯାଏ। ବୁଲି ବୁଲି ମା’ଙ୍କ ମୂର୍ତ୍ତି ଦର୍ଶନ କରିବା, ମାର୍କେଟ୍‌କୁ ଆସିଥିବା ଲାଟେଷ୍ଟ ତଥା ଟ୍ରେଣ୍ଡି ଡ୍ରେସ୍ କିଣିବାକୁ ଭଲ ଲାଗେ। ହେଲେ ସାଙ୍ଗମାନଙ୍କ ସହ ଡାଣ୍ଡିଆ ନାଇଟ୍ସରେ ମ୍ୟୁଜିକ୍ ତାଳେ ତାଳେ ଡାନ୍ସ କରିବାରେ ସବୁଠୁ ମଜା ଲାଗେ। ଚଳିତ ବର୍ଷ ନୂଆ ବାହାଘର ହୋଇଥିବାରୁ ସ୍ୱାମୀଙ୍କ ସହ ଯାଇ କପଲ୍ ଡାନ୍ସ କରିବାକୁ ଇଚ୍ଛା ଥିଲା। ହେଲେ ଜବ୍ ପାଇଁ ଆମେରିକାରେ ଥିବାରୁ ସେ ମୋ ସହ ଯୋଗ ଦେଇପାରିଲେ ନାହିଁ। ତେଣୁ ଏଥର ଦୀଲିରେ ରହୁଥିବା ଭଉଣୀ ପାଖକୁ ବୁଲିବାକୁ ଆସିଛି ଏବଂ ପ୍ରଥମଥର ଭୁବନେଶ୍ୱର ବଦଳରେ ଏଠାରେ ଡାଣ୍ଡିଆ ନାଇଟ୍ସ ଏଞ୍ଜୟ କରି ବହୁତ ଖୁସି ଲାଗୁଛି।

## ଯୁବ ପ୍ରତିଭା

# ଅଲ୍‌ରାଉଣ୍ଡର ଜଲାଲ୍



**ଜଣେ ଭଲ ଛାତ୍ର, କ୍ରୀଡାବିତ୍, ସମାଜସେବୀ ହେବା ସହ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନେକ ପଦକ ହାସଲ କରିଛନ୍ତି ଜଲାଲ୍...**



ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳ ବାସିନ୍ଦା ସେହନାଜ୍ ବିବି ଓ ନୁରାଅଲୀ ଖାନ୍‌ଙ୍କ ପୁଅ ଜଲାଲ୍ ଖାନ୍। ଜଣେ ସମାଜସେବୀ ଏବଂ ବଡିବିଲ୍ଡର ଭାବେ ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନ ସେ ଜଣେ ଜଣାଶୁଣା ନାମ। ଗଞ୍ଜାମ ଲ’ କଲେଜରୁ ବିଏ.ଏଲ୍ଏଲ୍‌ବି. ପଢ଼ା ସାରି ସେ ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗର ପ୍ରଥମ ବର୍ଷ ଛାତ୍ର। ପିଲାଟି ଦିନରୁ ପାଠପଢ଼ା ସାଙ୍ଗକୁ ଏନ୍‌ସିସି, ଏନ୍ଏସ୍ଏସ୍‌ରେ ସକ୍ରିୟ ସଦସ୍ୟ ଭାବେ ସମାଜସେବା କ୍ଷେତ୍ରରେ ସେ ଥିଲେ ସବୁବେଳେ ଆଗଭର। ବର୍ତ୍ତମାନ ସୁଦ୍ଧା ୨୦ ଥର ରକ୍ତଦାନ କରି ସେ ରାଜୀବ ଗାନ୍ଧୀ ସେବା ସମ୍ମାନ ପାଇଛନ୍ତି। ତାଙ୍କର ଫୁଟବଲ ଖେଳ ପ୍ରତି ରୁଚି ଥିବା ସହ ଯୁକ୍ତଦୁଇ ପାଠପଢ଼ା ସମୟରେ ସେ ବିଶ୍ୱବିଦ୍ୟାଳୟ ସ୍ତରରେ ଜଣେ ଭଲ ହକି ଖେଳାଳି ଭାବେ ଜିଲା ଓ ରାଜ୍ୟକୁ ପ୍ରତିନିଧିତ୍ୱ କରିଛନ୍ତି। ବଡ଼ ଭାଇ ବେଲାଲ୍ ଖାନ୍‌ଙ୍କୁ ନିଜର ଆଦର୍ଶ ମନେ କରି ୨୦୧୮ ମସିହାରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କ୍ଷେତ୍ରରେ ଆଗ୍ରହୀ ହୋଇଥିଲେ ଏବଂ ଉକ୍ତ ବର୍ଷ ଗଞ୍ଜାମ ଶ୍ରୀ ପୁରସ୍କାର ପାଇଥିଲେ। ପରେ ମିଷ୍ଟର ଓଡ଼ିଶା, କଳିଙ୍ଗଶ୍ରୀ ପାଇବା ସହ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନେକ ପଦକ ହାସଲ କରିଛନ୍ତି। ବର୍ତ୍ତମାନ ସେ ୧୫ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ବଡି ବିଲ୍ଡିଂ ତାଲିମ ପ୍ରଦାନ କରୁଛନ୍ତି। ସେହିପରି ନିଜସ୍ୱ ଅଞ୍ଚଳରେ କିଛି ଦୈବୀ ଦୁର୍ବିପାକ ହେଉ ଅବା କାହାର କିଛି ଅସୁବିଧା ହେଲେ ନିଜ ସହଯୋଗୀଙ୍କ ସହ ସେ ପହଞ୍ଚିଯାଆନ୍ତି ଲୋକଙ୍କ ସହଯୋଗ ନିମନ୍ତେ। ସେହିପରି ନିଜ କ୍ୟାମ୍ପସ୍ ହତାରେ ହେଉ ଅବା ନିଜ ଆଖପାଖରେ ସବୁଜ ବନାନୀ ସୃଷ୍ଟି କରିବା ଲାଗି ସେ ବୃକ୍ଷରୋପଣ କରିଥାନ୍ତି। ମହାବିଦ୍ୟାଳୟ ସ୍ତରରୁ ଛାତ୍ର ରାଜନୀତିରେ ଯୋଗ ଦେଇ ଦୁଇ ଦୁଇ ଥର କ୍ରୀଡ଼ା ସମ୍ପାଦକ ଓ ସଭାପତି ଭାବେ କାର୍ଯ୍ୟ କରିସାରିଥିବା ଜଲାଲ୍‌ଙ୍କୁ ସୁଯୋଗ ମିଳିଲେ ଭବିଷ୍ୟତରେ ରାଜନୀତିରେ ଯୋଗଦେଇ ଲୋକଙ୍କ ସେବା କରିବା ସହ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। – ତନୁଶ୍ରୀ ନାହାକ

# ବିଜୟ ଧାରାକୁ ଫେରିଲା ଦକ୍ଷିଣ ଆଫ୍ରିକା



ଜୋ ରୁଟ୍‌ଙ୍କୁ ଆଉଟ୍ କରିବା ପରେ ମାର୍କୋ ୟାନ୍‌ସେନ୍।

**ମୁମ୍ବାଇ,୨୧।୧୦(ପି.ଟି.)**

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡକୁ ୨୩୦ ରନ୍‌ରେ ହରାଇବା ସହ ବିଜୟ ଧାରାକୁ ଫେରିଛି ଦକ୍ଷିଣ ଆଫ୍ରିକା। ନେଦରଲାଣ୍ଡ୍ସ ନିକଟରୁ ଅପ୍ରତ୍ୟାଶିତ ଭାବରେ ପରାଜିତ ହେବା ପରେ ଏଡେନ୍ ମାର୍କରମଙ୍କ ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିବା ସହିତ ଶନିବାର ବିଜୟ ହାସଲ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଥିବା ବେଳେ ଇଂଲଣ୍ଡ ପଏଣ୍ଟ ଟେବୁଲର ନବମ ସ୍ଥାନକୁ ଖସି ଆସିଛି। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ୩୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୨୨ ଓଭରରେ ୧୭୦ ରନ୍ କରି ସମସ୍ତ ଉଇକେଟ ହରାଇଥିଲା।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଉଇକେଟ କିପର ହେନରିଚ୍ କ୍ଲାସେନ ୧୦୯ ରନ୍ କରିଥିବା ବେଳେ ରୀଜା ହେଣ୍ଡ୍ରିକ୍ସ ୮୫, ରାଶି ଭାନ୍ ଦେର ଡୁସେନ୍ ୬୦ ଓ ମାର୍କୋ ୟାନ୍‌ସେନ୍ ଅପରାଜିତ ୭୫ ରନ୍ ସ୍କୋର କରିଥିଲେ। କ୍ୱିଣ୍ଟନ ଡି କକ୍ ମାତ୍ର ୪ ରନ୍ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ ଦ୍ୱିତୀୟ ଉଇକେଟରେ ୧୨୧ ରନ୍ ଯୋଡିଥିଲେ ରୀଜା ହେଣ୍ଡ୍ରିକ୍ସ ଓ ରାଶି ଭାନ୍ ଦେର ଡୁସେନ। ହେଣ୍ଡ୍ରିକ୍ସ ୭୫ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରିଥିଲେ ଅନ୍ୟ ପକ୍ଷରେ ରାଶି ଭାନ୍ ଦେର ଡୁସେନ ୬୧ ବଲ୍ ଖେଳି ୮ ଚୌକା ମାରିଥିଲେ। ବଭୁମାଙ୍କ ଅନୁପସ୍ଥିତିରେ ଅଧିନାୟକ ଦାୟିତ୍ୱରେ ଥିବା ଏଡେନ୍ ମାରକ୍ରମ ୪୨ ରନ୍ କରିଥିବା ବେଳେ ଦଳୀୟ ସ୍କୋର ୨୩୩ରେ ପ୍ୟାଭିଲିୟନ ଫେରିଥିଲେ। ନିର୍ଭରଯୋଗ୍ୟ ଡେଭିଡ୍ ମିଲର ମାତ୍ର ୫ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ କ୍ଲାସେନ୍ ଓ ୟାନସେନ୍‌ଙ୍କ ମଧ୍ୟରେ ହୋଇଥିଲା ୧୫୧ ରନ୍‌ର ଭାଗୀଦାରି। ଉଭୟ ସପ୍ତମ ଉଇକେଟରେ ୭୬ ବଲ୍ ଖେଳି ୧୫୧ ରନ୍ ଯୋଡିଥିଲେ। କ୍ଲାସେନ୍ ୬୭ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୦୯ ରନ୍ ସ୍କୋର କରିଥିବା ବେଳେ ଶେଷ ଯାଏ ଅପରାଜିତ ରହିଥିବା ୟାନ୍‌ସେନ୍ ୪୨ ବଲ୍ ଖେଳି ୩ ଚୌକା ଓ ୬ ଛକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ ରିସି ଟପ୍‌ଲେ ୩ ଉଇକେଟ ନେଇଥିବା ବେଳେ ଗସ୍ ଆଟକିନ୍‌ସନ୍ ଓ ଆଦିଲ ରଶିଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୪୦୦ ରନ୍ ଲକ୍ଷ୍ୟରେ ଆରମ୍ଭରୁ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ତୃତୀୟ ଓଭରରେ ଜନି ବେୟାରଷ୍ଟୋ ମାତ୍ର ୧୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ପରବର୍ତ୍ତୀ ୩ ବ୍ୟାଟର ଡାୱିଡ୍ ମଲାନ(୬), ଜୋ ରୁଟ୍(୨) ଓ ପ୍ରଥମ ମ୍ୟାଚ୍ ଖେଳୁଥିବା ବେନ୍ ଷ୍ଟୋକ୍ସ(୫) ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ୍ ୧୭, ଜୋସ୍ ବଟଲର ୧୫ ରନ୍ କରି ବିଫଳ ହୋଇଥିଲେ। ଶେଷ ଆଡକୁ ଦୁଇ ପେସର୍ ଗସ୍ ଆଟକିନ୍‌ସନ୍(୩୫) ଓ ମାର୍କ ଉଡ୍ (୪୩*) କିଛି ଆକର୍ଷଣୀୟ ଶଟ୍ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଏର୍ଟଜି ୩ ଉଇକେଟ ନେଇଥିବା ବେଳେ ଲୁନ୍‌ଗି ଏନ୍‌ଗିଡି ଓ ମାର୍କୋ ୟାନ୍‌ସେନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଆହତ କାରଣରୁ ଟପ୍‌ଲେ ବ୍ୟାଟିଂ ପାଇଁ ଆସି ନ ଥିଲେ। ଶତକୀୟ ଇନିଂସ ପାଇଁ କ୍ଲାସେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୯୯/୭(ହେନରିଚ୍ କ୍ଲାସେନ-୧୦୯, ରୀଜା ହେଣ୍ଡ୍ରିକ୍ସ-୮୫, ରାଶି ଭାନ୍ ଦେର ଡୁସେନ୍-୬୦, ମାର୍କୋ ୟାନ୍‌ସେନ୍-୭୫*, ରିସି ଟପ୍‌ଲେ-୩/୮୮, ବେଳେ ଗସ୍ ଆଟକିନ୍‌ସନ-୨/୬୦, ଆଦିଲ ରଶିଦ-୨/୬୧)।

ଇଂଲଣ୍ଡ ୨୨ ଓଭରରେ ୧୭୦/୯(ମାର୍କ ଉଡ୍-୪୩*, ଗସ୍ ଆଟକିନ୍‌ସନ୍-୩୫ହ୍ୟାରୀ ବ୍ରୁକ୍-୧୭, ଜେରାଲ୍ଡ କୋଏର୍ଟଜି-୩/୩୫, ଲୁନ୍‌ଗି ଏନ୍‌ଗିଡି-୨/୨୬, ମାର୍କୋ ୟାନ୍‌ସେନ୍-୨/୩୫)।


ଶତକ ହାସଲକାରୀ ହେନ୍‌ରିଚ୍ କ୍ଲାସେନ୍।

ପ୍ୟାରିସ ଅଲିମ୍ପିକ୍ସ ହକି ଯୋଗ୍ୟତା

## ମହିଳା ଦଳ ପାଇଁ ଆଉ ଏକ ସୁଯୋଗ

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.)**

ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଭାରତୀୟ ମହିଳା ହକି ଦଳ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଆପେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ତେବେ ଆସନ୍ତା ବର୍ଷ ଦେଶ ରାଞ୍ଚିରେ କ୍ୱାଲିଫାଇଂ କ୍ୱାଲିଫାୟର ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଥିବାରୁ ଦଳକୁ ଆଉ ଏକ ସୁଯୋଗ ମିଳିଛି। ଏହି ଟୁର୍ନାମେଣ୍ଟ ପ୍ରକୃତରେ ଚାଇନାର ହାଙ୍ଗ୍‌ଝୋରେ ହେବାର ଥିଲା। ମାତ୍ର ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଏହାକୁ ରାଞ୍ଚି ସ୍ଥାନାନ୍ତର କରିଛି। ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଯଶପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଜାନୁୟାରୀ ୧୩ରୁ ୧୯ ପର୍ଯ୍ୟନ୍ତ ହେବ। ଏଥିରେ ଭାରତକୁ ଛାଡ଼ି ଅନ୍ୟ ୭ ଦେଶ ଅଂଶଗ୍ରହଣ କରୁଛନ୍ତି। ଟୁର୍ନାମେଣ୍ଟର ଶ୍ରେଷ୍ଠ ୩ ଦଳ ଆସନ୍ତାବର୍ଷର ଅଲିମ୍ପିକ୍ସ ପାଇଁ ସେମାନଙ୍କ ସ୍ଥାନ ପକ୍କା କରିବେ। ଅନ୍ୟ ତିନୋଟି ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଓମାନର ମସ୍କଟ (ପୁରୁଷ: ୨୦୨୪ ଜାନୁୟାରୀ ୧୫ରୁ ୨୧) ଏବଂ ସ୍ପେନ୍‌ର ଭାଲେନ୍‌ସିଆ (ମହିଳା ଓ ପୁରୁଷ: ୨୦୨୪ ଜାନୁୟାରୀ ୧୩-୨୧)ଠାରେ ଖେଳାଯିବ। ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଏଥିରେ ଭାଗନେବେ।

## ଭାରତୀୟ ମହିଳା ଫୁଟ୍‌ବଲ ଦଳ ଘୋଷଣା

**ଏଏଫ୍‌ସି ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨**

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.)**

ଏଏଫ୍‌ସି ମହିଳା ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨ ପ୍ରତିଯୋଗିତା ପାଇଁ ମୁଖ୍ୟ କୋଚ୍ ଥୋମାସ ଡେନର୍ବି ଶନିବାର ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି। ଗ୍ରୁପ୍-ସି'ରେ ଭାରତ ଜାପାନ (ଅକ୍ଟୋବର ୨୬), ଭିଏତ୍‌ନାମ (ଅକ୍ଟୋବର ୨୯) ଏବଂ ଆୟୋଜକ ଉଜବେକିସ୍ତାନ (ନଭେମ୍ବର ୧)କୁ ଭେଟିବ। ତିନୋଟି ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଏବଂ ଶ୍ରେଷ୍ଠ ୩ ରନର ଅପ୍ ଦଳ ରାଉଣ୍ଡ-୩ କ୍ୱାଲିଫାୟର୍ସକୁ ଉନ୍ନୀତ ହେବେ। ବର୍ତ୍ତମାନର ଫିଫା ର୍‌ୟାଙ୍କିଙ୍ଗ ତାଲିକାରେ ଭାରତ ବର୍ତ୍ତମାନ ୬୧ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭିଏତନାମ ୩୪ତମ ଏବଂ ଉଜବେକିସ୍ତାନ ୫୦ତମ ସ୍ଥାନରେ ରହିଛି।


ଭାରତୀୟ ଦଳ ସହ ମୁଖ୍ୟ କୋଚ୍ ଥୋମାସ୍ ଡେନର୍ବି।

**ଭାରତୀୟ ମହିଳା ଦଳ**

**ଗୋଲକିପର:** ସୋମ୍ୟା ନାରାୟଣସ୍ୱାମୀ, ଶ୍ରେୟା ହୁଡା, ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ।

**ଡିଫେଣ୍ଡର:** ଆଶାଲତା ଦେବୀ ଲୋଇଟଙ୍ଗବାମ୍, ସ୍ୱିଟି ଦେବୀ ଏନ୍‌ଗାଙ୍ଗବାମ୍, ରୀତୁ ରାଣୀ, ରଞ୍ଜନା ଚାନୁ ସେରୋଖାଇବାମ, ଡାଲିମା ଛିବର, ମନୀଷା ପାନ୍ନା, ଶିଲ୍‌କି ଦେବୀ ହେମାମ, ଅଷ୍ଟାମ୍ ଓରାଁଓ।

**ମିଡ୍‌ଫିଲ୍ଡର:** ପ୍ରିୟଙ୍କା ଦେବୀ ନାଓରେମ୍, ଅଞ୍ଜୁ ତମାଙ୍ଗ, ଇନ୍ଦୁମତୀ କାଥିରେସାନ୍, ସଙ୍ଗୀତା ବାସ୍‌ଫୋରେ।

**ଫରୱାର୍ଡ:** ଗ୍ରେସ୍ ଡାଙ୍ଗମେଇ, ସୌମ୍ୟା ଗୁଗୁଲୋଥ୍, ରେଣୁ, ସନ୍ଧ୍ୟା ରଙ୍ଗନାଥନ, ବାଲାଦେବୀ ଏନ୍‌ଗଙ୍ଗମ, ସଞ୍ଜୁ ମନୀଷା କଲ୍ୟାଣ।

## ସେମିଫାଇନାଲରେ ହାରିଗଲେ ସିନ୍ଧୁ

**ଓଡେନ୍ସ (ଡେନମାର୍କ), ୨୧।୧୦ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ଡେନମାର୍କ ଓପନ ସୁପର ୭୫୦ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ସ୍ପେନର କାରୋଲିନା ମାରିନାଙ୍କଠାରୁ ୧୮-୨୧, ୨୧-୧୯, ୭-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୧୩ ମିନିଟରେ ଶେଷ ହୋଇଥିଲା। ଦୁଇଥର ଅଲିମ୍ପିକ ପଦକ ବିଜେତା ଭାରତୀୟ ସିନ୍ଧୁ ଶୁକ୍ରବାର କ୍ୱାର୍ଟରଫାଇନାଲରେ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ସିନ୍ଧୁ ଗତ ଶୁକ୍ରବାର ଫିନ୍‌ଲାଣ୍ଡରେ ଅନୁଷ୍ଠିତ ଆର୍କିକ ଓପନ ସୁପର ୫୦୦ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିଲେ।

## ସୂର୍ଯ୍ୟକୁମାର ଆହତ, କିଶନଙ୍କୁ ମହୁମାଛି ଦଂଶନ

**ଧର୍ମଶାଳା, ୨୧।୧୦ (ପି.ଟି.)**

ଭାରତ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱକପ୍ ମ୍ୟାଚ ଖେଳିବାକୁ ଯାଉଥିବା ବେଳେ ମିଡଲ ଅର୍ଡର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ନେଟ୍ସ ବେଳେ ଆଘାତପ୍ରାପ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ବାମହାତୀ ବ୍ୟାଟର ତଥା ଉଇକେଟ କିପର ଇଶନ କିଶନଙ୍କ ବେକ ପଛପଟେ ମହୁମାଛି ଦଂଶନ କରିଛି। ଖବର ଅନୁସାରେ ନେଟ୍ସ ବେଳେ ବ୍ୟାଟିଂ ଅଭ୍ୟାସ କରୁଥିବା ସମୟରେ ଟିମ୍‌ର ଥ୍ରୋଡାଉନ ସ୍ପେଶାଲିଷ୍ଟ ରଘୁଙ୍କର ଏକ ଫୁଲ୍‌ଟସ ଡେଲିଭରି ସୂର୍ଯ୍ୟକୁମାରଙ୍କ ଡାହାଣ ହାତରେ ବାଜିଥିଲା। ଯନ୍ତ୍ରଣା ଅନୁଭବ କରିବାରୁ ସେ ତାଙ୍କ ହାତରେ ଆଇସ ପ୍ୟାକ୍ ଲଗାଇଥିଲେ। ଏହା ପରେ ସେ ଆଉ ବ୍ୟାଟିଂ କରି ନ ଥିଲେ। ସୂର୍ଯ୍ୟକୁମାରଙ୍କ ଇଞ୍ଜୁରୀ ଗୁରୁତର ନଥିବାରୁ ତାଙ୍କର ଏକ୍ସ-ରେର ଆବଶ୍ୟକତା ପଡ଼ି ନ ଥିଲା। ତେବେ ରବିବାର ଖେଳିବା ଲାଗି ସେ ଉପଲବ୍ଧ ହେବେ କିନା ତାହା ସ୍ପଷ୍ଟ ହୋଇନାହିଁ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଦଳରେ ସନ୍ତୁଳନ ରକ୍ଷା ପାଇଁ ତାଙ୍କ ଉପସ୍ଥିତି ଜରୁରି ଥିଲା। ଭାରତର ଗତ ବାଂଲାଦେଶ ବିପକ୍ଷ ମ୍ୟାଚ ବେଳେ ବାମ ଗୋଇଠିରେ ଆଘାତପ୍ରାପ୍ତ ଯୋଗୁ ପାଣ୍ଡ୍ୟା ଦଳ ସହିତ ଧର୍ମଶାଳାକୁ ଗସ୍ତ କରି ନାହାନ୍ତି। କିଶନ ନେଟ୍ସକୁ ପ୍ରଥମେ ଆସିଥିଲେ। ବ୍ୟାଟିଂ ଅଭ୍ୟାସ କରି ସାରିବା ପରେ ମହୁମାଛି ଦଂଶନର ଶିକାର ହୋଇଥିଲେ। ଯନ୍ତ୍ରଣା ହେବାରୁ ସେ ସ୍ଥାନ ଛାଡ଼ି ଦୌଡ଼ି ପଳାଇଥିଲେ। ପରେ ସେ ବ୍ୟାଟିଂ କରିବାକୁ ଆଉ ଆସି ନ ଥିଲେ।

## ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କେଲିଙ୍କ ବିଶ୍ୱ ରେକର୍ଡ

**ବୁଡାପେଷ୍ଟ, ୨୧।୧୦ (ଏପି)**

ବୁଡାପେଷ୍ଟଠାରେ ଚାଲିଥିବା ବିଶ୍ୱକପ୍ ମିଟ୍‌ରେ ଅଷ୍ଟ୍ରେଲିଆର କେଲି ମ୍ୟାକୋନ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମ୍ୟାକୋନ ୨୬.୮୬ ସେକେଣ୍ଡ ଟାଇମିଂରେ ଚାଇନାର ଲିଉ ଜିଆଙ୍ଗ (୨୬.୯୮) ୨୦୧୮ରେ କରିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହାଦ୍ୱାରା ୫୦,୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ପ୍ରଥମ ମହିଳା ଭାବେ ବିବେଚିତ ହୋଇଛନ୍ତି। ଜୁଲାଇରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ୩ ଇଭେଣ୍ଟ ଜିତିଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ୧୦୦ ଓ ୨୦୦ ମିଟର ଜିତିଥିଲେ। ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଏକ ଅଲିମ୍ପିକ ଇଭେଣ୍ଟ ନୁହେଁ।



ବିଶ୍ୱ ରେକର୍ଡ କରିଥିବା କେଲି ମ୍ୟାକୋନ।

## ସର୍ଭିସେସ୍‌ଠାରୁ ହାରିଲା ଓଡ଼ିଶା

**ସୟଦ ମୁସ୍ତାକ ଅଲୀ ଟି ୨୦ ଟୁର୍ନାମେଣ୍ଟ**

**ଭୁବନେଶ୍ୱର,୨୧।୧୦**
**(ସରୋଜ ଜେନା)**

ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ନଭି ମୁମ୍ବାଇର ଡି ୱାଇ ପାଟିଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରୁ ୩ ଉଇକେଟରେ ହାରିଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କର ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୪୨ ରନ୍ ସ୍କୋର କରିଥିଲା। ଜବାବରେ ସର୍ଭିସେସ୍ ୧୯.୫ ଓଭରରେ ୭ ଉଇକେଟ ହରାଇ ୧୪୬ ରନ୍ ସ୍କୋର କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ୪ ମ୍ୟାଚ୍‌ରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହିତ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି।

ସର୍ଭିସେସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓଡ଼ିଶା ପକ୍ଷରୁ ଓପନର ସ୍ୱସ୍ତିକ ସାମଲ ସର୍ବାଧିକ ୩୯ ରନ୍ ସ୍କୋର କରିଥିବା ବେଳେ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିଲେ। ଶୁଭ୍ରାଂଶୁ ସେନାପତି (୧୨) ଓ ଗୋବିନ୍ଦ ପୋଦ୍ଦାର(୧୮) ରନ୍ କରିଥିବା ବେଳେ ମଧ୍ୟକ୍ରମରେ ଅଭିଷେକ ଯାଦବ(୭) ଓ ପ୍ରୟାସ ସିଂ(୭) ବିଫଳ ହୋଇଥିଲେ। ଶେଷ ଆଡ଼କୁ ରାଜେଶ ଧୂପର (୨୮) ଓ ରାକେଶ ପଟ୍ଟନାୟକ(୨୧) ଦ୍ରୁତ ରନ୍ ସଂଗ୍ରହ କରିବାରୁ ଓଡ଼ିଶା ୨୦ ଓଭରରେ ୮ ଉଇକେଟରେ ୧୪୨ ରନ୍ ସ୍କୋର କରିଥିଲା। ସର୍ଭିସେସ୍ ପକ୍ଷରୁ ବରୁଣ ଚୌଧାରୀ ଓ ଅର୍ଜୁନ ଶର୍ମା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୧୪୩ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ସର୍ଭିସେସ୍ ପକ୍ଷରୁ ଦୁଇ ଓପନର ଶୁଭମ ରୋହିଲା (୨୭) ଓ ରଜତ ପଲିୱାଲ (୧୮) ପ୍ରଥମ ଉଇକେଟରେ ୪୯ ରନ୍ ଯୋଡ଼ିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଭିନୀତ ଧନଖଡ(୩୨) ଓ ମୋହିତ ଅଲ୍ହାୱତ(୩୦) ରନ୍ ସ୍କୋର କରି ଦଳକୁ ବିଜୟର ନିକଟବର୍ତ୍ତୀ କରିଥିଲେ। ତେବେ ଏକଦା ୯୭/୨ ଥିବା ସର୍ଭିସେସ୍ ୩୫ ରନ୍‌ରେ ପରବର୍ତ୍ତୀ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ନକୁଲ ଶର୍ମା(୧୨*) ଓ ପୁଲକିତ ନାରଙ୍ଗ ଗୋଟିଏ ବଲ୍ ପୂର୍ବରୁ ଦଳକୁ ବିଜୟୀ କରିଥିଲେ। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ୩ ଉଇକେଟ ନେଇଥିବା ବେଳେ ଅଭିଷେକ ଯାଦବ ଓ ତରଣୀ ସ' ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୪୨/୮(ସ୍ୱସ୍ତିକ ସାମଲ-୩୯, ରାଜେଶ ଧୂପର-୨୮, ରାକେଶ ପଟ୍ଟନାୟକ-୨୧, ବରୁଣ ଚୌଧାରୀ-୨/୩୦,ଅର୍ଜୁନ ଶର୍ମା-୨/୧୩, ପୁଲକିତ ନାରଙ୍ଗ-୧/୭)।

ସର୍ଭିସେସ୍ ୧୯.୫ ଓଭରରେ ୧୪୬/୮(ଭୀନିତ ଧନଖଡ-୩୨, ମୋହିତ ଅଲ୍ହାୱତ-୩୦, ଶୁଭମ ରୋହିଲା-୨୭,ଦେବବ୍ରତ ପ୍ରଧାନ-୩/୧୩, ଅଭିଷେକ ଯାଦବ-୧/୨୬, ତରଣୀ ସ'-୧/୨୩।

## ଶ୍ରୀଲଙ୍କାର ପ୍ରଥମ ବିଜୟ



ପ୍ଲେୟର ଅଫ୍ ଦ ମ୍ୟାଚ୍ ସାଦିରା ସମରବିକ୍ରମା।

**ଲକ୍ଷ୍ନୌ, ୨୧।୧୦ (ପି.ଟି.)**

ଟପ୍‌ଅର୍ଡର ବ୍ୟାଟର ସାଦିରା ସମରବିକ୍ରମା ଏବଂ ଓପନର ପାଥୁମ ନିଶାଙ୍କାଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ଶ୍ରୀଲଙ୍କା ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ତିନୋଟି ଗେମ୍‌ରେ ପରାଜୟ ପରେ ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ସମରବିକ୍ରମା ୧୦୭ ବଲ୍‌ରେ ୯୧ ରନ କରି ଅପରାଜିତ ରହିଥିଲେ। ନିଶାଙ୍କା ୫୨ ବଲରୁ ୫୪ ରନ କରିବା ସହ ଚାରିଥ ଅସାଲାଙ୍କା (୪୪)ଙ୍କ ସହ ୭୭ରନର ପାର୍ଟନରଶିପ୍ ଦ୍ୱାରା ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ୪୯.୪ ଓଭରରେ ୨୬୨ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ୨୨ଓଭରରେ ମାତ୍ର ୯୧ରନ କରି ଏହାର ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା।

ତେବେ ୭ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଦଳର ଟପ୍ ସ୍କୋରର ସାଇବ୍ରାଣ୍ଡ ଇଙ୍ଗେଲବ୍ରେଚ୍ ସର୍ବାଧିକ ୭୦ (୮୨ ବଲ୍) କରିଥିଲେ। ସେ ଓ ଲୋଗାନ ଭାନ୍ ବିକ୍ (୭୫ବଲ୍‌ରୁ ୫୯ରନ) ସପ୍ତମ ଉଇକେଟରେ ୧୩୦ରନ ଯୋଗ କରିଥିଲେ। ଫଳରେ ଦଳ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିପାରିଥିଲା। ଶ୍ରୀଲଙ୍କାର ଦୁଇ ସଫଳ ବୋଲର ଦିଲଶାନ ମଦୁଶାନକା (୪/୪୯) ଓ କାସୁନ ରାଜିଥା (୪/୫୦) ଚାରୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ନେଦରଲାଣ୍ଡ୍ସ:** ୪୯.୪ ଓଭରରେ ୨୬୨/ଅଲଆଉଟ (ସାଇବ୍ରାଣ୍ଡ ଇଙ୍ଗେଲବ୍ରେଚ୍ ୭୦, ଲୋଗାନ ଭାନ୍ ବିକ୍-୫୯ ; ଦିଲଶାନ ମଦୁଶାନକା ୪/୪୯, କାସୁନ ରାଜିଥା-୪/୫୦)।

**ଶ୍ରୀଲଙ୍କା:** ୪୮.୨ ଓଭରରେ ୨୬୩/୫ (ପାଥୁମ ନିଶାଙ୍କା-୫୪, ସାଦିରା ସମରବିକ୍ରମା-୯୧*, ଚାରିଥ ଆସାଲାଙ୍କା-୪୪, ଧନଞ୍ଜୟ ଡି' ସିଲ୍‌ଭା-୩୦ ; ଆର୍ଯ୍ୟାନ୍ ଦତ୍ତ-୩/୪୪)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୪ | ୪ | ୦ | ୮ | +୧.୬୫୯ |
| ଦକ୍ଷିଣ ଆଫ୍ରିକା | ୪ | ୩ | ୧ | ୬ | +୨.୨୧୨ |
| ଅଷ୍ଟ୍ରେଲିଆ | ୪ | ୨ | ୨ | ୪ | -୦.୧୯୩ |
| ପାକିସ୍ତାନ | ୪ | ୨ | ୨ | ୪ | -୦.୪୫୬ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୨ | -୦.୭୯୦ |
| ଶ୍ରୀଲଙ୍କା | ୪ | ୧ | ୩ | ୨ | -୧.୦୪୮ |
| ଇଂଲଣ୍ଡ | ୪ | ୧ | ୩ | ୨ | -୧.୨୪୮ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |



# ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ପଲା ଭାରି

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ। ରେକର୍ଡ ଦୃଷ୍ଟିରୁ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଦୁଇ ଦଳ ମଧ୍ୟରେ ମୋଟ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିମଧ୍ୟରୁ ଭାରତ ମାତ୍ର ୩ଟିରେ ବିଜୟୀ ହୋଇଥିବାବେଳେ ନ୍ୟୁଜିଲାଣ୍ଡ ୫ ମ୍ୟାଚରେ ବିଜୟ ହାସଲ କରିଛି। ଅବଶିଷ୍ଟ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୨୫୨ ଓ ନ୍ୟୁଜିଲାଣ୍ଡର ୨୫୩। ସେହିପରି ଭାରତର ସର୍ବନିମ୍ନ ସ୍କୋର ୧୫୦ ଓ ନ୍ୟୁଜିଲାଣ୍ଡର ୧୪୬।

ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ କେବଳ ଭାରତ ଓ ନ୍ୟୁଜିଲାଣ୍ଡ ଦଳ ଅପରାଜେୟ ରହିଛନ୍ତି। ପୂର୍ବ ୪ ମ୍ୟାଚରେ ନ୍ୟୁଜିଲାଣ୍ଡ ଯଥାକ୍ରମେ ଇଂଲଣ୍ଡ, ନେଦରଲାଣ୍ଡ୍ସ, ବାଂଲାଦେଶ ଓ ଆଫଗାନିସ୍ତାନକୁ ହରାଇଥିବାବେଳେ ଭାରତ ଯଥାକ୍ରମେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରିଛି। ତେଣୁ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ହେବାକୁଥିବା ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

## ୧୯୭୫: ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ମୁକାବିଲା ହୋଇଥିଲା ୧୯୭୫ ପ୍ରୁଡେନ୍ସିଆଲ ବିଶ୍ୱକପ୍‌ରେ। ଜୁନ ୧୪ରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା। ମ୍ୟାଚ ୬୦ ଓଭର ବିଶିଷ୍ଟ ଥିଲା। ଭାରତ ୬୦ ଓଭରରେ ୨୩୦ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଏସ. ଅବିଦ ଅଲୀ ସର୍ବାଧିକ ୭୦ ରନ କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଗ୍ଲେନ ଟର୍ନର(୧୧୪)ଙ୍କ ଅପରାଜିତ ଶତକ ସହାୟତାରେ ୫୮.୫ ଓଭରରେ ୬ ଉଇକେଟ ହରାଇ ୨୩୩ ରନ ସଂଗ୍ରହ କରି ନେଇଥିଲା।



ସୁନୀଲ ଗାଭାସ୍କର

## ୧୯୭୯: ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ

ଦ୍ୱିତୀୟ ବିଶ୍ୱକପ ଅର୍ଥାତ୍ ୧୯୭୯ ଜୁନ୍ ୧୩ରେ ଉଭୟ ଦଳ ପରସ୍ପରକୁ ଦ୍ୱିତୀୟ ଥରପାଇଁ ଭେଟିଥିଲେ। ଏଥିରେ ମଧ୍ୟ ନ୍ୟୁଜିଲାଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିଲା। ଭାରତ ୫୫.୫ ଓଭରରେ ୧୮୨ ରନକରି ଅଲ୍‌ଆଉଟ ହୋଇଥିଲା। ସୁନୀଲ ଗାଭାସ୍କର ସର୍ବାଧିକ ୫୫ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବ୍ରାଏନ ମ୍ୟାକକେନି ଓ ବେର୍ନଡ ଲାନ୍ସ କେର୍ନ୍ସ ୩ଟି ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ବ୍ରୁସ୍ ଏଡଗାରଙ୍କ ୮୪ ରନ ବଳରେ ୫୭ ଓଭରରେ ୨ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା।

## ୧୯୮୭: ଭାରତ ୧୬ ରନରେ ବିଜୟୀ

୧୯୮୭ ଅକ୍ଟୋବର ୧୪ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ମ୍ୟାଚରେ ଭାରତ ୧୬ ରନରେ ବିଜୟୀ ହୋଇଥିଲା। ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହାଥିଲା ପ୍ରଥମ ବିଜୟ। ନବଜୋତ ସିଂ ସିଦ୍ଧୁଙ୍କ ୭୫ ଓ କପିଳ ଦେବଙ୍କ ଅପରାଜିତ ୭୨ ରନ ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରିଥିଲା। କିରଣ ମୋରେ ୪୨ ରନରେ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଧିରୁଭାଇ ନାରଣଭାଇ ପଟେଲ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୨୫୩ ରନ ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡର କେନ୍ ରଦରଫୋର୍ଡଙ୍କ ୭୫ ଓ ଆଣ୍ଡ୍ରୁ ଜୋନ୍ସଙ୍କ ୬୪ ରନ ସତ୍ତ୍ୱେ ୫୦ ଓଭରରେ ୮ ଉଇକେଟ ହରାଇ ୨୩୬ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ମନିନ୍ଦର ସିଂ ଓ ରବି ଶାସ୍ତ୍ରୀ ୨ଟି ଲେଖାଏ ଉଇକେଟ ନେଇଥିଲେ।



ଜାହିର ଖାନ୍

## ୧୯୮୭: ଭାରତ ୯ ଉଇକେଟରେ ବିଜୟୀ

୧୯୮୭ ରିଲାଏନ୍ସ ବିଶ୍ୱକପ୍‌ର ଫର୍ମାଟ ଡବଲ ରାଉଣ୍ଡ ରବିନଭିତ୍ତିରେ ଖେଳାଯାଇଥିଲା। ଫଳରେ ଭାରତ ୨ ଥର ନ୍ୟୁଜିଲାଣ୍ଡକୁ ଭେଟିଥିଲା ଏବଂ ୨ ଥରଯାକ ବିଜୟୀ ହୋଇଥିଲା। ଅକ୍ଟୋବର ୩୧ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ୯ ଉଇକେଟରେ ବିଜୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିଲା। ଦଳ ପକ୍ଷରୁ ଧିରୁଭାଇ ନାରଣଭାଇ ପଟେଲ ସର୍ବାଧିକ ୪୦ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଚେତନ ଶର୍ମା ୩ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ସୁନୀଲ ଗାଭାସ୍କରଙ୍କ ଅପରାଜିତ ଶତକ ଏବଂ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତଙ୍କ ୭୫ ରନ ବଳରେ ୩୨.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଗାଭାସ୍କର ୧୦୩ ଓ ମହମ୍ମଦ ଆଝାରୁଦ୍ଦିନ ୪୧ ରନକରି ଅପରାଜିତ ରହିଥିଲେ।

## ୧୯୯୨: ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ

ବେନସନ ହେଜେସ ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ଡୁନେଡିନଠାରେ ମାର୍ଚ୍ଚ ୧୨ରେ ମୁକାବିଲା ହୋଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ୪ ଉଇକେଟରେ ବିଜୟୀ ହୋଇଥିଲା। ସଚିନ ତେନ୍ଦୁଲକର (୮୪ ରନ) ଓ ମହମ୍ମଦ ଆଝାରୁଦ୍ଦିନ (୫୫)ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ କରିଥିଲା। ବିପକ୍ଷ ଦଳର କ୍ରିସ୍ ହାରିସ ୩ଟି ଉଇକେଟ ନେଇଥିଲେ। ୨୩୧ ରନ ବିଜୟ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ମାର୍କ ଗ୍ରେଟ୍‌ବ୍ୟାଚ୍ ୭୩ ଓ ଆଣ୍ଡ୍ରୁ ଜୋନ୍ସ ୬୭ ରନ ସ୍କୋର କରିଥିଲେ। ଭାରତ ପକ୍ଷରୁ ମନୋଜ ପ୍ରଭାକର ୩ଟି ଉଇକେଟ ନେଇଥିଲେ।

## ୧୯୯୯: ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ

ନଟିଂହାମର ଟ୍ରେଣ୍ଟ ବ୍ରିଜ୍‌ରେ ୧୯୯୯ ବିଶ୍ୱକପ୍‌ର ସୁପରସିକ୍ସରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ ହୋଇଥିଲା। ଅଜୟ ଜାଡେଜାଙ୍କ ୭୬ ରନ ସହାୟତାରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୨୫୧ ରନ କରିଥିଲା। ନ୍ୟୁଜିଲାଣ୍ଡ ୪୮.୨ ଓଭରରେ ୫ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରି ନେଇଥିଲା। ମ୍ୟାଟ ହର୍ନ ଦଳ ପକ୍ଷରୁ ସର୍ବାଧିକ ୭୪ ରନକରି ରନ୍‌ଆଉଟ ହୋଇଥିବାବେଳେ ରୋଜର ଟୋଜ୍ ୬୦ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଓଡ଼ିଶାର ଦେବାଶିଷ ମହାନ୍ତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

## ୨୦୦୩: ଭାରତ ୭ ଉଇକେଟରେ ବିଜୟୀ



ଗ୍ଲେନ୍ ଟର୍ନର

ଉଭୟ ଦଳ ମଧ୍ୟରେ ୨୦୦୩ ଆଇସିସି ବିଶ୍ୱକପ୍‌ର ସୁପରସିକ୍ସ ମୁକାବିଲା ସେଞ୍ଚୁରିଅନଠାରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଏହି ମ୍ୟାଚରେ ବିଜୟ ସ୍ୱାଦ ଚାଖିଥିଲା। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ୍ୟୁଜିଲାଣ୍ଡ ୪୫.୧ ଓଭରରେ ୧୪୬ ରନରେ ଅଲ୍‌ଆଉଟ ହୋଇଥିଲା। ଦଳର କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଭାରତ ପକ୍ଷରୁ ଜାହିର ଖାଁ ୪ଟି ଓ ହରଭଜନ ସିଂ ୨ଟି ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ମିଡିଲ ଅର୍ଡରରେ ମହମ୍ମଦ କୈଫ ୬୮ ଓ ରାହୁଲ ଦ୍ରାବିଡ ୫୩ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଶେନ ବଣ୍ଡ ୨ଟି ଉଇକେଟ ପାଇଥିଲେ।

## ୨୦୧୯: ବର୍ଷା ଯୋଗୁ ମ୍ୟାଚ ବାତିଲ

୨୦୧୯ ବିଶ୍ୱକପ୍‌ର ଲିଗ୍ ମ୍ୟାଚରେ ଉଭୟ ଦଳ ଜୁନ୍ ୧୩ରେ ପରସ୍ପରକୁ ନଟିଂହାମରେ ଭେଟିଥିଲେ। ମାତ୍ର ବର୍ଷା ଯୋଗୁ ଗୋଟିଏ ହେଲେ ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।

## ୨୦୧୯: ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟୀ

ଏହି ବିଶ୍ୱକପ୍‌ର ସେମିଫାଇନାଲରେ ପୁଣି ଉଭୟ ଦଳ ପରସ୍ପର ସହ ମୁକାବିଲା କରିଥିଲେ। ଜୁଲାଇ ୯ରେ ଏହି ମ୍ୟାଚ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ରସ୍ ଟେଲରଙ୍କ ୭୪ ଓ କେନ୍ ୱିଲିୟମସନଙ୍କ ୬୭ ରନ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୩୯ ରନ କରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୨୪୦ ରନ ବିଜୟ ଲକ୍ଷ୍ୟର ପିଛାକରି ଭାରତ ରବୀନ୍ଦ୍ର ଜାଡେଜାଙ୍କ ୭୭ ଓ ମହେନ୍ଦ୍ର ସିଂ ଧୋନୀଙ୍କ ୫୦ ରନ ସତ୍ତ୍ୱେ ୪୯.୩ ଓଭରରେ ୨୨୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଟପ୍ ଓ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଭାରତ ପାଇଁ ମହଙ୍ଗା ପଡ଼ିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନରି ସର୍ବାଧିକ ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ମିଚେଲ ସାଣ୍ଟନର ୨ଟି ଲେଖାଏ ଉଇକେଟ ନେଇଥିଲେ।

## ଆଜି ଭାରତ ବନାମ ନ୍ୟୁଜିଲାଣ୍ଡ

# ଖେଳିପାରନ୍ତି ଶାମି, ସୂର୍ଯ୍ୟକୁମାର

ଧର୍ମଶାଳା,୨୧।୧୦(ପି.ଟି.)

ଧର୍ମଶାଳାରେ ବିଶ୍ୱକପ୍‌ର ୨୧ତମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଭାରତ ଓ ନ୍ୟୁଜିଲାଣ୍ଡ। ଉଭୟ ଦଳ ଟୁର୍ନାମେଣ୍ଟରେ ବର୍ତ୍ତମାନ ସୁଦ୍ଧା ଅପରାଜେୟ ରହି ଆସିଛନ୍ତି। ୪ଟି ଲେଖାଏ ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରିଥିବା ବେଳେ ନେଟ୍ ରନରେଟ୍‌ରେ ଆଗୁଆ ରହି ପ୍ରଥମ ସ୍ଥାନରେ ରହିଛି ନ୍ୟୁଜିଲାଣ୍ଡ। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ଦୁଇଟି ପରିବର୍ତ୍ତନର ସମ୍ଭାବନା ଅଧିକ ରହିଛି। ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଓ ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ମହମ୍ମଦ ଶାମି ଖେଳିପାରନ୍ତି। ଭାରତୀୟ ଦଳର ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଅନ୍ୟ ସମସ୍ତ ଦଳକୁ ଚାପରେ ରଖିଛି। କୌଣସି ଦଳ ଭାରତ ବିପକ୍ଷରେ ଏଯାଏ ୩୦୦ ରନ୍ ଛୁଇଁ ନାହାନ୍ତି। ଅନ୍ୟପକ୍ଷରେ ଭାରତୀୟ ଟପ୍ ଅର୍ଡର ବ୍ୟାଟର ମଧ୍ୟ ଚମତ୍କାର ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଉଭୟ ବିରାଟ କୋହଲି ଓ ରୋହିତ ଶର୍ମା ଗୋଟିଏ ଲେଖାଏ ଶତକ ହାସଲ କରିଛନ୍ତି। ତେବେ ଧର୍ମଶାଳାର ପିଚ୍ ଦ୍ରୁତବୋଲରଙ୍କୁ ସୁହାଇଥାଏ। ତେଣୁ ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନରୀଙ୍କ ବିପକ୍ଷରେ ଭାରତୀୟ ବ୍ୟାଟରଙ୍କୁ ସତର୍କତାର ସହିତ ଖେଳିବାକୁ ହେବ। ଚଳିତ ବିଶ୍ୱକପରେ ଅନ୍ୟ ପିଚ୍‌ଗୁଡିକରେ ହାରାହାରି ସୁଇଂ ୧.୪ ଡିଗ୍ରୀ ରହିଥିବା ବେଳେ ଧର୍ମଶାଳାରେ ଏହା ୨.୪ ଡିଗ୍ରୀ ରହିଛି। ଏହା ଭାରତୀୟ ଟପ୍ ଅର୍ଡର ପାଇଁ ସମସ୍ୟା ସୃଷ୍ଟି କରିପାରେ। ଭାରତ ପକ୍ଷରୁ ଏହି ମ୍ୟାଚରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଖେଳିପାରିବେ ନାହିଁ। ବାଂଲାଦେଶ ବିପକ୍ଷ ମ୍ୟାଚରେ ପାଣ୍ଡ୍ୟାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ବିଗତ ସଂସ୍କରଣର ରନର ଅପ୍ ନ୍ୟୁଜିଲାଣ୍ଡ ଏଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରିବ। ପାଣ୍ଡ୍ୟା ବର୍ତ୍ତମାନ ଭାରତୀୟ ଦଳ ସହ ଗସ୍ତ କରୁନାହାନ୍ତି ଓ ବିସିସିଆଇର ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ଟିମ୍ କମ୍ବିନେଶନ୍ ବିଗିଡ଼ିବାର ଆଶଙ୍କା ରହିଛି। ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇପାରେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ବିସ୍ଫୋରକ ସୂର୍ଯ୍ୟକୁମାର ଯାଦବଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି। ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ଉଭୟ ବ୍ୟାଟ ଓ ବଲରେ ଯୋଗଦାନ ଦେଇପାରିବେ ତେବେ ଧର୍ମଶାଳାର ପିଚ୍ କଣ୍ଡିଶନକୁ ଦେଖିଲେ ଶାମିଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ମଧ୍ୟ ଚଳିତ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଛି। ଏହା ସହିତ ରେକର୍ଡ ଉପରେ ନଜର ପକାଇଲେ ଏହା ମଧ୍ୟ ଦଳ ସପକ୍ଷରେ ରହିଛି। ଉଭୟ ଦଳ ୯ ଥର ମୁହାଁମୁହିଁ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୫ ଥର ଜିତିଛି। ଭାରତୀୟ ଦଳ ୩ ଥର ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ନିୟମିତ ଅଧିନାୟକ କେନ୍ ୱିଲିୟମସନ୍ ଅନୁପସ୍ଥିତ ଥିଲେ ମଧ୍ୟ ଏହା ନ୍ୟୁଜିଲାଣ୍ଡର ପ୍ରଦର୍ଶନକୁ ପ୍ରଭାବିତ କରିନାହିଁ। ରାଚିନ୍ ରବୀନ୍ଦ୍ର, ୱିଲ ୟଙ୍ଗ ଓ ଡେଭନ୍ କନ୍‌ୱେ ଟପ୍ ଅର୍ଡରରେ ଚମତ୍କାର ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ସେହିପରି ଡାରିଲ୍ ମିଚେଲ୍ ଓ ଅଧିନାୟକ ଟମ୍ ଲାଥାମ ମଧ୍ୟକ୍ରମ ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନ୍‌ରୀ ଆରମ୍ଭ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରୁଥିବା ବେଳେ ୪ ମ୍ୟାଚ୍‌ରୁ ୧୧ ଉଇକେଟ ନେଇଛନ୍ତି ମିଚେଲ୍ ସାଣ୍ଟନର। ଧର୍ମଶାଳାରେ ଆରମ୍ଭରୁ ବଲ୍ ସୁଇଂ ହେଉଥିବା ବେଳେ ଏହା ଗୁରୁତ୍ୱପୂର୍ଣ୍ଣ ରହିବ।



ସୂର୍ଯ୍ୟକୁମାର ଯାଦବ

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**
**ଭାରତ ବନାମ ନ୍ୟୁଜିଲାଣ୍ଡ**
**ସ୍ଥାନ: ଧର୍ମଶାଳା, ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ନଜରରେ ରହିବେ ରାଚିନ ରବୀନ୍ଦ୍ର

ଗୌତମ ଗମ୍ଭୀର

ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶ ବିପକ୍ଷରେ ବିଜୟ ହାସଲ କରିବା ପରେ କହିବାକୁ ଗଲେ ଭାରତ ପାଇଁ ପ୍ରକୃତ ପରୀକ୍ଷା ଆରମ୍ଭ ହୋଇଛି। ଦଳ ରବିବାର ନ୍ୟୁଜିଲାଣ୍ଡ, ଅକ୍ଟୋବର ୨୯ରେ ଇଂଲଣ୍ଡ ଓ ନଭେମ୍ବର ୫ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଦଳ ପାଇଁ ଏହି ମ୍ୟାଚଗୁଡ଼ିକ ପ୍ରକୃତ ଚ୍ୟାଲେଞ୍ଜ ହେବ। ବର୍ତ୍ତମାନ ହାର୍ଦ୍ଦିକ ପାଣ୍ଡ୍ୟା ଆଘାତପ୍ରାପ୍ତ ହେବା ପରେ ତାଙ୍କ ସ୍ଥାନରେ ବିକଳ୍ପ ଖେଳାଳି ବାଛିବା ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଭାରତକୁ କ'ଣ କରିବାକୁ ହୋଇଥିଲା ତାହା ଏଠାରେ ନଜର ପକାଇବା। ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ପାଣ୍ଡ୍ୟା ଖେଳି ନ ଥିଲେ। ସେ ସମୟରେ ସୂର୍ଯ୍ୟକୁମାର ଯାଦବ ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ଶାର୍ଦ୍ଦୂଳ ଠାକୁରଙ୍କୁ ୫ ସ୍ପେଶାଲିଷ୍ଟ ବୋଲରଙ୍କ ମଧ୍ୟରେ ସ୍ଥାନ ମିଳିଥିଲା। ଭାରତର ଟିମ୍ ମ୍ୟାନେଜମେଣ୍ଟକୁ ପୁଣିଥରେ ଏହି ମାର୍ଗରେ ଯିବାକୁ ପଡ଼ିବ। ସୂର୍ଯ୍ୟ ନିର୍ଭୟରେ ବିସ୍ଫୋରକ ବ୍ୟାଟିଂ କରିପାରନ୍ତି। ଧର୍ମଶାଳାରେ ବିଟ୍ ସିମ ବୋଲରଙ୍କୁ ସୁହାଉଥିବାରୁ ଶାର୍ଦ୍ଦୂଳ ବଡ଼ ଭୂମିକା ଗ୍ରହଣ କରିପାରନ୍ତି। ମୋ ମତରେ ୬ ନମ୍ବର ସ୍ଥାନରେ ଇଶାନ କିଶନଙ୍କୁ ଦେଲେ ଭଲ ହୁଅନ୍ତା। ଦିଲ୍ଲୀରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ସେ ଭଲ ଜଣାପଡୁଥିଲେ। ସେ ଜଣେ ବାମହାତୀ ଖେଳାଳି ମଧ୍ୟ। ଆହୁରି ମଧ୍ୟ କୁହାଯାଇପାରେ ଧର୍ମଶାଳା ଟ୍ରାକ୍‌ର ଲକ୍ଷଣ ଉପରେ ସବୁକିଛି ନିର୍ଭର କରେ। ଯଦି ଏହା ଏକ ସ୍ପିନ ଟ୍ରାକ୍ ବୋଲି ମନେ ହୁଏ ତେବେ ପାଣ୍ଡ୍ୟାଙ୍କ ସ୍ଥାନରେ ଆର. ଅଶ୍ୱିନଙ୍କୁ ଆଣିବା ଉଚିତ। ସେମାନଙ୍କୁ ଏହି ୩ ଜଣ ରବୀନ୍ଦ୍ର ଜାଡେଜା, ଅଶ୍ୱିନ ଏବଂ ପାଣ୍ଡ୍ୟାଙ୍କ ସ୍ଥାନରେ ଅଲରାଉଣ୍ଡର ଭାବେ ଶାର୍ଦ୍ଦୂଳଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ। ରବିବାର ମୁକାବିଲା ଭାରତର ବ୍ୟାଟିଂ ଓ ନ୍ୟୁଜିଲାଣ୍ଡର ବୋଲିଂ ମଧ୍ୟରେ ହେବ ବୋଲି ଆଶା କରାଯାଉଛି। ରୋହିତ ଶର୍ମାଙ୍କୁ ମିଚେଲ ଷ୍ଟାର୍କ, ଶାହିନ ଶାହ ଆଫ୍ରିଦି ଓ ମୁସ୍ତାଫିଜୁର ରେହମନଙ୍କ ତୁଳନାରେ ଅନ୍ୟ କିସମର ବାମହାତୀ ଫାଷ୍ଟ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ସାମ୍ନା କରିବାକୁ ପଡ଼ିବ। ବୋଲ୍ଟ ଜଣେ ଅତି ବିଚକ୍ଷଣ ବୋଲର। ଅନ୍ୟ ୩ ବୋଲରଙ୍କ ତୁଳନାରେ ସେ ଉତ୍ତମ ଲାଇନ୍ ଲେନ୍ଥ ରଖି ସୁନିୟନ୍ତ୍ରିତ ବୋଲିଂ କରିପାରନ୍ତି। ରୋହିତ କିନ୍ତୁ ଟୁର୍ନାମେଣ୍ଟରେ ଭଲ ଫର୍ମରେ ଅଛନ୍ତି। ବ୍ୟାଟିଂ ସମୟରେ ସେ ତାଙ୍କ ଷ୍ଟ୍ରାଇକ ରେଟ୍ ବଜାୟ ରଖିପାରୁଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କୁ କିଛିଟା ସତର୍କତା ଅବଲମ୍ବନ ସହ ଯୁବ ଓପନିଂ ପାର୍ଟନର ଶୁବମନ ଗିଲ୍‌ଙ୍କୁ ଗାଇଡ୍ କରିବାକୁ ହେବ। ଉଭୟ ଓପନିଂ ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ରହିପାରିଲେ ଅନ୍ୟମାନଙ୍କ ପାଇଁ ପଥ ସୁଗମ ହେବ। ଅତୀତରେ ବର୍ଷ ବର୍ଷ ଧରି ନ୍ୟୁଜିଲାଣ୍ଡ ସେମାନଙ୍କ ଷ୍ଟାର ଖେଳାଳି ଯଥା ସାର୍ ରିଚାର୍ଡ ହାଡଲୀ ଅବା ମାର୍ଟିନ କ୍ରୋ କିମ୍ବା ବେଣ୍ଡନ ମ୍ୟାକ୍‌କୁଲମଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନିର୍ଭରଶୀଳ ଥିଲା। ସେମାନଙ୍କୁ ନେଇ ଦଳ ଏହାର ରଣନୀତି ପ୍ରସ୍ତୁତ କରୁଥିଲା। ନ୍ୟୁଜିଲାଣ୍ଡ ଦଳର ଫିଲ୍ଡିଂ ସବୁବେଳେ ଭଲ ରହିଆସିଛି। ଦଳର ରାଚିନ ରବୀନ୍ଦ୍ର ଯୁବରାଜ ସିଂଙ୍କ କଥା ମନେପକାଇ ଦେଉଛି ବୋଲି ଅନିଲ କୁମ୍ବଲେ ଯାହା କହୁଛନ୍ତି ସେଥିରେ ମୁଁ ସହମତ। ଭାରତ ବିପକ୍ଷରେ ସେ କିପରି ଖେଳୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ।
**(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)**






# ପଦକ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଭାରତ


ପ୍ରମୋଦ ଭଗତ

**ହାଙ୍ଗଝୋ,୨୧।୧୦(ପି.ଟି.)**

ଚାଇନାର ହାଙ୍ଗଝୋରେ ରବିବାରଠାରୁ ଆରମ୍ଭ ହେବ ପାରା ଏସିଆନ୍ ଗେମ୍ସ। ଟୋକିଓ ପାରାଲିମ୍ପିକ୍ସ ପଦକ ବିଜେତା ଅବନୀ ଲେଖାରା ଓ ସୁମିତ ଆଣ୍ଟିଲ ଭାରତୀୟ ଦଳର ନେତୃତ୍ୱ ନେଉଥିବା ବେଳେ ଚଳିତ ସଂସ୍କରଣରେ ରେକର୍ଡ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତ। ୧୫ ଦିନ ପୂର୍ବରୁ ସମାନ ଭେନ୍ୟୁରେ ଭାରତୀୟ ଆଥ୍‌ଲେଟମାନେ ଏସିଆନ୍ ଗେମ୍ସରେ ପଦକ ସଂଖ୍ୟାରେ ଶତକ ହାସଲ କରିଥିଲେ। ବିଗତ ପାରା ଏସିଆନ୍ ଗେମ୍ସରେ ଭାରତ ୭୨ ପଦକ ହାସଲ କରିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟାକୁ ଅତିକ୍ରମ କରିବାକୁ ପ୍ରୟାସ କରିବ। ଚଳିତ

## ଆଜିଠୁ ପାରା ଏସିଆନ୍ ଗେମ୍ସ

ପାରା ଏସିଆନ୍ ଗେମ୍ସ ପାଇଁ ଭାରତ ୩୧୩ ଜଣିଆ ଦଳ ପ୍ରେରଣ କରିଛି। ଭାରତୀୟ ଇତିହାସରେ ଏହା ସବୁଠାରୁ ବଡ ଦଳ । ଟୋକିଓ ୨୦୨୦ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଥିବା ଶୁଟର ଅବନୀ ଲେଖାରାଙ୍କ ନିକଟରୁ ଭାରତର ଶ୍ରେଷ୍ଠ ପଦକ ଆଶା ରହିବ। ଅନ୍ୟମାନଙ୍କ ମଧ୍ୟରେ ଜାଭେଲିନ୍ ଥ୍ରୋୟର ସୁମିତ ଆଣ୍ଟିଲ, ପାରା ଶୁଟର ମନୀଷ ନରୱାଲ, ସଟଲର ପ୍ରମୋଦ ଭଗତ ଓ କ୍ରିଷ୍ଣା ନଗରଙ୍କ ନିକଟରୁ ମଧ୍ୟ ପଦକ ଆଶା ରହିବ।

୨୨ଟି ଇଭେଣ୍ଟରୁ ୧୭ଟିରେ ଭାରତୀୟ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ପ୍ରଥମ ଥର ପାଇଁ ରୋଇଂ, କାନୋଇଂ, ଲନ୍ ବଲ୍, ଟାଏକୋଣ୍ଡୋ ଓ ଦୃଷ୍ଟିବାଧିତ ଫୁଟବଲରେ ଭାରତ ଅଂଶଗ୍ରହଣ କରିବ। ୪୩ ଦେଶର ସମୁଦାୟ ୪୦୦୦ ପ୍ରତିଯୋଗୀ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୦୧୪ ଓ ୨୦୧୮ ସଂସ୍କରଣରେ ଭାରତ ଯଥାକ୍ରମେ ୧୫ ଓ ୯ମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ତେବେ ଚଳିତବର୍ଷ ଦଳ ପଦକ ସଂଖ୍ୟାରେ ଶତକ ହାସଲ କରିବା ନେଇ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ ଦୃଢୋକ୍ତି ପ୍ରକାଶ କରିଛି।

## ଶେଲଟନ ଫାଇନାଲରେ

**ଟୋକିଓ, ୨୧।୧୦ (ଏପି):** ଆମେରିକାର କ୍ୱାଲିଫାୟର ମାର୍କସ ଜିରନଙ୍କୁ ୬-୭(୨), ୭-୬(୫), ୬-୪ରେ ପରାସ୍ତ କରି ବେନ୍ ଶେଲଟନ ଜାପାନ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ହେଉଛି ତାଙ୍କର ପ୍ରଥମ ଟୁର୍ ଫାଇନାଲ।

## ବିଜୟରୁ ପ୍ରମୋଦଙ୍କ ଅଭିଯାନ

**ହାଙ୍ଗଝୋ,୨୧।୧୦(ପି.ଟି.)**

ଶନିବାର ପାରା ଏସିଆନ୍ ଗେମ୍ସର ବ୍ୟାଡ୍‌ମିଣ୍ଟନ ସିଙ୍ଗିଲ୍ସ ଗ୍ରୁପ ମ୍ୟାଚରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି ପ୍ରମୋଦ ଭଗତ। ପ୍ରମୋଦ ସିଙ୍ଗିଲ୍ସ ଗ୍ରୁପ ମ୍ୟାଚରେ ଚାଇନିଜ୍ ତାଇପେର ହିଙ୍ଗ ଚି ହୁଆଙ୍ଗଙ୍କୁ ୨୧-୦୯,୨୧-୧୮ରେ ହରାଇଛନ୍ତି। ଅନ୍ୟ ପକ୍ଷରେ ମିକ୍ସଡ୍ ଡବଲ୍ସ ଗ୍ରୁପ ମ୍ୟାଚରେ ବିଜୟରୁ ଅଭିଯାନ ଆରମ୍ଭ କରିଥିବା ବେଳେ ଦ୍ୱିତୀୟ ଗ୍ରୁପ ମ୍ୟାଚରେ ପ୍ରମୋଦ ଭଗତ ଓ ମନୀଷା ରାମଦାସଙ୍କ ଯୋଡି ଚାଇନାର ୟାଙ୍ଗ ଜିୟାନୟୁଆନ୍ ଓ ୟାଙ୍ଗ କୁଇ ଜିଆଙ୍କଠାରୁ ୧୫-୨୧,୧୪-୨୧ରେ ପରାଜିତ ହୋଇଛନ୍ତି। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଉଭୟ ଖେଳାଳିଙ୍କୁ ବିଜୟ ହାସଲ କରିବାକୁ ପଡ଼ିବ।

## ରଗ୍‌ବୀ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡ

**ପ୍ୟାରିସ୍,୨୧।୧୦(ପି.ଟି.)**

ଫ୍ରାନ୍ସରେ ଖେଳା ଯାଉଥିବା ରଗ୍‌ବୀ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି ନ୍ୟୁଜିଲାଣ୍ଡ। ପ୍ରଥମ ସେମି ଫାଇନାଲରେ ଆର୍ଜେଣ୍ଟିନାକୁ ୪୪-୬ରେ ପରାସ୍ତ କରି ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ପଞ୍ଚମ ଥର ପାଇଁ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିବା ବେଳେ ରେକର୍ଡ ଚତୁର୍ଥ ଟାଇଟଲ ଲକ୍ଷ୍ୟରେ ରହିଛି। ପ୍ରଥମାର୍ଦ୍ଧରେ ନ୍ୟୁଜିଲାଣ୍ଡ ୨୦-୬ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦଳ ୨୪ ପଏଣ୍ଟ ସ୍କୋର କରିଥିବା ବେଳେ ଆର୍ଜେଣ୍ଟିନାକୁ ଏକ ପଏଣ୍ଟ ସ୍କୋର କରିବାର ସୁଯୋଗ ଦେଇ ନ ଥିଲା। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳ ୧୯୫ ଟ୍ୟାକେଲ କରିଥିବା ବେଳେ କେବଳ ପ୍ରଥମାର୍ଦ୍ଧରେ ଦଳ ୧୨୧ଟି ସଫଳ ଟ୍ୟାକେଲ କରିଥିଲା। କେବଳ ୧୦ଟି ଟ୍ୟାକେଲ ଅସଫଳ ରହିଥିଲା। ଦ୍ୱିତୀୟ ସେମି ଫାଇନାଲଟି ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଓ ଦ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ